

ଇତିହାସ ରଚିଲେ ମନ୍ଧାନା

ପୃଷ୍ଠା ୬


# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 200 | ଭାଗ ୩୩ | ସଂଖ୍ୟା ୨୦୦

Monday 13 October 2025 | Page 8 Rs. 5.00

● ଭୁବନେଶ୍ୱର ସୋମବାର ୧୩ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମହାକାଶ ଯିବ 'ବ୍ୟୋମମିତ୍ର'



● ମଣିଷ ଭଳି କରିବ କାମ

● ଆସନ୍ତା ଡିସେମ୍ବରରେ ଉଡ଼ାଣ ଭରିବ !

● ସିଟିଟିସିରେ ହେଉଛି ବିକଶିତ

**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** ମହାକାଶ ଯିବ ଭାରତର ପ୍ରଥମ ଅର୍ଦ୍ଧ-ମାନବ ରୋବଟ୍ 'ବ୍ୟୋମମିତ୍ର'। ପ୍ରଥମ ଥର ପାଇଁ ମହାକାଶ ଯିବ ଓଡ଼ିଶା ମାଟିରେ ଓଡ଼ିଆଙ୍କ ହାତରେ ନିର୍ମାଣ ହୋଇଥିବା ମହିଳା ରୋବୋଟ୍। ଇସ୍ରୋ ଏବଂ ସିଟିଟିସି ଭୁବନେଶ୍ୱର ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ମହିଳା ରୋବୋଟ୍ ଆସନ୍ତା ଡିସେମ୍ବରରେ ମହାକାଶରେ ପାଦ ଥାପିବାର ସମ୍ଭାବନା ରହିଛି। ଏପରି ହେଲେ ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ଐତିହାସିକ ସଫଳତା ପାଇବ। କାରଣ ଇସ୍ରୋ ପ୍ରଥମ ଥର ପାଇଁ ମହିଳା ମାନବୀୟ ରୋବୋଟକୁ ମହାକାଶକୁ ପଠାଇବ। ଏହା ମହାକାଶ ଅନୁସନ୍ଧାନରେ ଯଥେଷ୍ଟ ସହାୟତା କରିବ। ଏହାଛଡ଼ା ମହାକାଶକୁ ଏକ ମାନବୀୟ ଟିମ୍ ପଠାଇବା ପୂର୍ବରୁ ଇସ୍ରୋ ପକ୍ଷରୁ ବିଭିନ୍ନ ପରିବେଶଗତ ପରୀକ୍ଷା କରାଯିବ। ଏହି ରୋବଟକୁ ଗଗନଯାନ ମିଶନ ପାଇଁ ଡିଜାଇନ୍ କରାଯାଇଛି। ତେବେ ସବୁଠାରୁ ବଡ଼ କଥା ହେଲା ଯେ ଏଥିରେ ଯିବାକୁ ଥିବା ହ୍ୟୁମାନଏଡ୍ ରୋବୋଟ୍ 'ବ୍ୟୋମମିତ୍ର'କୁ ଓଡ଼ିଶାରେ ନିର୍ମାଣ କରାଯାଉଛି। ଏଠାକାର ସେଣ୍ଟ୍ରାଲ୍ ଟୁଲ୍‌ରୁମ୍ ଏଣ୍ଡ୍ ଟ୍ରେନିଂ ସେଣ୍ଟର୍ (ସିଟିଟିସି)ଠାରେ ଏହାକୁ ନିର୍ମାଣ କରାଯାଉଥିବା ବେଳେ ସଂସ୍କୃତ ଶବ୍ଦ ବ୍ୟୋମ ଅର୍ଥାତ ➪ପୃଷ୍ଠା-୬

▶ ବିହାର ବିଧାନସଭା ପାଇଁ ଏନଡିଏରେ ଆସନ ବୁଝାମଣା ଚୂଡ଼ାନ୍ତ

## ବିଜୟ ଗ୍ୟାରେଣ୍ଟରଙ୍କ ମ୍ୟାଜିକ୍ ଟଚ୍

❑ ବିଜେପି ଓ ଜେଡିୟୁକୁ ସମାନ ଆସନ

❑ ୨୯ ଆସନରେ ପ୍ରାର୍ଥୀ ଦେବ ଚିରାଗ୍‌ଙ୍କ ଦଳ

❑ ବୁଝାମଣାକୁ ସହଯୋଗୀ ଦଳର ସ୍ୱାଗତ

**ପାଟନା,୧୨।୧୦:** ଆସନ୍ତା ମାସ ୬ ତାରିଖରୁ ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ଏନଡିଏ ତା'ର ଆସନ ବୁଝାମଣାକୁ ଚୂଡ଼ାନ୍ତ କରିଛି। ଏନ୍‌ଡିଏ ଦୁଇ ପ୍ରମୁଖ ଦଳ ବିଜେପି ଓ ଜନତା ଦଳ (ୟୁନାଇଟେଡ୍) ସମାନ ଆସନରେ ଲଢ଼ିବା ସକାଶେ ନିଷ୍ପତ୍ତି ନେଇଛନ୍ତି। ଅର୍ଥାତ୍ ଦୁଇ ଦଳ ୧୦୧ଟି ଲେଖାଏଁ ଆସନରେ ସେମାନଙ୍କ ପ୍ରାର୍ଥୀ ଦେବେ। ସେହିପରି ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି-ରାମବିଳାସ)କୁ ଏହି ଆସନ ବଣ୍ଟା ପ୍ରକ୍ରିୟାରେ ୨୯ ଆସନ ମିଳିଛି। ଆହୁରି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାକୁ ୬ଟି ଆସନ ଦିଆଯାଇଥିବା ବେଳେ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ମଧ୍ୟ ସମାନ ଆସନରେ ଲଢ଼ିବା ସାକଶେ ସୁଯୋଗ ପାଇବ। ବିହାର ବିଧାନସଭା ପାଇଁ ପ୍ରଭାରୀ ଦାୟିତ୍ୱ ପାଇଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହି ସୂଚନା ଦେଇଛନ୍ତି। ଦଳର ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ କେନ୍ଦ୍ର ମନ୍ତ୍ରୀ ନିୟମିତ ଭାବେ ନେତାଙ୍କ ସହ ଆଲୋଚନା କରିବା ସହ ଶେଷରେ ଉଭୟ ଦଳ ମଧ୍ୟରେ ସମାନ ଆସନ ବାଣ୍ଟିବାରେ ସକ୍ଷମ ହୋଇଛନ୍ତି।



ବିଶେଷକରି ଚିରାଗ୍ ପାଶ୍ୱାନ୍‌ଙ୍କ ଦଳ ଏଲ୍‌ଜେପି ପୂର୍ବରୁ ୩୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବିଜେପି ନିକଟରେ ଦାବି କରିଥିଲା। କିନ୍ତୁ ଏତେ ସଂଖ୍ୟକ ଆସନ ଦେବା ସମ୍ଭବପର ନୁହେଁ ବୋଲି ବିଜେପି ସ୍ପଷ୍ଟ କରିବା ସହ ୨୬ଟି ଆସନ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଚିରାଗ୍‌ଙ୍କୁ ରାଜି କରାଇବା ସକାଶେ ଶ୍ରୀ ପ୍ରଧାନଙ୍କୁ ତାଙ୍କ ସହ ଏକାଧିକ ବାର ବୈଠକ କରିବାକୁ ପଡ଼ିଥିଲା। ପରେ ଶେଷରେ ବିଜେପି ସାଧାରଣ ସମ୍ପାଦକ ବିନୋଦ ତାୱଡେ ଚିରାଗ୍‌ଙ୍କ ବାସଭବନରେ ପହଞ୍ଚି ଆସନ ବୁଝାମଣା ଚିତ୍ର ଚୂଡ଼ାନ୍ତ କରିଥିଲେ। ➪ପୃଷ୍ଠା-୬

**ମୋଟ ଆସନ-୨୪୩**

- ବିଜେପି-୧୦୧
- ଜେଡିୟୁ- ୧୦୧
- ଏଲଜେପି(ଆର) -୨୯
- ଆରଏଲଏମ-୦୬
- ଏଚଏଏମ-୦୬



## ମୋବାଇଲ ଟାୱାର ଉଡ଼ାଇଦେଲେ ମାଓବାଦୀ

**ରାଉରକେଲା,୧୨।୧୦(ସଂଚାର ବ୍ୟୁରୋ):** କ୍ରମାଗତ ଭାବେ ସୁରକ୍ଷାକର୍ମୀମାନେ ମାଓ ଠିକଣା ଉପରେ ଆକ୍ରମଣ କରୁଥିଲେ ମଧ୍ୟ ସେମାନଙ୍କ ବର୍ବରତା କମିବାର ନାଁ ଧରୁନି। ଏହି କ୍ରମରେ ଝାଡ଼ଖଣ୍ଡ ସୀମାନ୍ତ ଜରେଇକେଲା ଥାନା କୋଲଭଙ୍ଗା ଅଞ୍ଚଳରେ ଆଜି ମାଓବାଦୀମାନେ ଏକ ମୋବାଇଲ ଟାୱାରକୁ ବିସ୍ଫୋରଣ କରି ଉଡ଼ାଇ ଦେଇଛନ୍ତି। ବିସ୍ଫୋରଣ ପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ଜୋରଦାର ସର୍ଚ୍ଚ ଅପରେସନ ଚାଲିଛି। ମିଳିଥିବା ସୂଚନାନୁସାରେ, ଆଜି ଏହି ମାଓବାଦୀମାନେ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚି ଉକ୍ତ ଟାୱାର୍ ପାଖାପାଖି ବସବାସ କରୁଥିବା ଲୋକଙ୍କୁ ସେଠାରୁ ହଟାଇବା ସହ ପେଟ୍ରୋଲ୍ ଢାଳି ନିଆଁ ଲଗାଇଦେଇଥିଲେ। ଫଳରେ ଉକ୍ତ ଅଞ୍ଚଳରେ ମୋବାଇଲ୍ ସେବା ବ୍ୟାହତ ହୋଇଥିଲା। ଦୁଇ ଦିନ ତଳେ ସରଣ୍ଡା ଜଙ୍ଗଲର ଆଇଇଡି ବିସ୍ଫୋରଣରେ ଜଣେ ସିଆରପିଏଫ୍ ଯବାନ ସହିଦ ହୋଇଥିବା ବେଳେ ଦୁଇ ଯବାନ ଗୁରୁତର ➪ପୃଷ୍ଠା-୬

## ପୁଲିସ ହେପାଜତକୁ ଗଲେ ୩ ଅଭିଯୁକ୍ତ

**କୋଲ୍‌କାତା,ଭୁବନେଶ୍ୱର,୧୨।୧୦:** ପଶ୍ଚିମବଙ୍ଗର ଦୁର୍ଗାପୁରରେ ଗତ ଶନିବାର ସନ୍ଧ୍ୟାରେ ଓଡ଼ିଶାର ଜନୈକା ଡାକ୍ତରୀ ଛାତ୍ରୀଙ୍କୁ କଲେଜ କ୍ୟାମ୍ପସ୍ ମଧ୍ୟରେ ଗଣଦୁଷ୍କର୍ମ କରାଯିବା ଘଟଣାରେ ୩ ଜଣଙ୍କୁ ଆଜି ଦୁର୍ଗାପୁର କୋର୍ଟରେ ହାଜର କରାଯାଇଛି। ସେଠାରେ

**ଦୁର୍ଗାପୁର ଗଣଦୁଷ୍କର୍ମ ମାମଲା**

● ଏବେ ବି ଦୁଇ ଫେରାର୍

● ମୁହଁ ଖୋଲିଲେ ମମତା

● ତଦନ୍ତରେ ବ୍ୟବହାର ହେଉଛି ଡ୍ରୋନ୍

● ଓଡ଼ିଶା ସ୍ଥାନାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

● ସୁରକ୍ଷା ମିଳୁନଥିବା ଅଭିଯୋଗ କଲେ ପିତା

କୋର୍ଟ ସେମାନଙ୍କୁ ୧୦ ଦିନର ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ୟ ଅଭିଯୁକ୍ତମାନଙ୍କୁ



ଗିରଫ କରିବା ସକାଶେ ତଲାସୀ ଅଭିଯାନକୁ ବ୍ୟାପକ କରାଯାଇଛି। ଏପରିକି ଡ୍ରୋନ୍ କ୍ୟାମେରା ମାଧ୍ୟମରେ ସମଗ୍ର ଅପରାଧ ସ୍ଥଳ ଓ ଆଖପାଖ ଅଞ୍ଚଳର ଯାଞ୍ଚ ହେଉଛି। ଏଥିସହ ଫରେନସିକ୍ ଟିମ୍ ମଧ୍ୟ ଅପରାଧ ସ୍ଥାନରୁ ନମୁନା ସଂଗ୍ରହ କରିଥିବା ଅସନସୋଲ୍-ଦୁର୍ଗାପୁର ପୁଲିସ୍ କମିଶନରେଟ୍‌ର ଡିସିପି ଅଭିଷେକ ଗୁପ୍ତା କହିଛନ୍ତି। ଏହି ମାମଲାରେ ଅଦ୍ୟାବଧି ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ସେମାନେ ହେଲେ ଅପୁ ବାଉରୀ (୨୧), ଫିରଦୋସ୍ ଶେଖ୍ (୨୩) ଓ ଶେଖ୍ ରିଆଜୁଦ୍ଦିନ୍ (୩୨)। ଏଥିସହ ପୁଲିସ୍ ସେମାନଙ୍କ ନିକଟରୁ ପୀଡ଼ିତାଙ୍କ ମୋବାଇଲ୍‌କୁ ମଧ୍ୟ ଜବତ କରିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ତାଙ୍କ ବାପା କହିଛନ୍ତି। ସେ ତାଙ୍କ ଝିଅକୁ ଭେଟିବା ସହ କଥାବାର୍ତ୍ତା ହୋଇଛନ୍ତି। କିନ୍ତୁ ଏହି ମାମଲାରେ ତାଙ୍କୁ ନ୍ୟାୟ ଦରକାର ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି। ତେବେ ଗଣମାଧ୍ୟମକୁ ସୂଚନା ଦେବା ସମୟରେ ସେ ଭାବବିହ୍ୱଳ ହେବା ସହ ତାଙ୍କ ଝିଅ ସହ ଏତେ ବଡ଼ ଅଘଟଣ ଘଟିଥିଲେ ମଧ୍ୟ ତାଙ୍କୁ କୌଣସି ପ୍ରକାର ସୁରକ୍ଷା ଦିଆଯାଉନାହିଁ। ବରଂ ଓଡ଼ିଶା ମୁଖ୍ୟମନ୍ତ୍ରୀ, ଡିଜି ଓ ଏସ୍‌ପି ଯଥେଷ୍ଟ ସହଯୋଗ କରୁଛନ୍ତି। ତେଣୁ ଚିକିତ୍ସା ପାଇଁ ଝିଅକୁ ଓଡ଼ିଶା ନେଇଯିବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିବେଦନ କରିଥିବା ପୀଡ଼ିତାଙ୍କ ପିତା କହିଛନ୍ତି।

ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଲଜ୍ଜାଜନକ ଘଟଣାର ୩୬ ଘଣ୍ଟା ➪ପୃଷ୍ଠା-୬

## କାଲୁଆ କରିବ ଅକ୍ଟୋବର-ଡିସେମ୍ବର



● ପ୍ରତ୍ୟାବର୍ତ୍ତନ ପଥେ ମୌସୁମୀ

● ଚଳିତ ବର୍ଷ ହୋଇଛି ୧୧୫୦.୯ ମିମି ବର୍ଷା

**ଭୁବନେଶ୍ୱର, ୧୨।୧୦ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ରାଜ୍ୟରେ ଅତ୍ୟଧିକ ଶୀତ ଅନୁଭୂତ ହେବ। ଚଳିତ ବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ରାଜ୍ୟରେ ଏଲ୍ ନିନାର ପ୍ରବାହ ବେଶ୍ ଉତ୍ସାହଜନକ ରହିଥିବାରୁ ଏହି ସମୟରେ ପ୍ରବଳ ଶୀତ ପଡ଼ିବ ବୋଲି ଆଜି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ଚଳିତ ବର୍ଷ ରାଜ୍ୟରେ ମୌସୁମୀ ବାୟୁ ପ୍ରବାହ ଅପେକ୍ଷାକୃତ ଉତ୍ସାହଜନକ ରହିଥିବା ବେଳେ ୧୧୫୦.୯ ମିମି ବର୍ଷା ହୋଇଛି। ଏହା ହାରାହାରି ୧୧୫୦.୨ ମିମି ତୁଳନାରେ ସାମାନ୍ୟ କମ୍। ସେହିପରି ଉତ୍ତର ଭାରତର ଅଧିକାଂଶ ରାଜ୍ୟରେ ଆଲୋଚ୍ୟ ସମୟରେ ଅଧିକ ଶୀତ ପଡ଼ିବ। ଓଡ଼ିଶାରେ ମଧ୍ୟ ସ୍ୱାଭାବିକଠାରୁ ଅଧିକ ଶୀତ ଅନୁଭୂତ ହେବ। କାରଣ ଉତ୍ତର-ପଶ୍ଚିମା ପବନ ଓଡ଼ିଶା ଆଡ଼କୁ ଦ୍ରୁତ ଗତିରେ ବହିବ, ଯାହାକି ଅଧିକ ଶୀତ ଓ ଦୀର୍ଘ ସମୟ ଧରି ଅନୁଭୂତ ହେବାରେ ସହାୟକ ହେବ। ଏହାର ପ୍ରଭାବ କୃଷି ଓ ସ୍ୱାଭାବିକ ଜୀବନଯାତ୍ରା ଉପରେ ପଡ଼ିବ ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି। ➪ପୃଷ୍ଠା-୬

## ତାଲିବାନୀ ଆକ୍ରମଣରେ ୫୮ ପାକ୍ ସୈନ୍ୟ ମୃତ



**କାବୁଲ୍,୧୨।୧୦:** ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ଦିନକୁ ଦିନ ଉତ୍ତେଜନ ବଢ଼ିବାରେ ଲାଗିଛି। ଗତ କିଛି ଦିନ ହେଲା ଉଭୟ ଦେଶ ପରସ୍ପରର ସୈନିକଙ୍କୁ ଟାର୍ଗେଟ୍ କରିଆସିଛନ୍ତି। ଗତକାଲି ରାତିରେ ତାଲିବାନ ପକ୍ଷରୁ ପାକିସ୍ତାନ ଉପରେ ଭୟଙ୍କର ଆକ୍ରମଣ ହୋଇଛି। ଏଥିରେ ପାକିସ୍ତାନର ୫୮ ଜଣ ସୈନ୍ୟ ନିହତ ହୋଇଥିବା ବେଳେ ୩୦ ଜଣ ଆହତ ହୋଇଥିବା ଦାବି କରିଛନ୍ତି ତାଲିବାନ୍ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍। ଏଥିସହ ସୀମାରେ ହୋଇଥିବା ଏହି ଆକ୍ରମଣ ପ୍ରତିଆକ୍ରମଣରେ ଆଫଗାନିସ୍ତାନର ଇସଲାମିକ୍ ଏମିରେଟ୍ସର ୯ ଜଣ ସୈନିକ ନିହତ ହୋଇଥିବା ବେଳେ ୧୬ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଆଫଗାନିସ୍ତାନର ୧୯ଟି ବର୍ଡର ପୋଷ୍ଟକୁ ପାକିସ୍ତାନ ଅକ୍ତିଆର କରିଥିବା ଦାବି କରିଛି। କାବୁଲରେ ଥିବା ତେହରିକ-ଇ-ତାଲିବାନ ଶିବିର ଉପରେ ଆକ୍ରମଣର ଜବାବ ଦେବାକୁ ଯାଇ ପାକିସ୍ତାନ ବର୍ଡର ପୋଷ୍ଟ ଉପରେ ସିରିଜ ଆକ୍ରମଣ ଆରମ୍ଭ କରିଛି ଆଫଗାନିସ୍ତାନ। ଡୁରାଣ୍ଡ ସୀମା ନିକଟ ପାକିସ୍ତାନର ଫ୍ରଣ୍ଟିୟର କର୍ପସ୍ ଉପରେ ତାଲିବାନ ସବୁଠୁ

**ବଢ଼ୁଛି ସୀମା ଉତ୍ତେଜନା**

● ଦାବି କଲେ ସରକାରୀ ମୁଖପାତ୍ର

● ୯ ତାଲିବାନୀ ସୈନ୍ୟ ବି ମରିଛନ୍ତି

ବଡ ଆକ୍ରମଣ କରିଛି। ଏଥିରେ ଭାରି ଯୁଦ୍ଧାସ୍ତ୍ର, ମୋର୍ଟାର ଓ ଡ୍ରୋନ ବ୍ୟବହାର କରିଛି ତାଲିବାନ। କାତାର ଏବଂ ସାଉଦି ଆରବର ଅନୁରୋଧ କ୍ରମେ ଡୁରାଣ୍ଡ ଲାଇନରେ ରାତିତମାମ ଚାଲିଥିବା ଅପରେସନକୁ ବନ୍ଦ ରଖିଛି।

ଏହି ଆକ୍ରମଣ ପରେ ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ମାଲାୱି ମହମ୍ମଦ ୟାକୁବ୍ ମୁଜାହିଦ୍ କହିଛନ୍ତି ଯେ ତାଙ୍କ ଦେଶର ସେନାବାହିନୀ ସୀମା ସୁରକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରିଛନ୍ତି। ପାକିସ୍ତାନ ➪ପୃଷ୍ଠା-୬

## କୋଟିପତି ହେଲେ ମତ୍ସ୍ୟଜୀବୀ

**୯୦ ମାଛ କୋଟିଏରେ ନିଲାମ**



**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** ମାଛ ବଦଳାଇଦେଇଛି ମତ୍ସ୍ୟଜୀବୀଙ୍କ ଭାଗ୍ୟ। ସାଧାରଣ ମତ୍ସ୍ୟଜୀବୀରୁ ସେ ପାଲଟିଛନ୍ତି କୋଟିପତି। କାରଣ ତାଙ୍କ ଜାଲରେ ପଡ଼ିଥିଲେ ୯୦ଟି ବିରଳ ତେଲିଆ ମାଛ ଆଉ ଏହି ମାଛ କୋଟିଏ ଟଙ୍କାରେ ନିଲାମ ହେବା ପରେ ତାଙ୍କ ଭାଗ୍ୟର ଦୁଆର ଖୋଲିଯାଇଛି। ପଶ୍ଚିମବଙ୍ଗ ସୀମା ଦୀଘା ମୁହାଣରେ ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ୯୦ଟି ➪ପୃଷ୍ଠା-୬

## ବିଜେଡି ଅଙ୍କ ବିଗାଡ଼ିଦେଲେ ଲିକୁ

**ଯାଜପୁର,୧୨।୧୦(ସଂଚାର ବ୍ୟୁରୋ):** ରାଜ୍ୟ ରାଜନୀତିରେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି ନୂଆପଡ଼ା ଉପନିର୍ବାଚନ। ତା' ଭିତରେ ଜୟ ଢୋଲକିଆଙ୍କ ବିଜେପିରେ ମିଶ୍ରଣ ବିରୋଧୀ ବିଜେଡିର ସବୁ ଅଙ୍କକୁ ଗୋଳମାଳିଆ କରିଦେଇଛି। ଆଉ ବିଜେଡିର ଏହି ଗଣିତ ବିଗାଡିବା ପଛର ମାଷ୍ଟରମାଇଣ୍ଡ ଥିଲେ ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁ ସାହୁ ଓରଫ



● ଜୟ ଢୋଲକିଆଙ୍କ ମିଶ୍ରଣର ମାଷ୍ଟର ମାଇଣ୍ଡ

● ଭବିଷ୍ୟତରେ କ୍ରୀତଦାସଙ୍କୁ ଦେବେ ଟକ୍କର

ଲିକୁ ସାହୁ।

ବିଜେଡି ଜୟ ଢୋଲକିଆଙ୍କୁ ନେଇ ଉପନିର୍ବାଚନ ଜିତିବାର ସ୍ୱପ୍ନ ଦେଖୁଥିଲା। କିନ୍ତୁ ବିଜେଡିର ଏହି କଳ୍ପନା ଭିତରେ ଜୟଙ୍କୁ ମତାଇ ଲିକୁ ତାଙ୍କୁ ପଦ୍ମ ଶିବିରରେ ସାମିଲ୍ କରିନେଲେ। ଜୟ ଢୋଲକିଆ ଯେପରି ଗୋପନୀୟ ଭାବେ ବିଜେପିରେ ସାମିଲ୍ ହେଲେ, ତାହା ଏକ ଦୃଢ଼ ଯୋଜନା ଓ ରାଜନୀତିକ ସଫଳତାର ନୂଆ ମାନଚିତ୍ର ତିଆରି କଲା। ଜଣେ ସ୍ୱାଧୀନ ବିଧାୟକ ହୋଇ ବି ଲିକୁଙ୍କ ପ୍ରଭାବ ଧର୍ମଶାଳା ଛାଡ଼ି ସାରା ରାଜ୍ୟରେ ଦେଖିବାକୁ ମିଳୁଛି। ଶୀର୍ଷ ନେତୃତ୍ୱ ସହ ଯୋଗାଯୋଗ, ଜୟଙ୍କୁ ବିଜେପିରେ ସାମିଲ୍ ପାଇଁ ରାଜି କରାଇବା ଓ ମିଶ୍ରଣ ପର୍ବର ସମସ୍ତ ବ୍ୟବସ୍ଥା ସବୁ ଥିଲା ଲିକୁଙ୍କ ଯୋଜନାର ଗୋଟେ ➪ପୃଷ୍ଠା-୬



**କାନ ଡେରିଆ**

ଡିଜିଟାଲ ଯୁଗେ କ୍ୟାମେରା
ପ୍ରବଳ
ତଥାପି ସୁରାକ ମିଳୁନି
ପୂର୍ବ ଯୁଗର ମର୍ଡର ମିଷ୍ଟ୍ରିଠୁ
ନ୍ୟାୟ ଆଶା ଜମା କରନି
ଭରଷା ଜମାରୁ ହେଉନି...
ନ୍ୟାୟିକ ବ୍ୟବସ୍ଥା ଭୁଶୁଡ଼ିବା ପାଇଁ
ରାଜନୀତି ହୁଏ ଛାଉଣୀ ।

■ ଦେବାଶିଷ

## ରାଜ୍ୟ ସରକାରଙ୍କୁ ବଦନାମ କରୁଛି ଟାଟା ପାୱାର

**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ପ୍ରଧା ମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାକୁ ଯୋଜନାକୁ ଠିକଣା ଭାବେ କାର୍ଯ୍ୟକାରୀ ନକରି ଟାଟା ପାୱାର ଏବେ ରାଜ୍ୟ ସରକାରଙ୍କୁ ବଦନାମ କରୁଛି। ଏଥିପାଇଁ ବିରୋଧୀଦଳ ସରକାରଙ୍କୁ ସମାଲୋଚନା କରିବାକୁ ବି ପଛାଉ ନାହାଁ। ଏହି ଯୋଜନା ରାଜ୍ୟରେ ଅତ୍ୟନ୍ତ କଚ୍ଛପ ଗତିରେ ଚାଲିଥିବାବେଳେ ହିତାଧିକାରୀଙ୍କ ସଂଖ୍ୟା ୧୫ ହଜାର ବି ଟପିପାରିନାହିଁ।

ଲୋକଙ୍କୁ ମାଗଣା ବିଜୁଳି ଯୋଗାଣ ପାଇଁ କାର୍ଯ୍ୟକାରୀ ହେଉଛି ପିଏମ୍ ସୂର୍ଯ୍ୟଘର ଯୋଜନା। ସୌର ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଲୋକେ ଏହି ଯୋଜନାରେ ମାଗଣା ବିଜୁଳି ପାଇପାରିବେ। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମୋଟା ଅଙ୍କର ସବସିଡି ଯୋଗାଇ ଦେଉଛନ୍ତି। ଯୋଜନାକୁ କାର୍ଯ୍ୟକାରୀ କରିବାର ଭାର ରହିଛି ଓଡିଶାରେ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା ଟାଟା ପାୱାର ହାତରେ। ହେଲେ ଟାଟା ପାୱାର କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ଏବେ ପ୍ରକାର ଅମନଯୋଗୀ ହେବାରୁ ସରକାର ଏବେ ବଦନାମ ହେବାରେ ଲାଗିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ରାଜ୍ୟରେ ଏହି ପ୍ରକଳ୍ପ ବସାଇବାପାଇଁ ୧ଲକ୍ଷ ୩୮ ହଜାରରୁ ଅଧିକ ଆବେଦନକାରୀ ଥିବାବେଳେ ୧୪ ହଜାରରୁ ସାମାନ୍ୟ ଅଧିକ ଲୋକଙ୍କ ଘରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି। ଟାଟା ପାୱାର ଏ କ୍ଷେତ୍ରରେ

● ପିଏମ ସୂର୍ଯ୍ୟଘର ଯୋଜନାର କଚ୍ଛପ ଗତି

● ବିରୋଧୀ କରୁଛନ୍ତି ସମାଲୋଚନା

ଯେତିକି ଆଗ୍ରହ ଦେଖାଇବା କଥା ତାହା ହେଉନାହିଁ। ଏକ କିଲୋୱାଟ ପ୍ରକଳ୍ପ ପାଇଁ ମାତ୍ର ୫ ହଜାର





ଟଙ୍କା ଦେବାକୁ ପଡିବ ବୋଲି ବିଜ୍ଞାପନ ଦେଉଥିବା ବେଳେ ବାସ୍ତବରେ କିନ୍ତୁ ଏ ବାବଦରେ ଲୋକଙ୍କୁ ସାଢ଼େ ୮ ହଜାର ଟଙ୍କା ଦେବାକୁ ପଡୁଛି। ହେଲେ ବିଜ୍ଞାପନରେ ଏନେଇ କିଛି ବି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଉନାହିଁ।

ସେହିଭଳି ଭେଣ୍ଡରଙ୍କ ଜରିଆରେ ୨ ଓ ୩ କିଲୋୱାଟ କ୍ଷମତା ପ୍ରକଳ୍ପ ସ୍ଥାପନ କରାଯାଉଛି। ଟାଟା ପାୱାର ଗୋଟିଏ କିଲୋୱାଟ ପାଇଁ ୫ ହଜାର ଟଙ୍କା ଖର୍ଚ୍ଚର ବିଜ୍ଞାପନ ଦେଉଥିବାରୁ ୨ ଓ ୩ କିଲୋୱାଟ ବସାଇବାକୁ ଲୋକେ ୧୦ ହଜାର ୧୫ ହଜାର ଟଙ୍କା ଦେବାକୁ ଦାବି କରୁଛନ୍ତି। ଏହାକୁ ନେଇ ଭେଣ୍ଡରମାନେ ଅଡୁଆରେ ପଡୁଛନ୍ତି। କେତେ କିଲୋୱାଟ ବସାଇଲେ କେତେ ଟଙ୍କା ଖର୍ଚ୍ଚ ହେବ ଓ ଲୋକେ ଏଥିରୁ କିଭଳି ସୁଫଳ ପାଇବେ ସେ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ସୂଚନା ଟାଟା ପାୱାର ଦେଉନାହିଁ। ଆହୁରି ଟାଟା ପାୱାର ପକ୍ଷରୁ କେଉଁ ଅଞ୍ଚଳ ପାଇଁ କେଉଁ ଭେଣ୍ଡର ରହିଛନ୍ତି ଓ ସେମନେ କ'ଣ କ'ଣ ସୁବିଧା ଯୋଗାଇବେ ତାହାର ତାଲିକା ପ୍ରକାଶ ପାଉନାହିଁ। ଟାଟା ପାୱାର ପକ୍ଷରୁ ହିତାଧିକାରୀଙ୍କ ଫୋନ୍ ନମ୍ବର ଭେଣ୍ଡରଙ୍କୁ ଧରାଇ ଦିଆଯାଉଛି। ଭେଣ୍ଡରମାନେ ହିତାଧିକାରୀଙ୍କୁ ଫୋନ୍ କଲେ ଲୋକେ ସେମାନଙ୍କୁ ବିଶ୍ୱାସକୁ ନେଉନାହାନ୍ତି। ସବୁଠାରୁ ବଡ଼କଥା ହେଲା, ଏପର୍ଯ୍ୟନ୍ତ ସରକାରୀ କ୍ୱାଟର୍ସରେ ସୌର ପ୍ରକଳ୍ପ ବସିବା ନେଇ କିଛି ନିଷ୍ପତ୍ତି ହୋଇପାରୁ ନାହିଁ। ଫଳରେ ସରକାରୀ ଘରେ ରହୁଥିବା ଲୋକେ ଚାହିଁଲେ ମଧ୍ୟ ତାହା ସ୍ଥାପନ କରିପାରୁନାହାନ୍ତି। ସେହିଭଳି ଗୋଟିଏ କିଲୋୱାଟ ପ୍ରକଳ୍ପ ବସାଇବାପାଇଁ ଏକ ମହଲାରୁ ଅଧିକ ଉଚ୍ଚର କୋଠା ହେଲେ କେହି ରାଜିହେଉନାହାନ୍ତି। ଭେଣ୍ଡରମାନେ ବି ଏକ କିଲୋୱାଟ ପ୍ରକଳ୍ପ ବସାଇବେ ନାହିଁ ବୋଲି ରୋକ୍‌ଠୋକ୍ ମନାକରି ଦେଉଛନ୍ତି। ଏଭଳି ସ୍ଥିତିରେ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଓଡିଶାରେ ଏକ ପ୍ରକାରର ଆଣ୍ଠେଇ ଥିବାବେଳେ ସରକାର ବଦନାମ ହେବାରେ ଲାଗିଛନ୍ତି। ବିରୋଧୀଦଳମାନେ ମାଗଣା ବିଜୁଳି ଯୋଗାଣ ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରୁଥିବାବେଳେ ଶକ୍ତି ବିଭାଗ ସବୁ ଜାଣି ନଜାଣିଲା ଭଳି ହେଉଛି। ଟାଟା ପାୱାର ପାଇଁ ସରକାର ବଦନାମ ହେଉଥିବା ଜାଣୁଥିଲେ ମଧ୍ୟ ଶକ୍ତି ବିଭାଗ କାହିଁକି ନିରବ ରହୁଛି, ତାହା ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିବାରେ ଲାଗିଛି।




ଚିତ୍ତରଞ୍ଜନ ପୃଷ୍ଟି




## ବୃଦ୍ଧାଶ୍ରମ

ବହୁଦିନଧରି ସନ୍ତାନରୁ ବଞ୍ଚିତ ଥିଲେ ପ୍ରଧାନବାବୁଙ୍କ ପରିବାର। ସବୁ ଦୁଃଖକୁ ହୃଦୟ ଭିତରେ ଚାପି ବଞ୍ଚିବାକୁ ପଡୁଥିଲା ତାଙ୍କୁ। ଗାଁ ଲୋକଙ୍କ ନିନ୍ଦା ଅପବାଦ ସହିବାକୁ ପଡୁଥିଲା ପ୍ରତି ମୁହୂର୍ତ୍ତରେ। କେବଳ ଭଗବାନଙ୍କୁ ଡାକିବା ବ୍ୟତୀତ ଅନ୍ୟ କିଛି ଉପାୟ ନଥିଲା ତାଙ୍କ ପାଖରେ। ଦିନ ମଜୁରିଆ ଭାବରେ ଯାହା ପାରିଶ୍ରମିକ ପାଆନ୍ତି ସେଥିରେ କଷ୍ଟମଷ୍ଟେ ଚଳି ଯାଆନ୍ତି ପ୍ରଧାନ ବାବୁ। ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଓ ଦୁଇଜଣ ବୃଦ୍ଧ ପିତାମାତା। ସ୍ତ୍ରୀ ଗୌରୀ କେବେହେଲେ ଶାଶୁ ଶଶୁରଙ୍କ ସେବାରେ ହେଳା କରିନାହିଁ। ପୁଅ ମଧ କେବେହେଲେ ବାପା ମା'ଙ୍କ ମନରେ ଦୁଃଖ ଦେଇନାହିଁ। ସ୍ୱାମୀ ସ୍ତ୍ରୀ କଷ୍ଟରେ ଚଳି ମଧ ବାପା ମା'ଙ୍କୁ ଭଲ ଖାଇବାକୁ ପିନ୍ଧିବାକୁ ଦେଇଛନ୍ତି। ଗାଁରେ ସମସ୍ତେ କଥା ହୁଅନ୍ତି ବାବୁଲି ପ୍ରଧାନ ଦିନ ମଜୁରିଆ ହେଲେ କଣ ହେବ ସେ ତା ବାପା ମା'ଙ୍କୁ ଯେମିତି ରଖିଛି ଆଉ କେହି ରଖିବେନି। ଏକଥା ଶୁଣି କିଛି ସମୟ ପାଇଁ ଖୁସି ମିଳୁଥିଲେ ମଧ ଅନ୍ତରରେ ଦୁଃଖ ଥାଏ ସନ୍ତାନ ପାଇଁ। ଗ୍ରାମ ଦେବତୀଙ୍କ ପାଖରେ ମାନସିକ ଥାଏ ସନ୍ତାନଟିଏ ହେଲେ ଅଧାଗଢ଼ା ମନ୍ଦିରକୁ ପୂର୍ଣ୍ଣ କରିବେ। କିଛିଦିନ ପରେ ମା' ତାଙ୍କର ଡାକ ଶୁଣିଲେ। ପୁତ୍ର ସନ୍ତାନଟିଏ ଲାଭ ହେଲା। ନାତି ହେବା ଖବର ଶୁଣି ଜେଜେ ଓ ଜେଜେମା'ଙ୍କ ଖୁସି କହିଲେ ନସରେ।

ପ୍ରଧାନ ବାବୁଙ୍କ ଆଖିରେ ଆଖିଏ ସ୍ୱପ୍ନଥାଏ ପୁଅ ସୁରଜ କିଭଳି ଭଲ ମଣିଷ ହେବ। ଜେଜେ ଜେଜେମା'ଙ୍କୁ କହୁଥାନ୍ତି ଜାଣିଲ ନାତିଟୋକାଟା ଆମର 'କାଳିଆ ଘୋଡ଼ାରେ ଚଢ଼ିବ, ମଧୁବାବୁ ସଙ୍ଗେ ଲଢ଼ିବ।' ଦେଖିବ ସେ ବଡ଼ହେଲେ ବଡ଼ ଚାକିରି କରିବ। ତା ବାପା ମା'ଙ୍କ ନାଁ ରଖିବ। ସେତେବେଳେକୁ ଆମ ବାବୁଲାର ଦୁଃଖ ଫେରିବ। ପ୍ରଧାନବାବୁ ବହୁ କଷ୍ଟରେ ପିଲାଟିକୁ ପାଳୁଥାନ୍ତି। କାମକୁ ଗଲେତ ଦି ପଇସା ଆଣିବେ ନହେଲେ ଚୁଲିକୁ ହାଣ୍ଡି ଯିବନି। କିନ୍ତୁ ମନଭିତରେ ଥାଏ ଯେତେ କଷ୍ଟ ପଡୁପଛେ ପୁଅକୁ ମଣିଷ କରିବି। ଧିରେ ଧିରେ ପୁଅ ବଡ଼ ହୋଇ ପାଠ ପଢ଼ିଲା। ଦିନେହେଲେ ମଧ ପୁଅକୁ ଦୁଃଖକଷ୍ଟ ସହିବାକୁ ଦେଇନାହାନ୍ତି ପ୍ରଧାନବାବୁ। ପୁଅ କିନ୍ତୁ ବାପା ମା'ଙ୍କୁ କହୁଥାଏ ତୁମେ ଜମା ବ୍ୟସ୍ତ ହୁଅନି ମୁଁ ପାଠପଢି ବଡ ଚାକିରି କରିବି ତୁମର ସବୁ ଧାର କରଜ ସୁଝିବି। ଏକଥା ପଦକ ଶୁଣି ସମସ୍ତଙ୍କ ପେଟ ପୂରି ଯାଉଥାଏ।

କିଛିଦିନ ପରେ ପ୍ରଧାନବାବୁଙ୍କ ବୃଦ୍ଧ ପିତାମାତା ସଂସାର ଛାଡି ଚାଲିଗଲେ। ବିଚରା ନାତିର ସୁଖକୁ ସେ ଦେଖିପାରିଲେ ନାହିଁ। କିନ୍ତୁ ତାଙ୍କ ତୁଣ୍ଡ ସୁତୁଣ୍ଡ ହେଲା। ନାତି ଭଲ ପାଠପଢି ଓଏସ୍ ପାଇଲା। ପ୍ରଧାନବାବୁ ଓ ସ୍ତ୍ରୀ ଗୌରୀର ଖୁସି କହିଲେ ନସରେ। ପୁଅ ସୁରଜର ସଫଳତା ପାଇଁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଲା। ଦିନ ମଜୁରିଆର ପୁଅ ଆଜି ଓଏସ୍ ପାଇଛି ଏକଥା ଶୁଣିଲାପରେ ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କର ମନ କୁଣ୍ଢେମୋଟ। ଗୌରୀ ପ୍ରଧାନବାବୁଙ୍କୁ କହୁଥାଏ ବୁଝିଲ ଆମର ଆଉ କିଛି ଦୁଃଖ ରହିବ ନାହିଁ। ତୁମକୁ ଆଉ ମଜୁରୀ ଲାଗିବାକୁ ପଡିବନି। ଗ୍ରାମଦେବତୀ ଆମ ଡାକ ଶୁଣିଛନ୍ତି।

ପୁଅ ସହରକୁ ଚାଲିଗଲା ଚାକିରି କରିବାପାଇଁ। ବାପା ମା' ଚିନ୍ତାକଲେ ଆମେ ଆଉ କେତେଦିନ ହାତରେ ରାନ୍ଧିବାଢ଼ି ଖାଇବା। ସୁରଜକୁ ହାତକୁ ଦିହାତ କରିଦେବା। କିଛିଦିନ ପରେ ଗୋଟେ ବଡ଼ଘର ଦେଖି ସୁରଜର ବାହାଘର ହୋଇଗଲା। ଗାଡି,ଘର,ଚାକରବାକର ସବୁ ମିଳିଲା ଶଶୁର ଘର ତରଫରୁ। ନୂଆ ନୂଆ ବାହାଘର ବୋଲି ବୋହୂ କିଛିଦିନ ଗାଁରେ ଆସି ରହିଲା। ଶାଶୁ ଶଶୁରଙ୍କ ସେବା କରିବ କଣ ,ଦିଓଳି ଖାଇବାକୁ ଦେବାପାଇଁ ତାକୁ କଷ୍ଟ ହେଲା। କିନ୍ତୁ ପ୍ରଧାନବାବୁ ଓ ଗୌରୀ ଏକଥା କାହାକୁ ଅବା କହିବେ। ଲୋକଲଜ୍ୟାକୁ ଡରି କାହାକୁ କିଛି ନକହି ସବୁ ସହିଗଲେ। ପୁଅକିନ୍ତୁ ଏକଥା ଜାଣିପାରୁନଥାଏ। ରୋଷେଇ ଗଣ୍ଡେ କରିକି ଦେବାପାଇଁ ସେଥିରେବି କଷ୍ଟ। ବଡ଼ଲୋକ ଘରର ଝିଅ କିଏବା ତାକୁ କଣ କହିବ। ବୋହୂ ମିଛସତ କରି ପୁଅ ଆଗରେ ଶାଶୁ ଶଶୁରଙ୍କ ବିରୋଧରେ କେତେକଥା କହିଲା। ଏମିତି ମଣିଷଙ୍କ ପାଖରେ ମୁଁ ଚଳିପାରିବି ନାହିଁ। ମୁଁ ଆଉ ଏ ମଫସଲରେ ରହିପାରିବି ନାହିଁ। ମୋତେ ତୁରନ୍ତ ଆସି ଏଠୁ ନିଅ ନହେଲେ ବାପ ଘରକୁ ଚାଲିଯିବି। ହଁ ଆଉଗୋଟେ କଥା ମନେରଖ ତୁମ ପାଖରେ ତୁମ ବାପା ମା' ରହିଲେ ମୁଁ ଆମ ଘରକୁ ଚାଲିଯିବି। ପୁଅ ବଡ଼ ଦ୍ୱନ୍ଦ୍ୱରେ ପଡିଲା। ବୋହୂ କଥାରେ ନଗଲେ ସମ୍ପତ୍ତିବାଡି ସବୁ ହରେଇବାକୁ ପଡିବ। ସ୍ତ୍ରୀ କଥାରେ ପଡି ବୃଦ୍ଧ ବାପା ମା'ଙ୍କୁ ବୃଦ୍ଧାଶ୍ରମରେ ଛାଡିବାପାଇଁ ନିଷ୍ପତ୍ତି ନେଲା ସୁରଜ। ସ୍ତ୍ରୀକୁ ନେଇ ସହରରେ ରଖିଲା।

କିଛିଦିନ ପରେ ପୁଅ କାର ଆଣି ଗାଁକୁ ଆସିଲା। ବାପା ମା' ବହୁତ ଖୁସି, ପୁଅ ଆସିଛି ଆମକୁ ତା ପାଖକୁ ନେଇଯିବ। ସେଠି ଭଲଭଲ ଜିନିଷ ଖାଇବାକୁ ଦେବ। କେତେଜାଗା ବୁଲେଇ ଦେଖେଇବ। ବାପା ମା' ଖୁସିରେ କାରରେ ବସିଲେ। ଯିବା ବାଟରେ ପ୍ରଧାନବାବୁ ସୁରଜକୁ ପଚାରିଲେ ଆରେ ପୁଅ ତୁ ଆମକୁ ସବୁଦିନ ପାଇଁ ତୋ ପାଖରେ ରଖିବୁ ନା ପୁଣି ଗାଁରେ ଆଣି ଛାଡ଼ିଦେବୁ। ପୁଅ କଣ ଉତ୍ତର ଦେବ ଜାଣିପାରିଲା ନାହିଁ। କିଛି ସମୟପରେ ଉତ୍ତର ଦେଲା ତୁମକୁ ମୁଁ ଏମିତି ଜାଗାରେ ଛାଡ଼ିବି ଆଉ ଗାଁକୁ ଆସିବାକୁ ମନ କରିବନି। ବାପା ମା'ଙ୍କ ଖୁସି କହିଲେ ନସରେ। କାର ଯାଇ ଲାଗିଲା ଏକ କୋଠାଘର ସାମନାରେ। ପ୍ରଧାନବାବୁ ସ୍ତ୍ରୀ ଗୌରୀକି କହୁଥାନ୍ତି ଶୀଘ୍ର ଓହ୍ଲାଅ। ଆମ ସୁରଜର ନୂଆଘର ହୋଇଗଲା ପରା। ପ୍ରଧାନବାବୁ ଓ ସ୍ତ୍ରୀ ଗୌରୀ କାରରୁ ଓହ୍ଲାଇ ଦେଖିଲେ ଯେ କେତେଜଣ ବଢ଼ାବୁଢ଼ୀ ବାହାରେ ବସି ନିଜ ପରିବାର କଥା ଗପୁଛନ୍ତି ,ଆଉ କେତେଜଣ ବିଛଣା ଉପରେ ରୋଗରେ ଛଟପଟ ହେଉଛନ୍ତି। ଏକଥା ଦେଖିଲା ପରେ ପ୍ରଧାନବାବୁ ପୁଅ ସୁରଜକୁ କହୁଥାନ୍ତି ଏମିତି ଦୁଃଖକଷ୍ଟ ଭୋଗୁଥିବା ଲୋକଙ୍କ ପାଖକୁ ଆମକୁ ବୁଲେଇବାକୁ କାହିଁକି ଆଣିଲୁ। ତୋତେ କଣ ଆଉ କେଉଁଜାଗା ମିଳିଲାନି। ପୁଅ ପାଟିରୁ କଥା ବାହାରୁ ନଥାଏ ଥଙ୍ଗେଇ ଥଙ୍ଗେଇ କହିଲା ବାପା ତୁମକୁ ମୁଁ ଏଠାକୁ ବୁଲେଇବାକୁ ଆଣିନାହିଁ। ଏଠି ତୁମେ ସବୁଦିନ ପାଇଁ ରହିବ। ଏ ହେଉଛି ବୃଦ୍ଧାଶ୍ରମ, ତୁମର ଶେଷ ଠିକଣା। ପ୍ରଧାନବାବୁ ସେହି ବୃଦ୍ଧାଶ୍ରମରୁ ଗ୍ରାମଦେବତୀଙ୍କୁ ସ୍ମରଣକରି କହିଲେ ଏ ଜନ୍ମରେ ନହେଲା ନାହିଁ ଯଦି ଆର ଜନ୍ମକୁ ମଣିଷ ଜନ୍ମ ପାଏ ତୋ ଅଧାଗଢ଼ା ମନ୍ଦିରକୁ ପୂର୍ଣ୍ଣ କରିବି।


**ନିମାପଡା, ପୁରୀ, ମୋବାଇଲ୍: ୯୭୭୮୧୭୭୫୦୧**



ଶୋଭାମୟୀ ପାତ୍ରୀ




## ସଂସାର

ପିତେଇକୁ ଏ ସଂସାରଟା ପିତାପିତା ଲାଗୁଥିଲା , ଖାଲି ଇଆଡୁ ସିଆଡୁ ଖିଆଲଗୁଡା ଗୁଡେଇତୁଡେଇ ହେଇ ତାକୁ ଭାରି ଅଡୁଆ କରୁଥିଲା। ତା ଚାରିପାଖରେ ତା ଶାଶୁଙ୍କର ଛାଇ ଘୁରି ବୁଲୁଥିବାର ତାକୁ ଅନୁଭବ ହେଉଥିଲା, ତାର ସେଇ ପୁରୁଣା ଦିନର କଥାମାନ ତା ଛାତିକୁ ଧୁନ୍ଦାଳି ପକଉଥିଲା କି ତା ରୁଷାଭୁଷା ମନଅଭିମାନରେ ସେ କେମିତି ତା ପଛରେ ଲାଗିଥାଆନ୍ତି। ତା ଯତ୍ନ ନେବାକୁ ସମରାକୁ ସବୁବେଳେ ତାଗିଦ୍ କରନ୍ତି, ତା ପେଟ ମୁଣ୍ଡ ଚିହ୍ନନ୍ତି, ଦେହପା ହେଲେ ତା ପଛରେ ପଡିଯାଆନ୍ତି, ନିଜେ ଜଗିରହି ଓଷଦ ପାଣି, ସେବାନେବା କରନ୍ତି , ସାତମାସିଆରେ ପେଟର ପିଲାଟା ଖରାପ ହେଲା ବୋଲି ପୁଅ ସମରାକୁ କେତେ ଗାଳିଦେଇଥିଲେ କି ତାରି ଅବହେଳାରୁ ଏତେସବୁ ଘଟିଲା, ସେଇଟା ବି ପୁଆଟାଏ ବୋଲି ଲୁଚି ଲୁଚି ଆଖିରୁ ଲୁହ ନିଗାଡୁ ଥିଲେ ବି ତାର ଅଭାସ କେବେ ପିତେଇ ପାଇନି। ମୋଟ୍ ଉପରେ ସେ ଜଣେ କି ଶାଶୁମାନେ ହେଉଛନ୍ତି ଦେବୀ, ଜନମ କଲା ମାଆଠାରୁ ବି ଅଧିକ କାରଣ ପିଲାବେଳକୁ ସିନା ମାଆ ଆଡେଇ ନିଏ ହେଲେ ଯୁବାକୁ କଢେଇ ସାରା ଜୀବନକୁ ଶୃଙ୍ଖଳିତ କରନ୍ତି ଶାଶୁ। ମୋଟଉପରେ ତା ଶାଶୁ ଥିଲେ ତା ପାଇଁ ଭରସାର ବରଗଛ। ତାଙ୍କ ପରେ ପରେ ଅଳସୁଆ ସମରା ସାଙ୍ଗରେ କାନ୍ଧ ଲଗେଇ ନିଜ ସଂସାର ଆଗେଇ ନବାକୁ ପଦାକୁ ଗୋଡ଼କାଢିଲା ପରେ ତା ଚାରିପାଖର ଦୁନିଆ ତାକୁ ଭାରି ଅବାଗ ଲାଗୁଥିଲା, ତା ସାଆନ୍ତାଣୀ ଘରେ କେତେକଣ ନ ଥିଲା ଯେ, ପିଲାଝିଲା, ଧନସମ୍ପତ୍ତି, କୋଠାବାଡି, ଗାଡ଼ିଘୋଡା ସବୁ ଭରପୁର, ତଥାପି ସେହି ଘରଭିତରର ପରିବେଶଟା ତାକୁ ବଡ଼ ଅସଜ ଲାଗୁଥିଲା ଏଡ଼େ ବଡ଼ ଘରଟାରେ ଚାରିହାତିଆ କୋତରା ବୁଢ଼ୀଟା ପାଇଁ ଜାଗା ନ ଥିଲା ଘରର ଗୋଟାଏ ବଖରା ତ ଦୂରରେ କଥା ରନ୍ଧା ଖାଇବାରେ ବି ତାର ଭାଗ ନଥିଲା, ତାକୁ ଛବିଶଘଣ୍ଟା ସାଆନ୍ତାଣୀଙ୍କ ବୋଲ ମାନିବାକୁ ହୁଏ , ସାଆନ୍ତାଣୀ ଖଟରୁ ପାଦ ତଳେ ରଖିଲେ ବୋଲକାରୀମାନେ ପାଦତଳେ ହାତ ରଖିଦିଅନ୍ତି ଆଉ ବୁଢ଼ୀ ଘୁସୁରି ଘୁସୁରି ନିଜ କାମ ନିଜେ କରେ ଏମିତିକି ନିଜ ଖାଇବା ବି ନିଜେ ବିନାଏ। ପିତେଇ ମାଲିକାଣି ନ ଥିଲାବେଳେ ଲୁଚେଇ ବୁଢ଼ୀକୁ ଭଲମନ୍ଦଟିକେ ଦେଲେ ସେ ତା ହାତକୁ ଧରିନେଇ ଆଗ ବୋହୁ ନାତିନାତୁଣୀଙ୍କ ଭଲମନ୍ଦ ବୁଝେ, ସେମାନଙ୍କୁ କେବେ ଅବହେଳା ନ କରିବାକୁ ନେହୁରା ହୁଏ, ସେମାନଙ୍କ ସୁଖ ପାଇଁ ଠାକୁରଙ୍କୁ ଗୁହାରି କରେ । ସେତେବେଳେ ବୁଢ଼ୀର ଏଇମିତିଆ କଥାରେ ପିତେଇ ତା ଶାଶୁମାଆ କଥା ମନେ ପକେଇ ବୁହେ କାନ୍ଦେ ଆଉ ମନେମନେ ସାଆନ୍ତାଣୀ ଉଦ୍ଦେଶ୍ୟରେ ପୁଳାଏ ଗାରୁଗାରୁ ବର୍ଷାଏ। କାରଣ ସେ ଅଙ୍ଗେ ନିଭେଇଥିଲା କି ତା ଶାଶୁ ଚାଲିଗଲାପରେ ତା ସଂସାରକୁ ବଞ୍ଚେଇ ରଖିବା ପାଇଁ ତାକୁକେତେ କଷ୍ଟ କରିବାକୁ ପଡୁଥିଲା ଆଉ ଏଇ ଶାଶୁମାନଙ୍କ ଗାଢ଼ରୁ ହିଁ ବୋହୁମାନଙ୍କ ସଂସାରର ଆରମ୍ଭ। ସେ ନିଜର ଅସରନ୍ତି ବେଳ ମାପି ସଂସାରକୁ କୋଷେ ତ ପୁଣି ଫେରିଆସେ ନିଜ ଖଟା ମିଠା ସଂସାରକୁ ବଞ୍ଚେଇ ରଖିବା ପ୍ରୟାସରେ। ପୁଣି ଭାବେ ଏଇ ବଡ଼ଘର ବୋହୁଗୁଡା କଣ କେବେ ଶାଶୁ ହୁଅନ୍ତିନି....।


**କେନ୍ଦ୍ରାପଡ଼ା**




## ଛାୟା ବନ୍ଧୁ




ଜୟଶ୍ରୀ ପଟ୍ଟନାୟକ


ସେଦିନ ଅଚାନକ ଦେଖା ହୋଇଗଲା ଶ୍ୟାମଳି ସହିତ। ମୁଁ ଦେଖି ନ ଦେଖିଲା ପରି ଭିଡ ଭିତରେ ନିଜକୁ ମୁକୁଳାଇ ଚାଲି ଯାଉଥିଲି। ପଛରୁ ଗୋଟିଏ ଡାକ ଶୁଭୁଥିଲା। ମୋ ପାଖରେ ଯାଉଥିବା ଲୋକଟି କହିଲା ମାଡାମ ଆପଣଙ୍କୁ ପଛରୁ କିଏ ସେ ଡାକୁଛି। ବୁଲିପଡ଼ି ପଛକୁ ଚାହିଁଲି। ଲୁହ ଛଳ ଛଳ ଆଖିରେ, ଅନୁତାପ ନିଆଁରେ କେମିତି ଝାଉଁଳି ପଡିଥିଲା ଶ୍ୟାମଳି। ଆଗର ସେ ଅହଂକାର, ପତିଆରା, କଳିହୁଡ଼ି ପ୍ରକୃତି କେମିତି ଶାନ୍ତ ପାଲଟି ଯାଇଥିଲା। ତଥାପି ମୋ ବିଶ୍ୱାସ ବାହାରେ ଥିଲା ତା ଭଳି ପିଲା ସହିତ ବନ୍ଧୁତା ବଢାଇବା। ଯିଏ ସଜ ମାଛରେ ପୋକ ପକାଇଦିଏ। ନ ଦେଖିଲା ଓଉ ଛ ଫଟା କରି ଦେଇପାରେ। ଯିଏ ସତ ସମ୍ପର୍କକୁ ମିଛ ଆଉ ମିଛ ସମ୍ପର୍କକୁ ସତ କରିବାରେ ସିଦ୍ଧହସ୍ତା। ଆଉ ସମ୍ପର୍କ କୁ ଅଳଙ୍କାର ଦେଇ ସୁନ୍ଦର କାହାଣୀ ଗଢି ଦେଇପାରେ। ତାକୁ ବିଶ୍ୱାସ କରୁଥିବା ମଣିଷ ମାନେ ବ ଢେର ବାହାବା ନିଅନ୍ତି। ଆଉ ସେ ଯେତେବେଳେ ଖୋଳିଥିବା ଗାତରେ ନିଜେ ପଡ଼ିଯାଏ ସେତେବେଳେ ସାଙ୍ଗ ସାଥି ଙ୍କୁ ବି ସାଧ ମତେ ସେ ଗାତ ଭିତରେ ପକାଇବାକୁ ଚେଷ୍ଟା କରି ଥାଏ।

ଆଜି ପୁଣି କଣ କାମ ପଡିଗଲା ଯେ ସେ ମୋତେ ଖୋଜିବାରେ ବ୍ୟସ୍ତ ? ମୁଁ କିଛି ବୁଝି ପାରିଲିନି ସୂର୍ଯ୍ୟ କେମିତି ପଶ୍ଚିମ ଦିଗରେ ଉଦୟ ହେଲେ ? କେମିତି ଲଙ୍କାରେ ହନୁ ଶବ୍ଦ ଶୁଭିଲା ? ଯେ ତାର ବନ୍ଧୁତା ଗଢିବାର ଗୋଟେ ନୂଆ ବାହାନା ନା ଆଉ କିଛି ? ଏତିକି ଭାବୁ ଭାବୁ ଶ୍ୟାମଳି ମୋ ହାତ ଦୁଇଟିକୁ ଧରି କ୍ଷମା ପ୍ରାର୍ଥନା କଲା। ମୋତେ ବଡ ହିସାବରେ ଯଦି କ୍ଷମା କରିଦେବୁ ତେବେ ମୁଁ ତୋର ବିଶାଳ ହୃଦୟ ପାଖରେ ସବୁଦିନ ପାଇଁ ଋଣୀ ରହିବି। କହିଲି ଶୁଣ ଶ୍ୟାମଳି ! ତୁ ମୋତେ ଆଉ ତୋର ଚିର ପରିଚିତ ଅମୂଲ୍ୟ ଭାଇକୁ ନେଇ ଯେଉଁ ମନଗଢା କାହାଣୀ ଗଢି ସମସ୍ତଙ୍କୁ କହିଛୁ, ମୋତେ ବଦନାମ କରିବାକୁ ଫନ୍ଦି ଫିକର କରିଛୁ ସବୁର ପ୍ରମାଣ ମୁଁ ପାଇ ସାରିଛି। ମନେରଖ ତୁ ଜଣକୁ ପଥର ଫିଙ୍ଗିଲେ କାଲି ନିଶ୍ଚୟ ଅନେକ ଲୋକ ଆସିବେ ତୋ ଉପରକୁ ପଥର ଫିଙ୍ଗିବାକୁ। କାରଣ ତୁ କରୁଥିବା କାମ ସବୁ ସ୍ୱଷ୍ଟ ଦିବଲୋକ ରେ ଧରା ପଡ଼ିଗଲାଣି। ଲୋକେ ଅନେକ ଛି ଛାକର କଲେଣି। ଆଜି ଚାରିଆଡେ ନାଗରା ବାଜିଲାଣି ତୋର ଆଉ କାହା ସହିତ ଥିବା ଗୋପନ ସମ୍ପର୍କ କଥା। ସେ ସବୁ କଳଙ୍କ କୁ ଧୋଇ ମାଜି ନିଜକୁ ମୁକୁଳେଇଲା ବେଳକୁ ଆଉ ବୟସ ନ ଥିବ କୃଷ୍ଣଚୂଡ଼ା ର ହସ ହସିବାକୁ।,ମୁଁ ତ ବନ୍ଧୁତା କୁ ଭଲ ପାଏ ବୋଲି ତୁ ସାଧ ମତେ ଦୂରେଇ ଦେଲୁ ତୋ ଅମୂଲ୍ୟ ଭାଇକୁ ମୋ ଠାରୁ। ଅନେକ ଦୁଃଖ ଲାଗିଲା ସେଥିପାଇଁ କାରଣ ସମ୍ପର୍କ ଗଢିବା ବହୁତ କଷ୍ଟ, ,ଭଲ ପାଇ ଦୁରେଇଯିବା ବି ଯିଏ ଅଙ୍ଗେ ନିଭେଇଛି ସେ ଜାଣେ ତା କଷ୍ଟ। କିନ୍ତୁ ଜଣେ ଜଣକୁ ଶିଖେଇ ମତେଇ ଜଣକର ବନ୍ଧୁତା କୁ ଦୂରେଇଦେବା, ତା ମନରେ ଆଘାତ ଦେବା ଯେ କୋଉ ଉତ୍ତମ ବନ୍ଧୁତାର ଲକ୍ଷଣ ହେଲା ?? ସେଦିନଠାରୁ ମନସ୍ଥ କଲି ତୋ ଠାରୁ ଆଉ ତୋ ଅମୂଲ୍ୟ ଭାଇ ଠାରୁ ମୁଁ ସମ୍ପୂର୍ଣ୍ଣ ଭାବେ ଦୂରେଇଯିବି। ଏବେ ନିଜ ଆଖି ର ଲୁହ, ସମ୍ପର୍କ ର ଶ୍ୟାମଳ ଦରଜ ,ସ୍ମୃତି କୁ ପାଥେୟ କରି ଦୂରେଇଯାଇଛି ତୁମ ମାନଙ୍କ ଜୀବନରୁ। ଯଦି ପାରୁ ମୋତେ ମୋ ସରଳତାକୁ କ୍ଷମା କରିଦେବୁ। କାରଣ ମୁଁ ଚାହେଁନି କାହା ମନରେ ଦୁଃଖ ଦେବାକୁ, ମୁଁ ବନ୍ଧୁତାକୁ ଭଲପାଏ, ସମ୍ମାନଦିଏ। ସେଥିପାଇଁ ତ ମୁଁ ତୋର ବନ୍ଧୁ ଆଉ ତୁ ମୋର ଛାୟା ବନ୍ଧୁ।


**ଗଙ୍ଗନଗର, ଭୁବନେଶ୍ୱର**
**ମୋବାଇଲ୍: ୭୯୭୮୧୧୦୪୭୪**





ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ


## କାଚ କାନ୍ଥର ସେପାଖେ...

ଜୀବନ ଭାରି ରହସ୍ୟମୟ। କେତେବେଳେ କଣ ଘଟିଯାଏ, କେହି ଜାଣି ପାରନ୍ତି ନାହିଁ। ଆମେ ଏହାକୁ ଯେତେ ସ୍ୱଚ୍ଛ ବୋଲି ଭାବି ଥାଉ ତାହା ପ୍ରକୃତରେ ହୋଇ ନ ଥାଏ। ସର୍ଭେରୁ ଜଣାଯାଏ ଯେ ଆନ୍ତର୍ଜାତିକ କ୍ଷେତ୍ରରେ ବିଫଳ ବିବାହର ହାର ୩୫-୫୦ ପ୍ରତିଶତ ହୋଇ ଥିବା ବେଳେ ଏଥିରୁ ଅଧିକାଂଶ ପ୍ରେମ ବିବାହ। ଭାରତ ପରି ଦେଶ ରେ ସାଙ୍ଗରେ ରହିବାକୁ ସଫଳ ବିବାହ କୁହା ଯାଉଥିବାରୁ ବ୍ୟବସ୍ଥିତ ବିବାହର ବୁଝାମଣାକୁ ସଫଳ ବୋଲି ଧରାଯାଏ। କିଛି ମାସ ତଳେ ଜଣେ ପୂରାତନ ଛାତ୍ରର ବିବାହ ହେବାର ଜାଣି ଖୁସି ହୋଇଥିଲି। ବିବାହର ଫଟୋଚିତ୍ର ଫେସବୁକ୍ କାନ୍ଥରେ ଟଙ୍ଗା ହେବାର କଥା ହେଲା। ମାତ୍ର ବର କି ବୋହୁ କାହାରି ମୁହଁରେ ହସ ନାହିଁ। ଛାତ୍ର ଟି ଏକଦା ହସଖୁସିଆ ପିଲାଟିଏ ଥିବାରୁ ଏହା ଟିକେ ଖରାପ ଲାଗିଲା। କିଛି ଦିନ ପରେ ଗୋଟିଏ ଜାଗାରେ ଦେଖା ହେବାରୁ ପଚାରିଲି ବାହା ହେଲେ ଡାକିଲୁନି ତ? ସେ କହିଲା, କଣ ଡାକିବି ଆଉ, ଇଛା ନଥିଲା ମୋର, କେବଳ ଘର ଲୋକଙ୍କ କଥାରେ ବାହା ହେଲି। ଘର ଲୋକ କହିଲେ ଘରୋଇ ଝିଅଟେ ଆସିଲେ ଘର ସମ୍ଭାଳିବ। ହେଲେ ସେ ଏତେ ଗାଉଁଲି ଆଉ ଅଶିକ୍ଷିତ ଯେ କଣ କହିବି। କେବଳ ସାର୍ଟିଫିକେଟ ଦେଖି ବି.ଏ.ପାସ ବୋଲି ଭାବିଦେଲେ ଏମାନେ। ସେ ତ ଛୋଟ ଛୋଟ କଥା ବି ଜାଣେ ନାହିଁ। ସବୁ କଥାରେ ସନ୍ଦେହ, ଅଫିସ୍ ଷ୍ଟାଫ୍ ଫୋନ୍ କଲେ ବି ହଜାରେ ପ୍ରଶ୍ନ। ମୋ ଜୀବନ ପୁରା ବର୍ ବାଦ୍। ଏହାର କିଛି ସମାଧାନ ନାଇଁ କି କିଛି କହି ବି ଲାଭ ନାହିଁ। କାରଣ ଆମେ ସମସ୍ତେ ନିଜ ଚାରିପାଖେ ଏକ କାଚଘର ବନେଇ ରଖି ଥାଉ। ଏହା ବାହାରୁ ଯେତେ ସୁନ୍ଦର ଓ ସ୍ୱଚ୍ଛ ଦିଶେ, ପ୍ରକୃତରେ ଭିତରୁ ସେତିକି ଅସ୍ୱଚ୍ଛ ଓ ଅବ୍ୟବସ୍ଥିତ ହୋଇ ଥାଏ। ଡେନମାର୍କ ର ପ୍ରସିଦ୍ଧ ଦାର୍ଶନିକ ସୋରେନ କର୍କେଗାର୍ଡ ଙ୍କ ମତରେ ମଣିଷର ପ୍ରକୃତ ସ୍ୱରୂପଟି କେବଳ ତା ନିଜପାଖେ ହିଁ ଥାଏ। ସେ କଣ ଏକଥା କେବଳ ସେ ନିଜେ ହିଁ ଜାଣେ। ପ୍ରକୃତରେ ମଣିଷର ଅବଚେତନ ଅବସ୍ଥା ସହ ସେ ନିଜେ ମଧ୍ୟ ପରିଚିତ ନ ଥାଏ। ତାର ନିଜସ୍ୱ କାର୍ଯ୍ୟକଳାପଗୁଡ଼ିକର ମୂଲ୍ୟାୟନ ସେ କରି ପାରେ ନାହିଁ, ତେଣୁ ଅନବରତ ସେ ନିଜକୁ ଠିକ୍ ସାବ୍ୟସ୍ତ କରିବାରେ ହିଁ ବ୍ୟସ୍ତ ଥାଏ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଜଣେ ସହକର୍ମୀଙ୍କୁ ମୁଁ ଭଲ ଭାବରେ ଜାଣିବା ସତ୍ତ୍ୱେ ନିକଟ ଅତୀତରେ ସେ ମାନସିକ ଅସୁସ୍ଥ ବୋଲି ଜାଣିଲି। ତାଙ୍କର ସାଧାସିଧା ଓ ପ୍ରାୟତଃ ନୀରିହ ମନେ ହେଉଥିବା ଏହି ସହକର୍ମୀ ଜଣଙ୍କ ବାସ୍ତବରେ ଜଣେ ଧୂର୍ତ୍ତ ଓ ସୁବିଧାବାଦୀ ମଣିଷ। ନିଜର ଦୋଷକୁ ଅନ୍ୟର ମୁଣ୍ଡରେ ଲଦି ଦେଇ ନିଜକୁ ଖୁବ୍ ସହଜରେ ନୀରିହ ସଜାଇ ପାରନ୍ତି କିଛି ଲୋକ। ସେହିପରି, କିଛି ଲୋକ ନିଜକୁ ଖୁବ୍ ଶକ୍ତ ଓ ସୁସ୍ଥ ଦେଖାଇଲେ ମଧ୍ୟ ପ୍ରକୃତରେ ପଳାୟନପନ୍ଥୀ ହୋଇଥାନ୍ତି। ମନକଥା କହି ନ ପାରିବା କାରଣରୁ ଅନେକ ସମୟରେ ସେମାନେ ଅସହାୟ ଓ ବିବଶ ହୋଇ ଆତ୍ମହତ୍ୟା କରନ୍ତି। ଅଧିକାଂଶ ଆତ୍ମହତ୍ୟାର କାରଣ ଉନ୍ମୋଚିତ ହୋଇ ପାରେ ନାହିଁ। କାରଣ ବ୍ୟକ୍ତି ସେ ବିଷୟରେ କାହା ସହ ଆଲୋଚନା କରି ନ ଥାଏ। ସେ ତାର ଦୁର୍ବଳ ଦିଗଟି କାହାକୁ ଦେଖାଇବାକୁ ଚାହିଁ ନ ଥାଏ। ସେଇ ଦୁର୍ବଳତାକୁ ସାମ୍ନା କରି ନ ପାରି ସେ ଆତ୍ମହତ୍ୟା କରେ। ଆମେ ସମସ୍ତେ ବ୍ୟକ୍ତି ସ୍ୱାଧୀନତା ବିଷୟରେ ବେଶ୍ ଡିଣ୍ଡିମ ପିଟୁ। ମାତ୍ର, ଯେଉଁଠି ଅନ୍ୟର ସ୍ୱାଧୀନତା କଥା ଉଠେ, ଆମେ ପଛଘୁଞ୍ଚା ଦେଉ। ଅନେକ ସମୟରେ ଆମ ପିଲାମାନଙ୍କ ଜୀବନରେ କଣ ଘଟୁଛି ଆମେ ଜାଣୁ ନା। କୌଣସି ଅଭିଭାବକଙ୍କୁ ଯଦି କୁହାଯାଏ କି ତାଙ୍କର ପୁଅ କିମ୍ବା ଝିଅ ପ୍ରେମରେ ପଡ଼ିଛନ୍ତି ବୋଲି, ସେମାନେ ପ୍ରଥମେ ଉତ୍ତର ଦେବେ କି ଆମ ପିଲା ଏତେ ଖରାପ ନୁହେଁ, ସେ ଏମିତି କରି ପାରିବନି। ସତେ ଯେମିତି ପ୍ରେମ କରିବା ଏକ ଅକ୍ଷମଣୀୟ ଅପରାଧ। ସେମାନେ କହିବେ କି ତାକୁ ପାଠ ପଢେଇବା ପାଇଁ ଆମେ ଏତେ କଷ୍ଟ କରୁଚୁ ଇଏ କିନ୍ତୁ ଏଇସବୁ କରୁଚି। ଅଧିକାଂଶ ପିଲା ଅସଫଳ ପ୍ରେମରେ ଆତ୍ମହତ୍ୟା କରନ୍ତି ଏଇଥିପାଇଁ। କାରଣ ସତ୍ ଉପଦେଶ ଦେବା ପାଇଁ କେହି ନ ଥାଆନ୍ତି। କୌଣସି ପରୀକ୍ଷାରେ କମ୍ ନମ୍ବର ରଖିବା, କାହା ସହ ଝଗଡ଼ା ବା ମନୋମାଳିନ୍ୟ ହେବା, କାହା ପ୍ରତି ଆକର୍ଷିତ ହେବା ଇତ୍ୟାଦି କଥା ପିଲାଟି ଘରେ ଜଣାଇ ନଥାଏ କାରଣ ତାର ଦଣ୍ଡର ଭୟ ଥାଏ। ସେ ଏସବୁର ବିକଳ୍ପ ଭାବରେ ମିଛ କହିବା, ଭୁଲ୍ କାମ କରିବା ଓ ଭୁଲ୍ ବାଟରେ ଯିବା ପାଇଁ ପଛାଏ ନାହିଁ।ଆମେ କଣ କେବେ କାଚ କାନ୍ଥର ଏପାଖରେ ଥିବା ଆଜ୍ଞାକାରୀ, ପରିଶ୍ରମୀ ଓ ନୀରିହ ପିଲାଟିକୁ ଦେଖୁ? ଏହା ଆମ ଦୃଷ୍ଟିକୁ ସୁହାଇବା ପାଇଁ ସେ ଆମକୁ ଦେଖାଏ ନା ଆମେ ହିଁ କାଚ ପଛର ଚେହେରାଟି ଦେଖି ପାରୁ ନାହୁଁ? ଆଗ କାଳରେ ରାଜା, ରାଣୀ, ମହାରାଜା, ମହାରାଣୀ କିମ୍ବା ସମ୍ରାଟ, ସାମ୍ରାଜ୍ଞିମାନଙ୍କର ଅଙ୍କା ଯାଇଥିବା ତୈଳ ଚିତ୍ର ଦେଖିଲେ ସ୍ୱତଃ ଭାବନା ଆସେ, ଏମାନେ କଣ ସମସ୍ତେ ସୁନ୍ଦର ରୂପ ଓ ସ୍ୱାସ୍ଥ୍ୟର ଅଧିକାରୀ ଥିଲେ? ନା ତାଙ୍କ ନିର୍ଦ୍ଦେଶରେ ସେପରି ଅଙ୍କା ଯାଉଥିଲା? ଆମେ ବଜାରରେ ଦର୍ପଣ କିଣିବାକୁ ଗଲାବେଳେ ମଧ୍ୟ ସେଇଆ ହିଁ କରୁ। ଯେଉଁ ଦର୍ପଣ ଆମକୁ ସୁନ୍ଦର ଦେଖାଏ, ଆମେ ତାକୁ ହିଁ କିଣି ଆଣୁ। ମୋବାଇଲରେ ଫୋଟୋ ଉଠେଇଲା ବେଳେ ମଧ୍ୟ ଆମେ ପରୀକ୍ଷା କରୁ କିପରି ଉଠିଛି। ଝିଅକୁ ସଜେଇ, ଗୋରୀ ସୁନ୍ଦରୀ ଦେଖାଇ ଓ ପୁଅର ରୋଜଗାର ବିଷୟରେ ମିଛ କହି ବାହାଘର କରି ଦିଆ ଯାଏ। ସମ୍ପର୍କ ଟିଏ ମିଛର ଭିତ୍ତିଭୂମି ଉପରେ ହିଁ ଗଢା ହୁଏ। ଛୁଆଟି ସ୍କୁଲ ଯାଉ ଯାଉ ତାର ଶିଖିବାର ଆଗ୍ରହକୁ ଆମେ ଧୀରେ ଧୀରେ ଜିଦ୍ ରେ ପରିଣତ କରି ଦେଉ। ତାକୁ ମଧ୍ୟ ଶିଖାଇ ଦେଉ ମିଛ କହିବା। ଖାଇବାରେ, ପିନ୍ଧିବାରେ, ଚଳିବାରେ ମିଛ ଶୁଣି ଶୁଣି ସେ ମଧ୍ୟ ଗୋଟିଏ ମିଛର ମୁଖା ପିନ୍ଧି ବାହାରକୁ ବାହାରେ। ମୁଖା ଅପସାରିତ ହୋଇଗଲେ ସେ ସମ୍ଭାଳି ପାରେନା। ତାକୁ ଯେପରି କାଚଘରର ଜୀବନ ଭଲ ଲାଗେ, ସେ ଚାହେଁ ଅନ୍ୟମାନେ ବି ତାକୁ ସେଇପରି ଗ୍ରହଣ କରନ୍ତୁ। ମାତ୍ର ସବୁବେଳେ ଏହା ସମ୍ଭବ ହୁଏ ନାହିଁ। ଅନ୍ୟମାନଙ୍କ ଆଖିରେ ଧରା ପଡ଼ିଲା ପରେ ମଣିଷ ନିଜ ଆଖିରେ ତଳକୁ ଖସି ଯାଏ।

ଜୀବନର ଉଦ୍ଦେଶ୍ୟ ମହତ୍ତର। ନିଜକୁ ଅନ୍ତରରୁ ପରିବର୍ତ୍ତନ କରିବା ଆବଶ୍ୟକ। ବାହ୍ୟ ରୂପଟି ଯେ ମରଣଶୀଳ ଦୁନିଆରେ ଚିରସ୍ଥାୟୀ ନୁହେଁ, ଏକଥା ହୃଦ୍‌ବୋଧ କରିବାମାତ୍ରେ ଛଦ୍ମସ୍ୱରୂପ ପ୍ରତି ମୋହଭଙ୍ଗ ହେବ। ମୁଁ ଯେପରି, ସେପରି ରହିବା ଆବଶ୍ୟକ, ଏହି ଚିନ୍ତନ ହିଁ ସର୍ବଶ୍ରେଷ୍ଠ ବ୍ୟକ୍ତି ସ୍ୱାଧୀନତା, କାଚ କାନ୍ଥର ଜୀବନ ନୁହେଁ।







**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

● ଆରଏସ୍‌ଏସ୍ ଭୁବନେଶ୍ୱର ମହାନଗରର ଶତାବ୍ଦୀ ବର୍ଷ

# ଏକକାଳୀନ ୪ଟି ସ୍ଥାନରେ ସ୍ୱାଗତ ସଂଚଳନ

**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଶତାବ୍ଦୀ ବର୍ଷ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ଆଜି ଅପରାହ୍ଣରେ ସଂଘର ଭୁବନେଶ୍ୱର ମହାନଗର ପକ୍ଷରୁ ଶତାବ୍ଦୀ ବର୍ଷ ସ୍ୱାଗତ ସଞ୍ଚଳନ ଅନୁଷ୍ଠିତ ହୋଇଛି। ଏହି ପଥ ସଞ୍ଚଳନ ଏକକାଳୀନ ୪ଟି ସ୍ଥାନ ସହିଦ ନଗର ଦୁର୍ଗା ମଣ୍ଡପ, ଖାରବେଳ ନଗର, ୟୁନିଟ-୩ ନୂଆ ସରସ୍ୱତୀ ଶିଶୁ ମନ୍ଦିର ଓ ୟୁନିଟ-୩ ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ବାହାରିଥିଲା। ପ୍ରଥମ ସଞ୍ଚଳନ ଶହୀଦ ନଗର ଦୁର୍ଗାମଣ୍ଡପ ନିକଟରୁ ବାହାରି ସତ୍ୟ ନଗର ଛକ ଦେଇ ରାମ ମନ୍ଦିର ଛକରେ ପହଞ୍ଚିଥଲା। ସେହିପରି ଦ୍ୱିତୀୟ ସଞ୍ଚଳନ ଖଦି ବୋର୍ଡ ସାମ୍ନାରୁ ବାହାରି ଶ୍ରୀୟା ଟକିଜ୍ ଛକ, ପ୍ରେସ କଲୋନୀ ସ୍କୁଲ, ଦୃଷ୍ଟିହୀନ ଅଫିସ, ସତ୍ୟନଗର ଛକ ହୋଇ ରାମ ମନ୍ଦିର ଛକ ନିକଟରେ ପହଞ୍ଚିଥିଲା। ତୃତୀୟ ସଞ୍ଚଳନ ୟୁନିଟ୍-୩ ନୂଆ ସରସ୍ୱତୀ



ଶିଶୁ ବିଦ୍ୟା ମନ୍ଦିରରୁ ବାହାରି କେଶରୀ ଟକିଜ୍ ପଛ ରୋଡ୍, ପ୍ରଦର୍ଶନୀ ପଡ଼ିଆ ରାସ୍ତା ଦେଇ ରାମ ମନ୍ଦିର ଛକରେ ପହଞ୍ଚିଥିଲା। ଏହାଛଡ଼ା ଚତୁର୍ଥ ସଞ୍ଚଳନଟି ୟୁନିଟ୍-୩ ପୁରୁଣା ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ବାହାରି ଶ୍ରୀୟା ଟକିଜ୍ ଛକ ଦେଇ ରାମ ମନ୍ଦିର ଛକରେ ପହଞ୍ଚିଥିଲା। ୪ଟି ଯାକ ସଞ୍ଚଳନ ରାମ ମନ୍ଦିର ଛକରୁ ୯ଟି ପ୍ରତତିରେ ମାଷ୍ଟର କ୍ୟାଣ୍ଟିନ୍ ଦେଇ ଲୋୟର ପିଏମଜି ଛକରେ ପହଞ୍ଚିବା ପରେ ସେଠାରେ ପଥ ସଞ୍ଚଳନ ଶେଷ ହୋଇଥିଲା। ଆର୍‌ଏସ୍‌ଏସ୍, ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଘ ଚାଳକ ସମୀର କୁମାର ମହାନ୍ତି, ସହ ପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ, ମହାନଗର ସଂଘ ଚାଳକ ଶ୍ରୀନିବାସ ମାନସିଂହ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ବେଳେ ମହାନଗର କାର୍ଯ୍ୟବାହ କ୍ଷୀରୋଦ ବିହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସଂଘର କ୍ଷେତ୍ରୀୟ ଓ ପ୍ରାନ୍ତୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ରମାଦେବୀରେ ‘ଭୋସାପ୍ ଭିଜନ ଡ୍ରାଇଭ୍ ୨୦୨୫’ ଅନୁଷ୍ଠିତ

# ଦୃଷ୍ଟିବାଧିତଙ୍କୁ ମିଳିବ ସ୍ମାର୍ଟ ଅନ ଚଷମା

**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗ ଦୃଷ୍ଟିବାଧିତ ଆଉ ଷ୍ଟିକ୍ କିମ୍ବା ମଣିଷଙ୍କ ସହାୟତା ଉପରେ ନିର୍ଭରଶୀଳ ହେବେନାହିଁ। ସେମାନେ ବି ଅନ୍ୟ କାହାର ସାହାଯ୍ୟ ବିନା ସାଧାରଣ ଲୋକଙ୍କ ଭଳି ସବୁ କାମ କରିପାରିବେ। ଆଜି ସ୍ଥାନୀୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଶିଶୁ ଓ ମହିଳା ବିକାଶ ସୋସାଇଟିଓ ଜିନ୍ଦଲ୍ ଫାଉଣ୍ଡେସନ୍‌ଙ୍କ ସହଯୋଗରେ ‘ଭୋସାପ୍ ଭିଜନ ଡ୍ରାଇଭ୍ ୨୦୨୫’ କାର୍ଯ୍ୟକ୍ରମରେ ୨୦୦ ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କୁ ମାଗଣାରେ ସ୍ମାର୍ଟ ଅନ୍ ଚଷମା ଓ ସ୍ମାର୍ଟ ୱାଲେଟ୍ ପ୍ରଦାନ କରାଯାଇଛି। ଆଗକୁ ରାଜ୍ୟର ସବୁ ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କୁ ମଧ୍ୟ ଏହା ପ୍ରଦାନ କରାଯିବ। ଆଗାମୀ ୨୦୪୭ ସୁଦ୍ଧା ସବୁ ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କ ନିକଟରେ ଏହି ସ୍ମାର୍ଟ ଅନ୍ ଚଷମା ଓ ସ୍ମାର୍ଟ ୱାଲେଟ୍ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ଦିବ୍ୟାଙ୍ଗ ଦୃଷ୍ଟିବାଧିତ ମାନେ ସ୍ମାର୍ଟ ଅନ୍ ଚଷମା ବ୍ୟବହାର କରି ରାସ୍ତା ପାର ହୋଇପାରିବେ। ଏଥିସହ



ସେମାନେ କମ୍ପ୍ୟୁଟର ସ୍କ୍ରିନ ପଢ଼ିପାରିବେ, ଟଙ୍କା ବି ଚିହ୍ନିପାରିବେ। ଏମିତି ସବୁ ଟିକନିକ୍ କାମ ସବୁ କରିପାରିବେ। ଏସବୁ କାମ କରିବାରେ ଏହି ଚଷମା ସେମାନଙ୍କୁ ସାହାଯ୍ୟ କରିବ। ଏହି ଚଷମାରେ ସୂକ୍ଷ୍ମ କ୍ୟାମେରା ଲାଗିଯାଇଥିବା ବେଳେ ଏହାକୁ ମୋବାଇଲରେ ଆପ୍ ସହ ଯୋଡ଼ାଯିବ। ଏଥିସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏହାକୁ ଅପରେଟ୍ କରିବ। କ୍ୟାମେରା ଯାହା ଦେଖିବ ଅଡିଓ ଜରିଆରେ ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କ କାନରେ ତାହା ଶୁଣାଇଦେବ। ସାମ୍ନାରେ କିଏ ଅଛି, କେଉଁ ରଙ୍ଗର ଶାର୍ଟ ପିନ୍ଧିଛି, ବହିରେ କ’ଣ ଲେଖା ଯାଇଛି, କେତେ ଟଙ୍କିଆ ନୋଟ ଇତ୍ୟାଦି ସବୁକିଛି କହିବ। ସାଧାରଣ ସୁସ୍ଥ ଲୋକ ମଣିଷର ଆଖି ଯାହା ଦେଖୁଛି, ଯେମିତି ଗଣନା କରୁଛି ଠିକ୍ ସେମିତି ସବୁ କଥା ଏହି କ୍ୟାମେରା ଦେଖିବ, ଜାଣିବ ଓ ଆନାଲିସିସ୍ କରି ଭଏସ ମାଧ୍ୟମରେ କାନରେ କହିଦେବ। ଏହାକୁ ବ୍ୟବହାର କରୁଥିବା ଦିବ୍ୟାଙ୍ଗ ଦୃଷ୍ଟିବାଧିତଙ୍କ ପ୍ରଶ୍ନ ଶୁଣି ଉତ୍ତର ବି ଦେବ। ଏଭଳି ଚମତ୍କାର ଏଆଇ କ୍ୟାମେରାକୁ ବ୍ୟବହାର କରି ଦିବ୍ୟାଙ୍ଗ ଦୃଷ୍ଟିବାଧିତମାନେ ରୋଜଗାର କରିବା ସହିତ ଭାରତ ଅର୍ଥନୀତିରେ ଅଧିକ ଯୋଗଦାନ କରିପାରିବେ। ଏହି ଚଷମାକୁ ବ୍ୟବହାର କରିବା ଦ୍ୱାରା ଅଫିସରେ କମ୍ପ୍ୟୁଟର ସ୍କ୍ରିନକୁ ପଢ଼ି କାମ କରିବେ। ସରକାରୀ ଅଫିସରେ ଫାଇଲ ପଢ଼ିପାରିବେ। ପରୀକ୍ଷା ପାଇଁ ମଧ୍ୟ ସହଜରେ ପ୍ରସ୍ତୁତ ହୋଇପାରିବେ। ତେବେ ବର୍ତ୍ତମାନ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ଅଡିଓ ଆସିବ। ପରେ ଓଡ଼ିଆ ଭାଷାରେ ମଧ୍ୟ ଓଡ଼ିଆ ଦିବ୍ୟାଙ୍ଗ ଦୃଷ୍ଟିବାଧିତମାନେ ଶୁଣି ପାରିବେ। ଏହାଛଡା ସ୍ମାର୍ଟ ୱାଲେଟ ବି ପ୍ରଦାନ କରାଯାଇଥିଲା। ଏହା ଏକ ଆପ୍ ହୋଇଥିବା ବେଳେ ଏହାକୁ ମୋବାଇଲରେ ଇନଷ୍ଟଲ୍ କରିବାକୁ ପଡ଼ିବ। ଏହି ୱାଲେଟକୁ ବ୍ୟବହାର କରି ଟଙ୍କା ଅସଲି କି ନକଲି, ତା’ ମଧ୍ୟ ଦିବ୍ୟାଙ୍ଗ ଦୃଷ୍ଟିବାଧିତ ଜାଣିପାରିବେ। ଆଗାମୀ ଦିନରେ ଏହା ସବସିଡିରେ ମିଳିବ ବୋଲି ଜଣାପଡ଼ିଛି।

● ଡ. ଲୋହିଆ ସ୍ମରଣ ସଭାରେ ଅତିଥିଙ୍କ ମତ

## ସମ୍ପୂର୍ଣ୍ଣ କ୍ରାନ୍ତି ଦେଶକୁ ସମୃଦ୍ଧ ରଖିପାରିବ



**କଟକ,୧୨।୧୦(ସଂଚାର ବ୍ୟୁରୋ):** ୫୦ ବର୍ଷ ତଳେ ଗଣତନ୍ତ୍ର ଓ ସମ୍ବିଧାନ ଉପରେ ପ୍ରହାର ପରିପ୍ରେକ୍ଷୀରେ ଲୋକନାୟକ ଜୟ ପ୍ରକାଶ ନାରାୟଣ ସମ୍ପୂର୍ଣ୍ଣ କ୍ରାନ୍ତି ଡାକରା ଦେଇଥିଲେ। ତାହାର ଆଜି ବି ପ୍ରାସଙ୍ଗିକତା ରହିଥିବା ବେଳେ ପୂର୍ବରୁ ତାଙ୍କ ରାଜନୈତିକ ଅନୁଜ ଓ ଭାରତଛାଡ଼ ଆନ୍ଦୋଳନର ସହଯୋଦ୍ଧା ରାମ ମନୋହର ଲୋହିଆ ସମ୍ପୂର୍ଣ୍ଣକ୍ରାନ୍ତି କରି ସ୍ୱାଧୀନ ଭାରତକୁ ଶୋଷଣମୁକ୍ତ ଦୁନିଆର ଉଦାହରଣ ପାଇଁ ଆହ୍ୱାନ ଦେଇଥିଲେ। ଏହାର ଲକ୍ଷ୍ୟ ଥିଲା ଜାତି, ଧର୍ମ, ବର୍ଗ, ବର୍ଣ୍ଣ, ଲିଙ୍ଗ ଓ ଅଞ୍ଚଳ ଭେଦ ନ ଥିବା ଏକ ସମାଜ ଗଢ଼ିବା, ଯାହା ଚିରଦିନ ସ୍ୱାଧୀନ ଓ ସମୃଦ୍ଧ ରହିପାରିବ। ସ୍ୱାଧୀନତା ଆନ୍ଦୋଳନର ଏହି ମୂଲ୍ୟବୋଧ ସମ୍ବିଧାନରେ ପ୍ରତିଫଳିତ ହୋଇଥିବାରୁ ଆଜିର ଦିନରେ ସମ୍ବିଧାନକୁ ସମ୍ମାନ ଦେବା ତଥା ଏହାର ସୁରକ୍ଷା ପ୍ରତି ନାଗରିକର ପରମ କର୍ତ୍ତବ୍ୟ ବୋଲି ଏଠାରେ ଅନୁଷ୍ଠିତ ଲୋହିଆଙ୍କ ସ୍ମରଣ ସଭାରେ ମତ ପ୍ରକାଶ ପାଇଛି। ରବି ରାୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ସଭାରେ ଚିତ୍ତ ରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଅଖିଳ ଭାରତ ଲୋହିଆ ସଂସ୍ଥାର ସଭାପତି ଅଭିଷେକ ରଞ୍ଜନ ସିଂହ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହାଛଡ଼ା ସଭାରେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଶିଶିର ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ସୁକାନ୍ତ ନାୟକ, କୃଷ୍ଣକେଶବ ମିଶ୍ର, ଯୁଗଳ ନାୟକ, ବିଶ୍ୱଜିତ ରାୟ, କମରୁଲ ହୁସେନ, ଡଲି ଦାସ, କ୍ଷୀରୋଦ ରାଉତ ଅରବିନ୍ଦ ରାଉତରାୟ, ଶର୍ମିଷ୍ଠା ନାଥ, ଜୟନ୍ତ ଦାସ, ଅରବିନ୍ଦ ମଲ୍ଲିକ ବକ୍ତବ୍ୟ ରଖିଥିଲେ। ରବି ରାୟ ଏକାଡେମୀ ସମ୍ପାଦକ ଇଂ. କ୍ଷୀରୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା



**କଟକ,୧୨।୧୦(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ଣ ୧୦ଟା ସମୟରେ ପ୍ରାଚୀ ସାହିତ୍ୟ ସମାଜ ଓ ସାହିତ୍ୟ ସଂସଦର ସାହିତ୍ୟ ସଭା, କବିତା ପାଠ ଓ ପୁସ୍ତକ ଉନ୍ମୋଚନ ସ୍ଥାନୀୟ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଫେସର ମନ୍ଦାକିନୀ ଦାସ ସଭାପତିତ୍ୱ କରି ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ପ୍ରାଚୀ ପତ୍ରିକାର ସମ୍ପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡଃ ବୈଷ୍ଣବ ଚରଣ ସାମଲ, ମୁଖ୍ୟ ବକ୍ତା ଭାବେ ଡଃ ନଟବର ଶତପଥୀ, ବିଶିଷ୍ଟ ଅତିଥି ଭାବେ ଡଃ ବାବାଜୀ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଡଃ ସଚ୍ଚିନ୍ଦ୍ର ରାଉଲ, ଅଧ୍ୟାପକ ବିଦ୍ୟା ଭୂଷଣ ମହାନ୍ତି ଯୋଗଦେଇ ସାମ୍ପ୍ରତିକ ସମୟରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ସଭାରେ ନରୋତ୍ତମ ଗାଣଙ୍କ ‘ତୃତୀୟ ନେତ୍ର’ ପୁସ୍ତକ ଉନ୍ମୋଚିତ ହୋଇଛି। ସଭାରେ ପ୍ରଫେସର ଡଃ ଲବଙ୍ଗଲତା ବିଶୋଇ, ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ସନ୍ତୋଷ କୁମାର ପାଲ୍, ରାକେଶ ଶତପଥୀ, ରମେଶ ଚନ୍ଦ୍ର ସାହୁ, ଅଭିଷେକ ଆଚାର୍ଯ୍ୟ, ଡଃ ତ୍ରିଲୋଚନ ଜେନା, ବିଜୟ କୁମାର ମହାଲିକ, ଆଲୋକ କୁମାର ଆଚାର୍ଯ୍ୟ, ଡଃ ରଞ୍ଜନ ଜତି, ପ୍ରଦୀପ ସାମଲ, ଦମୟନ୍ତୀ ଜେନା, କିଶୋର କୁମାର ମିଶ୍ର, ପ୍ରୀତୀଶ କୁମାର ନାୟକ, ଦେବେଶ ରଞ୍ଜନ ଚଇନି, ପ୍ରିୟରଞ୍ଜନ ମହାପାତ୍ର, ଜିତେନ କୁମାର ଦାଶ ଓ ଓମ୍ ପ୍ରକାଶ ମହାପାତ୍ରଙ୍କୁ ପ୍ରାଚୀ ସମ୍ମାନରେ ସମ୍ମାନିତ କରାଯାଇଛି। ସଭା ପ୍ରାରମ୍ଭରେ ଅଜିତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡଃ ଓଁକାର ରାଉତ ଧନ୍ୟବାଦ ଦେଇଥିଲେ। କବିତା ପାଠୋତ୍ସବର ସଂଯୋଜନା ଡକ୍ଟର ବସନ୍ତ କୁମାରୀ ନନ୍ଦ କରିଥିଲେ।

## ଆରଟିଆଇ ନେଇ କେନ୍ଦ୍ର ଉପରେ ବର୍ଷିଲା କଂଗ୍ରେସ



**ଭୁବନେଶ୍ୱର, ୧୨।୧୦ (ସଂଚାର ବ୍ୟୁରୋ):** ସୂଚନା ଅଧିକାର ଆଇନ (ଆରଟିଆଇ) ରେ ଗରିବରୁ ଗରିବ ମଧ୍ୟ ଅପିଲ କରି ନ୍ୟାୟ ପାଇବା ସହ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସହାୟକ ହେବ ବୋଲି ଆଶା କରାଯାଉଥିଲା। ୟୁପିଏ ସରକାର ଏହା ଲାଗୁ କରି ସମାଜର ତଳ ସ୍ତରର ଲୋକଙ୍କୁ ନ୍ୟାୟ ଦେବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏବକାର କେନ୍ଦ୍ର ସରକାର ଲୋକଙ୍କ ଅଧିକାର ପ୍ରତି ଅବହେଳା କରୁଛନ୍ତି ବୋଲି ଆଜି କଂଗ୍ରେସ ଭବନରେ ଆର୍‌ଟିଆଇର ୨୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରରେ ୟୁପିଏ ସରକାର ଅମଳରେ ମନରେଗା, ଶିକ୍ଷା ଅଧିକାର ଆଇନ୍, ଖାଦ୍ୟ ସୁରକ୍ଷା ଆଇନ ଓ ଜଙ୍ଗଲ ସମ୍ପଦ ଅଧିକାର ଆଇନ ପରି ଅନେକ ବିଧିବ୍ୟବସ୍ଥା ହୋଇଥିଲା। ଆରଟିଆଇ ବଳରେ ପେନସନରେ ଅବହେଳା ହେଲେ ସୂଚନା ସଂଗ୍ରହ କରି ନ୍ୟାୟ ମିଳିପାରୁଥିଲା। ସେମିତି ସମସ୍ତ କ୍ଷେତ୍ରରେ ଆରଟିଆଇ ସୂଚନା ଅବହେଳା କରି ଲୋକଙ୍କ ଅଧିକାରକୁ ସରକାର ଛଡାଇ ନେଇଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି। ସେହିପରି ବରିଷ୍ଠ ନେତା ତଥା ଆରଟିଆଇ କର୍ମୀ ସଂଗଠନର ଆଇନ ପରାମର୍ଶଦାତା ଶିବାନନ୍ଦ ରାୟ କହିଛନ୍ତି ଯେ ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କ ଚେଷ୍ଟାରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଉଦ୍ୟମରେ ଗତ ୨୦୦୫ରେ ଆର୍‌ଟିଆଇ କାର୍ଯ୍ୟକାରୀ ହୋଇଥିଲେ ହେଁ ବର୍ତ୍ତମାନର ସରକାର ଏହାକୁ ଠିକ୍ ଭାବେ ପରିଚାଳନା କରୁନାହାନ୍ତି। ଓଡ଼ିଶାରେ ୯ ଜଣ ଆର୍‌ଟିଆଇ କର୍ମୀଙ୍କୁ ହତ୍ୟା କରାଯାଇଛି। ୟୁପିଏ ସରକାର ଖଣି ଦୁର୍ନୀତିକୁ ନେଇ ସାହା କମିଶନ ବସାଇଥିବା ବେଳେ ସୂଚନା କର୍ମୀ ସଂଗଠନ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଏହି ଆଇନ ବଳରେ ଅନେକ ଦୁର୍ନୀତିର ପର୍ଦ୍ଦାଫାସ କରିଛନ୍ତି। କିନ୍ତୁ କୋଭିଡ ସମୟରେ ହୋଇଥିବା ଦୁର୍ନୀତିର ତଥ୍ୟ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବି ଆଜି ପର୍ଯ୍ୟନ୍ତ ଶ୍ରୀ ପ୍ରଧାନଙ୍କୁ ସରକାର ଦେଇନାହାନ୍ତି। ସୂଚନା କର୍ମୀଙ୍କୁ ସୁରକ୍ଷା ଦରକାର ଓ ଏହି ସୁରକ୍ଷା ଯୋଗାଇଦେବା ଦାୟିତ୍ୱ ସରକାରଙ୍କର। କିନ୍ତୁ ସରକାର ଏଥିରେ ଅବହେଳା କରୁଛନ୍ତି ବୋଲି ଶ୍ରୀ ରାୟ ଅଭିଯୋଗ କରିଛନ୍ତି। ଏହାଛଡ଼ା ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଆର୍‌ଟିଆଇକୁ ସଠିକ୍ ଭାବେ କାର୍ଯ୍ୟ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ସାଧାରଣ ଜନତା ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି କହିଛନ୍ତି।





କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟେବୁଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ଶିପ୍ ଦେଖିବା ସକାଶେ ଦର୍ଶକଙ୍କ ଭିଡ଼।

● ଏସୟୁଜେ ଓଡ଼ିଶାର ବୈଠକ

## ସାମ୍ବାଦିକ ଓ ଅଣସାମ୍ବାଦିକଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଦାବି

**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନରେ ଅହେତୁକ ବିଳମ୍ବ କରୁଛନ୍ତି। ସମାନ ଭାବେ କାର୍ଯ୍ୟରତ ସାମ୍ବାଦିକ ଓ ଅଣସାମ୍ବାଦିକଙ୍କୁ ସରକାର ସାମ୍ବାଦିକ କଲ୍ୟାଣ ଯୋଜନାରେ ସାମିଲ୍ କରିବା ସହ ଯଥାଶୀଘ୍ର ଭତ୍ତା, ପେନସନ, ୨୫ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ରାଜଧାନୀରେ ସାମ୍ବାଦିକ ଅତିଥି ଭବନ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ବୀମା ଅନ୍ତର୍ଭୁକ୍ତ ସମସ୍ତ ସାମ୍ବାଦିକଙ୍କୁ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକର ମର୍ଯ୍ୟାଦା ପ୍ରଦାନ ଆଦି ସୁବିଧା ଯୋଗାଇଦେବାକୁ ଆଜି ଅନୁଷ୍ଠିତ ଏସୟୁଜେ, ଓଡ଼ିଶାର ସମସ୍ତ ଜିଲ୍ଲା ଶାଖା ସଭାପତି ଓ ସାଧାରଣ ସମ୍ପାଦକଙ୍କ ବୈଠକରେ ଦାବି କରାଯାଇଛି। ସ୍ଥାନୀୟ ରେଡକ୍ରସ





ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରି ସାମ୍ବାଦିକମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଘର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସାମ୍ବାଦିକ ୟୁନିୟନର ସାଙ୍ଗଠନିକ ସମ୍ପାଦକ ଡଃ ଚିନ୍ତାମଣି ପାଢ଼ୀ, ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ବରିଷ୍ଠ ଉପସଭାପତି ବାସୁଦେବ ତ୍ରିପାଠୀ, ରାଧାଶ୍ୟାମ ପ୍ରଧାନ, ମହେନ୍ଦ୍ର ଦର୍ଜୀ, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କର, କୋଷାଧ୍ୟକ୍ଷ ଟୁନା ଜେନା ଓ ସମସ୍ତ ଜିଲ୍ଲାର ସଭାପତି, ସାଧାରଣ ସମ୍ପାଦକ ଅଂଶଗ୍ରହଣ କରିଥିଲେ। କଟକ ଜିଲ୍ଲା ଶାଖା ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ, ବରିଷ୍ଠ ସଭ୍ୟ ନଚିକେତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରାଜ୍ୟ ସଂଗଠନ ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

ସିଜେଆଇଙ୍କୁ ଅପମାନ ପ୍ରସଙ୍ଗ

## ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସ ପକ୍ଷରୁ ନୀରବ ପ୍ରତିବାଦ ଯାତ୍ରା

**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର, ଗଭାଇଙ୍କୁ ଚପଲ ମାଡ଼ ପାଇଁ ହୋଇଥିବା ଉଦ୍ୟମକୁ ବିରୋଧ କରି ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ କଂଗ୍ରେସ ଭବନଠାରୁ ଏଜି ଛକସ୍ଥିତ ଡ ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ସମ୍ବିଧାନ ସୁରକ୍ଷା ଯାତ୍ରା ନାମରେ ଏକ ନୀରବ ପ୍ରତିବାଦ ଯାତ୍ରା ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ହୋଇଛି। ବିଭାଗର ସମସ୍ତ ରାଜ୍ୟ କର୍ମକର୍ତ୍ତା ତଥା ଜିଲ୍ଲା ଅଧ୍ୟକ୍ଷ ଉକ୍ତ ଯାତ୍ରାରେ ସାମିଲ ହୋଇଥିଲେ। ପରେ ଏଜି ଛକଠାରେ ସମବେତ ହୋଇ ସାମ୍ପ୍ରଦାୟିକ ଶକ୍ତି ଦ୍ୱାରା ଦେଶର ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଦେଶରେ ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ଶପଥ ନେଇଥିଲେ। ସିଜେଇଙ୍କୁ ଅପମାନିତ କରାଯାଉଥିବା ବେଳେ ଦେଶରେ ସାଧାରଣ ଜନତାଙ୍କ ଅବସ୍ଥା କ’ଣ ବୋଲି ଶ୍ରୀ ମଲ୍ଲିକ କହିବା ସହ ଆଗାମୀ ଦିନରେ ରାହୁଲ ଗାନ୍ଧିଙ୍କ ନିର୍ଦ୍ଦେଶ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ





କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ରାଜ୍ୟର ପ୍ରତି ଜିଲ୍ଲାରେ ପ୍ରତିବାଦ ସଭା ଆୟୋଜିତ ହେବ ବୋଲି ଶ୍ରୀ ମଲ୍ଲିକ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପିସିସି ସମ୍ପାଦିକା ଅନିମା ମିଞ୍ଜ ଓ ଓବିସି ଜାତୀୟ ସଂଯୋଜକ ରାଜ କିଶୋର ବାରିକ, ରାଜ୍ୟ ଉପାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ପାତ୍ର, ମାଣିକପ୍ରଭା, ଗଜେନ୍ଦ୍ର ତନ୍ତି, ଜାନକୀ ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦକ ରାମଲାଲ ସୁନାନୀ, ଗୋବିନ୍ଦ ନାୟକ, ରାଜେନ୍ଦ୍ର କୁମାର ଜେନା, ଉମାକାନ୍ତ ମଲ୍ଲିକ, ଶିବ ପ୍ରସାଦ ବେହେରା ତଥା ଖୋର୍ଦ୍ଧା ଜିଲ୍ଲା ଅଧ୍ୟକ୍ଷ ଜୟନ୍ତ ଭୋଇ, ଅନୁଗୁଳ ଅଧ୍ୟକ୍ଷ ରାଜକିଶୋର ନାୟକ, କଟକ ଅଧ୍ୟକ୍ଷ ପ୍ରତାପ ମଲ୍ଲିକ, ବରଗଡ଼ ଅଧ୍ୟକ୍ଷ ଅଭିଷେକ ସେଠ, ଭଦ୍ରକ ଅଧ୍ୟକ୍ଷ ବିଦ୍ୟାଧର ଜେନା, ରାଜ୍ୟ ସମ୍ପାଦକ ରଞ୍ଜନ ଭୋଇ, ପ୍ରମୋଦ ମଲ୍ଲିକ, ବିକାଶ ଦାସ, ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ଡାକ୍ତରଖାନାର ପରିତ୍ୟକ୍ତ କୋଠରିରୁ ୩ କଙ୍କାଳ ଉଦ୍ଧାର

**ପାଟଣାଗଡ଼,୧୨।୧୦(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଭଇଁଷା ଗ୍ରାମରେ ଡାକ୍ତରଖାନାର ଏକ ପରିତ୍ୟକ୍ତ କୋଠରିରୁ ୩ କଙ୍କାଳ ଠାବ ହୋଇଥିବା ବେଳେ ପୁଲିସ, ସାଇଣ୍ଟିଫିକ ଟିମ ତଦନ୍ତ କରି ଫେରି ଯାଇଥିବା ଜଣାପଡ଼ିଛି। ସକାଳୁ ଏହା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ତେବେ ଘଟଣା ସମ୍ପର୍କରେ ସୂଚନା ପାଇ ଘଟଣା ସ୍ଥଳରେ ଗାଁ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ପ୍ରକାଶ ଥାଉକି, ଉକ୍ତ ପରିତ୍ୟକ୍ତ କୋଠରୀରେ ପୂର୍ବରୁ ଭଇଁଷା ଡାକ୍ତରଖାନା ପରିଚାଳିତ ହେଉଥିଲା। ସେଠାରେ ଚିକିତ୍ସା କରାଯାଉଥିବା ବେଳେ ବର୍ତ୍ତମାନ ବର୍ଷେ ହେବ ନୂଆ କୋଠାକୁ ଭଇଁଷା ଡାକ୍ତରଖାନା ସ୍ଥାନାନ୍ତରିତ ହୋଇଛି। ଜବତ ୩ କଙ୍କାଳ କାହାର, କିପରି ସେଠାକୁ କଙ୍କାଳ ଆସିଲା ସେ ନେଇ ଉଚିତ ତଦନ୍ତ କରିବା ନେଇ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗଞ୍ଜେଇ ଚାଲାଣ ପଛରେ ଇଞ୍ଜିନିୟରିଂ ଛାତ୍ର

**କୋରାପୁଟ,୧୨।୧୦(ସଂଚାର ବ୍ୟୁରୋ):** କୋରାପୁଟ ରେଳ ଷ୍ଟେସନରୁ ନିୟମିତ ଭାବେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଆଜି କୋରାପୁଟ ଜିଆରପି ଏହାର ମାଷ୍ଟର୍ ମାଇଣ୍ଡ୍‌କୁ ଗିରଫ କରିବାରେ ସକ୍ଷମ ହୋଇଛି। ତେବେ ଏହି ମାଷ୍ଟର୍ ମାଇଣ୍ଡ୍ ଜଣଙ୍କ କୌଣସି ଅପାଠୁଆ କି କମ୍ ପାଠୁଆ ବେପାରୀ ନୁହଁନ୍ତି, ବରଂ ଜଣେ ସିଭିଲ ଇଞ୍ଜିନିୟରିଂ କରୁଥିବା ଛାତ୍ର। ଏହି ଚାଲାଣ ପଛର ମାଷ୍ଟରମାଇଣ୍ଡକୁ ଗିରଫ କରିବା ପରେ ସମ୍ପୃକ୍ତ ଅଞ୍ଚଳରେ ପୁଲିସ୍ ଗଞ୍ଜେଇ ଚୋରାଚାଲାଣର ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖିଛି। ଆଜି ମାଷ୍ଟରମାଇଣ୍ଡ ଦୈତାରୀ ଖେମୁଣ୍ଡୁଙ୍କୁ କୋରାପୁଟ ଜିଆର୍‌ପି ଗିରଫ କରିଥିବା ଜିଆରପି ଥାନାଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ବିଗତ ଦିନରେ କୋରାପୁଟ ଜିଆର୍‌ପି ଦୁଇ ଜର ଯୋଗାଣକାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ବେଳେ ଗତ ଏପ୍ରିଲରେ ବିହାରକୁ ଗଞ୍ଜେଇ ଚାଲାଣ





ଚାଲାଣ ବେଳେ ଷ୍ଟେସନ୍‌ରୁ ବାନ୍ଧିଲା ଜିଆର୍‌ପି

କରୁଥିବା ଅରବିନ୍ଦ କୁମାର ଶର୍ମା ନାମକ ଯୁବକକୁ ୩୪ କିଲୋ ଗଞ୍ଜେଇ ସହ ଗିରଫ କରିଥିଲା। ତାକୁ ଜେରା ସମୟରେ ମିଳିଥିବା ତଥ୍ୟ ଆଧାରରେ କୋରାପୁଟ ରେଳ ଷ୍ଟେସନ ନିକଟରେ ଥିବା ଦୈତାରୀଙ୍କୁ ଗିରଫ କରାଯାଇଛି। ଦୁଇ ବର୍ଷ ହେବ ସେ ଏହିଭଳି ରେଳ ଷ୍ଟେଶନ ନିକଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗଞ୍ଜେଇ ଯୋଗାଇଆସୁଥିବା ପୁଲିସ ନିକଟରେ ସ୍ୱୀକାର ମଧ୍ୟ କରିଛନ୍ତି। ଅଭିଯୁକ୍ତ ଦୈତାରୀ ଜଣେ ବିଟେକ ସିଭିଲ ପାସ୍‌ଆଉଟ ଛାତ୍ର ହୋଇଥିବା ବେଳେ ତାଙ୍କ ଘର କୋରାପୁଟ ବ୍ଲକ୍ ଅନ୍ତର୍ଗତ ପିତେଇ ଗ୍ରାମରେ ବୋଲି ପୁଲିସ୍ ସୂଚନା ଦେଇଛି। ସେ ରେଳ ଷ୍ଟେସନ୍ ନିକଟରେ ସରକାରୀ ଜମି ଜବରଦଖଲ କରି ସେଠାରେ ଘର କରି ରହିଆସୁଥିଲେ। ଏଥିସହ ସେ କୋରାପୁଟ ମଣ୍ଡଳ କାରାଗାରରେ ରାଜ୍ୟ ବାହାରୁ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଗିରଫ ହୋଇଥିବା କଏଦୀ ଜୀବନ କାଟୁଥିବା ମାଫିଆଙ୍କ ସହ ଯୋଗାଯୋଗ କରି ଚୋରା ଚାଲାଣ କରିଆସୁଥିଲେ। କୋରାପୁଟରେ ୩ ସାଙ୍ଗ ଏକାଠି ଗଞ୍ଜେଇ ବ୍ୟବସାୟ କରୁଥିବା ବେଳେ ପୂର୍ବରୁ ୨ ଜଣ ଗିରଫ ହୋଇ କୋରାପୁଟ ଜେଲରେ ଅଛନ୍ତି। ଜିଆରପି ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଦୈତାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ଆଗକୁ ଅଧିକ ତଦନ୍ତ କରାଯିବା ସହ ଅନ୍ୟ କେହି ସମ୍ପୃକ୍ତ ଥିଲେ ତୁରନ୍ତ ସେମାନଙ୍କୁ ଗିରଫ କରାଯିବ ବୋଲି ଶ୍ରୀମତୀ ମହନ୍ତ କହିଛନ୍ତି।

## ବୁଡ଼ିଗଲେ ଦୁଇ ନାବାଳକ ଜଣେ ଉଦ୍ଧାର, ଅନ୍ୟ ଜଣେ ନିଖୋଜ

**କଟକ,୧୨।୧୦(ସଂଚାର ବ୍ୟୁରୋ) :** କଟକ ବୟାଳିଶି ମୌଜା ବସନ୍ତ କୁଣ୍ଡଳ ଗାଁ ନିକଟରେ ଅଘଟଣ। ସିଡୁଆ ନଦୀରେ ବୁଡ଼ିଗଲେ ଦୁଇ ନାବାଳକ। ଜଣେ ନାବାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ବେଳେ ଆଉ ଜଣେ ନିଖୋଜ ରହିଛନ୍ତି। ଯାହାଙ୍କୁ ଉଦ୍ଧାର ପାଇଁ ଚାଲିଛି ସର୍ଚ୍ଚ ଅପରେସନ। ଖବର ଅନୁଯାୟୀ, ବସନ୍ତ କୁଣ୍ଡଳ ଗାଁ ନିକଟରେ କିଛି ନାବାଳକ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ନଦୀରେ ବୁଡ଼ିଯାଇଥିଲେ। ଏହାପରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକମାନେ ବୁଡ଼ିଯାଉଥିବା ନାବାଳଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରିଥିଲେ। ବାକି ଆଉ ଜଣେ ନିଖୋଜ ଅଛନ୍ତି। ଏବେ ଯାଏଁ ତାଙ୍କର କୌଣସି ପତ୍ତା ମିଳିନାହିଁ। ନିଖୋଜ ନାବାଳକ ହେଲେ ଓମ୍ ପ୍ରକାଶ ବାରିକ ବୋଲି ଜଣାପଡିଛି। ସେହିପରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବୋଟ୍ ଜରିଆରେ ସର୍ଚ୍ଚ ଅପରେସନ ଜାରି ରଖିଛି। ହେଲେ ବର୍ତ୍ତମାନ ଯାଏଁ ନିଖୋଜ ନାବାଳକଙ୍କ ପତ୍ତା ମିଳିନାହିଁ।

ଓଡ଼ିଶା ଓ ପଶ୍ଚିମବଙ୍ଗରେ ମହିଳା ଅପରାଧ

# ଦଣ୍ଡ ହାର ୧୦ ପ୍ରତିଶତରୁ ବି କମ୍

**ଭୁବନେଶ୍ୱର,୧୨।୧୦:** ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲାରେ ଦେଶର ଯେଉଁ ୯ଟି ରାଜ୍ୟରେ ଦଣ୍ଡବିଧାନ ହାର ୧୦ ପ୍ରତିଶତରୁ କମ୍ ରହୁଛି ସେଗୁଡିକ ଭିତରେ ପଶ୍ଚିମବଙ୍ଗ ଓ ଓଡ଼ିଶାର ନାଁ ରହିଛି। କେନ୍ଦ୍ର ସରକାରଙ୍କ ସଦ୍ୟ ପ୍ରକାଶିତ ଏନସିଆରବି ରିପୋର୍ଟର ତଥ୍ୟ ମୁତାବକ ଏଭଳି ସମ୍ବେଦନଶୀଳ ମାମଲାରେ ସାରା ଦେଶରେ ଦଣ୍ଡବିଧାନ ହାର ୨୧.୩ ପ୍ରତିଶତ ଥିବାବେଳେ ଏହା ପଶ୍ଚିମବଙ୍ଗରେ ମାତ୍ର ୩.୭ ପ୍ରତିଶତ ଏବଂ ଓଡ଼ିଶାରେ ୬.୯ ପ୍ରତିଶତ ରହିଛି। ଅନ୍ୟ ଯେଉଁସବୁ ରାଜ୍ୟରେ ଦଣ୍ଡବିଧାନ ହାର ୧୦ ପ୍ରତିଶତ ରୁ କମ୍ ରହିଛି ସେଥିରେ ଜାମ୍ମୁକାଶ୍ମୀରରେ ୩.୮ ପ୍ରତିଶତ, କର୍ଣ୍ଣାଟକରେ ୩.୨ ପ୍ରତିଶତ, ଗୁଜୁରାଟରେ ୬.୬ ପ୍ରତିଶତ, ଆନ୍ଧ୍ରରେ ୫.୮ ପ୍ରତିଶତ, ଆସାମରେ ୭.୪ ପ୍ରତିଶତ, ମହାରାଷ୍ଟ୍ରରେ ୯.୬ ପ୍ରତିଶତ ଏବଂ ଆଣ୍ଡାମାନ ନିକୋବରରେ ୭.୪ ପ୍ରତିଶତ ରହିଛି।

ତେବେ ନାଗାଲ୍ୟାଣ୍ଡ ଭଳି ଛୋଟିଆ ରାଜ୍ୟରେ ଏଭଳି ମାମଲାରେ ଦଣ୍ଡବିଧାନ ହାର ୮୩.୩ ପ୍ରତିଶତ ଥିବାବେଳେ ଏହା ଉତ୍ତରପ୍ରଦେଶରେ ୬୪.୬ ପ୍ରତିଶତ, ମିଜୋରାମରେ ୨୯.୮ ପ୍ରତିଶତ ଓ ବିହାରରେ ୫୬.୩ ପ୍ରତିଶତ ରେକର୍ଡ କରାଯାଇଛି। ସବୁଠାରୁ ଉଦବେଗଜନକ ତଥ୍ୟ ହେଉଛି ୨୦୨୩ ଶେଷସୁଦ୍ଧା ସମଗ୍ର ଦେଶରେ ମହିଳାମାନଙ୍କ ପ୍ରତି ଘଟିଥିବା ଅପରାଧ ସଂକ୍ରାନ୍ତୀୟ ମାମଲାରୁ ୨୩,୦୩,୬୫୭ଟି ବିଚାରାଧିନ ଥିବାବେଳେ ଏହି ବର୍ଷରେ ମାତ୍ର ୯.୨ ପ୍ରତିଶତ ମାମଲା ଫଏସଲା ହୋଇଛି। ଅନ୍ୟ ପକ୍ଷରେ ମହିଳମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରେ ସର୍ବାଧିକ ୩.୬୮ ଲକ୍ଷରୁ ଅଧିକ ପଶ୍ଚିମବଙ୍ଗରେ ବିଚାରାଧୀନ ଥିବାବେଳେ ଉତ୍ତର ପ୍ରଦେଶରେ ଏହା ବି ୩ ଲକ୍ଷରୁ ଅଧିକ ରହିଛି। ମହାରାଷ୍ଟ୍ରରେ ଏହି କିସମର ବିଚାରାଧିନ ମାମଲା ସଂଖ୍ୟା ପ୍ରାୟ ୨.୯୪ ଲକ୍ଷ ଥିବାବେଳେ ଓଡ଼ିଶାରେ ଏହାର ସଂଖ୍ୟା ୧,୭୭,୯୪୦, ମଧ୍ୟପ୍ରଦେଶରେ ୧,୨୪,୧୯୬ ଓ ବିହାରରେ



୧,୩୦,୫୪୬ ରେକର୍ଡ କରାଯାଇଛି।

ଉକ୍ତ ବର୍ଷରେ ଏଭଳି କିସମ ସମ୍ବେଦନଶୀଳ ମାମଲାରୁ ପଶ୍ଚିମବଙ୍ଗରେ ମାତ୍ର ୫.୨ ପ୍ରତିଶତ ଫଏସଲା ହୋଇଥିବାବେଳେ ଓଡ଼ିଶାରେ ୫.୩ ପ୍ରତିଶତ ଫଏସଲା ହୋଇଛି। ସଂଖ୍ୟାଧିକ ରାଜ୍ୟରେ ୮୦ ପ୍ରତିଶତରୁ ଅଧିକ ମାମଲା ଫଏସଲା ହୋଇନପାରି ପରବର୍ତ୍ତୀ ବର୍ଷରେ ବିଚାରପାଇଁ ଗଡୁଛି। ମହିଳାଙ୍କ ନିରାପତ୍ତା ପ୍ରସଙ୍ଗକୁ ନେଇ ରାଜନୈତିକ ବୟାନବାଜି ଜୋରଦାର ଚାଲୁଥିବାବେଳେ ସେମାନଙ୍କ ପ୍ରତି ଘଟୁଥିବା ଅପରାଧ ସଂକ୍ରାନ୍ତୀୟ ମାମଲାଗୁଡିକର ତ୍ୱରିତ ଫଏସଲା ନହୋଇ ବର୍ଷ ବର୍ଷ ଧରି ଗଡି ଚାଲିବା ଫଳରେ ସାକ୍ଷ୍ୟ ପ୍ରମାଣ ନଷ୍ଟ ହେଉଥିବା ଯୋଗୁଁ ସଂଖ୍ୟାଧିକ ମାମଲାରେ ଅଭିଯୁକ୍ତ ଖଲାସ ହୋଇଯାଉଛନ୍ତି। ଯାହାର ସିଧାସଳଖ ପ୍ରତିକୂଳ ପ୍ରଭାବ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ଓ ନାରୀମାନଙ୍କ ନିରାପତ୍ତା ଉପରେ ପଡୁଛି ବୋଲି ଅଭିଜ୍ଞ ଆଇନ୍‌ଜୀବୀମାନେ କହୁଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ଅର୍ଥ କମିଶନଙ୍କ ସୁପାରିସ୍ ଆଧାରରେ କେନ୍ଦ୍ର ସରକାର ମାମଲା ନୀତି ପ୍ରଣୟନ କରିବାପରେ ଓଡ଼ିଶା ସରକାର ୨୦୧୧ ମସିହାରେ ରାଜ୍ୟ ମାମଲା ନୀତି ପ୍ରଣୟନ କରିଥିଲେ। ଅନ୍ୟ ବହୁ ରାଜ୍ୟରେ ବି ମାମଲା ନୀତି ପ୍ରଣୟନ ହୋଇଛି। ମୁଖ୍ୟତଃ ମାମଲା ସଂଖ୍ୟା ହ୍ରାସ, ମାମଲାଗୁଡିକର ତ୍ୱରିତ ଫଏସଲା ଏବଂ ସର୍ବୋପରି ୫ବର୍ଷର ପୁରୁଣା ମାମଲା ଯେଭଳି ନଗଡେ ତାହାକୁ ଆଖିଆଗରେ ରଖି ମାମଲା ନୀତି ପ୍ରଣୟନ କରାଯାଇଥିଲା। କିନ୍ତୁ ଏହାକୁ ଠିକଣା ଭାବେ କାର୍ଯ୍ୟକାରୀ କରାନଯିବା ସହିତ ତଦନ୍ତ ପ୍ରକ୍ରିୟାରେ ତ୍ରୁଟିବିଚ୍ୟୁତି, ମାମଲା ପରିଚାଳନାରେ ସମନ୍ୱୟର ଅଭାବ ଏବଂ ସର୍ବୋପରି ବର୍ଷ ବର୍ଷ ଧରି ଏଭଳି ସମ୍ବେଦନଶୀଳ ମାମଲା ଗଡୁଛି। ଅନ୍ୟ ପକ୍ଷରେ ପୁଣି କେଉଁଠି ମହିଳାଙ୍କ ପ୍ରତି ସାଂଘାତିକ ଅପରାଧମାନ ଘଟିଲେ ତାହା ରାଜନୈତିକ ବୟାନବାଜି ଭିତରେ କିଛିଦିନ ପାଇଁ ଗଣମାଧ୍ୟମର ପୃଷ୍ଠାମଣ୍ଡନ କରି ପୁଣି ମିଳେଇ ଯାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଅପରେସନ୍ ବ୍ଲୁ ଷ୍ଟାର୍ ଏକ ଐତିହାସିକ ବିବାଦର ପୁନର୍ବିଚାର

ଭାରତର ରାଜନୀତିକ ଇତିହାସରେ ୧୯୮୪ ମସିହା ଏକ କଳା ଅଧ୍ୟାୟ ଭାବରେ ଚିହ୍ନିତ। ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ଦ୍ଦେଶରେ ଜୁନ୍ ୧ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଅପରେସନ୍ ବ୍ଲୁ ଷ୍ଟାର୍ ପଞ୍ଜାବରେ ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିରରେ ଆଶ୍ରୟ ନେଇଥିବା ଶିଖ୍ ଉଗ୍ରବାଦୀମାନଙ୍କୁ ହଟାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କ ଏହି ଅଭିଯାନର ନେତୃତ୍ୱ ନେଉଥିଲେ ଜର୍ନେଲ ସିଂହ ଭିନ୍ଦ୍ରାନୱାଲେ , ଯିଏ ଖଲିସ୍ତାନ ଆନ୍ଦୋଳନର ପ୍ରମୁଖ ଚେହେରା ଥିଲେ। ଏହି ଘଟଣା କେବଳ ଏକ ସାମରିକ ଅଭିଯାନ ନୁହେଁ, ବରଂ ଭାରତର ଏକତା ଏବଂ ଧାର୍ମିକ ସହନଶୀଳତା ଉପରେ ଏକ ଗଭୀର ଆଘାତ ଥିଲା। ଇନ୍ଦିରା ଗାନ୍ଧୀ, ଯିଏ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବରେ ପରିଚିତ, ତାଙ୍କର ଦୃଢ଼ ନେତୃତ୍ୱ ପାଇଁ ପ୍ରସିଦ୍ଧ ଥିଲେ। କିନ୍ତୁ ପଞ୍ଜାବରେ ବଢୁଥିବା ଉଗ୍ରବାଦୀ ଆନ୍ଦୋଳନ ତାଙ୍କୁ ଏପରି ଏକ ନିଷ୍ପତ୍ତି ନେବାକୁ ବାଧ୍ୟ କରିଥିଲା ଯାହା ତାଙ୍କର ଜୀବନ ଏବଂ ଦେଶର ଇତିହାସକୁ ବଦଳାଇ ଦେଇଥିଲା। ଭିନ୍ଦ୍ରାନୱାଲେ ଏବଂ ତାଙ୍କର ଅନୁଗାମୀମାନେ ସ୍ୱର୍ଣ୍ଣ ମନ୍ଦିରକୁ ଏକ ସୈନ୍ୟ କିଲ୍ଲାରେ ପରିଣତ କରିଥିଲେ, ଯେଉଁଠାରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ରଖାଯାଇଥିଲା। ଏହି ପରିସ୍ଥିତିରେ ସରକାରର ବିକଳ୍ପ ସୀମିତ ଥିଲା, କିନ୍ତୁ ଅଭିଯାନର ପରିଚାଳନା ଏବଂ ଫଳାଫଳ ଅନେକ ପ୍ରଶ୍ନ ଉଠାଇଛି। ସୈନ୍ୟବାହିନୀ ଟ୍ୟାଙ୍କ୍ ଏବଂ ଭାରୀ ଅସ୍ତ୍ର ବ୍ୟବହାର କରିଥିଲେ, ଯାହା ଧର୍ମସ୍ଥଳୀର ପବିତ୍ରତାକୁ କ୍ଷତିଗ୍ରସ୍ତ କରିଥିଲା। ଅନେକ ନିରୀହ ଭକ୍ତ ଏବଂ ନାଗରିକ ମୃତ୍ୟୁବରଣ କରିଥିଲେ, ଯାହା ଶିଖ୍ ସମୁଦାୟରେ ଗଭୀର ଆଘାତ ପହଞ୍ଚାଇଥିଲା। ଏହି ଅଭିଯାନର ପରିଣାମ ଭୟଙ୍କର ଥିଲା। ଅକ୍ଟୋବର ୩୧, ୧୯୮୪ରେ ଇନ୍ଦିରା ଗାନ୍ଧୀଙ୍କ



ତାଙ୍କର ଦୁଇ ଶିଖ୍ ବଡ଼ିଗାର୍ଡ୍ ହତ୍ୟା କରିଥିଲେ, ଯାହା ଅପରେସନ୍ ବ୍ଲୁ ଷ୍ଟାରର ପ୍ରତିଶୋଧ ଭାବରେ ଦେଖାଯାଉଥିଲା। ଏହାପରେ ଦିଲ୍ଲୀ ଏବଂ ଅନ୍ୟାନ୍ୟ ସ୍ଥାନରେ ଶିଖ୍ ବିରୋଧୀ ଦଙ୍ଗା ହୋଇଥିଲା, ଯେଉଁଥିରେ ହଜାର ହଜାର ନିରୀହ ଶିଖ୍ ମୃତ୍ୟୁବରଣ କରିଥିଲେ। ଏହି ଘଟଣାବଳୀ ଭାରତର ରାଜନୀତିକ ଚିତ୍ରକୁ ବଦଳାଇ ଦେଇଥିଲା। ପଞ୍ଜାବରେ ଉଗ୍ରବାଦ ଆହୁରି ବଢ଼ିଥିଲା, ଏବଂ ସୈନ୍ୟବାହିନୀରେ ବିଦ୍ରୋହର ଘଟଣା ଘଟିଥିଲା। ଇନ୍ଦିରାଙ୍କ ପୁତ୍ର ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହୋଇ ପଞ୍ଜାବ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ଏହାର ଛାୟା ଆଜି ପର୍ଯ୍ୟନ୍ତ ରହିଛି।

ଆଜି, ୪୦ ବର୍ଷ ପରେ ଏହି ଘଟଣାର ପୁନର୍ବିଚାର କରିବା ଆବଶ୍ୟକ। ଇନ୍ଦିରା ଗାନ୍ଧୀଙ୍କ ନିଷ୍ପତ୍ତି ଦେଶର ଏକତା ରକ୍ଷା ପାଇଁ ଥିଲା କି? ନା ଏହା ଏକ ରାଜନୀତିକ ଭୁଲ୍ ଥିଲା ଯାହା ଧାର୍ମିକ ବିଭେଦକୁ ବଢ଼ାଇଥିଲା? ଅନେକ ବିଶ୍ଳେଷକ କହନ୍ତି ଯେ ଅଭିଯାନର ଆବଶ୍ୟକତା ଥିଲା, କିନ୍ତୁ ଏହାର ପରିଚାଳନାରେ ଅନେକ ଭୁଲ୍ ହୋଇଥିଲା। ସ୍ୱର୍ଣ୍ଣ ମନ୍ଦିର ଭଳି ପବିତ୍ର ସ୍ଥାନରେ ସାମରିକ ହସ୍ତକ୍ଷେପ ଶିଖ୍ ସମୁଦାୟର ମନରେ ଏକ ଗଭୀର କ୍ଷତ ଛାଡ଼ିଯାଇଛି, ଯାହା ଆଜି ବି ସମ୍ପୂର୍ଣ୍ଣ ସମାଧାନ ହୋଇନାହିଁ। ଏହି ଘଟଣା ଆମକୁ ଶିଖାଏ ଯେ ଧାର୍ମିକ ସମସ୍ୟାର ସମାଧାନ କେବଳ ବଳ ଦ୍ୱାରା ନୁହେଁ, ବରଂ ସଂଵାଦ ଏବଂ ସହନଶୀଳତା ଦ୍ୱାରା ହେବା ଉଚିତ୍। ଭାରତର ବିବିଧତା ଆମର ଶକ୍ତି, କିନ୍ତୁ ଏପରି ଘଟଣାବଳୀ ଆମକୁ ସର୍ତ୍ତକ କରେ ଯେ ରାଜନୀତିକ ନିଷ୍ପତ୍ତିରେ ଧାର୍ମିକ ଭାବନାକୁ ଅଣଦେଖା କରାଯାଇପାରିବ ନାହିଁ। ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ଏକ ମିଶ୍ରିତ ଚିତ୍ର: ତାଙ୍କର ଦୃଢ଼ତା ଦେଶକୁ ଏକତା ରଖିଥିଲା, କିନ୍ତୁ ଏହି ଅଭିଯାନ ତାଙ୍କର ଏକ ବଡ଼ ଭୁଲ୍ ଥିଲା ଯାହା ହଜାର ହଜାର ଜୀବନ ନେଇଥିଲା। ଆଜିର ରାଜନେତାମାନେ ଏହି ଘଟଣାରୁ ଶିକ୍ଷା ନେବା ଉଚିତ୍, ଯାହା ଦ୍ୱାରା ଭବିଷ୍ୟତରେ ଏପରି ବିଭେଦ ଏଡ଼ାଇ ପାରିବେ। ଶାନ୍ତି ଏବଂ ଏକତାର ପଥରେ ଚାଲିବା ହିଁ ଭାରତର ପ୍ରକୃତ ଶକ୍ତି।

# ସଙ୍ଗୀତ ସମ୍ରାଟ 'ଖୋକା ଭାଇ'

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**



ଆଧୁନିକ ଓଡ଼ିଆ ସଙ୍ଗୀତର କିମ୍ବଦନ୍ତୀ ପୁରୁଷ ଅକ୍ଷୟ ମହାନ୍ତି, ସମସ୍ତଙ୍କର ଅତିପ୍ରିୟ ଖୋକାଭାଇ। ପିଲା ଦିନରୁ ବଡ଼ ଭଉଣୀଙ୍କ ସଙ୍ଗୀତ ଶିକ୍ଷା ତଥା ରେଡ଼ିଓରେ ବାଜୁଥିବା ହିନ୍ଦୀ କଥାଚିତ୍ର ଗୀତର ଯାଦୁକରୀ ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ୧୯୪୮ରେ ଆକାଶ ବାଣୀର ପ୍ରତିଷ୍ଠା ଦିବସରେ ଜଣେ ଶିଶୁ ଶିଳ୍ପୀ ଭାବେ ଗୀତ ଗାଇଥିଲେ। ଏହା ଥିଲା ସଙ୍ଗୀତ କ୍ଷେତ୍ରରେ ଅକ୍ଷୟଙ୍କ ପ୍ରଥମ ପ୍ରବେଶ। ୧୯୫୬ରେ ରେଭେନ୍ସା ମହାବିଦ୍ୟାଳୟରୁ ଗଣିତରେ ସ୍ନାତକ ଓ ୧୯୫୭ରେ ମଧୁସୂଦନ ଆଇନ କଲେଜରୁ ଏଲଏଲ୍‌ବି ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୫୮ରେ ମାଆ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା ଉଭୟ ଗାୟକ ଓ ଗୀତିକାର ଜୀବନ। ପରେ ଶ୍ରୀ ଲୋକନାଥ ଚଳଚ୍ଚିତ୍ରରେ ଗୀତ ଗାଇଥିଲେ। ୧୯୬୬ରେ ମୁକ୍ତିଲାଭ କରିଥିବା ମଲାଜହ୍ନ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ସହ ଅଂଶୀଦାର ପ୍ରଯୋଜକ ଥିଲେ। ଅକ୍ଷୟଙ୍କ ଗୀତ ଓ ଗୀତି କବିତା ସଂଖ୍ୟା ଅନେକ। ଜୀବନକାଳ ମଧ୍ୟରେ ଶହେ ଅଣତିରିଶ ଚଳଚ୍ଚିତ୍ରର ଗୀତ ଗାନ, ବୟାନବେ ଚଳଚ୍ଚିତ୍ରରଗୀତ ରଚନା ଓ ପଞ୍ଚସ୍ତରି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଆଧୁନିକ, ଚମ୍ପୁ, ଓଡ଼ିଶୀ, ଲଘୁ ସଙ୍ଗୀତ, ଗଜଲ ଆଦି ପନ୍ଦର ହଜାରରୁ ଅଧିକ ଗୀତ ସେ ଗାଇଛନ୍ତି।

କେବଳ ସଙ୍ଗୀତ ନୁହେଁ ସାହିତ୍ୟ କ୍ଷେତ୍ରରେ ମଧ ସେ ଅପ୍ରତିଦ୍ୱନ୍‌ଦ୍ୱୀ ସ୍ରଷ୍ଟା। ତାଙ୍କ ଦ୍ୱାରା ଲିଖିତ ଗଳ୍ପ ସଂକଳନ ବିଚରା, ନଗ୍ନ ମୋନାଲିସା, ଅନେଶତ ରାଣୀ, ଉପନ୍ୟାସ ଗୋଟିଏ କୁହୁ ଅନେକ ଉହୁ, ଅଫେରା ନଦୀ, ନୁନ୍ ସୋ, ଗାୟକ, ବାମପନ୍ଥୀ, ଗୀତି ଗ୍ରନ୍ଥ ଏଇ କଥା ରହିଲା, ଗୀତି, ମଧୁଶାଳା ଆଦି ଅନ୍ୟତମ। ଆର୍ଯ୍ୟଦାସର ଆତ୍ମଲିପି ତାଙ୍କର ଆତ୍ମଚରିତ। ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ କିମ୍ବଦନ୍ତୀ ସଙ୍ଗୀତ ସାଧକ ଅକ୍ଷୟ ମହାନ୍ତିଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ। କେବଳ ଜଣେ ଗାୟକ ନୁହେଁ ସଙ୍ଗୀତ ଲେଖକ, ନିର୍ଦ୍ଦେଶକ ଭାବେ ତାଙ୍କର ସୁପରିଚିତ ରହିଛି। ଅନେକ କାଳଜୟୀ ଓ ଶିକ୍ଷଣୀୟ ଓଡ଼ିଆ ଚଳଚ୍ଚିତ୍ରରେ ସେ ତାଙ୍କ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି। ଚଳଚ୍ଚିତ୍ର ସଙ୍ଗୀତ ସହ ସେ ସମୟର ବେତାର ସଙ୍ଗୀତରେ ତାଙ୍କର ଅନେକ ସ୍ମରଣୀୟ ସଙ୍ଗୀତ ଆଜିବି ଗୁଞ୍ଜରିତ ହେଉଛି। କଟକ ସହର ଶେଖ୍‌ବଜାରର ଅନ୍ତର୍ଗତ ଭୋଲାମିଆଁ ବଜାର ଥିଲା ତାଙ୍କ ସଙ୍ଗୀତ ସାଧନା ଓ ଶେଷ ଜୀବନର କର୍ମକ୍ଷେତ୍ର। ସଙ୍ଗୀତ ସମ୍ରାଟ ଅକ୍ଷୟ ମହାନ୍ତି ୧୯୩୭ ଅକ୍ଟୋବର ୧୨ ତାରିଖ ଦିନ କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ।


**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍'**
**ପୁରୁଣା ସୋନାରି, ଜାମସେଦପୁର**
**ମୋବାଇଲ୍: ୭୪୮୮୯୯୮୫୩୨**




# ନୂଆପଡ଼ା: ସବୁ ଦଳ ପାଇଁ ସମ୍ମାନର ପ୍ରଶ୍ନ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଆସନ୍ତା ନଭେମ୍ବର ୧୧ତାରିଖରେ ହେବାକୁ ଯାଉଥିବା ନୂଆପଡ଼ା ବିଧାନସଭା ଆସନରେ ଉପ-ନିର୍ବାଚନ ଏବେ ଉଭୟ ଶାସକ ଓ ବିରୋଧି ଦଳ ପାଇଁ କେବଳ ସମ୍ମାନର ପ୍ରଶ୍ନ ଭାବେ ଉଭା ହୋଇନାହିଁ, କର ଅବା ମର ପରିସ୍ଥିତି ସୃଷ୍ଟି କରିଛି ବୋଲି କୁହାଯାଇପାରିବ। ରାଜ୍ୟରେ ପ୍ରଥମ ଥର ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) କ୍ଷମତାସୀନ ହେବା ପରେ ଏହା ହେଉଛି ପ୍ରଥମ ଉପ-ନିର୍ବାଚନ। ଏହି ଉପ-ନିର୍ବାଚନ ଉଭୟ ବିଜେପି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକପ୍ରିୟତାକୁ ପ୍ରମାଣିତ କରିବା ଦେଢ ବର୍ଷ ପୂର୍ବରୁ ଅର୍ଥାତ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦଳ ସପକ୍ଷରେ ଯେଉଁ ହାୱା ଥିଲା, ତାହା ଏବେ ଅଛି କି ନାହିଁ, ତାର ସନ୍ଦେଶ ଦେବା କେବଳ ଏତିକି ନୁହେଁ, ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି ନିଜକୁ ପ୍ରତିପାଦିତ କରି ଆସିଥିବା ମୁଖ୍ୟମନ୍ତ୍ରୀଙ୍କର କାର୍ଯ୍ୟଧାରା ଓ ପ୍ରଶାସନିକ ଦକ୍ଷତା ଉପରେ ମୋହର ମାରିବ। ସେହିପରି ଦେଢବର୍ଷ ଭିତରେ ରାଜ୍ୟ ସରକାର ରାଜ୍ୟବାସୀଙ୍କର ଆକାଂକ୍ଷା ପୂରଣ କରିବାରେ କେତେଦୂର ସଫଳ ହୋଇଛନ୍ତି, ତାହାର ପ୍ରମାଣ ମଧ ବହନ କରିବ। ସର୍ବୋପରୀ ଉପ-ନିର୍ବାଚନର ଫଳାଫଳ ନେତୃତ୍ୱର ଭାଗ୍ୟ ନିର୍ଦ୍ଧାରଣ କରିବା ଆଶଙ୍କାକୁ ମଧ ଏଡାଇ ଦିଆଯାଇନପାରେ। ଏହା ନିସନ୍ଦେହ ଯେ, ଉପ-ନିର୍ବାଚନରେ ଶାସକ ଦଳର ପରାଜୟ କ୍ୱଚିତ୍ ଦେଖାଯାଇଥାଏ। ପ୍ରାର୍ଥିର ଚୟନ, ନିର୍ବାଚନ ରଣନୀତିରେ ତ୍ରୁଟି ଏବଂ ବିଜୟର ଗଭୀର ଆତ୍ମବିଶ୍ୱାସ ଦଳ ପାଇଁ ବୁମେରାଂ ହେବାର ବହୁ ନଜୀର ରହିଛି। ମୋଟାମୋଟି ଭାବେ ଉପ-ନିର୍ବାଚନରେ ଶାସକ ଦଳର ବିଜୟ ଏକ ପ୍ରକାର ନିଶ୍ଚିତ ଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ବିଜେପି ଏବେ ଏହି ସଂକଟର ସମ୍ମୁଖୀନ ହୋଇଥିବା ପରି ମନେହୁଏ। ଦଳର କୋର କମିଟିର ବୈଠକ ଗଲା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲେ ମଧ ପ୍ରାର୍ଥୀ ସ୍ଥିର କରିପାରିନାହାଁ। ଗଣମାଧମରେ ବହୁ ଆଶାୟୀଙ୍କ ନାମ ଚର୍ଚ୍ଚା ହେଉଥିବାବେଳେ ଦଳ କାହାର ମୁଣ୍ଡରେ ସୁନା ମୁକୁଟ ପିନ୍ଧାଇବ ଏବେ ତାହାକୁ ଅପେକ୍ଷା। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନୂଆପଡ଼ାବାସୀଙ୍କ ହୃଦୟ ଜିଣିବା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନୂଆପଡ଼ାବାସୀଙ୍କ ହୃଦୟ ଜିଣିବା ପାଇଁ ମୁଖ୍ୟମନ୍ତ୍ରୀ କୌଣସି ସୁଯୋଗ ହାତଛଡା କରିନଥିବା କୁହାଯାଇନପାରେ। ନୂଆପଡ଼ା ଆସନ ଖାଲି ପଡ଼ିବା ପରେ ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦୁଇ ଥର ଗସ୍ତ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ପରଲୋକଗତ ବିଧାୟକଙ୍କ ଏକାଦଶାହରେ ଆୟୋଜିତ ସ୍ମୃତି ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନୂଆପଡ଼ା ବାସୀଙ୍କ ପାଇଁ ତାଙ୍କ ଦ୍ୱାରା ସର୍ବଦା ଖୋଲା ବୋଲି ପ୍ରଥମ ଗସ୍ତରେ ଘୋଷଣା କରିଥିବାବେଳେ ଦ୍ୱିତୀୟ ଗସ୍ତ ସମୟରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ



୧୧ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ। ସେହିପରି କ୍ଷମତାରୁ ଯିବା ପରେ ବିଜୁ ଜନତା ଦଳ (ବିଜେଡି) ଏବଂ ଏହାର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଇଁ ଏହା ମଧ ପ୍ରଥମ ଉପ-ନିର୍ବାଚନ। ଉପ-ନିର୍ବାଚନ ଫଳାଫଳ ଉଭୟ ଦଳ ଓ ନବୀନଙ୍କର ଲୋକପ୍ରିୟତା ଓ ଗ୍ରହଣୟତାର ମାପକାଠି ହେବ। ଏହା ନିସନ୍ଦେହ ଯେ, ଗଲା ଦୁଇ ଦଶନ୍ଧି ଧରି ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡିର ଅଭେଦ୍ୟ ଦୁର୍ଗ ଥିଲା। ଯେଉଁଥିପାଇଁ କି ସ୍ୱର୍ଗତ ଢୋଲକିଆ ଚାରି ଚାରି ଥର ବିଧାୟକ ହେବାର ଗୌରବ ମଣ୍ଡନ କରିଥିଲେ। ଏହି ଆସନଟି ହାତଛଡା କରିବା ପାଇଁ ବିଜେଡି କଦାପି ଚାହିଁବ ନାହାଁ। ତେଣୁ ନୂଆପଡ଼ା ଉଭୟ ଦଳ ଓ ନବୀନଙ୍କ ପାଇଁ କେବଳ ମର୍ଯ୍ୟଦାର ପ୍ରଶ୍ନ ହୋଇନାହିଁ, କର ଅବା ମର ସ୍ଥିତି ସୃଷ୍ଟି କରିଛି। ଏଠାରୁ ପରଲୋକଗତ ବିଧାୟକଙ୍କ ପୁଅକୁ ପ୍ରାର୍ଥୀ କରି ଅନୁକମ୍ପା ଭୋଟ ପାଇଁ ଏକ ପ୍ରକାର ଲକ୍ଷ୍ୟ ରଖିଥିବାବେଳେ ବର୍ତ୍ତମାନ ସୁଦ୍ଧା ଆନୁଷ୍ଠାନିକ ଭାବେ କିଛି ଘୋଷଣା କରିନାହାଁ। ଦୀର୍ଘ ୩୨ଦିନ ଧରି ଦିଲ୍ଲୀରେ ରହିବା ପରେ ନବୀନ ଏବେ ଓଡ଼ିଶା ଫେରିଛନ୍ତି। ସେ ଖୁବଶୀଘ୍ର ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରି ସମସ୍ତ କଳ୍ପନା-ଜଳ୍ପନା ଅବସାନ ଘଟାଇବେ ବୋଲି ଆଶା କରାଯାଏ। ସେହିପରି କଂଗ୍ରେସ ଏବଂ ଏହାର ପ୍ରଦେଶ ମୁଖ୍ୟ ଭକ୍ତଦାସଙ୍କ ପାଇଁ ମଧ ନୂଆପଡ଼ା ଆସନର ଫଳାଫଳ ମର୍ଯ୍ୟଦାର ପ୍ରଶ୍ନଭାବେ ଉଭା ହୋଇଛି। ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସ ଗତ ବିଧାନସଭା ନିର୍ବାଚନରେ ଆସନ ସଂଖ୍ୟା ୧୪କୁ ବୃଦ୍ଧି କରିପାରିଥିବାବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ସଭା, ସମିତି, ଶୋଭଯାତ୍ରା, ବିକ୍ଷୋଭ କରି ଭକ୍ତ ନିସ୍ତେଜ କଂଗ୍ରେସକୁ ଏବେ ଜାଗ୍ରତ କରିବାରେ ସମର୍ଥ ହୋଇଥିବା ଅନୁଭବ ହୁଏ। ଆହୁରି ମଧ ଉଭୟ ବିଜେପି ଓ ବିଜେଡିକୁ ପଛରେ ପକାଇ ଦଳ ଆଗୁଆ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଗତ ବିଧାନସଭା ନିର୍ବାଚନରେ ଦଳୀୟ ଟିକେଟ ନପାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ୫୫ ହଜାରରୁ ଅଧିକ ମୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବା ଘାସିରାମ ମାଝୀଙ୍କୁ ଦଳ ପ୍ରାର୍ଥୀ କରି ବିଜୟ ଆଶା ରଖିଛି। କଂଗ୍ରେସ ମଧ ପ୍ରଚାର ଅଭିଯାନ ଆରମ୍ଭ କରିସାରିଲାଣି। ଉଲ୍ଲେଖଯୋଗ୍ୟ ଯେ, ନୂଆପଡ଼ା ଉପ-ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଥିବାରୁ ସବୁ ଦଳ ନିଜ ନିଜର ବିଜୟ ନେଇ ବୟାନବାଜୀ ଜାରି ରଖିଛନ୍ତି। କିନ୍ତୁ ବିଜୟ କଥା ଫଳାଫଳ ହିଁ କହିବ। କେବଳ ନଭେମ୍ବର ୧୪କୁ ଏବେ ଅପେକ୍ଷା।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**


# ସାହିତ୍ୟ ଭାଷା ଆଲୋଚନା ନା ଆତ୍ମପ୍ରଚାର



**ଡକ୍ଟର ଲକ୍ଷ୍ମଣ ସାହୁ**

ଆଜି ଲୋକମାନଙ୍କର ଭାବନାକୁ ଗଭୀର ଭାବରେ ପ୍ରଭାବିତ କରିବା ପାଇଁ କବିତାର ଅଦ୍ଭୁତ ଦକ୍ଷତା ହାସଲ ନକରି ନିଜକୁ କବି ବୋଲି ଦାବି କରିବାକୁ ଅନେକ ଚାହାଁନ୍ତି। ସେମାନେ ବୋଧହୁଏ ବିଶ୍ୱାସ କରନ୍ତି ଯେ କେବଳ ପଦ ଆକାରରେ କିଛି ଲେଖିବା ହେଉଛି କବିତା ଓ ତାକୁ କୌଣସି ପ୍ରକାରେ ପ୍ରକାଶିତ କରିବା ତତ୍ ସଙ୍ଗେସଙ୍ଗେ କିଛି ଲୋକଙ୍କ ଠାରୁ ପ୍ରଶଂସା ପାଇବା ଦ୍ୱାରା ଜଣଙ୍କୁ କବି କୁହାଯିବାର ଅଧିକାର ଲାଭ କରିଥାଏ। କବିତା ବିଷୟରେ ଏହାଠାରୁ ଅଧିକ ଅଜ୍ଞ କ'ଣ ହୋଇପାରେ ? ଏଭଳି ଏକ ସମୟ ଥିଲା ଯେତେବେଳେ କବିମାନଙ୍କୁ ପଣ୍ଡିତ ବା ବର୍ଷିୟାନ ସହିତ ସମକକ୍ଷ ଭାବରେ ବିବେଚନା କରାଯାଉଥିଲା। ବର୍ତ୍ତମାନ ସମୟରେ ଅନେକ ଯୁବକ ଯୁବତୀ ସେହି ପଦବୀ ପାଇବାକୁ ଆଗ୍ରହୀ, କିନ୍ତୁ ସେମାନଙ୍କ ପାଇଁ ଦୃଢ଼ତା ସହ ଅଧୟନ ପାଇଁ ସମୟ ନାହାଁ। ଯେଣେତେଣେ ପ୍ରକାର ଫେସବୁକ୍ କିମ୍ବା ହ୍ୱଟସ୍ ଆପ୍ ଦ୍ୱାରା ସେମାନଙ୍କର ଅନେକ ମୂଲ୍ୟବାନ ସମୟ ହଜିଯାଇଛି। ପଢ଼ିବା ନାମରେ ସେମାନଙ୍କ ମଧରୁ ଅଧିକାଂଶ ସେମାନଙ୍କ ବିଭିନ୍ନ ବିଷୟ ସମ୍ବନ୍ଧୀୟ ଖବରକାଗଜ ଓ ପୁସ୍ତକ ଛଡା ଆଉ କିଛି ଛାଡି ନାହାଁନ୍ତି। କବିତାର ଉପଭୋଗ କେବଳ ସେହି ବ୍ୟକ୍ତିଙ୍କ ପାଇଁ ସମ୍ଭବ, ଯାହାର ଭାଷା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଛି।

ଶବ୍ଦର ବିଭିନ୍ନ ଅର୍ଥ, ସେମାନଙ୍କର ଧ୍ୱନି ଓ ଅଭିବ୍ୟକ୍ତିର ବାଣୀ ଯାହା ସେମାନଙ୍କ ମାଧମରେ ପ୍ରକାଶିତ ହୁଏ ଓ ସେମାନଙ୍କର ସଠିକ୍ ବ୍ୟବହାର ଜାଣି ନ ପାରି କାବ୍ୟାନନ୍ଦକୁ ହୃଦୟଙ୍ଗମ କରିବା ସମ୍ଭବ ହୁଏନାହାଁ। ଗୋଟିଏ ଭାଷା କିପରି ଭାବରେ ଗୋଟିଏ ସମାଜ ଓ ସଂସ୍କୃତି ସହିତ ନିକଟତର ଓ ଅଙ୍ଗାଙ୍ଗୀ ଭାବରେ ଜଡିତ ତାହା ଅନୁଭବ ଆବଶ୍ୟକ। ସେହି ଭାଷା ବ୍ୟବହାର କରି ସମାଜ ଓ ସଂସ୍କୃତି ସହିତ ସମ୍ପୂର୍ଣ୍ଣ ପରିଚିତ ନହେବା ପର୍ଯ୍ୟନ୍ତ, ସେହି ଭାଷାରେ କବିତା ରଚନା କରାଯାଇପାରିବ ନାହିଁ କିମ୍ବା କବିତାରେ ଲେଖାଯାଇପାରିବ ନାହାଁ। କିଛି କିଛି ପଣ୍ଡିତ କହିଛନ୍ତି ଯେ କବିତାର ଅଂଶ ଯାହା ଅନୁବାଦ କରିବା ସମ୍ଭବ ନୁହେଁ। ପ୍ରକୃତରେ ଏହାର କବିତା ଉପାଦାନ। ଆଜିର ଭାଷାର ଶୁଦ୍ଧତା ଓ ଏହାର ମାନକ ରୂପ ବିଷୟରେ ଅସାବଧାନତା ଯୋଗୁଁ ଅଧିକାଂଶ କବିଙ୍କ କବିତା ପଢ଼ି ତାକୁ ଉପଭୋଗ କରିବାର ସମ୍ଭାବନାକୁ ହ୍ରାସ କରିଛି। ଏକ ଭଲ ଓ ଗଭୀର କବିତା ପ୍ରଥମ ପଢିବା ସମୟରେ ପାଠକଙ୍କୁ ଏହାର ସମ୍ପୂର୍ଣ୍ଣ ଅର୍ଥ ପ୍ରକାଶ କରିବା ଉଚିତ୍। ଏହା ଆବଶ୍ୟକ ନୁହେଁ ଯେ କୌଣସି ଗମ୍ଭୀର ଓ ଜଟିଳ ରଚନାକୁ ବାରମ୍ବାର ପଢିବା ପରେ ପ୍ରକାଶ କରାଯାଏ। ଯଦି କୌଣସି ବିଷୟ କିମ୍ବା ପାଠକ ସହିତ କବି ଓ ପାଠକଙ୍କ ଦୃଷ୍ଟିକୋଣ ସମାନ ନୁହେଁ, ତେବେ କବି ପାଠକଙ୍କ ନିକଟରେ ପହଞ୍ଚିବା କେବେ ଆବଶ୍ୟକ ନୁହେଁ।

କବିତା ଯୋଗାଯୋଗ କଷ୍ଟସାଧ ହେବା ସେଥିପାଇଁ ଅନେକ ଥର ପାଠକ କବି ଦୁନିଆରେ ପ୍ରବେଶ କରିବାରେ ଅସମର୍ଥ, ଯାହା ସେ ନିଜ କବିତାରେ ରଖିଛନ୍ତି। ଏବେ କବିତା ଲେଖିବା କ୍ଷେତ୍ରରେ ଏକ ପ୍ରକାର ଅରାଜକତା ବିସ୍ତାର କରିଛି। ଏହାପୂର୍ବରୁ ଯେତେବେଳେ କବିତାର ପ୍ରକାଶନ କଷ୍ଟସାଧ ଥିଲା, ସେତେବେଳେ ଜଣେ ଗୁରୁ କିମ୍ବା ସମ୍ପାଦକ ଜଣେ ଲେଖକ କବିଙ୍କୁ ତାଙ୍କ ଲେଖା ସ୍ତରର ବାସ୍ତବତା ସହିତ ପରିଚିତ କରିବାର ସ୍ଥିତିରେ ଥିଲେ। ମୋ ସାମ୍ନାରେ ବର୍ତ୍ତମାନ ଫେସବୁକର ପ୍ଲାଟଫର୍ମ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଆତ୍ମ-ପ୍ରକାଶନ ପାଇଁ ଉପଲବ୍ଧ। ଯିଏ କବି ବୋଲି କହିବାକୁ ଚାହାଁନ୍ତି ଓ



ଯେତେବେଳେ ଅନେକ ପ୍ରକାଶକ ଟଙ୍କା ନେଇ ତାଙ୍କର କୌଣସି କାର୍ଯ୍ୟ ଛାପିବାକୁ ପ୍ରସ୍ତୁତ ହୁଅନ୍ତି, ତେବେ କିଏ ତାଙ୍କୁ ଅଟକାଇ ପାରିବ। ଅନେକ କବିଙ୍କ କବିତାରେ ଭାବାର୍ଥ ନଥାଏ , ସେମାନଙ୍କୁ କବି କୁହାଯାଏ ? ଇଂରାଜୀ କବି ଟି.ଏସ୍ ଏଲିଅଟ୍ ତାଙ୍କର ପ୍ରସିଦ୍ଧ ପ୍ରବନ୍ଧ 'ପରମ୍ପରା ଓ ବ୍ୟକ୍ତିଗତ ପ୍ରତିଭା'ରେ କହିଛନ୍ତି ଯେ କୌଣସି ନୂତନ କବିଙ୍କୁ ଆମର ପାରମ୍ପାରିକ କବିତା ଭଣ୍ଡାରରେ ନିଜ ସ୍ଥାନ ସ୍ଥିର କରିବାକୁ ପଡ଼ିବ। ଯଦିଓ ଏହା ସହଜ ନୁହେଁ, କାରଣ ସେହି ଦୋକାନର ସମୃଦ୍ଧତାରେ ପରିପୂର୍ଣ୍ଣ ବିନା ଭଲ ଭାବରେ ସଚେତନ ହୋଇ ସେ ଏହି ଲକ୍ଷ୍ୟରେ ସଫଳ ହୋଇପାରିବେ ନାହାଁ। ଏଥିରେ କୌଣସି ସନ୍ଦେହ ନାହିଁ ଯେ କବିତା ମନୁଷ୍ୟର ସମ୍ବେଦନଶୀଳତାକୁ ପରିଷ୍କାର କରେ ଓ ତାଙ୍କୁ ଜଣେ ଭଲ ମଣିଷ ହେବାକୁ ସାହାଯ୍ୟ କରିଥାଏ।

ସେଥିପାଇଁ ଏହା ପୂର୍ବରୁ ମଧ ଶିକ୍ଷାର ଏକ ଅତ୍ୟାବଶ୍ୟକ ଅଂଶ ଭାବରେ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନର ଛାତ୍ରଙ୍କ ପାଇଁ ସିଲାବସ୍ କବିତାର ଅଧୟନର ଅର୍ଥ ହେଉଛି ତା ସହ ଜଡିତ ପ୍ରଶ୍ନଗୁଡ଼ିକର ତଥାକଥିତ ସଠିକ୍ ଉତ୍ତର ଦେବା। ଯଦି କବିତାରେ କୌଣସି ଆନନ୍ଦ ଅଛି, ତେବେ ଏହା ପାଇଁ ଅନାବଶ୍ୟକ ହୋଇଯାଏ। ବାସ୍ତବରେ କଥାଟି ହେଉଛି ଯେ ପ୍ରତ୍ୟେକ ଭଲ କବିତା ନିଜେ ଏକ ନୂତନ ଅନୁଭୂତି ସହିତ ନୂଆ ପରିଚୟ ସୃଷ୍ଟି କରିପାରିଥାଏ। ଏଠାରେ ଜଣେ ଏହି ଅଭିଜ୍ଞତା ସୃଷ୍ଟି କରିପାରିବ, ଯେଉଁଠାରେ ଜଣେ ଜନ୍ମିତ କବି-ପ୍ରତିଭା ଅଛନ୍ତି। ଯିଏ ଦୀର୍ଘ ଦିନର ଦୃଢ଼ତା ସହିତ ସେହି ମାନସିକ ସ୍ଥିତିକୁ ପହଞ୍ଚିଛନ୍ତି ଓ ସ୍ୱୀକୃତି ଦେଇଛନ୍ତି। ଯେଉଁଥିରେ ଗୋଟିଏ କବିତା ରଚନା କରିବା ସମ୍ଭବ ଅଟେ। ଯେଉଁମାନେ କବିତା ରଚନା ସ୍ଥିତିରେ ପହଞ୍ଚି ନ ପାରି କବିତା ରଚନା କରନ୍ତି, ଏକ ରଚନା ଓ ଏକ ପ୍ରଭାବଶାଳୀ କବିତା ମଧରେ କୃତ୍ରିମ ଏବଂ ପ୍ରକୃତ ଫୁଲ ମଧରେ ସମାନ ପାର୍ଥକ୍ୟ ଅଛି। ମାନବ ବିକାଶ ଦୃଷ୍ଟିକୋଣରୁ ଉଚ୍ଚ ବିକାଶର ଭାବନା ସହିତ ସାହିତ୍ୟର, ସଙ୍ଗୀତ ଓ କଳାକୁ ଉପଭୋଗ କରିବାର କ୍ଷମତା ଆମେ ଦେଖୁ। ସେଥିପାଇଁ ଯଦି ଏକ ସମାଜରେ ଭଲ କବିତା ଉପଭୋଗ କରିପାରନ୍ତି ଲୋକଙ୍କ ସଂଖ୍ୟାରେ ହ୍ରାସ ଘଟେ, ତେବେ ଏହାକୁ ସେହି ସମାଜର ସାଂସ୍କୃତିକ ଐତିହ୍ୟର ଲକ୍ଷଣ ଭାବରେ ବିବେଚନା କରାଯିବା ଆବଶ୍ୟକ।

କହିରଖେ ପ୍ରତ୍ୟେକ ନିଜ ନିଜ ପଦ୍ଧତିରେ କବିତା ଲେଖନ୍ତି , ଯାହା ଅତୁଳନୀୟ। ମୂଳତଃ ଜଣେ ବ୍ୟକ୍ତି ଜନ୍ମରୁ ନିଜ ମାତୃଭାଷା ପାଇଥାଏ। ଯାହା ସହିତ ସେ ଆରାମଦାୟକ ଅନୁଭବ କରନ୍ତି। ତାଙ୍କ ଚାରିପାଖରେ ଥିବା ଭାଷା, ପରିବାର, ସମାଜ, ଯାହା ତାଙ୍କୁ ସମସ୍ତେ ନ୍ୟସ୍ତ କରନ୍ତି କିମ୍ବା ଯେଉଁଥିରୁ ସେ ଭାଷା କିମ୍ବା ଉପଭାଷା ହାସଲ କରନ୍ତି। ତାହା ତାଙ୍କ ବୁଝମଣାରୁ ଅଭିବ୍ୟକ୍ତିର ମାଧମ ହୋଇଯାଏ। ବାସ୍ତବରେ ଭାଷା ଓ ଉପଭାଷା ମାନବ ବ୍ୟକ୍ତିତ୍ୱର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହା ବିନା ମଣିଷ ସଂପୂର୍ଣ୍ଣ ଅସହାୟ ହୋଇଯାଏ। ଏହା ନିଶ୍ଚିତ ଭାବରେ ଘଟିବ ଯେ ଯେତେବେଳେ ସଭ୍ୟତାର ବିକାଶ ସମୟରେ ମନୁଷ୍ୟ ଇତିହାସରେ ଭାଷା ହାସଲ କରିବାକୁ ହେବ, ସେତେବେଳେ ମଧ କିଛି କଳ୍ପନା ଭାଷା ରହିବା ଆବଶ୍ୟକ। କେବଳ ଭାଷା ମାଧମରେ ଇତିହାସ ରେକର୍ଡ କରିବା ସମ୍ଭବ ଅଟେ। ଏହା ଏକ ନୂତନ କଥା ନୁହେଁ, କିନ୍ତୁ ଏହା କହିବାର ଅର୍ଥ ହେଉଛି ଭାଷା ହେଉଛି ସଭ୍ୟତା, ସଂସ୍କୃତି ଓ ଇତିହାସର ବାହକ। ଭାଷା ବିନା ଉଭୟ ମଣିଷ ଓ ମାନବିକତା ନୀରବ ରୁହନ୍ତି। ଜଣେ ବ୍ୟକ୍ତି ଯିଏ ନିଜ ପରି ଦେଖାଯାଏ ସେ ମଧ ସେହି ମୁହୂର୍ତ୍ତରେ ବିଦେଶୀ ଅନୁଭବ କରିବା ଆରମ୍ଭ କରେ ଯେତେବେଳେ ଆମେ ଶବ୍ଦ ମାଧମରେ ତାଙ୍କ ସହିତ ସଂଯୋଗ କରିବାକୁ ସକ୍ଷମ ନୁହଁ। ଠିକ୍ ଏଠାରେ ଆମର ଭାଷା କହିବା।

ତେଣୁ ବ୍ୟକ୍ତିଟି ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଏ, ଯଦିଓ ସେ ନିଜର ବୋଲି ମନେହୁଏ। କାରଣ ଭାଷା ବିକାଶର ପ୍ରବାହ ମଣିଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇପାରିଛି। ଏଥିରେ କୌଣସି ସନ୍ଦେହ ନାହାଁ ଯେ ଭାଷା ଯୋଗାଯୋଗର ଏକ ମାଧମ ବୋଲି। କିନ୍ତୁ ସେହି ସମୟରେ ସାହିତ୍ୟ ଏହି ମାଧମ ମାଧମରେ ସୃଜନଶୀଳ ଭାବରେ କଥାବାର୍ତ୍ତା ହୁଏ ସତ, ତଥାପି, ଏହି ପ୍ରଶ୍ନ ସର୍ବଦା ବିବାଦରେ ରହିଆସିଛି। ଭାଷା ଓ ସାହିତ୍ୟର ପ୍ରକୃତ ସମ୍ପର୍କ କ'ଣ। ଏହାର ଅନୁପାତ ଉପରେ ସାହିତ୍ୟ ଓ ଭାଷାର ଅସ୍ତିତ୍ୱ ବିକାଶ କେତେ ନିର୍ଭର କରେ ତାହା ଉପରେ ପରୀକ୍ଷା କରାଯାଇଛି। ଏହି ପରିପ୍ରେକ୍ଷୀରେ, ଆଗ୍ନୋଷ୍ଟିକ୍ କୁ ମନେ ପକାଇ ଦିଏ , ସେ କହିଥିଲେ ଯେ ଶବ୍ଦରେ ଭାଷା କେବଳ ଯୋଗାଯୋଗର ଅଭିବ୍ୟକ୍ତି ନୁହେଁ, ଦର୍ଶନର ଅଭିବ୍ୟକ୍ତି ମଧ ଅଟେ। ଭାଷା ମାଧମରେ ଆମେ କେବଳ ଜାଣିବା ନୁହେଁ ବରଂ ଭାବିବା ମଧ ଶିଖିବା। ଏହା ମଣିଷର ପରିଚୟ ଓ ଏହା ହେଉଛି ଏକମାତ୍ର ମାଧମ ଯାହା ମାଧମରେ ମଣିଷ ନିଜ ହୃଦୟ ଓ ମନର ଚିନ୍ତାଧାରାକୁ ଅନ୍ୟମାନଙ୍କୁ ପ୍ରକାଶ କରି ସମାଜରେ ପାରସ୍ପରିକ ସମ୍ପର୍କ ବଜାୟ ରଖେ। ଏହି ପରିପ୍ରେକ୍ଷୀରେ, ଆଧୁନିକ ସମାଜ ଓ ଗୋଷ୍ଠୀ ଗଠନରେ ଭାଷାର ଭୂମିକା ବ୍ୟାଖ୍ୟା କରିବା କଷ୍ଟକର ନୁହେଁ। ପରବର୍ତ୍ତୀ ଦିନରେ ହିଁ ଭାଷା ମନୁଷ୍ୟ ମଧରେ ନିରନ୍ତର ସମୃଦ୍ଧ ହେଲା ଏବଂ ଏହାର ଉନ୍ନତି ପାଇଁ ମାନଦଣ୍ଡ ମଧ ସ୍ଥିର ହେଲା।

ସାହିତ୍ୟ କେବଳ ଉତ୍କୃଷ୍ଟ ଭାଷାରେ ରଚନା କରାଯାଇଛି। ଏକ ଉପାୟରେ ସାହିତ୍ୟ ହେଉଛି ଏକ ଭାଷାଭିତ୍ତିକ କଳା। ମଣିଷ ଭିତରେ ଯେତେ ଚିନ୍ତାଧାରା ଉତ୍ତେଜିତ ହେଉନା କାହିଁକି, ଭାଷାର ଗର୍ଭରୁ ସାହିତ୍ୟ ଜନ୍ମ ହୁଏ। ସାହିତ୍ୟରେ ସୃଜନଶୀଳତା ଓ ଚିତ୍ରକଳାର ଆଭିମୁଖ୍ୟ ସତ୍ତ୍ୱେ ଭାଷାର ସ୍ଥିତି ଦଳୀୟ ନୁହେଁ। ସର୍ବଶେଷରେ, ଯେକୌଣସି ଭାଷାର ଶବ୍ଦଗୁଡ଼ିକ ରଚନା ରୂପ ନେଇ ସାହିତ୍ୟ ହୋଇଯାଏ। ସାହିତ୍ୟ ଭାଷାରୁ ଆସିଛି, ତେଣୁ ଯେକୌଣସି ଭାଷାର ସମୃଦ୍ଧତା ମଧ ସାହିତ୍ୟର ଉଚ୍ଚତା ଓ ଗଭୀରତା ଦ୍ୱାରା ନିର୍ଣ୍ଣୟ କରାଯାଏ। ସାହିତ୍ୟ ଓ ଭାଷା ପରସ୍ପର ପାଇଁ ପରିପକ୍ୱ ହୁଅନ୍ତି ଓ ଅନ୍ୟକୁ ସ୍କୋର୍ କରି ମୋ ସମ୍ମୁଖରେ ସମାନ୍ତରାଳ ଭାବରେ ଯାଆନ୍ତି। ବାସ୍ତବରେ ସାହିତ୍ୟ ଓ ଭାଷା ନିଜେ ଶବ୍ଦର ବିଭିନ୍ନ ରୂପ ଭାଷାର ଶକ୍ତି ଦ୍ୱାରା ଯେକୌଣସି ଭାବନା, ଚିନ୍ତା, ଅନୁଭବ ସିଧାସଳଖ ଅଭିବ୍ୟକ୍ତିର ରୂପ ନେଇଥାଏ। ଏହା ମନୁଷ୍ୟର ପ୍ରାକୃତିକ ବିକାଶ ପ୍ରବୃତ୍ତିକୁ ଦର୍ଶାଏ। ମଣିଷ ଜନ୍ମ ହେବା ମାତ୍ରେ ଭାଷା ଶିଖିବା ଆରମ୍ଭ କରେ ଓ ବିଭିନ୍ନ ଅଭିବ୍ୟକ୍ତିର ପର୍ଯ୍ୟାୟ ଦେଇ ଗତି କରୁଥିବା ଚିନ୍ତାଧାରା ଜଗତରେ ଭ୍ରମଣ କରେ। ସେଠାରେ କିଛି ବିନ୍ଦୁ ଉପରେ ଧାନ ଦେବା ପରେ, ଚିନ୍ତା କରିବା ପରେ ସେ ସାହିତ୍ୟ ଆଡ଼କୁ ଗତି କରିଥାନ୍ତି।

ଏହା କୁହାଯାଇପାରେ ଯେ ଭାଷା ହେଉଛି ସାହିତ୍ୟର ପ୍ରାକୃତ ରୂପ, ତେଣୁ ସାହିତ୍ୟ ହେଉଛି ଭାଷାର ବିଶୋଧିତ ରୂପ, ସାହିତ୍ୟର ଭାଷାରୁ ବାହାରିବା ପରେ ମଧ ଆହୁରି ଅନେକ କିଛି ଯୋଡିବାରେ ଲାଗିଛି। କାରଣ ଏହା କେବଳ ଭାଷାର ନିୟମରେ ବନ୍ଧା ହୋଇଥିବା ବାକ୍ୟର ଏକ ସେଟ୍ ନୁହେଁ ବରଂ ଏହା ମଧ ଏକ ପୃଥକ ସଂସ୍ଥା, ଯାହାକି ଜୀବନରେ ଯେକୌଣସି ଭାଷାକୁ ଅଧୀନ କରି, ସମସ୍ତ ଭାଷାଭିତ୍ତିକ ପରିବର୍ତ୍ତନକୁ ଅତିକ୍ରମ କରି ମଣିଷର ସମ୍ବେଦନଶୀଳତା ନିଜକୁ ଧାରଣ କରେ। ଗୋଟିଏ ପଟେ ଭାଷାର ଅସ୍ତିତ୍ୱ ସାମୟିକତା ଉପରେ ଅଧିକ ନିର୍ଭର କରେ ଓ ଏହାର ସରଳତା ଏହାର ବିସ୍ତାରର ମୂଳ, ଅନ୍ୟ ପଟେ ସାହିତ୍ୟର ଚାହିଦା ସରଳତା ଅପେକ୍ଷା ଅଧିକ ମିଳିତ ଅଟେ। ସାହିତ୍ୟ ପ୍ରାୟତଃ ସେହି ଭାଷାର ରୂପ ନେଇଥାଏ , ଯାହା ବୃଦ୍ଧ ହେବାରେ ଅସୁବିଧା ହେତୁ ଲୋକଙ୍କ ଜିଭରେ ରହେ ନାହିଁ, କିନ୍ତୁ ସମାନ ସ୍ୱଚ୍ଛତା ଦ୍ୱାରା ଭାଷା ସୌନ୍ଦର୍ଯ୍ୟ ସୃଷ୍ଟି କରୁଥିବା ଲେଖକଙ୍କ ସୃଷ୍ଟି ଅମର ହୋଇଯାଏ। ସାହିତ୍ୟ ସହିତ, ଭାଷାର ବିକାଶ ଉପରେ ମଧ କାର୍ଯ୍ୟ କରିବା ଉଚିତ୍ , ଏହା ମଧ ଘଟିଛି। କିନ୍ତୁ ଏହି ଦିଗରେ ନିରନ୍ତର କାର୍ଯ୍ୟ କେବଳ ଆମକୁ ଧାରଣା ସହିତ ସମୃଦ୍ଧ କରିବ। ମୋର ବ୍ୟକ୍ତିଗତ ମତ ଭାଷାଭାଷୀମାନଙ୍କ ଅପେକ୍ଷା ଆମକୁ ଭାଷାଭାଷୀମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ସାହିତ୍ୟ ବିନା ଭାଷା ମଧ ମନୁଷ୍ୟର ଏକ ମୌଳିକ ଆବଶ୍ୟକତା। ଭାଷାର ବ୍ୟବହାର ସହିତ ମଣିଷ କେବଳ ନିଜର ଭାବନାକୁ ଯୋଗାଯୋଗ କରିବାକୁ ଶିଖେ ନାହିଁ, ମାନବ ବିକାଶର ସମସ୍ତ ପାହାଚ ଅତିକ୍ରମ କରିବାରେ ଭାଷାର ବିଶେଷ ଅବଦାନ ରହିଛି। ସତ୍ୟରେ ପୃଥିବୀ , ସତ୍ୟରେ ସୂର୍ଯ୍ୟ ଉତ୍ତାପ ଦେଉଛନ୍ତି, ସତ୍ୟରେ ବାୟୁ ପ୍ରବାହିତ ହେଉଛି ଓ ସବୁ ଜିନିଷ ସତ୍ୟରେ ହିଁ ସ୍ଥିତ ଅଛନ୍ତି,ସତ୍ୟଟା ସବୁବେଳେ ସତ୍ୟ, ଯୁଗେଜୁଗେ ପରିବର୍ତ୍ତନାନିକଟରେ ମହାନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ନିର୍ବାଚନ ଅଛି। ଏଠି ବି ରାଜନୀତି!ପଦବୀ ଦଖଲର ମୋହ!ଫୋଟ ଉଠା ଆତ୍ମ ପ୍ରଚାର। ସାହିତ୍ୟ କମ୍,ଘୋଡା ଦୌଡ ବେଶୀ। ଜୟ ଜଗନ୍ନାଥ ସ୍ୱାମୀ।


**ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ**
**କଟକ -୪, ମୋବାଇଲ୍: ୯୦୪୦୧୫୧୪୭୫**

# ଗାଜା ଶାନ୍ତି ସମ୍ମିଳନୀ ପାଇଁ ମୋଦିଙ୍କୁ ନିମନ୍ତ୍ରଣ



ନୂଆଦିଲ୍ଲୀ,୧୨।୧୦: ଗାଜାରେ ଗତ ଦୁଇବର୍ଷ ହେବ ଜାରି ସଂଘର୍ଷ ଏବେ ଶାନ୍ତିରେ ବଦଳିବା ନଜର ଆସୁଛି। ଅସ୍ତ୍ରବିରତି ଲାଗୁ ହେବାର ପ୍ରକ୍ରିୟାର ପୂରା ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ ଏବେ ଇଜିପ୍ଟରେ ଏକ ଆନ୍ତର୍ଜାତିକ ସମ୍ମିଳନୀ ମାଧମରେ ଏହି ଚୁକ୍ତିକୁ ଅନ୍ତିମ ରୂପ ଦେବାର ପ୍ରସ୍ତୁତିରେ। ଇଜିପ୍ଟର ଶର୍ମ ଅଲ୍ ଶେଖରେ ୧୩ ଅକ୍ଟୋବରରେ ହେବାକୁ ଥିବା ଉକ୍ତ ବୈଠକରେ ପିଏମ୍ ମୋଦିଙ୍କୁ ମଧ ଆମନ୍ତ୍ରଣ କରାଯାଇଛି। ହେଲେ ଏହି ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ବିଦେଶ ରାଜ୍ୟ ମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ସାମିଲ ହେବେ। ଉଲ୍ଲେଖନୀୟ ଯେ, ଏହି ସମ୍ମିଳନୀ ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ ଓ ଇଜିପ୍ଟର ରାଷ୍ଟ୍ରପତି ଅବଦେଲ ଫତେହ ଅଲ ସିସିଙ୍କ ମିଳିତ ଅଧକ୍ଷତାରେ ହେବ।

ଏହି ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ହମାସ ଓ ଇସ୍ରାଏଲ ମଧରେ ନିକଟରେ ହୋଇଥିବା ଯୁଦ୍ଧ ବିରତିକୁ ଆହୁରି ଅଧିକ ଦୃଢ଼ କରିବା। ଏହି ଅନୁସାରେ ମଧ-ପୂର୍ବରେ ଦୀର୍ଘକାଳିନ ଶାନ୍ତି ସ୍ଥାପନାର ସମ୍ଭାବନା ସୃଷ୍ଟି ହେବ। ଇଜିପ୍ଟର ରାଷ୍ଟ୍ରପତି କାର୍ଯ୍ୟାଳୟ କହିଛି, ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ଗାଜା ପଟ୍ଟୀରେ ଯୁଦ୍ଧକୁ ସମାପ୍ତ କରିବା , କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଆଣିବା ପ୍ରୟାସକୁ ବଢ଼ାଇବା ଓ ସୁରକ୍ଷାର ଏକ ନୂଆ ପର୍ଯ୍ୟାୟର ଆରମ୍ଭ କରିବା।

ଏହି ସମ୍ମିଳନୀ ପାଇଁ ଅନେକ ଦେଶର ମୁଖ୍ୟଙ୍କୁ ନିମନ୍ତ୍ରଣ ପତ୍ର ପଠାଯାଇଛି। ଏହି ଦେଶ ଗୁଡ଼ିକ ତାଲିକାରେ ସ୍ପେନ୍, ଜାପାନ, ଅଜରବୈଜାନ, ଆର୍ମେନିଆ , ହଙ୍ଗେରୀ , ଭାରତ , ଅଲ ସଲଭାଡୋର, ସାଇପ୍ରସ୍, ଗ୍ରୀସ୍, ବାହାରିନ , କୁଏତ୍ ଓ କାନାଡା ସହ ଆମେରିକାର ଅନେକ ରଣନୀତିକ ପାର୍ଟନରସିପ୍ ଦେଶ ସାମିଲ ଅଛି। ଏହା ବ୍ୟତୀତ ଇରାନକୁ ମଧ ନିମନ୍ତ୍ରିତ କରାଯାଇଛି। ହେଲେ ଇସ୍ରାଏଲ ଏହି ଆଲୋଚନାରେ ଭାଗ ନେଉ ନାହିଁ।

# ଭୁଲ୍ ଥିଲା ଅପରେସନ୍ ବ୍ଲୁ-ଷ୍ଟାର



ନୂଆଦିଲ୍ଲୀ, ୧୨।୧୦: ପୁଣି କଂଗ୍ରେସକୁ ଅଡୁଆରେ ପକାଇଛନ୍ତି ପୂର୍ବତନ ଗୃହମନ୍ତ୍ରୀ ପି ଚିଦାମ୍ବରମ। ସିଧା ସିଧା ଇନ୍ଦିରା ଗାନ୍ଧୀଙ୍କୁ ଲକ୍ଷ୍ୟକରି ଚିଦାମ୍ବରମ ଏମିତି କିଛି ବୟାନ ରଖିଛନ୍ତି। ଯାହା ଖୋଦ୍ କଂଗ୍ରେସ ନେତାଙ୍କୁ ବି ଆଶ୍ଚର୍ଯ୍ୟ କରିଛି। ଚିଦାମ୍ବରମ କହିଛନ୍ତି ଅପରେସନ୍ ବ୍ଲୁ ଷ୍ଟାର ଭୁଲ ଥିଲା। ଆଉ ଭୁଲ ଢଙ୍ଗରେ ଏହାକୁ କରାଯାଇଥିଲା। ଯାହାର ମୂଲ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜର ଜୀବନ ଦେଇ ସୁଝିଥିଲେ।

ଚିଦାମ୍ବରମ ଇନ୍ଦିରା ଗାନ୍ଧୀଙ୍କୁ ଲକ୍ଷ୍ୟ କରି ଆହୁରି ମଧ କହିଛନ୍ତି। ୧୯୮୪ ମସିହା ଜୁନ୍ ମାସରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରୁ ଆତଙ୍କବାଦୀମାନଙ୍କୁ ବାହାର କରିବା ପାଇଁ ଯେଉଁ ଅପରେସନ୍ ବ୍ଲୁ ଷ୍ଟାର କରାଯାଇଥିଲା, ତା ଗୋଟିଏ ଭୁଲ୍ ଆଭିମୁଖ୍ୟ ଥିଲା। ତେବେ ଏ ନିଷ୍ପତ୍ତି କିନ୍ତୁ କେବଳ ଇନ୍ଦିରା ଗାନ୍ଧୀ ନେଇନଥିଲେ। ଇଣ୍ଟେଲିଜେନ୍ସ, ପ୍ରଶାସନିକ ଅଫିସର ମଧ ଏହି ନିଷ୍ପତ୍ତିରେ ସାମିଲ ଥିଲେ। ସମସ୍ତେ ମିଶି ସ୍ୱର୍ଣ୍ଣ ମନ୍ଦିରକୁ ସେନା ପଠାଇବାକୁ ନିଷ୍ପତ୍ତି ନେଇଥିଲେ। ଯାହାକି ଏକ ଭୁଲ ନିଷ୍ପତ୍ତି ଥିଲା ବୋଲି କହିଛନ୍ତି ପି ଚିଦାମ୍ବରମ।

ଚିଦାମ୍ବରମଙ୍କ ପୂର୍ବରୁ ରାହୁଲ ଗାନ୍ଧୀଙ୍କର ମଧ ଏହିପରି ଗୋଟିଏ ବୟାନ ବେଶ ଭାଇରାଲ୍ ହୋଇଥିଲା। ମେ ୪ ତାରିଖରେ ରାହୁଲ ଗାନ୍ଧୀଙ୍କର ଗୋଟିଏ ଭିଡିଓ ଭାଇରାଲ୍ ହୋଇଥିଲା। ଯେଉଁଥିରେ ସେ କହିଥିଲେ ୧୯୮୪ ମସିହାର ଅପରେସନ୍ ବ୍ଲୁ ଷ୍ଟାର ଏକ ଭୁଲ ଥିଲା। ତେବେ ୮୦ ଦଶକରେ କଂଗ୍ରେସ ଯାହା ବି ଭୁଲ କରିଥିଲା, ତାହାର ଦାୟିତ୍ୱ ନେବାକୁ ମୁଁ ପ୍ରସ୍ତୁତ। ୧୯୮୪ ମସିହାରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରୁ ଉଗ୍ରବାଦୀମାନଙ୍କୁ ହଟାଇବା ପାଇଁ କରାଯାଇଥିଲା ଅପରେସନ୍ ବ୍ଲୁ ଷ୍ଟାର। ସେତେବେଳେ ପ୍ରଧାନମନ୍ତ୍ରୀ ଥିବା ଇନ୍ଦିରା ଗାନ୍ଧୀଙ୍କ କହିବା ଅନୁସାରେ ଏହି ଅପରେସନ୍ କରାଯାଇଥିଲା। ଯେଉଥିରେ କି ଉଗ୍ରବାଦୀମାନଙ୍କୁ ହଟାଇବା ପାଇଁ ସ୍ୱର୍ଣ୍ଣମନ୍ଦିରରେ ପ୍ରବେଶ କରିଥିଲା ସେନା। ତେବେ ଏହାର ଜବାବରେ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ନିଜର ଅଙ୍ଗରକ୍ଷକ ହିଁ ଗୁଳି କରି ହତ୍ୟା କରିଥିଲେ। ଆଉ ଏହି ଘଟଣାର ଦୀର୍ଘ ବର୍ଷ ପରେ ଏବେ ପି ଚିଦାମ୍ବରମ ଏହି ସୈନ୍ୟ ଅଭିଯାନକୁ ଭୁଲ ବୋଲି ଦର୍ଶାଇବା ସହିତ କଂଗ୍ରେସ ନେତାଙ୍କୁ ଅଡୁଆରେ ପକାଇଛନ୍ତି।

● କଂଗ୍ରେସକୁ ଶୁଣାଇଲା ଆରଜେଡି

# ଲୋକ ସମର୍ଥନ ଆଧାରରେ ଆସନ ମାଗ



ପାଟନା,୧୨।୧୦: ବିହାର ବିଧାନସଭା ନିର୍ବାଚନକୁ ନେଇ ଏବେ ରାଜନୈତିକ ପ୍ରସ୍ତୁତି ଜୋରସୋରରେ ଚାଲିଛି। ରାଜନୈତିକ ଦଳଗୁଡ଼ିକ ଆସନ ବଣ୍ଟନକୁ ଚୂଡ଼ାନ୍ତ କରିବାରେ ବ୍ୟସ୍ତ ଅଛନ୍ତି। ଏହି ସମୟରେ, ରାଷ୍ଟ୍ରୀୟ ଜନତା ଦଳ ବିହାର ସଭାପତି ମଙ୍ଗାନି ଲାଲ ମଣ୍ଡଳ ଆସନ ବଣ୍ଟନ ଏବଂ ମହାଗଠବନ୍ଧନରେ ଯୋଗଦାନ କରୁଥିବା ଅନ୍ୟ ଦଳଗୁଡ଼ିକ ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛନ୍ତି। ଆରଜେଡିର ବିହାର ସଭାପତି ମଙ୍ଗାନି ଲାଲ ମଣ୍ଡଳ କହିଛନ୍ତି, ସହଯୋଗୀମାନେ ଅଧିକ ଆସନ ଦାବି କରୁଛନ୍ତି, କିନ୍ତୁ ଆମେ ୨୦୨୪ ଲୋକସଭା ନିର୍ବାଚନରେ ମହାଗଠବନ୍ଧନରେ ଆସନ ବଣ୍ଟନ ଚୁକ୍ତିନାମା ପରି ସମାନ ଫର୍ମୁଲା ଆଧାରରେ ବିହାର ବିଧାନସଭା ନିର୍ବାଚନରେ ଆସନ ବଣ୍ଟନ ଚାହୁଁଛୁ। ଆମେ ସହଯୋଗୀମାନଙ୍କୁ ଫର୍ମୁଲା ପଠାଇଛୁ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଆସନ ବଣ୍ଟନ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରାଯିବ। ସେ ଆହୁରି କହିଛନ୍ତି, ଆରଜେଡି ଏହାର ପ୍ରାର୍ଥୀମାନଙ୍କୁ ନାମାଙ୍କନ ଦାଖଲ କରିବାକୁ କହିଛି। ଯେଉଁ ଆସନରେ କୌଣସି ବିବାଦ ନାହିଁ ସେଠାରେ ନାମାଙ୍କନ ଦାଖଲ କରିବାକୁ ଆରଜେଡି ପ୍ରାର୍ଥୀମାନଙ୍କୁ କୁହାଯାଇଛି। ଏଥିରେ କୌଣସି ଭୁଲ ନାହିଁ। ଆସନ ବଣ୍ଟନ ଘୋଷଣା ଏବଂ ଏକ ମିଳିତ ପ୍ରାର୍ଥୀ ଘୋଷଣା କରାଯିବ। ଏହା ପରେ, ମହାଗଠବନ୍ଧନ ଦଳଗୁଡ଼ିକ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ମୁହଁ ଭାବରେ ଆନୁଷ୍ଠାନିକ ଭାବରେ ଘୋଷଣା କରିବେ। ମଣ୍ଡଳ କହିଛନ୍ତି, ତେଜସ୍ୱୀ ହେଉଛନ୍ତି ମୁଖ୍ୟମନ୍ତ୍ରୀ ଚେହେରା। ସେ ୨୦୨୦ରେ ମଧ୍ୟ ଥିଲେ। ୨୦୨୦ରେ ଆମେ କଂଗ୍ରେସକୁ ୭୦ ଆସନ ଦେଇଥିଲୁ, କିନ୍ତୁ କଂଗ୍ରେସ ୫୧ ଆସନ ହରାଇଥିଲା, ତେଣୁ ଆମକୁ ସରକାର ଗଠନ କରିବାର ସୁଯୋଗ ମିଳିଲା ନାହିଁ, ଏବଂ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହୋଇପାରିଲେ ନାହିଁ। ସହଯୋଗୀ ଦଳଗୁଡ଼ିକୁ ପରାମର୍ଶ ଦେଇ ସେ କହିଛନ୍ତି ଯେ , ସେମାନେ ସେମାନଙ୍କ ପ୍ରାର୍ଥୀ, ସେମାନଙ୍କର ସମର୍ଥନ ଆଧାର ବିଷୟରେ ସତର୍କତାର ସହ ବିଚାର କରିବା ଉଚିତ ଏବଂ ସେହି ଅନୁଯାୟୀ ଆସନ ଦାବି କରିବା ଉଚିତ।

# ଆଇଏମ୍ଏଫ୍ ଋଣ ନେଇ ହରଡ଼ ଘଣାରେ ପାକିସ୍ତାନ



ନୂଆଦିଲ୍ଲୀ ୧୧।୧୦: ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ) ଓ ବିଶ୍ୱବ୍ୟାଙ୍କରୁ ଋଣ ନେଇ ଘିଅ ପିଉଥିବା ପାକିସ୍ତାନ ଏବେ ଏପରି ଆର୍ଥିକ ଦୁଷ୍ଚକ୍ରରେ ଫଶି ଯାଇଛି ଯେ ଏଥିରୁ ଅନେକ ସମୟ ପର୍ଯ୍ୟନ୍ତ ମୁକୁଳି ପାରିବନି। ଆଇଏମଏଫ ତାଙ୍କ ଫଣ୍ଡିଂର ଉଚିତ ଉପଯୋଗ ସମ୍ପର୍କିତ ସମୀକ୍ଷାରେ ଏପରି ଅନେକ ତ୍ରୁଟି ଧରିଛନ୍ତି ଯାହାର ଏବେ ପାକିସ୍ତାନ ଜବାବ ଦେଇପାରୁନି। ଆଇଏମଏଫ ପାକିସ୍ତାନକୁ ୧୧ ବିଲିୟନ ଡଲାରର ହିସାବ ମାଗିଛନ୍ତି।

ଏହା ଛଡା ଆଇଏମଏଫ ପାକିସ୍ତାନର ସୁଧାର ଗତିବିଦ୍ଧିରେ ଧିମା ପ୍ରଗତି ଓ ପାରଦର୍ଶିତା ଉପରେ ମଧ୍ୟ ଚିନ୍ତା ବ୍ୟକ୍ତ କରିଛନ୍ତି। ପାକିସ୍ତାନ ରେଭିନ୍ୟୁ ଅଟୋମେସନ ଲିମିଟେଡ (ପିଆରଏଲ) ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷରେ ସୂଚିତ କରିଥିବା ଆମଦାନୀ ତଥ୍ୟରେ ପାକିସ୍ତାନ ସିଙ୍ଗଲଓ୍ୱିଣ୍ଡୋ ତଥ୍ୟରୁ ୫.୧ ବିଲିୟନ ଡଲାର କମ ଥିବା ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଅନ୍ତର ବଢି ୫.୭ ବିଲିୟନ ଡଲାର ହୋଇଯାଇଥିବା ଜଣାପଡିଛି।

ପାକିସ୍ତାନ ତଥ୍ୟର ବିଶ୍ୱସନୀୟତା ନେଇ ଏବେ ଆଇଏମଏଫର ଚିନ୍ତା ବଢି ଯାଇଛି। ଯେଉଁଥି ପାଇଁ ଆଇଏମଏଫ ନିବେଶକଙ୍କ ବିଶ୍ୱାସ ହାସଲ କରିବା ନିମନ୍ତେ ସଂଶୋଧନ ଉପାୟ ଓ ଏକ ସ୍ପଷ୍ଟ ସଞ୍ଚାର ରଣନୀତି ଦାବି କରିଛନ୍ତି। ରିପୋର୍ଟ ଅନୁସାରେ ପାକିସ୍ତାନ ପରିସଂଖ୍ୟାନ ବ୍ୟୁରୋ ଏହି ଆଶଙ୍କାରେ ତଥ୍ୟ ସଂଶୋଧନ କରିବାକୁ ସଂକୋଚ କରୁଛି ଯେ ଏଥିରେ ବିକାଶ ଓ ରପ୍ତାନୀ ସଂଖ୍ୟା ଉପରେ ଓଲଟା ପ୍ରଭାବ ଯେପରି ଦେଖିବାକୁ ନ ମିଳେ। ତେବେ ଆଇଏମଏଫ ପାରଦର୍ଶିତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାର ପରିଣାମ ହେଉଛି ପାକିସ୍ତାନ ଉପରେ ବାଲାନ୍ସ ଅଫ ପେମେଣ୍ଟସ ସଂକଟ ଦୀର୍ଘକାଳୀକ ହୋଇଯାଇଛି ଓ ଏହି ଦେଶ ଆଇଏମଏଫ ଉପରେ ନିର୍ଭରଶୀଳ ହୋଇପଡିଛି। ପାକିସ୍ତାନ ଉପରେ ପୂର୍ବରୁ ଆଇଏମଏଫଙ୍କ ୭ ବିଲିୟନ ଡଲାରରୁ ଅଧିକ ଋଣ ବାକି ରହିଛି। ତେବେ ରିପୋର୍ଟ କରାଯାଇଛି ବିଦେଶୀ ଋଣ ଜିଡିପି ୩୫.୧% ସହ ସମାନ ରହିଛି। ରିପୋର୍ଟ ଅନୁସାରେ ପାକିସ୍ତାନର ରପ୍ତାନୀ ଜିଡିପିର ୮% ଏଥିରେ ଆମଦାନୀ ୨୨%ରୁ ଅଧିକ ହେଉଛି। ଏଣୁ ପାକିସ୍ତାନର ବିଦେଶୀ ମୁଦ୍ରା ଘାଟା ଢେର ବଢି ଯାଇଛି। ଏଣୁ ଏହାକୁ ସମ୍ଭାଳିବା ପାଇଁ ପୁଣି ଋଣ କରାଯାଉଛି।

# ଆଜମ ଖାନଙ୍କୁ ମିଳିଲା ୱାଇ ବର୍ଗର ସୁରକ୍ଷା



ନୂଆଦିଲ୍ଲୀ, ୧୨।୧୦: ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ସଦସ୍ୟ ଏବଂ ବରିଷ୍ଠ ନେତା ଆଜମ ଖାନ ସୀତାପୁର ଜେଲରୁ ମୁକ୍ତ ହେବା ପରଠାରୁ ଖବରର ଶିରୋନାମାରେ ଅଛନ୍ତି। ରାମପୁରରେ ରହୁଥିବା ଆଜମ ଖାନଙ୍କ ନିକଟକୁ ପରିଦର୍ଶକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ପରିଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ, ସରକାରଙ୍କ ଗୃହ ବିଭାଗ ତାଙ୍କ ସୁରକ୍ଷା ପୁନଃସ୍ଥାପିତ କରିଛି। ତାଙ୍କୁ ୱାଇ-ବର୍ଗ ସୁରକ୍ଷା ଦିଆଯିବ। ସରକାରଙ୍କ ନିର୍ଦ୍ଦେଶ ଏବଂ ରାମପୁର ଏସପିଙ୍କ ନିର୍ଦ୍ଦେଶରେ, ଶନିବାରଠାରୁ ତାଙ୍କ ସୁରକ୍ଷା ପାଇଁ ଜଣେ ଗାର୍ଡ ଏବଂ ଜଣେ ଗନର୍ ନିୟୋଜିତ ହୋଇଛନ୍ତି। ପୂର୍ବରୁ ଆଜମ ଖାନଙ୍କୁ ୱାଇ-ବର୍ଗ ସୁରକ୍ଷା ଯୋଗାଇ ଦିଆଯାଇଥିଲା, କିନ୍ତୁ ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ, ବିଧାନସଭାରେ ତାଙ୍କର ସଦସ୍ୟତା ବାତିଲ କରାଯାଇଥିଲା ଏବଂ ସୁରକ୍ଷା ପ୍ରତ୍ୟାହାର କରାଯାଇଥିଲା। ଆଜମ ଖାନ ରାମପୁରରୁ ଦଶ ଥର ବିଧାୟକ, ଲୋକସଭା ଏବଂ ରାଜ୍ୟସଭା ସଦସ୍ୟ ଏବଂ ଉତ୍ତର ପ୍ରଦେଶ ବିଧାନସଭାରେ ବିରୋଧୀ ଦଳ ନେତା ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।

# ମେକ୍ସିକୋରେ ଭୟଙ୍କର ବନ୍ୟା: ୪୧ ମୃତ



ମେକ୍ସିକୋ ସିଟି, ୧୨।୧୦: ମେକ୍ସିକୋରେ ପ୍ରବଳ ବର୍ଷା ଯୋଗୁ ଭୟଙ୍କର ବନ୍ୟା ଆସିଛି । ବନ୍ୟା ଓ ଭୂସ୍ଖଳନ ଘଟି ମେକ୍ସିକୋରେ ଏବେ ସୁଦ୍ଧା ୪୧ ଜଣଙ୍କର ମୃତ୍ୟୁ ଘଟି ସାରିଲାଣି। ରାସ୍ତାଗୁଡ଼ିକରେ ୧୨ ଫୁଟରୁ ଅଧିକ ପାଣି ପ୍ରବାହିତ ହେଉଛି। ବହୁ କାର୍ ଭାସି ଯାଉଥିବା ସମୟରେ ଦୁର୍ଘଟଣା ଘଟିବାର ଜୋରଦାର ଶବ୍ଦ ସ୍ଥାନୀୟ ବାସିନ୍ଦା ଶୁଣିଥିଲେ। ସେହି ପାଣି ଆହୁରି ବଢ଼ିବାରେ ଲାଗିଛି। ଅଧିକ ଜଳ ପ୍ରବାହିତ ହେବାରୁ ଯାହା ବାକି ଥିଲା, ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କିଛି ଦୃଶ୍ୟକୁ ଦେଖିଲେ ଲାଗୁଛି ଅତି ଭୟଙ୍କର। ଦକ୍ଷିଣ-ପୂର୍ବ ମେକ୍ସିକୋରେ ଅବିରତ ବର୍ଷା ଯୋଗୁ ହୋଇଥିବା ଭୂସ୍ଖଳନ ଏବଂ ବନ୍ୟାରେ ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି ପାଇଛି। ନିଖୋଜ ଲୋକଙ୍କୁ ଉଦ୍ଧାର କରିବା ପାଇଁ ସୈନିକ ନିୟୋଜିତ ହୋଇଛନ୍ତି। ରାସ୍ତା ସଫାକରି ଯାତାୟାତ ସୁବିଧା କରାଯାଉଛି।

● ଅସ୍ଥାୟୀ ବିଚାରପତି ନିଯୁକ୍ତି ପ୍ରସଙ୍ଗ

# ସୁପ୍ରିମକୋର୍ଟ ମଞ୍ଜୁରୀ ସତ୍ତ୍ୱେ ନାମ ପଠାଇଲେନି ହାଇକୋର୍ଟ



ନୂଆଦିଲ୍ଲୀ,୧୨।୧୦: ସୁପ୍ରିମକୋର୍ଟ ଜାନୁଆରୀ ମାସରେ, ଲକ୍ଷ ଲକ୍ଷ ଫୌଜଦାରୀ ମାମଲା ସମାଧାନ ପାଇଁ ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ପାଇଁ ପଥ ପରିଷ୍କାର କରିଥିଲେ, କିନ୍ତୁ ହାଇକୋର୍ଟଗୁଡ଼ିକ ଏପର୍ଯ୍ୟନ୍ତ କୌଣସି ନାମ ସୁପାରିଶ କରିନାହାଁନ୍ତି। ପ୍ରାୟ ନଅ ମାସ ବିତିଗଲାଣି, କିନ୍ତୁ ହାଇକୋର୍ଟଗୁଡ଼ିକ ଦ୍ୱାରା ଏ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଅକ୍ଟୋବର ୧୧ ସୁଦ୍ଧା ଦେଶର ୨୫ଟି ହାଇକୋର୍ଟ ମଧ୍ୟରୁ କୌଣସି ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ପାଇଁ ସୁପାରିଶ ହୋଇନାହିଁ। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ମଧ୍ୟ ଏହି ସମ୍ପର୍କରେ କୌଣସି ହାଇକୋର୍ଟ କଲେଜିୟମରୁ ସୁପାରିଶ ପାଇନାହିଁ। ଜାନୁଆରୀ ୩୦ ତାରିଖରେ, ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଥିଲେ ଯେ, ଦେଶରେ ୧୮ ଲକ୍ଷରୁ ଅଧିକ ଫୌଜଦାରୀ ମାମଲା ବିଚାରାଧୀନ ଅଛି। ଏହାକୁ ଦୃଷ୍ଟିରେ ରଖି, ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟଗୁଡ଼ିକୁ ସେମାନଙ୍କର ମୋଟ ମଞ୍ଜୁରୀପ୍ରାପ୍ତ କ୍ଷମତାର ୧୦% ପର୍ଯ୍ୟନ୍ତ ଅସ୍ଥାୟୀ ବିଚାରପତିଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦେଇଥିଲେ। ସମ୍ବିଧାନର ଧାରା ୨୨୪ - ଏ ଅନୁଯାୟୀ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତିଙ୍କୁ ଅସ୍ଥାୟୀ ବିଚାରପତି ଭାବରେ ନିଯୁକ୍ତି ଦେବାର ବ୍ୟବସ୍ଥା କରେ। ଯାହାଦ୍ୱାରା ମାମଲା ଭାର ହ୍ରାସ କରିହେବ। ନିୟମ ଅନୁଯାୟୀ, ସମ୍ପୃକ୍ତ ହାଇକୋର୍ଟ କଲେଜିୟମ୍ ପ୍ରାର୍ଥୀମାନଙ୍କୁ ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗକୁ ସୁପାରିଶ କରନ୍ତି। ତା'ପରେ ମନ୍ତ୍ରଣାଳୟ ପ୍ରାର୍ଥୀଙ୍କ ସୂଚନା ଯୋଡି ସୁପ୍ରିମକୋର୍ଟ କଲେଜିୟମକୁ ଫାଇଲ୍ ପଠାଏ। ତା'ପରେ ସୁପ୍ରିମକୋର୍ଟ କଲେଜିୟମ୍ ଏକ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ସରକାରଙ୍କୁ ସୁପାରିଶ କରେ ଯେ, କେଉଁ ବ୍ୟକ୍ତିଙ୍କୁ ବିଚାରପତି ଭାବରେ ନିଯୁକ୍ତି ଦିଆଯିବା ଉଚିତ। ତା'ପରେ ରାଷ୍ଟ୍ରପତି ନିଯୁକ୍ତି ପତ୍ରରେ ସ୍ୱାକ୍ଷର କରନ୍ତି। ଅସ୍ଥାୟୀ ବିଚାରପତିଙ୍କ ନିଯୁକ୍ତି ପ୍ରକ୍ରିୟା ସମାନ ହେବ, କେବଳ ଏତିକି ଯେ, ରାଷ୍ଟ୍ରପତି ନିଯୁକ୍ତି ପତ୍ରରେ ସ୍ୱାକ୍ଷର କରିବେ ନାହିଁ, କିନ୍ତୁ ତାଙ୍କ ସମ୍ମତି ଆବଶ୍ୟକ ହେବ।

# ଶାନ୍ତି ବୁଝାମଣା ପତ୍ରରେ ସ୍ୱାକ୍ଷର କଲାନି ହମାସ

ନୂଆଦିଲ୍ଲୀ ୧୨।୧୦: ପାଲେଷ୍ଟାଇନ ସଂଗଠନ ହମାସ ପ୍ରସ୍ତାବିତ ଗାଜା ଶାନ୍ତି ଚୁକ୍ତି ଉପରେ ହସ୍ତାକ୍ଷର କାର୍ଯ୍ୟକ୍ରମରେ ଭାଗ ନେବ ନାହିଁ। ସଂଗଠନ କହିଛି କି, ଟ୍ରମ୍ପ ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ତାହା ସହ ହମାସ ସମ୍ପୂର୍ଣ୍ଣ ସହମତ ନୁହେଁ। ଏହାକୁ ନେଇ ଦୀର୍ଘଦିନ ହେବ ଯେଉଁ ଚୁକ୍ତି ଉପରେ ସମସ୍ତଙ୍କ ନଜର ରହିଥିଲା ତାହା ଫିକା ପଡ଼ିବାକୁ ଯାଉଛି। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମର ଖବର ମୁତାବକ ହମାସର ନେତାମାନେ ଟ୍ରମ୍ପଙ୍କ ସେହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି ଯେଉଁ ପ୍ରସ୍ତାବରେ ହମାସର ସଦସ୍ୟମାନେ ଗାଜାପଟି ଛାଡିବା ନେଇ ଉଲ୍ଲେଖ ରହିଛି। ହମାସର ରାଜନୈତିକ ବ୍ୟୁରୋ ସଦସ୍ୟ ହୋସମ ବଦରାନ କହିଛନ୍ତି କି, ସେ ପାଲେଷ୍ଟାଇନବାସୀ ହୁଅନ୍ତୁ କି ହମାସ ସଦସ୍ୟ ନିଜ ଜନ୍ମଭୂମି ଛାଡିବା ନେଇ ଯେଉଁ କଥା ଟ୍ରମ୍ପ କହିଛନ୍ତି ତାହାକୁ ଗ୍ରହଣ କରାଯାଇପାରିବ ନାହିଁ। ହମାସ ନେତାଙ୍କ ଏଭଳି ଟିପ୍ପଣୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟ ପୂର୍ବ ଗ୍ରସ୍ତର ଦୁଇଦିନ ଆଗରୁ ଆସିଛି। ଏହାସହ ହମାସର ଜେଣ ବରିଷ୍ଠ ଅଧିକାରୀ କହିଛନ୍ତି କି, ଏସବୁକୁ ଛାଡ଼ି ଅନେକ ରାଜନୈତିକ ପ୍ରତିବନ୍ଧକ ରହିଛି। ସେ କହିଛନ୍ତି କି, ହମାସ ସଦସ୍ୟମାନେ ଅସ୍ତ୍ର ଛାଡିବା ନେଇ ଯେଉଁ ପ୍ରସ୍ତାବ ରହିଛି ତାହା ଅସମ୍ଭବ। ଗାଜା ସରକାରଙ୍କ ଠାରୁ ହମାସ ଅଲଗା ହୋଇଯିବ କିନ୍ତୁ ଅସ୍ତ୍ର ଛାଡିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କହିରଖୁ କି, ଟ୍ରମ୍ପଙ୍କ ପ୍ରସ୍ତାବିତ ଚୁକ୍ତିର ଏକ ଭାଗ ଶୁକ୍ରବାର ଦିନ ଲାଗୁ ହୋଇଥିଲା। ଯେତେବେଳେ ଇସ୍ରାଏଲ ଯୁଦ୍ଧବିରତି ନେଇ ସହମତି ପ୍ରକାଶ କରିଥିଲା ଓ ଗାଜାର କିଛି ଅଞ୍ଚଳରୁ ତା'ର ସୈନ୍ୟ ପ୍ରତ୍ୟାହାର କରିନେଇଥିଲା। ଏହାପରେ କିଛି ବିସ୍ଥାପିତ ପରିବାର (ଯେଉଁମାନଙ୍କ ଘର ଇସ୍ରାଏଲ ଆକ୍ରମଣରେ ଧ୍ୱଂସ ହୋଇଥିଲା) ସେମାନଙ୍କ ଘରକୁ ଫେରିବାକୁ ଆରମ୍ଭ କରିଛନ୍ତି। ଯୁଦ୍ଧ ବିରାମ ଲାଗୁ ହେବା ପରେ ଶନିବାର ଦିନ ହଜାର ହଜାର ଲୋକ ପାଦରେ ଚାଲି ଗାଜା ଦେଇ ଉତ୍ତର ଦିଗକୁ ଆସୁଥିବାର ଦେଖିବାକୁ ମିଳିଥିଲା।

# ବୃଦ୍ଧି ହେବ ଭାରତ-ଆଫଗାନିସ୍ତାନ ବିମାନ ଚଳାଚଳ



ନୂଆଦିଲ୍ଲୀ,୧୨।୧୦ : ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସିଧା ଫ୍ଲାଇଟ୍‌କୁ ନେଇ ଆଫଗାନ ବିଦେଶ ମନ୍ତ୍ରୀ ଆମିର ଖାନ ମୁତ୍ତାକି ବଡ଼ ଘୋଷଣା କରିଛନ୍ତି। ରବିବାର ସେ କହିଛନ୍ତି, ଭାରତୀୟ ବୈଦେଶିକ ମନ୍ତ୍ରୀ କାବୁଲ ଓ ଦିଲ୍ଲୀ ମଧ୍ୟରେ ବିମାନ ଉଡ଼ାଣର ସଂଖ୍ୟା ବୃଦ୍ଧିର ଘୋଷଣା କରିଛନ୍ତି। ଏହା ବ୍ୟତୀତ , ଦୁଇ ଦେଶ ମଧ୍ୟରେ ବ୍ୟାପାର ଓ ଅର୍ଥବ୍ୟବସ୍ଥା ଉପରେ ମଧ୍ୟ ଏକ ଚୁକ୍ତି ହୋଇଛି। ମୁତ୍ତାକି କହିଛନ୍ତି ଯେ, ଆଫଗାନିସ୍ତାନ ଭାରତକୁ ଖଣିଜ, କୃଷି ଓ ଖେଳ କ୍ଷେତ୍ରରେ ନିବେଶ ପାଇଁ ଆମନ୍ତ୍ରିତ କରିଛି। ଆମିର ଖାନ ମୁତ୍ତକି କହିଛନ୍ତି ଯେ, ଚାବହାର ବନ୍ଦରକୁ ନେଇ ମଧ୍ୟ ଆଲୋଚନା ହୋଇଛି। ସେ କହିଛନ୍ତି , ଭାରତ- ଆଫଗାନିସ୍ତାନ ମଧ୍ୟରେ ବ୍ୟାପାର ପାଇଁ ସବୁଠୁ ଦ୍ରୁତ ଓ ସହଜ ମାର୍ଗ ୱାଘା ସୀମାକୁ ଖୋଲିବାକୁ ନିବେଦନ କରିଛନ୍ତି। ଆଫଗାନ ବୈଦେଶିକ ମନ୍ତ୍ରୀ ଦୁଇ ଦିନ ପୂର୍ବେ ତାଙ୍କର ପ୍ରେସ୍ କନଫରେନ୍ସରେ ମହିଳା ସାମ୍ବାଦିକଙ୍କୁ ନିମନ୍ତ୍ରଣ ନଦିଆ ଯିବାର ମାମଲାରେ ସ୍ପଷ୍ଟ କରିଥିଲେ। ସେ କହିଥିଲେ ଯେ, ପିସିକୁ ଏକ ସର୍ଟ ନୋଟିସ୍‌ରେ ଡକା ଯାଇଥିଲା ଏବଂ ସାମ୍ବାଦିକଙ୍କ ଛୋଟ ତାଲିକା ପ୍ରସ୍ତୁତ ହୋଇଥିଲା। ଅଂଶଗ୍ରହଣ ତାଲିକା ନିର୍ଦ୍ଦିଷ୍ଟ ଥିଲା ଏବଂ ଏହା ଏକ ବୈଷୟିକ ଥିଲା। ମୁତ୍ତକି ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ସହକର୍ମୀମାନେ ସାମ୍ବାଦିକଙ୍କ ଏକ ନିର୍ଦ୍ଦିଷ୍ଟ ତାଲିକାରୁ ନିମନ୍ତ୍ରଣ ପଠାଇବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଏହା ପଛରେ ଅନ୍ୟ କୌଣସି ଉଦ୍ଦେଶ୍ୟ ନଥିଲା।

## ଗଣଦୁଷ୍କର୍ମ ପୀଡ଼ିତାଙ୍କୁ ନେଇ ମମତାଙ୍କ ବିବାଦୀୟ ମନ୍ତବ୍ୟ

# ରାତିରେ ଝିଅଙ୍କୁ ବାହାରକୁ ଯିବାକୁ ଅନୁମତି ଦେବା ଉଚିତ ନୁହେଁ



କୋଲକାତା,୧୨।୧୦: ଏକବିଂଶ ଶତାବ୍ଦିରେ ନାରୀ ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ରବିବାର ମମତା ବାନାର୍ଜୀ ଦେଇଥିବା ମନ୍ତବ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଶୁକ୍ରବାର ପଶ୍ଚିମବଙ୍ଗରେ ହୋଇଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ଗଣଦୁଷ୍କର୍ମ ଘଟଣାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୁହଁ ଖୋଲି ରାତି ସାଢ଼େ ୧୨ରେ ସେ ବାହାରକୁ ଯିବା ଠିକ୍ ନଥିଲା ବୋଲି କହିଛନ୍ତି। ମହିଳାମାନଙ୍କୁ ରାତିରେ ଘରୁ ନ ବାହାରିବାକୁ ସେ ପରାମର୍ଶ ଦେଇଛନ୍ତି। ମମତା କହିଛନ୍ତି, ଉକ୍ତ ଛାତ୍ରୀଙ୍କୁ ସୁରକ୍ଷା ଦେବା ମେଡିକାଲ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ ଥିଲା। ଏଥିରେ ଆମ ସରକାରଙ୍କୁ ଅଯଥା ଟାଣିବା ଅନୁଚିତ। ଘଟଣାକୁ ଅତ୍ୟନ୍ତ ଦୁଃଖଦାୟକ ବୋଲି କହିବା ସହିତ ଏଥିରେ ଯିଏ ବି ସାମିଲ ଅଛନ୍ତି କାହାକୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି ମମତା। ଏପରି ଅପରାଧ ପାଇଁ ଆମର ଶୂନ୍ୟ ସହନଶୀଳତା ନୀତି ରହିଛି। ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ପୋଲିସ ଅନ୍ୟମାନଙ୍କୁ ଖୋଜୁଛି। କାହାକୁ ମଧ ଛଡ଼ାଯିବ ନାହିଁ। ତେବେ ଘଟଣାକୁ ନେଇ ବାରମ୍ବାର ତାଙ୍କ ସରକାରଙ୍କୁ କାହିଁକି ଦାୟୀ କରାଯାଉଛି ବୋଲି ସେ କହିଛନ୍ତି। ଓଡ଼ିଶା ପୁରୀ ସମୁଦ୍ର କୂଳରେ ମଧ ଏଭଳି ଘଟଣା ଘଟିଥିଲା। ଏଥିରେ ଓଡ଼ିଶା ସରକାର କ'ଣ କାର୍ଯ୍ୟାନୁଷ୍ଠାନ ନେଲେ ବୋଲି ମମତା ପ୍ରଶ୍ନ କରିଛନ୍ତି।

# ମୁମ୍ବାଇରେ ଧରାପଡ଼ିଲେ ବାଂଲାଦେଶୀ ମହିଳା



ମୁମ୍ବାଇ ୧୨।୧୦: ଅବୈଧ ବସବାସ କରୁଥିବା ବାଂଲାଦେଶୀ ମହିଳା ଜରିନା ଖାତୁନ(୩୬)କୁ ମୁମ୍ବାଇ ପୋଲିସ ଅଟକ ରଖିଛି। ଦେବନାର ପୋଲିସ ମହିଳାଙ୍କ ଡିପୋର୍ଟେସନ ପ୍ରକ୍ରିୟା ଆରମ୍ଭ କରିଛି। ପୋଲିସକୁ ସୂଚନା ମିଳିଥିଲା ଯେ, ଅଞ୍ଚଳକୁ ଏପରି ଜଣେ ମହିଳା ପ୍ରବେଶ କରିପାରନ୍ତି। ସେହି ଅନୁସାରେ ପୋଲିସ ତଦନ୍ତ କରି ମହିଳାଙ୍କୁ ଖୋଜି ବାହାର କରିଛି। ପୋଲିସ କହିଛି ଯେ, ବିନା ବୈଧ କାଗଜପତ୍ରରେ ମହିଳା ଭାରତକୁ ଅନୁପ୍ରବେଶ କରିଥିଲେ। ସେ ବାଂଲାଦେଶୀ ବୋଲି ତା ନିକଟରୁ ପ୍ରମାଣ ମିଳିଛି।

ଏହି କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଗତ ମାସରେ ପୋଲିସ ଜାଗେଶ୍ୱରୀ ଅଞ୍ଚଳରୁ ମୋଟ ୫ ଜଣ ବାଂଲାଦେଶୀଙ୍କୁ ଧରିଥିଲା। ଜାଗେଶ୍ୱରୀ ଇଷ୍ଟରେ ଥିବା ଏମଏମଆରଡିଏ କଲୋନୀ ସମ୍ମୁଖରୁ ଜଣେ ସନ୍ଦିଗ୍ଧଙ୍କୁ ଧରିବା ପରେ ତାକୁ ସଲିମ ବଲାଇ ମୋଲ୍ଲା ଭାବେ ଚିହ୍ନଟ କରାଯାଇଥିଲା। ତାକୁ ପଚରା ଉଚରା କରାଯିବାରେ ତା ସହ ମୁମ୍ବାଇରେ ଆଉ ୪ ଜଣ ଥିବା ସୂଚନା ମିଳିଥିଲା। ସଲିମର ସୂଚନା ଆଧାରରେ ସମସ୍ତଙ୍କୁ ଗିରଫ କରାଯାଇଛି।

ମୁମ୍ବାଇ ପୋଲିସ ଅନୁସାରେ ସହରରେ ବିଦେଶୀ ନାଗରିକଙ୍କ ଗତିବିଦ୍ଧି ଉପରେ ଲଗାତାର ନଜର ରଖାଯାଉଛି ଓ ସୂଚନା ମିଳିବା ମାତ୍ରେ କାର୍ଯ୍ୟାନୁଷ୍ଠାନ କରାଯାଉଛି। ଅଧିକାରୀଙ୍କ ଅନୁସାରେ ଅବୈଧ ବାସିନ୍ଦାଙ୍କୁ ଧରି ସେମାନଙ୍କ ଡିପୋର୍ଟେସନ ପ୍ରକ୍ରିୟା ଦ୍ରୁତ କରାଯିବାର କାରଣ ହେଉଛି ଆଇନ ପରିସରରେ ରହି ବିଦେଶୀ ନାଗରିକ ଅଧିକ ସମୟ ଭାରତରେ ରହି ନ ପାରନ୍ତୁ। ଏପରି ମାମଲାକୁ ନେଇ ପୋଲିସ ସମ୍ପୂର୍ଣ୍ଣ ସତର୍କ ଓ ଏପରି ମାମଲା ଉପରେ ନଜର ରଖାଯାଇଛି। ଜରିନା ଖାତୁନ ସହିତ ଧରାପଡିଥିବା ଅନ୍ୟମାନଙ୍କୁ ଅବୈଧ ନାଗରିକ ମାମଲାରେ ପରବର୍ତ୍ତି ଯାଞ୍ଚ କରାଯାଉଛି।

# ଜୈନ ମନ୍ଦିରରୁ ୪୦ ଲକ୍ଷର ସୁନା କଳସ ଚୋରି



ନୂଆଦିଲ୍ଲୀ,୧୨।୧୦: ଉତ୍ତର-ପୂର୍ବ ଦିଲ୍ଲୀର ଜ୍ୟୋତି ନଗରରେ ଥିବା ଏକ ଜୈନ ମନ୍ଦିରରୁ ପ୍ରାୟ ୪୦ ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନା ଖଚିତ କଳସ ଚୋରି ହୋଇଛି। ଶୁକ୍ରବାର ରାତିରେ ଲୋକମାନେ କରବା ଚୌଥ ପାଳନ କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ମନ୍ଦିରରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହି ଚୋରି କଏଦ ହୋଇଛି। କଳସର ଓଜନ ପ୍ରାୟ ୨୫ରୁ ୩୦ କିଲୋଗ୍ରାମ ଥିଲା। ପୋଲିସ କହିଛି ଯେ, ଜୈନ ମନ୍ଦିରର ଉପର ଭାଗରୁ ପ୍ରାୟ ୪୦ ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନା କଳସ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ଲାଲକିଲ୍ଲା ନିକଟରେ ଏକ ଜୈନ ଧାର୍ମିକ କାର୍ଯ୍ୟକ୍ରମରେ ପ୍ରାୟ ୧ କୋଟି ଟଙ୍କାର କଳସ ଚୋରି ହେବାର କିଛି ଦିନ ପରେ ଏହି ଘଟଣା ଘଟିଛି। ପୋଲିସ ଅଧିକାରୀ କହିଛନ୍ତି ଯେ, ଅଭିଯୁକ୍ତମାନେ ବିଦ୍ୟୁତ୍ ତାର ବ୍ୟବହାର କରି ମନ୍ଦିର ଛାତ ଉପରେ ଚଢ଼ିଥିଲେ, ଉପରକୁ ପହଞ୍ଚି ସୁନା ଖଚିତ 'କଳସ' କାଢ଼ି ପଳାଇ ଯାଇଥିଲେ। ଶନିବାର ସକାଳେ, ଯେତେବେଳେ ସ୍ଥାନୀୟ ଲୋକମାନେ ମନ୍ଦିର ଉପରରୁ କଳସ ନିଖୋଜ ଥିବା ଦେଖିଲେ, ସେମାନେ ମନ୍ଦିର ପରିଚାଳନା ସଦସ୍ୟଙ୍କୁ ଖବର ଦେଇଥିଲେ। ଏହାକୁ ନେଇ ଏକ ମାମଲା ରୁଜୁ କରାଯାଇଛି ଏବଂ ନିକଟବର୍ତ୍ତୀ ଅଞ୍ଚଳରୁ ସିସିଟିଭି ଫୁଟେଜ ବ୍ୟବହାର କରି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ ଏବଂ ଠାବ କରିବା ପାଇଁ ପ୍ରୟାସ ଚାଲିଛି।

● ଜମ୍ମୁ-କାଶ୍ମୀର ରାଜ୍ୟସଭା ନିର୍ବାଚନ

# ୩ ପ୍ରାର୍ଥୀଙ୍କ ମଧ୍ୟରେ ଜଣେ ମୁସଲମାନ



ଶ୍ରୀନଗର, ୧୨।୧୦: ଜମ୍ମୁ-କାଶ୍ମୀର ରାଜ୍ୟସଭା ନିର୍ବାଚନ ଲାଗି ବିଜେପି ରବିବାର ପ୍ରାର୍ଥୀ ତାଲିକା ଜାରି କରିଛି। ଏଥିରେ ୩ ଜଣ ପ୍ରାର୍ଥୀଙ୍କ ନାମ ରହିଛି। ଏମାନେ ହେଲେ ଗୁଲାମ ମହମ୍ମଦ ମୀର, ରାକେଶ ମହାଜନ ଓ ସତପାଲ ଶର୍ମା। ଉଲ୍ଲେଖଯୋଗ୍ୟ ଯେ ଜମ୍ମୁ-କାଶ୍ମୀରର ୪ଟି ରାଜ୍ୟ ସଭା ଆସନ ନିମନ୍ତେ ନିର୍ବାଚନ ଆୟୋଗ ୩ ଅଲଗା ଅଲଗା ଅଧିସୂଚନା ଜାରି କରିଛନ୍ତି। ତେବେ ବିଧାନସଭାର ସଂଖ୍ୟା ଆଧାରରେ ନ୍ୟାସନାଲ କନଫରେନ୍ସ ଓ କଂଗ୍ରେସ ମେଣ୍ଟ ୩ଟି ସିଟ୍ ରେ ଆଗ୍ରଣୀ ଥିବା ବେଳେ ବିଜେପି ମାତ୍ର ଗୋଟିଏ ଆସନରେ ଅଗ୍ରଣୀ ରହିଛି।

ଏଣୁ ଗୋଟିଏ ଆସନ ପାଇଁ ବିଜେପି ୩ ଜଣଙ୍କୁ ପ୍ରାର୍ଥୀ କରିବା ନିର୍ବାଚନକୁ ଏବେ ପ୍ରତିଦ୍ୱନ୍ଦ୍ୱିତାମୂଳକ କରିଛି। ଅନୁମାନ କରାଯାଉଛି ନିଜ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଜେପି ଅନ୍ୟ ଦଳର ବିଧାୟକଙ୍କୁ ମନେଇବା ପାଇଁ ଉଦ୍ୟମ କରିବ। ଏଥିରେ ରାଜ୍ୟସଭା ନିର୍ବାଚନକୁ ନେଇ ଜମ୍ମୁ-କାଶ୍ମୀରରେ ଘୋଡ଼ା ବେପାର ହେବ ବୋଲି ଆକଳନ କରାଯାଉଛି। ଏଣୁ ବିଜେପି ନିଜ ପ୍ରାର୍ଥୀଙ୍କ ନିମନ୍ତେ ବିଧାୟକଙ୍କୁ କିଣିବ ବୋଲି କୁହାଯାଉଛି। ସେପଟେ ଜମ୍ମୁ-କାଶ୍ମୀରରେ ୨୪ ଅକ୍ଟୋବରରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପାଇଁ ନିଜ ସଂଖ୍ୟାମତ ଆଧାରରେ ନ୍ୟାସନାଲ କନଫରେନ୍ସ ୩ ଜଣଙ୍କୁ ପ୍ରାର୍ଥୀ କରିଛି। ସେହିପରି ଚତୁର୍ଥ ସିଟ୍ ପାଇଁ କଂଗ୍ରେସ ସହ ଆଲୋଚନା ଚାଲିଥିବା କହିଛି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟସଭା ନିର୍ବାଚନରେ ବିଧାୟକମାନେ ଭୋଟ ଦେଇ ସାଂସଦ ନିର୍ବାଚନ କରନ୍ତି। ସଂଖ୍ୟାବଳ ଆଧାରରେ ରାଜ୍ୟସଭା ପ୍ରାର୍ଥୀ ମାନେ ବିଜୟୀ ହୋଇଥାନ୍ତି। ଏଥିରେ ଯଦି ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ହୁଏ ତେବେ ଭୋଟ ଆବଶ୍ୟକତା ପଡିଥାଏ। ନଚେତ ବିଧାୟକଙ୍କ ସଂଖ୍ୟା ହିସାବରେ ପ୍ରାର୍ଥୀ ରାଜ୍ୟସଭାକୁ ଆପେ ଆପେ ନିର୍ବାଚିତ ହୋଇଥାନ୍ତି।

# 'ସ୍କୁଲ-କଲେଜ ପରିସରରେ ଆରଏସଏସକୁ ଅନୁମତି ନ ମିଳୁ'

ନୂଆଦିଲ୍ଲୀ,୧୨।୧୦: କର୍ଣ୍ଣାଟକର ମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଛନ୍ତି ଯେ, ସରକାରୀ ସ୍କୁଲ ଏବଂ କଲେଜ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକ୍ରମଗୁଡ଼ିକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ। ସେ ଏହା ମଧ୍ୟ ଆବେଦନ କରିଛନ୍ତି ଯେ ସାର୍ବଜନୀନ ପାର୍କ ଏବଂ ଧାର୍ମିକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମନ୍ଦିରଗୁଡ଼ିକରେ ଆରଏସଏସ କାର୍ଯ୍ୟକ୍ରମଗୁଡ଼ିକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ। ପ୍ରିୟାଙ୍କ ଖଡ଼ଗେ ଅଭିଯୋଗ କରିଛନ୍ତି ଯେ, ଆରଏସଏସ ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ସ୍କୁଲ ଏବଂ ସାର୍ବଜନୀନ ପାର୍କଗୁଡ଼ିକରେ ଏହାର ଶାଖା ଚଳାଉଛନ୍ତି, ଯେଉଁଠାରେ ସ୍ଲୋଗାନ ଦିଆଯାଏ ଏବଂ ପିଲା ଏବଂ ଯୁବକମାନଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ସୃଷ୍ଟି କରାଯାଏ। କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପୁଅ ପ୍ରିୟାଙ୍କ କହିଛନ୍ତି ଯେ, ଆରଏସଏସର ବିଚାରଧାରା ଭାରତର ଏକତା ଏବଂ ଧର୍ମନିରପେକ୍ଷତାର ମୂଲ୍ୟବୋଧ ବିରୁଦ୍ଧରେ ରହିଛି।

# ଫଲୋଅନ୍ ପରେ ୱେଷ୍ଟଇଣ୍ଡିଜର ଦମ୍‌ଦାର ବ୍ୟାଟିଂ



**ନୂଆଦିଲ୍ଲୀ,୧୨।୧୦:** ଅରୁଣ ଜେଟଲି ଷ୍ଟାଡିୟମରେ ଭାରତ ବିପକ୍ଷରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଓ୍ୱେଷ୍ଟଇଣ୍ଡିଜ୍ ଦଳ ଫଲୋଅନ୍ ପରେ ଦ୍ୱିତୀୟ ଇନିଂସରେ ଦୃଢ଼ ବ୍ୟାଟିଂ କରିଛି। ପ୍ରଥମ ଇନିଂସରେ ଭାରତ ୫୧୮/୫ରେ ପାଳି ଘୋଷଣା କରିଥିବା ବେଳେ ଓ୍ୱେଷ୍ଟଇଣ୍ଡିଜ୍ ୨୪୮ ରନରେ ଅଲଆଉଟ୍ ହୋଇଥିଲା। ପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ତୃତୀୟ ଦିନ ଶେଷ ସୁଦ୍ଧା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୨ ଉଇକେଟ ହରାଇ ୧୭୩ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଶାଇ ହୋପ ୬୬ ଓ ଜନ କାମ୍ପବେଲ ୮୭ ରନରେ ଅପରାଜିତ ରହିଥିବା ବେଳେ ଭାରତ ପାଇଁ ମହମ୍ମଦ ସିରାଜ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ଅର୍ଜନ କରିଛନ୍ତି। ମ୍ୟାଚ୍‌ରେ ୨ ଦିନ ଥିବା ବେଳେ ୱେଷ୍ଟଇଣ୍ଡିଜ୍‌କୁ ଇନିଂସ ପରାଜୟରୁ ବର୍ତ୍ତିବା ଲାଗି ୮ ଉଇକେଟରେ ୯୭ ରନର ଆବଶ୍ୟକତା ରହିଛି।

ୱେଷ୍ଟଇଣ୍ଡିଜ୍ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର (୧୪୦/୪)ରୁ ବ୍ୟାଟିଂ ଆରମ୍ଭ କରି ଦଳୀୟ ସ୍କୋରରେ ବଳକା ୬ ଉଇକେଟରେ ୧୦୮ ରନ୍ ଯୋଡ଼ିଥିଲା। ପୂର୍ବଦିନ ଅପରାଜିତ ଥିବା ଶାଇ ହୋପ ୩୬ ଓ ଟେଭିନ ଇମଲାଚ ୨୧ ରନ କରି ପାଭିଲିଅନ ଫେରିଥିଲେ। ଆଣ୍ଡରସନ ଫିଲିପ ୨୪ ରନ କରି ଅପରାଜିତ ଥିବା ବେଳେ ଖାରି ପିଏରେ ୨୩ ରନ କରି ଆଉଟ୍ ହୋଇଥିଲେ। ଭାରତ ପାଇଁ କୁଲଦୀପ ଯାଦବ ୫ ଉଇକେଟ ହାତେଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପଞ୍ଚମ ୫ ଉଇକେଟ ସଫଳତା ଥିଲା।

# ଇତିହାସ ରଚିଲେ ସ୍ମୃତି ମନ୍ଧାନା



**ବିଶାଖାପାଟଣା,୧୨।୧୦:** ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ରବିବାର ପ୍ରଥମ କ୍ରିକେଟର ଭାବେ ମହିଳା ଦିନିକିଆରେ ଗୋଟିଏ ବର୍ଷରେ ୧ ହଜାର ରନ୍ ପୂରଣ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ହାଇପ୍ରୋଫାଇଲ ମ୍ୟାଚ୍‌ରେ ୮୦ ରନର ବିସ୍ଫୋରକ ପାଳି ଅବସରରେ ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଇନିଂସରେ ସେ ଦିନିକିଆ କ୍ରିକେଟରେ ୫୦୦୦ ରନ୍ ମଧ୍ୟ ପୂରଣ କରିଛନ୍ତି। ବିଶ୍ୱର ପଞ୍ଚମ ଓ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ଅଧିନାୟିକା ମିତାଲ ରାଜ ଏହି ଉପଲବ୍ଧି ହାସଲ କରିଥିଲେ। ତେବେ ମନ୍ଧାନା କମ୍ ସଂଖ୍ୟକ ଇନିଂସ ଓ ବଲରେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି। ସେ ୧୧୨ ଇନିଂସ ଓ ୫,୫୬୯ ବଲରେ ୫୦୦୦ ରନ ପୂରଣ କରିଛନ୍ତି। ଦୁଇ ରେକର୍ଡ ପୂର୍ବରୁ ଷ୍ଟେଫନି ଟେଲର (୧୨୯ ଇନିଂସ) ଓ ସୁଜି ବେଟ୍ସ (୬,୧୮୨ ବଲ)ଙ୍କ ନାମରେ ଥିଲା। ଚଳିତ ବର୍ଷ ଏପର୍ଯ୍ୟନ୍ତ ମନ୍ଧାନା ୧୮ ମ୍ୟାଚ୍‌ରେ ୧୦୬୨ ରନ୍ କରିଛନ୍ତି। ଗୋଟିଏ ବର୍ଷରେ ମହିଳା ଦିନିକିଆରେ ସର୍ବାଧିକ ରନ୍ କରିବାର ରେକର୍ଡ ପୂର୍ବରୁ ଅଷ୍ଟ୍ରେଲିଆର ବେଲିଣ୍ଡା କ୍ଲାର୍କ (୧୯୯୭ରେ ୯୭୦ ରନ୍)ଙ୍କ ନାମରେ ରହିଥିଲା।

## ବେଆଇନ୍ ଗୋରୁ ବୋଝେଇ ଗାଡ଼ି ଜବତ: ୧୧ ଗୋରୁ ଉଦ୍ଧାର, ୩ ମୃତ

**ଭଦ୍ରକ, ୧୨।୧୦ (ସଂଚାର ବ୍ୟୁରୋ):** ବେଆଇନ ଗୋରୁ ଚାଲାଣକୁ ବିରୋଧ। ଗୋଡ଼ାଇ ଗୋଡ଼ାଇ ଗୋରୁ ବୋଝେଇ ଗାଡ଼ିକୁ ଧରିଲେ ଗୋରକ୍ଷକ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବରପଦାରୁ ପିଛା କରି ପୁରୁଣା ବଜାର ଥାନା ଅଞ୍ଚଳରେ ଧରାପଡ଼ିଥିଲା ଗାଡ଼ି। ୧୦ କିଲୋମିଟର ପିଛା କରିବା ପରେ ଉକ୍ତ ଗାଡ଼ିରୁ ୧୧ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସେଥିରୁ ୩ଟି ଗୋରୁ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରୁ ଗାଡ଼ି ଡ୍ରାଇଭର ଓ ଗୋଚାଲାଣକାରୀ ଫେରାର ହୋଇଛନ୍ତି। ସୂଚନା ମୁତାବକ, ଶନିବାର ରାତିରେ ଏକ ଗାଡ଼ିରେ ବେଆଇନ ଭାବେ ଗୋରୁ ଚାଲାଣ କରାଯାଉଥିବା ବେଳେ ଗୋରକ୍ଷକ ଉକ୍ତ ଗାଡ଼ିକୁ ପିଛା କରିଥିଲେ। ପ୍ରାୟ ୧୦ କିଲୋମିଟର ପିଛା କରିବା ପରେ ଗାଡ଼ିଟିକୁ ଧାରିବାରେ ସଫଳ ହୋଇଥିଲେ। ଗୋରକ୍ଷକମାନେ ସ୍କର୍ପିଓରୁ ଗୋରୁମାନଙ୍କୁ ଉଦ୍ଧାର କରିଥିଲେ। ଗାଡ଼ିରୁ ମୋଟ ୧୧ଟି ଗୋରୁ ଉଦ୍ଧାର ହୋଇଥିବା ବେଳେ ୩ ଗୋରୁଙ୍କ ମୃତ୍ୟୁ ହୋଇଛି। ଖବର ପାଇ ପୁରୁଣା ବଜାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ତେବେ ଉକ୍ତ ଗାଡ଼ିରେ ଏତେ ଗୋରୁ କେମିତି ବୋଝେଇ ହେଇ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଗୋରୁ ଗାଡ଼ି ଗୁଜି ଦରଡ଼ା ଅଞ୍ଚଳକୁ ଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ସମ୍ପୃକ୍ତ ଗାଡ଼ିକୁ ଜବତ କରିଥିବା ବେଳେ ଗୋରୁଗୁଡ଼ିକୁ ଗୋଶାଳାରେ ଛାଡିବାକୁ ଯୋଜନା ହୋଇଛି।

## ନବବଧୂ ହତ୍ୟା ଘଟଣାରେ ସ୍ୱାମୀ ଗିରଫ

● ମୁଖ୍ୟ ଅଭିଯୁକ୍ତଙ୍କୁ ଛାଡ଼ିଦେଲା ପୋଲିସ

**ଭଦ୍ରକ, ୧୨।୧୦ (ସଂଚାର ବ୍ୟୁରୋ):** ତିନିମାସରୁ ଅଧିକ ହେବ ନବବଧୂ ହତ୍ୟା ଘଟଣାକୁ ୪୦ଦିନରୁ ଅଧିକ ଦିନ ବିତି ଯାଇଥିଲେ ମଧ୍ୟ ବାଂଶଡା ପୋଲିସ ସ୍ୱାମୀକୁ ଗିରଫ କରି ମୁଖ୍ୟ ଅଭିଯୁକ୍ତ ଶାଶୁ ଗୌରି ମାଝୀ, ଶ୍ୱଶୁର ବାବୁଲା ମାଝୀ, ଦିଅର ଦିପୁନ ମାଝୀଙ୍କୁ ଗିରଫ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏବେବି ବଧୂହତ୍ୟା ଅଭିଯୁକ୍ତ ବୁଲୁଥିବା ଦେଖିବାକୁ ମିଳିଛି। ପୂର୍ବ ସୂଚନା ମୁତାବକ ବାଂଶଡା ଥାନା ବଜରାପୁର ପଞ୍ଚାୟତ ଷଣ୍ଡଗଡ଼ା ଗ୍ରାମରେ ନାହାକଣୀ ଡ଼ିହି ଥାନା ଅଧିନ କରଞ୍ଜ ଅଡ଼ିଆ ଗ୍ରାମରେ ଚକ୍ରଧର ମାଝୀଙ୍କ ବଡଝିଅ ମାମାଲି ମାଝୀ ବଜରାପୁର ପଞ୍ଚାୟତ ଷଣ୍ଡଗଡ଼ା ଗ୍ରାମରେ ବାବୁଲା ମାଝୀଙ୍କ ପୁଅ ଦିପୁନ ମାଝୀଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ ମାତ୍ର ତିନିମାସ ପରେ ଅଧିକ ଯୌତୁକ ଦାବିକରି ସ୍ୱାମୀ ଘରେ ନଥିବା ବେଳେ ଶ୍ୱଶୁର, ଶାଶୁ, ଓ ଦିଅର ତଣ୍ଟି ଚିପି ହତ୍ୟା କରିଥିବା ନେଇ ଘେଂଟଶ୍ୱର ଫାଣ୍ଡିରେ ଝିଅର ବାପା ଚକ୍ରଧର ମାଝୀ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୧୫ରୁ ଅଧିକ ଦିନପରେ ପୋଲିସ ଏବଂ ବଧୂ ହତ୍ୟା ପରିବାରଙ୍କ ସାଲାସୁତୁରାରେ ବାହାର ରାଜ୍ୟରେ କାର୍ଯ୍ୟରତ ଥିବା ସ୍ୱାମୀକୁ ପୋଲିସରେ ହସ୍ତାନ୍ତର କରି ପରିବାରର ମୁଖ୍ୟ ଅଭିଯୁକ୍ତମାନେ ଖସି ଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହାରି ଭିତରେ ନବବଧୂ ହତ୍ୟା ଘଟଣାଟି ୪୦ରୁ ଅଧିକ ଦିନ ହୋଇଯାଇଥିଲେ ମଧ୍ୟ ମାମଲାର ତଦନ୍ତ ଗୋଟିଏ ଦିଗରେ ଗଲାନି ବୋଲି ଅଭିଯୋଗ ଉଠିଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ନିଷ୍ପକ୍ଷ ତଦନ୍ତ କରାଯାଉ। ଏପରି ଘଟଣା ନେଇ ପୁନରାୟ ଆନ୍ଦୋଳନ ଓ ପ୍ରତିବାଦ ହେବାର ସଙ୍କେତ ମିଳୁଛି।

### ୧୪ରୁ ଜାତୀୟ ସବଜୁନିଅର ଟେନିସ ବଲ କ୍ରିକେଟ ଚାମ୍ପିଅନସିପ

# ଓଡ଼ିଶା ଦଳର ରାଜସ୍ଥାନ ଯାତ୍ରା



**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** ଆସନ୍ତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ୩୦ତମ ସବଜୁନିଅର ଜାତୀୟ ଟେନିସ ବଲ କ୍ରିକେଟ ଚମ୍ପିୟାନସିପ ରାଜସ୍ଥାନର ଦୋଉସାଠାରେ ଆୟୋଜିତ ହେବ ଜାତୀୟ ୩୦ତମ ସବ-ଜୁନିଅର ଜାତୀୟ ଟେନିସ ବଲ କ୍ରିକେଟ ଚମ୍ପିୟାନସିପ। ଏଥିରେ ଭାଗ ନେବା ସକାଶେ ଓଡ଼ିଶା ସବ୍‌ଜୁନିଅର ଟେନିସ ବଲ କ୍ରିକେଟ ଦଳ ରାଜସ୍ଥାନ ଅଭିମୁଖେ ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଟି. ଅମନ କୁମାର, ରିତେଶ ବାଛା, ଅରୋସିସ ବେହେରା, ରୁଦ୍ର ଚନ୍ଦନ ଦାଶ, ଦିବାକର ପାତ୍ର, ଏସ କେ ଇମ୍ରାନ, ଯଥାର୍ଥ ମଲିକ, ପ୍ରତୀକ୍ଷା ପ୍ରଭୁକୃପା ପରିଡା, ଅରମାନ ମହାପାତ୍ର, ସଚ୍ଚିଦାନନ୍ଦ ମାଳି, ରାହୁଲ ସାହାଣୀ, ସୁଜିତ ବେହେରା, ସାଇ ଶ୍ରବଣ କୁମାର ଧଳ, ମହମ୍ମଦ ସାହିଲ ଖାଁ। ସେହିପରି ସୁନୀଲ କୁମାର ମହାରଣା କୋଚ ଓ ଟି. ଦିଲେଶ୍ୱର ରାଓ ମ୍ୟାନେଜର ଭାବେ ଦଳ ସହ ଗସ୍ତ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ସକାଶେ ଦଳକୁ ଓଡ଼ିଶା ଟେନିସ ବଲ କ୍ରିକେଟ ସଂଘର ସଭାପତି ସୂରଜ ମିଶ୍ର, ସମ୍ପାଦକ ଶିଥିଳ ପଣ୍ଡା, ସହସମ୍ପାଦକ ସୋମନାଥ ପରିଡା, ଓଡ଼ିଶା ଦଳର ମୁଖ୍ୟ କୋଚ ଚକ୍ରଧର ମାଝୀ ଓ ରଞ୍ଜନ କୁମାର ନାୟକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ୩ ୱିକେଟରେ ହାରିଲା ଭାରତ

**ବିଶାଖାପାଟନମ୍,୧୨।୧୦:** ମହିଳା ବିଶ୍ୱ କପ୍ ୨୦୨୫ର ୧୩ମ ମ୍ୟାଚରେ ଅଷ୍ଟ୍ରେଲିୟା ୩ ୱିକେଟରେ ଭାରତକୁ ହରାଇଛି। ଏହା ଟିମ୍ ଇଣ୍ଡିଆର ଲଗାତାର ଦ୍ୱିତୀୟ ପରାଜୟ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୩୩୦ ରନ୍ କରିଥିଲା, କିନ୍ତୁ ଅଷ୍ଟ୍ରେଲିୟା ୪ ବଲ୍ ବାକି ରଖି ୩୩୧ ରନ୍ ଲକ୍ଷ୍ୟ ଅନୁସରଣ କରି ୩ ୱିକେଟରେ ବିଜୟୀ ହୋଇଛି। ଏହା ମହିଳା ଦିନିକିଆ ଇତିହାସର ସର୍ବାଧିକ ସଫଳ ରନ୍ ଚେଜ୍।ଅଷ୍ଟ୍ରେଲିୟାର ଅଧିନାୟକ ଏଲିସା ହିଲିଙ୍କ ୮୫ ବଲ୍‌ରେ ଶତକୀୟ ଇନିଂସ ଭାରତକୁ ବିଜୟରୁ ଦୂରେଇ ଦେଇଛି। ସେ ୮୪ ବଲ୍‌ରେ ଶତକ ପୂରଣ କରି ଅଷ୍ଟ୍ରେଲିୟାକୁ ନିୟନ୍ତ୍ରଣରେ ରଖିଥିଲେ। ଏଲିସ୍ ପେରି ମ୍ୟାଚ ଅଧାରୁ ରିଟାୟାର୍ଡ଼ ହାର୍ଟ ହୋଇଥିଲେ ମଧ୍ୟ ବିପଦରେ ପଡିଥିବା ଦଳକୁ ସାହାଯ୍ୟ ପାଇଁ ଶେଷରେ ବ୍ୟାଟିଂ ଆସିଥିଲେ ଏବଂ ସହାୟତା କରି ମ୍ୟାଚ୍ ଶେଷ କରିଥିଲେ।

● ପରିବା ଗାଡ଼ିରେ ଗଞ୍ଜେଇ ଚୋରାଚାଲାଣ

## ୧ କୁଇଣ୍ଟାଲ ୫୮ କିଲୋ ଗଞ୍ଜେଇ ଜବତ: ତିନି ଗିରଫ

**ଜୟପୁର, ୧୨।୧୦ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ କୁରୁଲୁଗାଡ଼ ଛକରେ ପରିବା ବୋଝେଇ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୁଲିସ। ୧ କୁଇଣ୍ଟାଲ ୫୮ କିଲୋ ଗଞ୍ଜେଇ ସହ ଗାଡି ଜବତ କରିଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ତିନି ଜଣଙ୍କ ମଧ୍ୟରୁ ଜଣେ ନବରଙ୍ଗପୁର ଜିଲ୍ଲାର ରାଇଘର ଥାନା ଅଞ୍ଚଳର ରାଜୁ ମଣ୍ଡଳ ଏବଂ ଦୁଇ ଜଣ ଉତ୍ତରପ୍ରଦେଶର କ୍ରିଷ୍ଣା ସିଂ ଓ ହ୍ରିତିକ୍ ଚହ୍ୱାନ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର ବାଲିମେଲାରୁ ଗୋଟିଏ ପରିବା ବୋଝେଇ ଟାଟା ୨୦୭ ଗାଡ଼ିରେ ଭାୟା କୁଡୁମୁଲୁଗୁମ୍ମା, ବୈପାରିଗୁଡା ଦେଇ ଉତ୍ତରପ୍ରଦେଶ ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଥାନା ଓଆଇସି ଡମ୍ବରୁଧର ବାଡ୍ରିଆଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଧିରେନ୍ଦ୍ର ବାରିକ ଏକ ଟିମ୍ ଗଠନ କରି କୁରୁଲୁଗାଡ଼ ଛକରେ ମାଡି ବସିଥିଲେ। ଅଭିନବ ଉପାୟରେ ପରିବା ଗାଡ଼ିରେ ୧ କୁଇଣ୍ଟାଲ ୫୮ କିଲୋ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ପୁଲିସ ଗଞ୍ଜେଇ ସହ ଗାଡି ଜବତ କରିଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

# ଆଳୁ ମିଶନକୁ ୧୦ ବର୍ଷ ପୂରିଲା

**ଭୁବନେଶ୍ୱର,୧୨।୧୦:** ରାଜ୍ୟରେ ଆଳୁ ମିଶନକୁ ୧୦ ବର୍ଷ ପୂରିଛି। ହେଲେ ରାଜ୍ୟରେ ଆଳୁ ଉତ୍ପାଦନ କିନ୍ତୁ ୫ ଲକ୍ଷ ମେଟ୍ରିକ ଟନ୍‌କୁ ଟପିପାରି ନାହିଁ। ରାଜ୍ୟର ଆଳୁ ଚାହିଦା ବର୍ଷକୁ ବର୍ଷ ବୃଦ୍ଧି ପାଉଥିବାବେଳେ ଚାହିଦା ପୂରଣ ପାଇଁ ଓଡ଼ିଶା ଆଳୁ ପାଇଁ ଅନ୍ୟ ରାଜ୍ୟ ବିଶେଷକରି ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ। ତିରୋଟ ସମୟରେ ଉତ୍ତରପ୍ରଦେଶରୁ ମଧ୍ୟ ଆଳୁ ଆଣିବାକୁ ପଡିଥାଏ। ଏ ବାବଦରେ ଓଡ଼ିଶାରୁ କୋଟି କୋଟି ଟଙ୍କା ଅନ୍ୟ ରାଜ୍ୟକୁ ଚାଲିଯାଉଛି। ଆଳୁ ଯୋଗାଣ ନେଇ ପଶ୍ଚିମବଙ୍ଗ ବାରମ୍ବାର ଓଡ଼ିଶାକୁ ନାଲିଆଖି ଦେଖାଇବା ସହ ଆଳୁ ନପଠାଇବାର ମଧ୍ୟ ନଜିର ରହିଛି।

ତେବେ ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ଆତ୍ମନିର୍ଭର କରିବାପାଇଁ ୨୦୧୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା ଆଳୁ ମିଶନ। ଏହି ମିଶନ ଜରିଆରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଗଲା। ବିଶେଷକରି ଯେଉଁ ଚାଷୀମାନେ ଆଳୁଚାଷ କରିବେ ସେମାନଙ୍କୁ ହେକ୍ଟରପ୍ରତି ୪୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିଲା। ଲକ୍ଷ୍ୟ ଥିଲା ୨୦୨୪ ସୁଦ୍ଧା ରାଜ୍ୟରେ ୧୫ ହଜାର ହେକ୍ଟେରରୁ ଅଧିକ ଜମିରେ ଆଳୁଚାଷ କରି ଓଡ଼ିଶାର ଆବଶ୍ୟକତା ପୂରଣ କରିବା।

ହେଲେ ମିଶନ କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ଆଳୁ ଉତ୍ପାଦନ ୨.୧ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ଏହା ସତ୍ତ୍ୱେ ବି ରାଜ୍ୟରେ ଆଳୁ ଉତ୍ପାଦନ ୫ ଲକ୍ଷ ମେଟ୍ରିକ ଟନ୍‌କୁ ଟପିପାରି ନାହିଁ। ୨୦୨୪-୨୫ ବର୍ଷରେ ରାଜ୍ୟର ୩୦ଟି ଜିଲ୍ଲାରେ ମୋଟ୍ ୪ ଲକ୍ଷ ୮୮ ହଜାର ୫୫୦ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଥିବା ଜଣାଯାଇଛି।

ରାଜ୍ୟରେ ଏବେ ବର୍ଷକୁ ୧୪ ଲକ୍ଷ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ ଥିବାବେଳେ ଉତ୍ପାଦିତ ଆଳୁ ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ତଥାପି ଅମଳ ସମୟରେ ଏହି ଆଳୁକୁ ସାଇତିବା ପାଇଁ ଶୀତଳଭଣ୍ଡାର ନଥିବାରୁ ଚାଷୀମାନେ ତାହାକୁ ଅଳ୍ପ ଦରରେ ବ୍ୟବସାୟୀଙ୍କ ହାତରେ ଟେକି ଦେଉଛନ୍ତି। ବ୍ୟବସାୟୀମାନେ ଏହି ଆଳୁକୁ ନେଇ ପଡୋଶୀ ରାଜ୍ୟର ଶୀତଳଭଣ୍ଡାରରେ ରଖି ପରବର୍ତ୍ତୀ ସମୟରେ ଓଡ଼ିଶାକୁ ଅଧିକ ଦରରେ ବିକ୍ରି କରୁଛନ୍ତି।

ସରକାରୀ ହିସାବରେ ଏବେ ରାଜ୍ୟରେ ୩୫ଟି ଶୀତଳ ଭଣ୍ଡାର ରହିଛି ଯାହାର କ୍ଷମତା ୧ ଲକ୍ଷ ୭୨ ହଜାର ୧୮୦ ମେଟ୍ରିକ ଟନ୍। ଫଳରେ ରାଜ୍ୟରେ ଉତ୍ପାଦିତ ହେଉଥିବା ପାଖାପାଖି ୫ ଲକ୍ଷ ଟନ୍ ଆଳୁ ରଖିବା ପାଇଁ ବି ଆମ ନିକଟରେ ଶୀତଳଭଣ୍ଡାର ନାହିଁ। ଯଦିଓ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ବିଗତ ସରକାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ। କିନ୍ତୁ ଉଦ୍ୟୋଗୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କଲେନାହିଁ। ଚଢ଼ା ଦରର ବିଦ୍ୟୁତ୍ ଦେୟ ଏ କ୍ଷେତ୍ରରେ ବଡ ବାଧକ ସାଜିଲା।

ବର୍ତ୍ତମାନ ରାଜ୍ୟ ସରକାର ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବା ସହ ପ୍ରତି ବ୍ଲକରେ ଅତନ୍ତଃପକ୍ଷେ ଗୋଟିଏ ଶୀତଳଭଣ୍ଡାର ପ୍ରତିଷ୍ଠାର ଲକ୍ଷ୍ୟ ରଖିଛନ୍ତି। ଏହା ହୋଇଗଲେ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇବା ନେଇ ଆଶା କରାଯାଉଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ତାଲିବାନୀ ...

କରିଥିବା ଆକ୍ରମଣର ଠୋସ୍ ଜବାବ ଦିଆଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ମୁଜାହିଦ୍ କହିଛନ୍ତି। ଗତକାଲି ପାକିସ୍ତାନ ସେନା ପକ୍ଷରୁ ଆଫଗାନିସ୍ତାନର ହେଲ୍‌ମାଣ୍ଡ୍, କାନ୍ଦାହାର, ପାକଟିକା, ଖୋସ୍ତ, ପାକଟିଆ, ଜାବୁଲ୍, ନଙ୍ଗରହାର ଓ କୁନାର ପ୍ରଦେଶ ଉପରେ ଆକ୍ରମଣ କରିଥିଲା।

## ବିଜୟ...

ଏହାପରେ ଚିରାଗ୍ ସାଂସଦ ଅରୁଣ ଭାରତୀଙ୍କୁ ତାଙ୍କ ଦଳ ପକ୍ଷରୁ ନେଗୋସିଏଟର୍ ଭାବେ ନିଯୁକ୍ତି ଦେଇଥିଲେ।

ଆସନ ବୁଝାମଣା ନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମସ୍ତ ମେଣ୍ଟ ଦଳ ଆସନ ବଣ୍ଟା ନେଇ ସନ୍ତୁଷ୍ଟ ଅଛନ୍ତି ଓ ସେମାନେ ଏହାକୁ ସ୍ୱାଗତ କରିଛନ୍ତି। ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ଆସନ ବଣ୍ଟା ବୁଝାମଣା ସମ୍ପନ୍ନ ହୋଇଛି ବୋଲି ଶ୍ରୀ ପ୍ରଧାନ 'ଏକ୍ସ'ରେ ସୂଚନା ଦେବା ସହ ଆଗାମୀ ନିର୍ବାଚନରେ ପୁଣିଥରେ ଏନ୍‌ଡିଏ ସରକାର ଗଢ଼ିବ ବୋଲି ଦୃଢ଼ୋକ୍ତି ପ୍ରକାଶକରିଛନ୍ତି।

ଗତ ୨୦୨୦ରେ ଜେଡିୟୁ ୧୧୫ ଓ ବିଜେପି ୧୧୦ ସିଟ୍‌ରେ ଲଢ଼ିଥିଲା, ଚିରାଗ ଏକାକୀ ଲଢ଼ିଥିଲେ। ଏବେ ମୋଦି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ବିକାଶ କାମକୁ ଲୋକେ ପସନ୍ଦ କଲେଣି। ଜେଡିଏସ୍ ଓ ବିଜେପି ସମାନ ସଂଖ୍ୟକ ଆସନରେ ଲଢ଼ି ଜନମତ ଲୋଡ଼ିବେ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ବିଜେପି ସାଧାରଣ ସମ୍ପାଦକ ବିନୋଦ ତାୱଡେ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ଏନଡିଏ ପରିବାରର ସମସ୍ତ ସଦସ୍ୟ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ପାରସ୍ପରିକ ସହମତିରେ ଆସନ ବଣ୍ଟନ କରିଛନ୍ତି। ଏହାରି ଭିତରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ କମିଟି (ସିଇସି) ବୈଠକରେ ଯୋଗଦେଇଛନ୍ତି।

ଏଲଜେପି (ରାମ ବିଳାସ) ମୁଖ୍ୟ ଚିରାଗ ଏନଡିଏ ଆସନ ବୁଝାମଣା ଉପରେ କହିଛନ୍ତି ଯେ ଏନଡିଏ ପରିବାର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ୨୦୨୫ ବିହାର ବିଧାନସଭା ନିର୍ବାଚନ ପାଇଁ ଆସନ ବଣ୍ଟନ ଶେଷ କରିଛି। ବିହାର ପ୍ରସ୍ତୁତ - ପୁଣି ଥରେ ଏଠାରେ ଏନଡିଏ ସରକାର ଗଢ଼ିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିହାର ବିଧାନସଭା ନିର୍ବାଚନ ୬ ଓ ୧୧ ତାରିଖରେ ହେବ ଏବଂ ଫଳାଫଳ ନଭେମ୍ବର ୧୪ରେ ପ୍ରକାଶ ପାଇବ।

## ମହାକାଶ...

ମହାକାଶ ଏବଂ ମିତ୍ର ଅର୍ଥାତ ବନ୍ଧୁ ଅନୁସାରେ ଏହି ରୋବୋଟ୍‌ର ନାମକରଣ କରାଯାଇଛି। ବ୍ୟୋମମିତ୍ର ଅବିକଳ ମଣିଷ ଭଳି କାମ କରିପାରିବ। ଏହାର କଥାବାର୍ତ୍ତା, ମୁଖର ଭାବଭଙ୍ଗୀ ଓ ଚଳପ୍ରଚଳ ମଣିଷ ଭଳି ରହିବ। କିନ୍ତୁ ଏହାର ଗୋଡ଼ ନାହିଁ। ଇସ୍ରୋ ମାର୍ଗଦର୍ଶନରେ ସିଟିସିରେ ଦୁଇ ବର୍ଷ ମଧ୍ୟରେ ଏହାକୁ ବିକଶିତ କରାଯାଇଛି। ଏହି ରୋବୋଟ୍ ବିକିରଣ ଓ ତାପମାତ୍ରାରେ ପରିବର୍ତ୍ତନ ଭଳି ମହାକାଶର କଠିନ ପରିସ୍ଥିତିକୁ ବି ସହ୍ୟ କରିପାରିବ। ବ୍ୟୋମମିତ୍ର ଆସନ୍ତା ଡିସେମ୍ବରରେ ଗଗନଯାନର ପ୍ରଥମ ମାନବରହିତ ପରୀକ୍ଷଣରେ ଉଡ଼ାଣ ଭରିବ। ଏହା କ୍ୟାବିନର ପାରାମିଟର ତଥା ଚାପ, ଅମ୍ଳଜାନ ଓ ଆର୍ଦ୍ରତା ଉପରେ ନଜର ରଖିବା ସହ ପୃଥିବୀକୁ ବିଭିନ୍ନ ତଥ୍ୟ ପଠାଇବ।

ସେହିପରି ଏହି ରୋବୋଟ୍ ଏଆଇ ସହ ହିନ୍ଦୀ ଓ ଇଂରାଜୀ ବୁଝିପାରିବ। ଏହାର ଅର୍ଦ୍ଧସ୍ୱୟଂଶାସିତ ନିଷ୍ପତ୍ତି ନେବାର କ୍ଷମତା ରଖିଥିବା ବେଳେ ମହାକାଶ ପରିବେଶରେ ମାନବ କାର୍ଯ୍ୟକୁ ଅନୁକରଣ କରିବା ସକାଶେ ଏହାର ଡିଜାଇନ୍ କରାଯାଇଛି। ଗତ ୨୦୨୦ରେ ଇସ୍ରୋ ପ୍ରଥମ ଥର ପାଇଁ 'ବ୍ୟୋମମିତ୍ର'ର ଉନ୍ମୋଚନ କରିଥିଲା। ଏବେ ଏହା ମହାକାଶକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଭାରତ ପାଇଁ ନିଶ୍ଚିତ ଭାବେ ଗର୍ବର ବିଷୟ ବୋଲି କୁହାଯାଉଛି।

## ମୋବାଇଲ...

ହୋଇଥିଲେ। ତେବେ ମାଓବାଦୀଙ୍କ ଏପରି ଆକ୍ରମଣକୁ ପୁଲିସ୍ ହତାଶାବୋଧର ପରିଚାୟକ ବୋଲି କହିଛି। ସୁରକ୍ଷାକର୍ମୀମାନେ ସେମାନଙ୍କୁ ଜଙ୍ଗଲ ଭିତରେ ଚାରିପଟୁ ଘେରାଉ କରି ରଖିଥିବାରୁ ସେମାନେ ଏପରି କାଣ୍ଡ ଭିଆଇଥିବା ପଶ୍ଚିମ ବୀରଭୂମ ଏସ୍‌ପି ଅମିତ ରେନୁ କହିଛନ୍ତି।

## ପୁଲିସ...

ପରେ ମୁଁ ଖୋଲିଛନ୍ତି। ସେ କହିଛନ୍ତି ଯେ ଏହା ଏକ ଆଶ୍ଚର୍ଯ୍ୟଜନକ ଘଟଣା। ଏପରି ଅପରାଧ ପ୍ରତି ଆମ ସରକାର ଶୂନ୍ୟ ସହିଷ୍ଣୁତା ନୀତି ଅବଲମ୍ବନ କରୁଛନ୍ତି। ଇତିମଧ୍ୟରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ଅନ୍ୟମାନଙ୍କୁ ପୁଲିସ୍ ଖୋଜୁଛି। ଏହି ଘଟଣାରେ କୌଣସି ଅପରାଧୀକୁ ଆଦୌ ଛଡ଼ାଯିବ ନାହିଁ ବୋଲି ମମତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେହିପରି ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ଓଡ଼ିଶା ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ଶୋଭନା ମହାନ୍ତି ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କ ଗିରଫଦାରୀ ପାଇଁ ଦାବି କରିଛନ୍ତି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ଏହା କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସମଗ୍ର ଦେଶ ପାଇଁ ଏକ ଦୁଃଖଦ ଘଟଣା। ଏ ସମ୍ପର୍କରେ ଖବର ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ନିବେଦନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ପରିବାର ସହ କଥା ହୋଇ ତାଙ୍କୁ ସମସ୍ତ ପ୍ରକାର ନ୍ୟାୟ ପ୍ରଦାନ ଦିଗରେ ଆଶ୍ୱାସନା ମଧ୍ୟ ଦେଇଛନ୍ତି। ସେ ନିଜେ ମଧ୍ୟ ମାମଲା ଉପରେ କଡ଼ା ନଜର ରଖିଛନ୍ତି ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ କଥା ହେଉଛନ୍ତି। ବାଲେଶ୍ୱର ଜିଲ୍ଲାର ଏକ ଟିମ୍ ମଧ୍ୟ ପୀଡିତାଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ସକାଶେ ଘଟଣାସ୍ଥଳରେ ପହଞ୍ଚିଛନ୍ତି ବୋଲି ଶ୍ରୀମତୀ ମହାନ୍ତି କହିବା ସହ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ପୂରାପୂରି ବିପର୍ଯ୍ୟସ୍ତ ହୋଇପଡ଼ିଛି।। ଘଟଣାର ୩୬ ଘଣ୍ଟା ପରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କିନ୍ତୁ ଏବେ ବି ଅନ୍ୟ ଦୁଇ ଜଣ ବାହାରେ ବୁଲୁଛନ୍ତି। ଅଭିଯୁକ୍ତମାନେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ସେ ଶୁଣିବାକୁ ପାଇଛନ୍ତି। କିନ୍ତୁ ସେମାନଙ୍କୁ ତୁରନ୍ତ ତୁରନ୍ତ ଗିରଫ କରିବା ସହ ଏହି ଘୃଣ୍ୟ କାର୍ଯ୍ୟରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି।

## କାଲୁଆ...

ସେ କହିଛନ୍ତି ଯେ ଚଳିତ ମାସ ପ୍ରାରମ୍ଭରେ ଡିପ୍ରେସନ୍ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଏଥର ମୌସୁମୀ ସାଧାରଣଠାରୁ ଅଧିକ ଦିନ ରହିଛି। ଜୁନ୍‌ରୁ ବଙ୍ଗୋପସାଗରରେ ସାଧାରଣତଃ ୧୨ରୁ ୧୪ଟି ଲଘୁଚାପ ହେବାର ନଜିର ରହିଛି। କିନ୍ତୁ ଚଳିତ ବର୍ଷ ଏହା ୧୬ରେ ପହଞ୍ଚିଯାଇଛି। ଆଜିଠାରୁ ମାଲକାନଗିରି, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ କି ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି, ବିଜୁଳି ଓ ଘଣ୍ଟା ପ୍ରତି ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଘଡ଼ଘଡ଼ି ସହ ବିଜୁଳି ଓ ପବନ ବହିବାର ସମ୍ଭାବନା ରହିଛି। ଆସନ୍ତାକାଲି ମଧ୍ୟ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଘଡ଼ଘଡ଼ି ସହ ବିଜୁଳି ଓ ପବନ ଜାରି ରହିବା ନେଇ ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୪ ପରଠାରୁ ଆଉ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ। ତେଣୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ରାଜ୍ୟର ବିଚ୍ଛିନ୍ନ ସ୍ଥାନରେ ରାତି ସମୟର ତାପମାତ୍ରା ସ୍ୱାଭାବିକଠାରୁ ୧.୬ରୁ ୩ ଡିଗ୍ରୀ ସେଲସିଅସ୍ ଅଧିକ ରହିବ। ଏହାଛଡ଼ା ଅକ୍ଟୋବର ୧୬ରୁ ୨୨ ଯାଏ ଦେଶର ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ସାଧାରଣ କିମ୍ବା ସାମାନ୍ୟ କମ୍ ରହିବାର ସମ୍ଭାବନା ରହିଛି। କିନ୍ତୁ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଲା ନିନା ପରିସ୍ଥିତି ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି। ଲା ନିନାରେ ପ୍ରଶାନ୍ତ ମହାସାଗରର ଜଳ ତାପମାତ୍ରା କମ୍ ରହେ, ହିମପାତ ଅଧିକ ହୁଏ ଓ ପଶ୍ଚିମା ଝଡ଼ ଶକ୍ତିଶାଳୀ ହୋଇଥାଏ। ଏହି ସମୟରେ ତାପମାତ୍ରା ସାଧାରଣଠାରୁ କମ୍ ରହିଥାଏ।

## ବିଜେଡି...

ଗୋଟେ ଅଂଶ। ଗତକାଲିର ଯୋଗଦାନ କେବଳ ଏକ ମିଶ୍ରଣ ପର୍ବ ନୁହେଁ, ଏହା ବିଜେପି ରାଜନୀତିରେ ଏକ ନୂଆ ଯୁଗର ଆରମ୍ଭ ବୋଲି କୁହାଯାଉଛି। ରାଜ୍ୟ କାର୍ଯ୍ୟାଳୟଠାରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଯେପରି ଭିଡ଼ ଓ ଉତ୍ସାହ ଦେଖିବାକୁ ମିଳିଲା, ତାହା ଲିକୁଙ୍କ ସାଙ୍ଗଠନିକ ଶକ୍ତିର ପ୍ରମାଣ ଦେଇଛି। ଏହି ମିଶ୍ରଣ ପରେ ରାଜନୈତିକ ମହଲରେ ଆଲୋଚନା ଚଳିଛି ଯେ ଜୟଙ୍କ ବିଜେପିରେ ଯୋଗ ଯୋଜନା ନୂଆପଡ଼ାରୁ ନୁହେଁ, ବରଂ ଧର୍ମଶାଳା ମାର୍ଗରେ ହୋଇଛି।

ଏକଦା ବିଜେଡିରେ ବବି ଦାସ ଓରଫ କ୍ରୀତଦାସ ଏଭଳି ପୋଚିଂରେ ମାହିର ଥିଲେ। ଏବେ ବିଜେପିରେ ହିମାଂଶୁ ସାହୁ ଦଳ ଭିତରେ ନିଜର ପୋଚିଂ ଦକ୍ଷତା ଦେଖାଇ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରୁଛନ୍ତି। ଏଥିସହ ଆଗାମୀ ଦିନରେ ଯାଜପୁର ଜିଲ୍ଲାରେ କ୍ରୀତଦାସଙ୍କୁ ଚ୍ୟାଲେଞ୍ଜ ଦେବେ ବୋଲି ମଧ୍ୟ ସମର୍ଥକଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି। ଶାନ୍ତ ଓ ଗଣନାଶୀଳ ଚରିତ୍ର, ସମ୍ପର୍କ ଗଠନର କୌଶଳ ଓ ରାଜନୈତିକ ସମୟବୋଧ ଆଦି ତତ୍ତ୍ୱ ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଛି।

ରାଜ୍ୟ ରାଜନୀତିରେ ବେଶୀ ଦୃଶ୍ୟମାନ ହେଉନଥିଲେ ବି ନିଜ ପାଇଁ ଟିକେଟ ଦାବି କରି ପ୍ରଭାବଶାଳୀ ହୋଇଥିଲେ ହିମାଂଶୁ। ବିଜେପି ହାୱା ସତ୍ତ୍ୱେ ସ୍ୱାଧୀନ ଭାବେ ନିର୍ବାଚିତ ହେବାରେ ସକ୍ଷମ ହୋଇଛନ୍ତି ସେ। ସ୍ୱାଧୀନ ବିଧାୟକ ହୋଇ ବି ଦଳୀୟ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସଚେତନ ହିମାଂଶୁ ବିଜେପିର ନିରବ ଶକ୍ତି ଭାବେ ଆବିର୍ଭାବ ହେଉଛନ୍ତି। ରାଜନୀତିକ ସମୀକ୍ଷକଙ୍କ ମତରେ, ଲିକୁଙ୍କ ଯୋଜନା ଓ ରଣନୀତି ବିଜେପିକୁ ଆଗାମୀ ଦିନରେ ନୂଆ ଦିଗ ଦେବାକୁ ସମର୍ଥ ହେବ ଆଉ ବିଜେପିର ମିଶ୍ରଣ ପର୍ବ ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

## କୋଟିପତି...

ତେଲିଆ ଭୋଳା ମାଛ ଉକ୍ତ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିବା ପରେ ଦେଖିବା ସକାଶେ ସେଠାରେ ସ୍ଥାନୀୟ ଲୋକଙ୍କ ସହ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ଗୋଟିଏ ମାଛର ଓଜନ ପାଖାପାଖି ୩୫ କିଗ୍ରା ପର୍ଯ୍ୟନ୍ତ ରହିଥିଲା। ଗତ କିଛି ଦିନ ହେଲା ଲଘୁଚାପଜନିତ ବର୍ଷା ଯୋଗୁଁ ମାଛ ବ୍ୟବସାୟ ମାନ୍ଦା ହୋଇଥିବା ବେଳେ ଏବେ ମାଛର ଦର ଅଚାନକ ବଢ଼ିଯାଇଛି। ତେଣୁ ତାଙ୍କୁ ପାଖାପାକି ୩୫ କିଲୋ ଓଜନର ମାଛ ପାଇଁ ଏକ କୋଟିରୁ ଅଧିକ ଟଙ୍କା ମିଳିଛି। ଏହି ମାଛଗୁଡ଼ିକୁ କଲିକତାର ଏକ ଫାର୍ମା କମ୍ପାନୀ ପ୍ରାୟ ୧ କୋଟି ଟଙ୍କାରେ କିଣିଥିଲା। ତେବେ ଏହି ମାଛର ପିତ୍ତ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତିରେ ବ୍ୟବହାର ହେଉଥିବାରୁ ଏହାର ଚାହିଦା ଓ ମୂଲ୍ୟ ସର୍ବାଧିକ ରହିଆସିଛି। ତା'ଛଡ଼ା ବିଦେଶରେ ମଧ୍ୟ ଏହି ମାଛର ଆଦର ଯଥେଷ୍ଟ ଅଧିକ ଥିବାରୁ ଏହାକୁ ଅଧିକାଂଶ ସମୟରେ ରପ୍ତାନୀ କରାଯାଇଥାଏ। ମାର୍କେଟକୁ ଆସିବା ପରେ ଏହି ୯୦ଟି ମାଛକୁ କଲିଲତାର ଏକ ଫାର୍ମା କମ୍ପାନୀ ପ୍ରାୟ ୧ କୋଟି ଟଙ୍କାରେ କିଣିନେଇଥିବା ସୂଚନା ମିଳିଛି।

■ ପାଣି ପାଇପ୍ ଲାଇନ୍ ପାଇଁ ଖୋଳାହେଲା ରାସ୍ତା

## ଯୋଜନାବଦ୍ଧ ଦୁର୍ନୀତି ସନ୍ଦେହ

**ଜଗତସିଂହପୁର,୧୨।୧୦(ସଂଚାର ବ୍ୟୁରୋ):** ଦୁର୍ନୀତିର ମୂଳଦୁଆ ପଡ଼ିଥିବା ସ୍ଥାନୀୟ ଦଶ ନମ୍ବରରୁ ହାଟ ପୋଲ କେନାଲ ବନ୍ଧ ରାସ୍ତାରେ ପୁଣି ଖୋଳାତଡ଼ା ଆରମ୍ଭ ହୋଇଯାଇଛି। ଭୂତଳ ପାଣି ପାଇପ୍ ବିଛାଇବାକୁ ଯାଇ ରାସ୍ତା ପାର୍ଶ୍ୱକୁ ଖୋଳାଚାଲିଛି। ଏହାର ପ୍ରଭାବର କେତେକ ଜାଗାରେ ପେଭର୍ ବ୍ଲକ୍ ବିକ୍ଷିପ୍ତ ହୋଇଯାଇଛି। ସୋମନାଥ ହାଟକୁ ବିଭିନ୍ନ ଜିନିଷ ଧରି ଭାରିଯାନଗୁଡ଼ିକ ଉକ୍ତ ରାସ୍ତାରେ ଯାତାୟାତ କରିଥାନ୍ତି। ବର୍ତ୍ତମାନ ପେଭର୍ ବ୍ଲକ କିଛି ଜାଗାରୁ ଉଠି ଯାଇଥିବାରୁ ଆଉ କିଛି ମାସ ଭିତରେ ପୁଣି ସେହି ରାସ୍ତା ଜରାଜୀର୍ଣ୍ଣ ସ୍ତରକୁ ଆସିବାର ଆଶଙ୍କା ପ୍ରକାଶ ପାଇଛି।

ଗତ ୨୦୨୦ ଶେଷ ବେଳକୁ ଏହି କେନାଲ ବନ୍ଧ ରାସ୍ତାକୁ ଢଳେଇ କରି ଜଳସେଚନ ବିଭାଗ ପକ୍ଷରୁ ୭୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାସ କେଇଟା ନଯାଉଣୁ ବହୁ ଅଂଶରୁ ଢଳେଇ ଉଠି ଯାଇଥିଲା। ଖାଲଖମାକୁ ମରାମତି କରିବାକୁ ଯାଇ ଉକ୍ତ ବିଭାଗ କେତେବେଳେ କ୍ରସର ଡଷ୍ଟ ତ ଆଉ କେତେବେଳେ ପିଚୁ ତାଳି ପକାଇ ଦାୟିତ୍ୱ ସାରିଥିଲା। ଅଥଚ ରାସ୍ତା ନିର୍ମାଣର ଜାଲିଆତି ଉପରେ ତଦନ୍ତ ହୋଇନଥିଲା। ଭିଜିଲାନ୍ସ ବିଭାଗ ଦପ୍ତର ସେହି ରାସ୍ତା ପାର୍ଶ୍ୱରେ ରହି ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ଆଖି ବନ୍ଦ କରି ବସିଥିବା ଅନୁଭବ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ରାସ୍ତା ଆର୍‌ଡି ବିଭାଗ ହାତକୁ ଯାଇଥିଲା। ଏହି ବିଭାଗ ମଧ୍ୟ କେନାଲ ବନ୍ଧ ରାସ୍ତାକୁ ପୂର୍ବାପେକ୍ଷା ସଙ୍କୁଚିତ କରି ପେଭର୍ ବ୍ଲକ୍ ବିଛାଇଥିଲା। ସେ ସମୟରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପୂର୍ବ ରାସ୍ତା କାର୍ଯ୍ୟର ଦୁର୍ନୀତି ଓ ତା' ଉପରେ ହଠାତ୍ ପେଭର ବ୍ଲକ୍ ପଡୁଥିବା ଦେଖି କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଉପାୟ ନପାଇ ଆର୍‌ଡି ବିଭାଗ କାମ ବନ୍ଦ ରଖିଥିଲେ। ପରେ କିନ୍ତୁ ସେହି ରାସ୍ତାରେ ଆବଡ଼ାଖାବଡ଼ା ଭାବେ ପେଭର୍ ବ୍ଲକ ବିଛା ଯାଇଥିଲା। ସେହି ରାସ୍ତା ନିର୍ମାଣ କରଥିବା ଠିକା ସଂସ୍ଥା ୫ବର୍ଷ ପର୍ଯ୍ୟନ୍ତ ମରାମତି ପ୍ରତି ଦୃଷ୍ଟି ଦେବେ ବୋଲି ବିଧାୟକ ଶ୍ରୀ ଦାସ ସ୍ପଷ୍ଟ କରିଥିଲେ।

ସେହିପରି ଗ୍ୟାସ ପାଇପ୍ ଲାଇନ୍ ଓ ଷ୍ଟ୍ରିଟ ଲାଇଟ୍ ବସାଇବା ବାଲା ବି ପହଞ୍ଚି ଯାଉଛନ୍ତି। ଏସବୁ ସଂସ୍ଥା ରାସ୍ତା ପାର୍ଶ୍ୱକୁ ଖୋଳି କାମ କରୁଥିବାରୁ ସରକାରଙ୍କ ସମ୍ପତ୍ତି ନଷ୍ଟ ହୋଇଚାଲୁଛି। ଏବେ ବି ସହରର ଅନେକ ୱାର୍ଡରେ ପାଣି ପାଇପ୍ ବିଛାଇ ଢଳେଇ ରାସ୍ତାକୁ ମରାମତି କରାଯାଇ ନାହିଁ। ଗ୍ୟାସ୍ ପାଇପ୍ ଲାଇନ୍ କ୍ଷେତ୍ରରେ ବି ସେଇଭଳି କାର୍ଯ୍ୟ କରାଯାଉଛି। ବର୍ତ୍ତମାନ ଭୂତଳ ବିଦ୍ୟୁତ କେବଲ୍ ନିମନ୍ତେ ସହରର ମୁଖ୍ୟ ରାସ୍ତାର ବହୁ ଜାଗାରେ ଗାତ ଖୋଳାଯାଇଛି ସତ ଭଲଭାବେ ମରାମତି କରାଯାଇ ନାହିଁ। ରାସ୍ତାଗୁଡ଼ିକ ଉପରେ ବିଭିନ୍ନ ବିଭାଗର ଏଭଳି କାର୍ଯ୍ୟପନ୍ଥା ହେତୁ ଜନ ସାଧାରଣ ସମସ୍ୟା ଜର୍ଜରିତ ହୋଇପଡୁଛନ୍ତି। ଖୁବ କମ୍ ଦିନ ଭିତରେ ନୂଆ ରାସ୍ତାଗୁଡ଼ିକ ନଷ୍ଟ ହେଉଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନାହିଁ। ଅନୁରୂପ ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଓ ପୂର୍ତ୍ତ ବିଭାଗ ଭିତରେ କେତେକ ରାସ୍ତାକୁ ଅଦଳବଦଳ କରାଯାଇ ନବୀକରଣ କରାଯାଇ ହାତ ଚିକ୍କଣ ହେଉଥିବା ସ୍ଥଳେ ମଧ୍ୟ ପ୍ରଶାସନ ଜଳକା ଭଳି ବସି ରହୁଥିବା ବାରମ୍ବାର ଅଭିଯୋଗ ହୋଇଚାଲିଛି।

● ଶାନ୍ତି କମିଟି ବୈଠକରେ ଅଶାନ୍ତି

## ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କଲେ ଉପଜିଲ୍ଲାପାଳ



ଅଧାରେ ଭାଙ୍ଗିଗଲା ବୈଠକ

**କେନ୍ଦ୍ରାପଡ଼ା,୧୨।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରସଦନରେ ରବିବାର ଚାଲିଥିବା ଶାନ୍ତି କମିଟି ବୈଠକର ବାତାବରଣ ଅଶାନ୍ତିରେ ପରିଣତ ହୋଇଛି । ଗଜଲକ୍ଷ୍ମୀ ପୂଜାରେ କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ପାରିବ ସେ ନେଇ ସାମ୍ବାଦିକ ଜୀବନ ସିଂହ ପ୍ରଶ୍ନ କରିବା ବେଳେ ଉପଜିଲ୍ଲାପାଳ ଅରୁଣ ନାୟକ ତାଙ୍କୁ ଦୁର୍ବ୍ୟବାର କରିଥିଲେ। ତୁ କିଏ, ତୁ କୋଉ ସାମ୍ବାଦିକ ବୋଲି ପଚାରିଥିଲେ। ଏହାକୁ ନେଇ ବୈଠକରେ ଉପସ୍ଥିତ ଥିବା ଅନ୍ୟ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଓ ରାଜନେତାମାନେ ଉପଜିଲ୍ଲାପାଳଙ୍କୁ ପ୍ରବଳ ବିରୋଧ କରିଥିଲେ। ଏହାକୁ ନେଇ ହୋ ହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା । ସାମ୍ବାଦିକମାନେ ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଡି ବସିଥିଲେ। ଶେଷରେ ଜିଲ୍ଲାପାଳ ଶ୍ରୀ ଆୟାର ଏ ଘଟଣାକୁ ନେଇ ସେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ । ଏହାସହ ଉପଜିଲ୍ଲାପାଳଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାରଙ୍କୁ ନିବେଦନ କରିବେ ବୋଲି କହିଥିଲେ ।

ପୀତବାସ ପଣ୍ଡା ହତ୍ୟାକାଣ୍ଡ: ସପ୍ତାହେ ପରେ ବି ସସପେନ୍ସ

# ମାଷ୍ଟରମାଇଣ୍ଡ କିଏ ଟେର ପାଉନି ପୁଲିସ ?



**ବ୍ରହ୍ମପୁର,୧୨।୧୦ (ସଂଚାର ବ୍ୟୁରୋ):** ବରିଷ୍ଠ ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଦିନ ଯେତେ ଗଡୁଛି ସସପେନ୍ସ ସେତିକି ବଢୁଛି। କିଏ, କାହିଁକି, କେଉଁ ଉଦେଶ୍ୟରେ ପୀତବାସଙ୍କୁ ଗୁଳି କରି ହତ୍ୟା କଲା ତାହା ସ୍ପଷ୍ଟ ହେଉନାହିଁ। ଘଟଣାକୁ ସପ୍ତାହେ ବିତିଥିଲେ ବି ମୁଖ୍ୟ ଅଭିଯୁକ୍ତର ଟେର୍ ପାଇନି ପୁଲିସ। ମାଷ୍ଟରମାଇଣ୍ଡ କିଏ ତାକୁ ନେଇ ଦ୍ୱନ୍ଦ୍ୱ ରେ ରହିଛନ୍ତି ଲୋକେ। ମାମଲାରେ ୫୦ରୁ ୬୦ ଜଣଙ୍କୁ ପଚାର ଉଚରା କରାଯାଇସାରିଛି । ଏବେ ୬ ଜଣଙ୍କୁ ଅଟକ ରଖି ପୋଲିସ୍ ପଚରା ଉଚରା କରୁଛି । ଏହା ଏକ ପ୍ରି-ପ୍ଲାନ୍‌ଡ ମର୍ଡର ବୋଲି ବିଜେପି ଅଭିଯୋଗ ଆଣିଛି ।

ହତ୍ୟାକାଣ୍ଡର ସପ୍ତାହେ ପରେ ବି ପୀତବାସ ମର୍ଡର ମାମଲାର ଖୁଲାସା କରିବା ପୋଲିସ୍ ପକ୍ଷେ ସମ୍ଭବ ହୋଇନାହିଁ।ମାମଲାରେ ୫୦ରୁ ଅଧିକ ଲୋକଙ୍କୁ ପଚରାଉଚରା କରାଯାଇଥିବା ବେଳେ ପୁଲିସ ୬ ଜଣଙ୍କୁ ଅଟକ ରଖିଛି। ଏପରିକି ଜଣେ କର୍ପୋରେଟରଙ୍କୁ ନେଇ ପଚରାଉଚରା କରିଥିବା ବି ସୂଚନା ମିଳିଛି ।

ପୀତବାସଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବିଜେପି ସାଙ୍ଘାତିକ ଅଭିଯୋଗ ଆଣିଥିଲା। ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଦଳୀୟ ନେତା କହିଛନ୍ତି। ସହରରେ ଦିନକୁ ଦିନ ଅପରାଧ ବଢ଼ିଚାଲିଛି । ଅନେକ ମାମଲାରେ ପୁଲିସ ସଫଳତା ପାଉଥିଲେ ବି ଅପରାଧ ଉପରେ ରୋକ୍ ଲଗାଇ ପାରୁନି । ଫଳରେ ସହରରେ ଏବେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଉଠିଛି ପ୍ରଶ୍ନ। ସୂଚନା ଅନୁଯାୟୀ, ଗତ ସୋମବାର ରାତିରେ ସ୍ୱର୍ଗତ ପୀତବାସ ପଣ୍ଡା ନିଜ ଘରକୁ ଫେରୁଥିବା ବେଳେ ଘର ନିକଟରେ ହିଁ ଦୁର୍ବୃତ୍ତ ମାନେ ଗୁଳି ମାଡ଼ କରି ହତ୍ୟା କରିଥିଲେ। ପୋଲିସ୍ ଏହି ଘଟଣାର ତଦନ୍ତ ଜାରି ରଖିଛି। ଧୀରେ ଧୀରେ ଘଟଣା ଉପରୁ ପରଦା ହଟିବ ବୋଲି ଆଶା କରାଯାଉଛି।

## ୪ ୱାରେଣ୍ଟି ଗିରଫ

**ସାଲେପୁର,୧୨।୧୦ (ସଂଚାର ବ୍ୟୁରୋ):** ସାଲେପୁର ପୁଲିସ ବିଭିନ୍ନ କେସରେ ସମ୍ପୃକ୍ତ ଥିବା ୪ ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ୨୦୦୪ମସିହାରେ ଚୋରି କେଶରେ ସମ୍ପୃକ୍ତ ଥିବା ବଣହରା ଗ୍ରାମର କମଳାକାନ୍ତ ଜେନା ଓ ସେହିପରି ୨୦୦୭ ମସିହାରେ ଖଇରା ଗ୍ରାମର ପ୍ରଶାନ୍ତ କୁମାର ରାଉତରାୟ ଏବଂ କଲ୍ୟାଣପୁର ଗ୍ରାମର ବେଣୁ ଚରଣ ଦତ୍ତଙ୍କୁ ପୁରୁଣା ୱାରେଣ୍ଟି ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସେହିପରି ୨୦୧୧ମସିହାରେ ଚୋରା ମଦ ବିକ୍ରି ଅଭିଯୋଗରେ ଫେରାର ଥିବା ବାଲିଆ ଗ୍ରାମର ବେଣୁଧର ସାମଲଙ୍କୁ ମଧ୍ୟ ସାଲେପୁର ପୁଲିସ ପୁରୁଣା ୱାରେଣ୍ଟି ବଳରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ସାଲେପୁର ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି।

## ବେଆଇନ ବାଣ ବ୍ୟବସାୟ ଉପରେ କାର୍ଯ୍ୟାନୁଷ୍ଠାନ



**ଖୋର୍ଧା,୧୨।୧୦ (ସଂଚାର ବ୍ୟୁରୋ):** ନିରାପଦ ଏବଂ ଶାନ୍ତିପୂର୍ଣ୍ଣ ପର୍ବପର୍ବାଣୀ ସୁନିଶ୍ଚିତ କରିବା ପାଇଁ ଅବୈଧ ବାଣ ବ୍ୟବସାୟ ବିରୁଦ୍ଧରେ ନିରନ୍ତର ଅଭିଯାନ ଜାରି ରଖି, ଖୋର୍ଦ୍ଧା ଜିଲ୍ଲାର ବାଘମାରୀ ପୁଲିସ ଏକ ବଡ଼ ମାମଲାର ପର୍ଦ୍ଦାଫାସ କରିଛି। ଏହି ଅଭିଯାନ ସମୟରେ, ପୁଲିସ ପ୍ରାୟ ୨ ଲକ୍ଷ ଟଙ୍କା ମୂଲ୍ୟର ୨୨୫ କିଲୋଗ୍ରାମରୁ ଅଧିକ ଅବୈଧ ବାଣ ଜବତ କରିଛି। ଜବତ ସାମଗ୍ରୀଗୁଡ଼ିକ ଗଛିତ କରାଯାଇଥିଲା ଏବଂ ପର୍ବ ପୂର୍ବରୁ ଅନଧିକୃତ ବିକ୍ରୟ ପାଇଁ ଉଦ୍ଦିଷ୍ଟ ଥିଲା। ଏକ ମାମଲା ପଞ୍ଜିକୃତ ହୋଇଛି, ଏବଂ ବେଆଇନ ଯୋଗାଣ ଶୃଙ୍ଖଳାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ଅଧିକ ତଦନ୍ତ ଚାଲିଛି।

## ନୂଆଁଗଡ଼ ଗ୍ରାମରେ କୋଠିଶାଳ ଯାତ୍ରା



**ହିଂଜିଳିକାଟୁ,୧୨।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ବହୁ ପ୍ରାଚୀନ ସଂସ୍କୃତିର ପ୍ରତୀକ କୋଠିଶାଳ ଯାତ୍ରା ଆରମ୍ଭ ହୋଇଥିବା ବେଳେ ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବି.ନୂଆଁଗଡ଼ ଗ୍ରାମରେ ଆରମ୍ଭ ହୋଇଛି। ଆଜି ଘଟକଳସ ଧାରୀମାନେ ନୂଆଗଡ ଗ୍ରାମ ବୁଲି ଉପର ରେଗିଡ଼ି ସାହି ପରିକ୍ରମା କରିଥିଲେ। ଏହି କୋଠିଶାଳ ପୂଜା ଦ୍ୱାରା ଗ୍ରାମର ମଙ୍ଗଳ କାମନା ସହ ପରିବାରରେ ସୁଖ ଓ ସମୃଦ୍ଧି ବଢ଼ିଥିବା ପରମ୍ପରା ରହିଛି। ଚାଙ୍ଗୁ ବାଜାର ଶବ୍ଦରେ କମ୍ପିତ ହୋଇଥିଲା ନୁଆଁଗଡ଼ ଗ୍ରାମ। ଏହା ସାଙ୍ଗକୁ ଚଟାପଟ୍ ଖାଦ୍ୟ, ଖେଳନା ସାମଗ୍ରୀ ପସରା ମେଲା ହୋଇଛି । ଦେଖଣାହାରୀ ଏବଂ ସ୍ଥାନୀୟ ଲୋକଙ୍କ ଭିଡ ଜମିଛି । ବର୍ଷ ବର୍ଷ ଧରି ଏହି ଗ୍ରାମରେ କୋଠିଶାଳ ପୂଜା ହୋଇଆସୁଛି।

# ଗାଦି ଛାଡୁନାହାନ୍ତି ଅସାଧୁ କର୍ମଚାରୀ

ଏକାଧିକ କର୍ମଚାରୀ ୧୦ ବର୍ଷରୁ ଊର୍ଦ୍ଧ୍ୱ ରହିଲେଣି

**କାକଟପୁର/ଅସ୍ତରଙ୍ଗ,୧୨।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଗାଦି ମାଡ଼ିବସିଛନ୍ତି କେତେକ ଅସାଧୁ ସରକାରୀ କର୍ମଚାରୀ। ଫଳରେ ସରକାରୀ କାର୍ଯ୍ୟାଳୟ ରେ ସ୍ୱଚ୍ଛତା ରହୁ ନଥିବା ଅଭିଯୋଗ ହେଉଛି। କାକଟପୁର,ଅସ୍ତରଙ୍ଗ ବ୍ଲକ ଠାରୁ ଆରମ୍ଭ କରି ଶିକ୍ଷାବିଭାଗ, ମହିଳା ଶିଶୁବିକାଶ କାର୍ଯ୍ୟାଳୟ, ତହସିଲି, ପ୍ରାଣୀଚିକିତ୍ସାଳୟ, ଥାନା, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, କୃଷିବିଭାଗ, ଉଦ୍ୟାନ ବିଭାଗ ତଥା ଅନ୍ୟ ସମସ୍ତ ବିଭାଗରେ ଜଣେ ଜଣେ ଅଧିକାରୀ ଓ କର୍ମଚାରୀ ଦୀର୍ଘ ଦିନ ହେବ ଚୌକି ନ ଛାଡି ଗାଦି ମାଡି ବସିଛନ୍ତି।

ସୂଚନା ଅନୁଯାଇ ସରକାରୀ ନୀତିନିୟମ ଅନୁସାରେ ଜଣେ ସରକାରୀ କର୍ମଚାରୀ ହୁଅନ୍ତୁ ଅବା ଉଚ୍ଚ ପଦସ୍ତ ଅଧିକାରୀ ଗୋଟିଏ ଗୋଟିଏ କାର୍ଯ୍ୟାଳୟରେ ୩ ବର୍ଷରୁ ଅଧିକ ରହି ପାରିବାର ନିୟମ ନଥିବା ବେଳେ କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଜଣେ ଜଣେ ଅଧିକାରୀ ସମସ୍ତ ସରକାରୀ ନୀତି ନିୟମକୁ ଉଲଘଂନ କରି କାର୍ଯ୍ୟ କରୁଛନ୍ତି। କିଛି କର୍ମଚାରୀ ଉପରିସ୍ଥ ଅଧିକାରୀ କିମ୍ବା ନେତା ମନ୍ତ୍ରୀଙ୍କୁ ଧରି ଗାଦି ମାଡିବସିଛନ୍ତି। ତେଣୁ ଏହା ପଛରେ ବ୍ୟାପକ ଅର୍ଥ କାରବାର ହେଉଥିବା ଅନୁମାନ କରାଯାଉଛି, ଯାହାକି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଇଁ ଚରମ୍ ସୀମାରେ ପହଂଚି ସାରିଛି। ଯାହାର ସୁଯୋଗ ନେଇ ପିସି କାରବାର ସୀମା ଟପି ସାରିଥିବା ବେଳେ ମୁନାଫା ଖୋର ଅସାଧୁ କର୍ମଚାରୀ ମାନେ ପକେଟ ଗରମ୍ କରି ମାଲେ ମାଲ ହେଉଛନ୍ତି। ଫଳରେ ସାଧାରଣ ଜନତା ଶୋଷଣ ଶିକାର ହେଉଛନ୍ତି। ଏଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ ଉପଯୁକ୍ତ ତଦନ୍ତ କରି ଦୀର୍ଘ ବର୍ଷ ହେବ ବିଭିନ୍ନ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଯାଞ୍ଚ କରି ଅନ୍ୟତ୍ର ବଦଳି କରିବାକୁ ଦାବୀ ହୋଇଛି।

## ଚାନ୍ଦୋଳ ବଜାର ଗଜଲକ୍ଷ୍ମୀ ମଣ୍ଡପ ପରିଦର୍ଶନ କଲେ ପାଟକୁରା ବିଧାୟକ



**ଡେରାବିଶ,୧୨।୧୦ (ସଂଚାର ବ୍ୟୁରୋ):** ଚାନ୍ଦୋଳ ଗଜଲକ୍ଷ୍ମୀ ପୂଜାର ଆଜିଥିଲା ସପ୍ତମ ସନ୍ଧ୍ୟା। ଆଜି ରବିବାର ହେତୁ ସନ୍ଧ୍ୟାରେ ମାଙ୍କ ଦର୍ଶନ ନିମନ୍ତେ ହଜାର ହାଜର ଶ୍ରଦ୍ଧାଳୁଙ୍କ ଭିଡ଼ ପୂଜା ମଣ୍ଡପ ମାନଙ୍କରେ ଦେଖିବାକୁ ମିଳିଥିଲା। ଆଜି ସନ୍ଧ୍ୟାରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଚାନ୍ଦୋଳ ବଜାରର ବିଭିନ୍ନ ପୂଜାମଣ୍ଡପକୁ ଯାଇ ମା'ଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ବିଧାୟକ ଶ୍ରୀ ମହାପାତ୍ରଙ୍କ ସହିତ ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଶହଶହ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

## ଭକ୍ତ ବଳରାମ ଦାସଙ୍କ ସମାଧି ପୀଠ ପରିଦର୍ଶନ କଲେ ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ



**ଗୋପ,୧୨।୧୦ (ସଂଚାର ବ୍ୟୁରୋ):** ଶନିବାର ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସଚିବ ବଲୱାନ୍ତ ସିଂ ଗୋପ ବ୍ଲକ ଅଧିନସ୍ଥ ବେଦପୁର ଗ୍ରାମ ପଞ୍ଚାୟତର ବେଗୁନିଆ ଠାରେ ଥିବା ଭକ୍ତ ବଳରାମ ଦାସଙ୍କ ସମାଧି ପୀଠ ଓ ଏରବଙ୍ଗ ଗ୍ରାମ ପଞ୍ଚାୟତର ଏରବଙ୍ଗ ଠାରେ ଥିବା ଭକ୍ତ ବଳରାମ ପୀଠ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଉନ୍ନୟନ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ଆକ୍ସନ ପ୍ଲାନର ସମୀକ୍ଷା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଏହି ପୀଠରେ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି।

## ପୋଲିଓ ବୁନ୍ଦା ଖାଇଲେ ଶିଶୁ



**ହିଂଜିଳିକାଟୁ,୧୨।୧୦ (ସଂଚାର ବ୍ୟୁରୋ):** ଦିନ ଥିଲା ପୋଲିଓ ରୋଗ ଏକ ମହାମାରୀ ପରି ବ୍ୟାପି ଚାଲିଥିଲା। ଜୀବନ ନେଉନଥିବା କିନ୍ତୁ ବିକଳାଙ୍ଗ କରି ଦେଉଥିଲା ମଣିଷଙ୍କୁ। ଏହି ଯାହାକି ରୋଗ ନିୟନ୍ତ୍ରଣରେ ସକ୍ଷମ ହୋଇଛି। ଏକ ସୁସ୍ଥ ସମାଜ ଗଠନ ପାଇଁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ସାରା ରାଜ୍ୟରେ ପଲସ୍ ପୋଲିଓ ଅଭିଯାନ ଜାରି ରହିଛି । ଏହି ରୋଗକୁ ଦୂର କରିବା ପାଇଁ ସରକାରଙ୍କ ତରଫରୁ ପୋଲିଓ ବୁନ୍ଦା ଅଭିଯାନ ଚାଲୁ ରହିଥିବା ବେଳେ ଆଜି ହିଂଜିଳି ପୌରାଞ୍ଚଳ ସ୍ଥିତ ରେଗିଡ଼ି ଅଙ୍ଗନବାଡ଼ି କେନ୍ଦ୍ର ଠାରେ ଜନ୍ମରୁ ୫ ବର୍ଷର ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଯେଉଁମାନ କୌଣସି କାରଣରୁ ଆସିନାହାନ୍ତି ଆଶା ଦିଦିମାନେ ସେମାନଙ୍କ ଘରେ ପହଞ୍ଚି ପୋଲିଓ ବୁନ୍ଦା ଦେବେ।

## ପୌରସଂସ୍ଥା ପକ୍ଷରୁ ଜବରଦଖଲ ଉଚ୍ଛେଦ



**କେନ୍ଦ୍ରାପଡ଼ା,୧୨।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜାରେ ପ୍ରବଳ ଭିଡ ହେବାରୁ ଯାତାୟତରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଜଣା ପଡିବା ପରେ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡ ଏବଂ ମାଛ ମାର୍କେଟ ମୁଖ୍ୟ ରାସ୍ତାରେ ପ୍ରାୟ ୫-୭ ଫୁଟ ଲେଖାଏଁ ରାସ୍ତାକୁ ମାଡି ଦୋକାନୀମାନେ ନିଜ ନିଜର ବ୍ୟବସାୟ ପସରା ବସାଇଛନ୍ତି। ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ନିର୍ଦ୍ଦେଶରେ ପୌରସଂସ୍ଥା ତରଫରୁ ରବିବାର ଅପରାହ୍ନରେ ଜେସିବି ମେସିନ ମାଧ୍ୟମରେ ଏହି ଜବର ଦଖଲକୁ ଉଚ୍ଛେଦ କରିବା ସହ ବ୍ୟବସାୟୀ ମାନଙ୍କୁ ରାସ୍ତା ଅବରୋଧ କରି କୌଣସି ଜିନିଷପତ୍ର ରଖି ଅବରୋଧ କରିବା ପାଇଁ ମନା କରାଯାଇଛି ।

## କଂଗ୍ରେସର ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ




**କେନ୍ଦ୍ରାପଡ଼ା,୧୨।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ କଂଗ୍ରେସର ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ ପ୍ରଥମେ କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପ୍ରଫୁଲ୍ଲ କୁମାର ଦାସ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦିକା ସଶ୍ମିତା ପଣ୍ଡା, ହରିଶ ପଟ୍ଟନାୟକ, ଭାରତ ଭୂଷଣ ବେହେରା, ହିମାଂଶୁ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ବିଧାୟିକା ଡ. ମଲ୍ଲିକ କହିଥିଲେ ଯେ ରାହୁଲ ଗାନ୍ଧିଙ୍କ ଆହ୍ୱାନକ୍ରମେ ଦେଶବ୍ୟାପୀ ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ଏ ନେଇ ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶରେ ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ଯାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡାରେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶତାଧିକ କଂଗ୍ରେସ କର୍ମୀ ଓ ଜନସାଧାରଣ ଯୋଗଦେଇ ଅଭିଯୋଗରେ ଦସ୍ତଖତ କରିଥିଲେ ।

## ବିଜେପିର ଭୋଟ ଚୋରି ବିରୁଦ୍ଧରେ ଦସ୍ତଖତ ଅଭିଯାନ



**ରାଜନଗର,୧୨।୧୦ (ସଂଚାର ବ୍ୟୁରୋ):** ଭାରତୀୟ ଜାତୀୟ କଂଗ୍ରେସର ଡାକରାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସାରା ଭାରତ ବର୍ଷରେ ଭୋଟ ଚୋରି ବିରୁଦ୍ଧରେ ଦସ୍ତଖତ ଅଭିଯାନ ଜାରି ରହିଛି। ଆଜି ରାଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପାର୍ଥ ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ରାଜନଗର ବ୍ଲକ ସାନବଡ ଗୋପାଳପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କିଆଯୋଡ଼ି ଠାରେ ଅନୁଷ୍ଠିତ ଦସ୍ତଖତ ଅଭିଯାନ ବୈଠକରେ କଂଗ୍ରେସ କର୍ମୀମାନେ ଏକାଠି ହୋଇ ବିଜେପି ଦଳ ଯେଉଁ ଭୋଟ ଚୋରି କରି କ୍ଷମତା ହାସଲ କରିଛନ୍ତି ତାହାକୁ ଦୃଢ଼ ନିନ୍ଦା କରିଛନ୍ତି।

# ଗାଁ କଲ୍ୟାଣରେ ଆସୁନି କଲ୍ୟାଣ ସମିତି

ପଥ ହୁଡୁଛି ସ୍ୱଚ୍ଛତା ଓ ସଚେତନତା



**କାକଟପୁର/ଅସ୍ତରଙ୍ଗ,୧୨।୧୦ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ କୋଟି ଟଙ୍କା ବିନିଯୋଗ କରୁଥିବା ବେଳେ ଏହି ଅର୍ଥ ଜନସାଧାରଣଙ୍କ ସେବାରେ ନ ଲାଗି ହରିଲୁଟ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଥିବା ୧୫ଗୋଟି ପଂଚାୟତରେ କଲ୍ୟାଣ ସମିତିକୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ସରକାର ସହାୟତା ଯୋଗାଇ ଦେଉଛନ୍ତି। ହେଲେ ଅଧିକାଂଶ ସ୍ଥାନରେ ଏହି ଯୋଜନା ଲୋକଙ୍କ ସେବାରେ ନ ଲାଗି ବାଟବଣା ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ବିଶେଷ କରି ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ନଗର, ତାଳଦା, ଛୁରିଆନା, କୋରଣା, ପାଟଳଦା, କେନ୍ଦ୍ରାପଟି, ସରିପୁର ପଂଚାୟତ ବିଭିନ୍ନ ରାଜସ୍ୱ ଗାଁରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଥିବା ଦେଖିବାକୁ ମିଳିଛି। ଗ୍ରାମରେ ସଫେଇକୁ ଆଦୌ ଗୁରୁତ୍ୱ ଦିଆଯାଉନଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ମୁତାବକ, ଏହି ଯୋଜନା ବାବଦକୁ ସରକାର ପ୍ରତ୍ୟେକ କେନ୍ଦ୍ରକୁ ବାର୍ଷିକ ୧୦ହଜାର ଟଙ୍କାର ସହାୟତା ଯୋଗାଇ ଦେଉଛନ୍ତି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସରକାରଙ୍କ ରାଜକୋଷରୁ ଆସୁଥିବା ଅର୍ଥକୁ ସଠିକ ଢଙ୍ଗରେ ଖର୍ଚ୍ଚ କରାଯାଉନଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ଏହି ଅର୍ଥକୁ ହରିଲୁଟ କରାଯାଉଛି। ଅନୁଦାନ ଅର୍ଥର ବିନିଯୋଗ ସମ୍ପର୍କରେ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଦର୍ଶାଇବା ପାଇଁ ସାଧାରଣରେ ଦାବୀ ହେଉଥିଲେ ସୁଦ୍ଧା ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଏହା ସହ ଅଙ୍ଗନବାଡି କର୍ମୀ ତଦାରଖ କରିବା ପରିବର୍ତ୍ତେ ଲୋକ ପ୍ରତିନିଧିଙ୍କ ସାମିଲ ହୋଇ ମିଳିଭଗତ ହରିଲୁଟ କରୁଛନ୍ତି। ପୁରୀ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି।

## ଦୁର୍ଘଟଣାରେ ଦୁଇ ବାଇକ୍ ଚାଳକ ଆହତ

**ଆଳି,୧୨।୧୦(ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ କୋଳିଡିହ ପଞ୍ଚାୟତର ଇଛାପୁର ଗ୍ରାମର ରଂଜନ ନାୟକ(୪୫) କୋଳିଡିହ ଗ୍ରାମର ପ୍ରଶାନ୍ତ ଧଳ (୩୪) ମହୁ ଆଳିର ମୁଖ୍ୟ ସଡ଼କ ପଥ କୋଚିଲା ଛକ ନିକଟରେ ମହୁ ପଟରୁ ଆଳିକୁ ରଂଜନ ନାୟକ ଆସୁଥିଲେ ଓ ଆଳିରୁ କୋଳିଡିହକୁ ପ୍ରଶାନ୍ତ ଫେରୁଥିବା ସମୟରେ ଆଜି ମଧ୍ୟାହ୍ନ ବେଳାରେ ଉଭୟଙ୍କ ବାଇକ୍ ପରସ୍ପର ସହ ଧକ୍କା ହୋଇଥିଲା। ଫଳରେ ଦୁଇଜଣ ଯାକ ବାଇକ୍‌ରୁ ଛିଟିକି ବହୁତ ଦୂରରେ ପଡିଥିଲେ। ଗୁରୁତର ଅବସ୍ଥାରେ ୨ ଜଣଙ୍କୁ ସ୍ଥାନୀୟ ଲୋକ ଆଳି ମେଡିକାଲକୁ ଅଟୋ ରିକ୍ସା ଯୋଗେ ନେଇଥିଲେ। ଦୁଇ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଜଣଙ୍କୁ କେନ୍ଦ୍ରାପଡ଼ା ଓ ଅନ୍ୟ ଜଣଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

## ସଂସ୍କୃତ ଶିକ୍ଷକଙ୍କ ସ୍ଥାନାନ୍ତରକୁ ନେଇ ଅସନ୍ତୋଷ

**ପଟ୍ଟାମୁଣ୍ଡାଇ,୧୨।୧୦ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ସର୍ବପୁରାତନ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷକ ପ୍ରଭାତ କୁମାର ଆଚାର୍ଯ୍ୟଙ୍କୁ ସପ୍ତାହରେ ୩ଦିନ ପାଇଁ ଅସ୍ଥାୟୀ ଭାବେ ସ୍ଥାନାନ୍ତର ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମାକୁ ନେଇ ତୀବ୍ର ଜନ ଅସନ୍ତୋଷ ଦେଖା ଦେଇଛି। ଏହି ହାଇସ୍କୁଲରେ ପ୍ରାୟ ୫ଶହ ଛାତ୍ର ଛାତ୍ରୀ ପଢୁଛନ୍ତି । ପ୍ରତ୍ୟେକ ଶ୍ରେଣୀରେ ୨ଟି ସେକ୍ସନ ରହିଛି । ଏହି ହାଇସ୍କୁଲରୁ ଅବସର ଗ୍ରହଣ କରିଥିବା ଗଣିତ ଶିକ୍ଷକ ନିଶିଥ ବାରିକଙ୍କ ସ୍ଥାନରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହାଛଡା କନିଷ୍ଠ କିରାଣୀ ସଞ୍ଜୟ କୁମାର ଦଳେଇଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ସଂସ୍କୃତ ଶିକ୍ଷକ ଶିକ୍ଷାଦାନ ସହିତ କିରାଣୀଙ୍କ ପାଇଁ ଉଦିଷ୍ଟ ଅଫିସ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତାଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ ଜୟହିନ୍ଦ ହାଇସ୍କୁଲରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଏହି ପୁରାତନ ଶିକ୍ଷାନୁଷ୍ଠାନ ପ୍ରତି ଜିଲ୍ଲା ପ୍ରଶାସନର ବୈମାତୃକ ମନୋଭାବ ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଜଗତସିଂହପୁର,୧୨।୧୦ (ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନମଣ୍ଡଳିର ଗରଦପୁର ବ୍ଲକ୍ ଅଧିନ ତେଣ୍ଡାକୁଡା ପଞ୍ଚାୟତର ବସନ୍ତପୁର ଗ୍ରାମର ଅମିତା ମହାନ୍ତିଙ୍କ ୭୪ବର୍ଷ ପରଲୋକ ହୋଇଛି। ସେ ଜଣେ ସଂସ୍କୃତି ସଂପନ୍ନ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ପୂର୍ବତନ



ଅଧ୍ୟକ୍ଷ ନବଘନ ନାୟକ, ତେଣ୍ଡାକୁଡା ସରପଞ୍ଚ ମାନସ ରାଉତ, ବରିଷ୍ଠ ସାମ୍ବାଦିକ ଦୀପ୍ତି ରଞ୍ଜନ କାନୁନଗୋଙ୍କ ସମେତ ଅନେକ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ପୁରୀରେ ତାଙ୍କ ଜ୍ୟେଷ୍ଟ ପୁତ୍ର ଆଶିଷ ମହାନ୍ତି ମୁଖାଗ୍ନି ଦେଇ ଶେଷକୃତ ସମ୍ପର୍କ କରିଥିଲେ ।

# ନବରଙ୍ଗପୁରରେ ବ୍ରିଟିଶ ଅମଳରେ ଚାଲୁଥିଲା ରେଳ







**ନବରଙ୍ଗପୁର/ରାଇଘର,୧୨।୧୦ (ସଂଚାର ବ୍ୟୁରୋ):** କଥାଟି ବିଶ୍ୱାସ ହେବନାହିଁ ବ୍ରିଟିଶ ଶାସନ ଅମଳରେ ନବରଙ୍ଗପୁର ଜିଲ୍ଲା ପର୍ଯ୍ୟନ୍ତ ରେଳ ଲାଇନ ଥିଲା। ୧୯୪୨ ପର୍ଯ୍ୟନ୍ତ ଏହି ଟ୍ରାକରେ ରେଳ ଚାଲୁଥିବା ବିଭିନ୍ନ ପ୍ରମାଣ ମଧ୍ୟ ରହିଛି। ଆଜି ଜିଲ୍ଲାବାସୀ ରେଳ ପାଇଁ ସପ୍ନ ଦେଖୁଥିବା ବେଳେ ଜିଲ୍ଲାବାସୀଙ୍କ ମନରେ ଉଲ୍ଲାସ ଆଣିବା ପାଇଁ ରାୟପୁର ଠାରୁ ଖିଲଲୀ ନ୍ୟାରୋଗେଜ ରେଳ ଲାଇନ ଯଥେଷ୍ଟ। ବର୍ତ୍ତମାନ ଏହି ରେଳ ଲାଇନର ଅସ୍ତିତ୍ୱ ହଜିଯାଇଛି କିନ୍ତୁ ରହିଯାଇଛି କେବଳ କିଛି ଭଗ୍ନାବଶେଷ ଯାହା ଅତୀତର ସ୍ମୃତିର ମୁକସାକ୍ଷୀ ହୋଇ ରହିଛି। ଏହି ରେଳ ଲାଇନରେ ମୁଖ୍ୟତଃ ଶାଳ ପଟା ଓ ବଣ୍ୟଜାତ ଦ୍ରବ୍ୟ ପରିବହନ ହେଉଥିଲା। ଏହି ରେଳ ଲାଇନର ପୁନଃଉଦ୍ଧାର କରି ଜୟପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କଲେ ଜିଲ୍ଲାର ବିକାଶ ହୋଇ ପାରିବ, ଏହି ଠାରେ ବିକାଶ କରାଯାଇ ପର୍ଯ୍ୟଟନସ୍ଥଳ କରାଗଲେ ଆଗାମୀ ପିଢ଼ି ଇତିହାସ ସମ୍ପର୍କରେ ଜାଣି ପାରିବେ ବୋଲି ଦାବୀ ଉଠୁଛି।

ବ୍ରିଟିଶ ଅମଳର ରେଳ ଲାଇନ ମ୍ୟାପ ଦେଖିଲେ ସେତେବେଳେ ନବରଙ୍ଗପୁର ଜିଲ୍ଲାର ଖିଲୋଲି ବର୍ତ୍ତମାନର ସେମରଡ଼ିହି ପର୍ଯ୍ୟନ୍ତ ଏକ ନ୍ୟାରୋଗେଜ ରେଳ ଲାଇନ ଥିବା ସ୍ପଷ୍ଟ ଲେଖାଯାଇଛି। ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ସୀମାରୁ ଆରମ୍ଭ ହୋଇ ସିହବା, ନଗରୀ, ଧମତରୀ ଭଳି ସହର ଦେଇ ରାୟପୁର ଓ ନାଗପୁରକୁ ଯାଉଥିଲା। ୧୯୧୭/୧୮ ମସିହାରେ ଆରମ୍ଭ ହୋଇଥିଲା। ୧୯୪୮ ପର୍ଯ୍ୟନ୍ତ ରେଳ ମାନଚିତ୍ରରେ ଦେଖିବାକୁ ମିଳୁଥିଲା କିନ୍ତୁ କାଳକ୍ରମେ ବନ୍ଦ ହୋଇଯାଇଥିଲା।

ନବରଙ୍ଗପୁର ଜିଲ୍ଲାର ପ୍ରଥମ ସହିଦ ବଗା ପୂଜାରୀ ଏହି ଠାରୁ ଅନ୍ୟ ଚାରି ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ରେଳରେ ବସି ନାଗପୁର ଦେଇ ୱାର୍ଦା ଗାନ୍ଧୀଜିଙ୍କ ଆଶ୍ରମକୁ ଯାଇ ସ୍ୱାଧୀନତା ସଂଗ୍ରାମର ମନ୍ତ୍ରରେ ଦୀକ୍ଷିତ ହୋଇ ଆସି ଇଂରେଜ ବିରୋଧରେ ଏହି ଅଂଚଳରେ ଗାନ୍ଧିଜୀଙ୍କ ଭାରତ ଛାଡ଼ ଆନ୍ଦୋଳନର ବାର୍ତ୍ତା ଦେଇଥିଲେ। ଯାହାର ସ୍ମୃତିକୁ ସହିଦ ବଗା ପୂଜାରୀଙ୍କ ନାତୁଣୀ ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ପରମା ପୂଜାରୀ ପ୍ରକାଶ କରିଛନ୍ତି। ଏହା ସହ ସରକାର ଏହି ରେଳ ଲାଇନର ପୁନଃ ଉଦ୍ଧାର କରି ଜୟପୁର ଉମୁରି କିମ୍ବା ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଦାବି କରିଛନ୍ତି।

ଗଞ୍ଜାମରେ ପୁଣି ଗଡ଼ିଲା ମୁଣ୍ଡ

## ନଦୀପଠାରୁ ଉଦ୍ଧାର ହେଲା ମୃତଦେହ



**ବ୍ରହ୍ମପୁର,୧୨।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ପୁଣି ଜଣକ ମୁଣ୍ଡ ଗଡ଼ିଛି। ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ଘଟଣା ମନରୁ ନ ଲିଭୁଣୁ କେ.ନୁଆଁଗାଁ ଥାନା ନୁଆପଡାରେ ଆଉ ଏକ ହତ୍ୟାକାଣ୍ଡ ଘଟିଛି। ଆଜି ସକାଳୁ ସକାଳୁ ବାହୁଦା ନଦୀ ପଠାରେ ମୃତଦେହ ପଡି ରହିଥିବା ଦେଖିବାକୁ ମିଳିଥିଲା। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ବେଳେ ହାତଟିକୁ ଦୁର୍ବୃତ୍ତ ହାଣି ଦେଇଛନ୍ତି। ଖବରପାଇ କେ ନୁଆଁଗାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ କିଏ କାହିଁକି ହତ୍ୟା କଲା ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ଗୋଟିଏ ସପ୍ତାହରେ ଜିଲ୍ଲାରେ ଦୁଇ ଦୁଇଟି ମର୍ଡର ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଶିଶୁରୋଗ ବିଭାଗ ଡାକ୍ତର ବେସରକାରୀ କ୍ଲିନିକ୍‌ରେ ଅଧିକ ସମୟ ଧରି ରୋଗୀ ଦେଖୁଥିବା ଅଭିଯୋଗ

**ସାଲେପୁର,୧୨।୧୦ (ସଂଚାର ବ୍ୟୁରୋ):** ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁରୋଗ ବିଭାଗ ଡାକ୍ତର ନିର୍ଦ୍ଧାରିତ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନଆସିବାରୁ ଅଧିକାଂଶ ସମୟରେ ଶିଶୁମାନଙ୍କର ଚିକିତ୍ସା କରାଇବା ପାଇଁ ଆସୁଥିବା ସମ୍ପର୍କୀୟମାନେ ଘଣ୍ଟା ଘଣ୍ଟା ଧରି ଡାକ୍ତରଙ୍କୁ ଅପେକ୍ଷା କରି ରହିବାକୁ ବାଧ ହେଉଥିବା ଅଭିଯୋଗ ହେଉଛି।

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଖପାଖ ୩ଟି ନିର୍ବାଚନ ମଣ୍ଡଳୀର ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାବେଳେ ନିୟମିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଶହ ଶହ ରୋଗୀ ଆସିଥାନ୍ତି। ବିଶେଷ କରି ଶିଶୁ ରୋଗୀଙ୍କ ସଂଖ୍ୟା ମାତ୍ରାଧିକ ରହିଥିବା ବେଳେ ଶିଶୁ ବିଭାଗ ଡାକ୍ତର ନିର୍ଦ୍ଧାରିତ ସମୟରେ ଡାକ୍ତରଖାନାକୁ ଆସୁନଥିବା ବେଳେ ନାମକୁ ମାତ୍ର ଡାକ୍ତରଖାନାକୁ ଆସି କିଛି ଶିଶୁମାନଙ୍କର ପରୀକ୍ଷା ନିରୀକ୍ଷା କରିବା ପରେ ନିଜ ବେସରକାରୀ କ୍ଲିନିକ୍‌କୁ ପଳାଇ ଯାଉଥିବା ଅଭିଯୋଗ ହେଉଛି। ଶିଶୁ ବିଭାଗ ଡାକ୍ତର ଅଧିକାଂଶ ସମୟରେ ଡାକ୍ତରଖାନାରେ ଅନୁପସ୍ଥିତ ରହୁଥିବା ବେଳେ ବହୁ ଶିଶୁ ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଙ୍କୁ ନପାଇ ଚିକିତ୍ସା ସୁବିଧା ନପାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ବହୁ ରୋଗୀ ସମ୍ପର୍କୀୟମାନେ ଦାବି କରିଛନ୍ତି।




## ପୁରୁଷ ପଣିଆ ଉପରେ ପ୍ରଶ୍ନ

ବରିଷ୍ଠ ନେତାଙ୍କ ପୁରୁଷ ପଣିଆ ଉପରେ ପ୍ରଶ୍ନ। ତାହା ପୁଣି ବିଜେଡି ଦଳର ବରିଷ୍ଠ ନେତାଙ୍କ ଉପରେ। ଏଭଳି ପ୍ରଶ୍ନବାଚୀ ତାଙ୍କରି ଦଳରୁ ନିଲମ୍ବିତ ହୋଇଥିବା ନାରୀ ନେତ୍ରୀ ଶ୍ରୀମୟୀ ମିଶ୍ର ଖୋଲାଖୋଲି ଭାବେ ଲଗାଇଥିବା ବେଳେ ନିଜର ପୁରୁଷପଣିଆର ପ୍ରମାଣ ଦେବାପାଇଁ କିନ୍ତୁ କେହି ଜଣେହେଲେ ମୁହଁ ଖୋଲୁ ନାହାନ୍ତି। ଦଳରୁ ନିଲମ୍ବନ ହେବାପରେ ଏବେ ବିଜେଡି ନେତାଙ୍କ ବିରୁଦ୍ଧରେ ବିଷ ଓଗାଳିବାରେ ଲାଗିଛନ୍ତି। ଏମିତି ବିଷ ଓଗାଳୁ ଓଗାଳୁ ବିଜେଡିର ତିନି ବରିଷ୍ଠ ନେତା ଦେବୀ ମିଶ୍ର, ରାଜେନ୍ଦ୍ର ସାହୁ ଓ ଜଟଣୀ ବିଧାୟକଙ୍କୁ କାଠଗଡାକୁ ଟାଣିଛନ୍ତି। ବିଜେଡିର ଆଉ ଜଣେ ନେତା ଶ୍ରୀମୟୀଙ୍କ ପ୍ରତି ଶଙ୍ଖଭବନରେ ଏକ ସଭାରେ ଅପଶବ୍ଦ ପ୍ରୟୋଗ କରୁଥିବାବେଳେ ଏମାନେ ନିରବ ରହିଥିଲେ ବୋଲି ସିଧାସଳଖ କହିବା ସହିତ ଏମାନଙ୍କର ପୁରୁଷ ପଣିଆକୁ ଧିକ ବୋଲି କହିବାକୁ ପଛାଇନାହାନ୍ତି। ଏପରିକି ଅପଶବ୍ଦ ପ୍ରୟୋଗ କରିଥିବା ନେତାଙ୍କ କଲରକୁ ସମସ୍ତଙ୍କ ସାମ୍ନାରେ ଧରିଥିଲେ ବୋଲି କହିଛନ୍ତି। ଶ୍ରୀମୟୀ ଏହି ନେତାମାନଙ୍କ ପୁରୁଷ ପଣିଆକୁ ଆହ୍ୱାନ ଦେବାପରେ ଅନେକ ଭାବିଥିଲେ ଏହି ବରିଷ୍ଠ ନେତାମାନେ ମୁହଁ ଖୋଲି କଥାକୁ ଖଣ୍ଡନ କରିବେ ବୋଲି। ହେଲେ ସମୟ ଗଡିଗଲା ପଛେ ସେମିତି କିଛି ହେଲା ନାହିଁ। ଏବେ ଲୋକେ ପଚାରୁଛନ୍ତି ସତରେ କ'ଣ ଶ୍ରୀମୟୀ ଯାହା କହିଲେ ତାହା ସତ୍ୟ।



## ନବ ବାବୁଙ୍କ ପ୍ରତି ଇଏ କି ସମ୍ମାନ

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବ ବାବୁଙ୍କ କଥା ଆସିଲେ ଆଖିଆଗରେ ଓଡିଶାର ଜଣେ ସଚ୍ଚୋଟ, ସ୍ୱାଭିମାନୀ ଓ ଦୁର୍ନୀତିମୁକ୍ତ ରାଜନେତାଙ୍କ କଥା ଭାସିଆସେ। ନବବାବୁ ଏଥିପାଇଁ କେବଳ ଓଡିଶାରେ କାହିଁକି, ସାରା ଭାରତରେ ପରିଚିତ। ମୁଖ୍ୟମନ୍ତ୍ରୀ ପଦରୁ ଯିବାପରେ ପତ୍ନୀ ମାଳତୀ ଦେବୀଙ୍କ ସହିତ ମିଶି ସ୍ୱାଧୀନତା ସଂଗ୍ରାମୀଙ୍କ ପିଲାଙ୍କ ପାଇଁ ଅନୁଗୁଳରେ ଗଢିଥିଲେ ବାଜିରାଉତ ଛାତ୍ରାବାସ। ଝାଟି ମାଟିର ଘରେ ନିଜେ ରହିବା ସହିତ ପିଲାମାନେ ବି ରହିଥିଲେ। ଏହି ଝାଟିମାଟି ଘରକୁ ଭାରତର ରାଷ୍ଟ୍ରପତିଙ୍କ ସମେତ କେତେ ବଡ ବଡ ନେତା ଆସିଛନ୍ତି। ହେଲେ ନବ ବାବୁଙ୍କର ସେହି ବାଜି ରାଉତ ଆଶ୍ରମଟି ଏବେ ସଙ୍କଟରେ। ସରକାର ତାକୁ ନିଜ ହାତକୁ ନନେବା ଫଳରେ ବାହାର ଲୋକେ ସେଠାରେ ମାମଲତକାର ସାଜିଛନ୍ତି। ଏକଥା ଆଉ କେହି ନୁହେଁ, ଖୋଦ୍ ନବ ବାବୁଙ୍କ ନାତୁଣିବୋହୂ ଗଣମାଧ୍ୟମ ଆଗରେ ସାହସ ଜୁଟାଇ କହିଛନ୍ତି। ଏହି ଆଶ୍ରମ ସହିତ ଜଡିତ କିଛି ପୁରୁଣା ଲୋକ ଯେଉଁମାନେ ଆଜୀବନ ସଦସ୍ୟଥିଲେ ନୂଆ ମାମଲତକାରମାନେ ସେମାନଙ୍କୁ ବିଭିନ୍ନ ବାହାନା କରି ତଡି ଦେଇଛନ୍ତି। ଏହି ନୂଆ ମାମଲତକାରମାନଙ୍କ ମଧ୍ୟରୁ ଅଧିକାଂଶ ନକଲି ପରିଚୟପତ୍ର ଦେଖାଇ ହାକିମାତି କରୁଥିବା ନେଇ ଅନୁଗୁଳରେ ଆଲୋଚନା ଚାଲିଛି। କିଏ ନିଜକୁ ଡାକ୍ତର ତ ଆଉ କିଏ ବିଚାରପତି କହୁଛି। କିଏ ନିଜକୁ ଆଗଧାଡିର ସମାଜସେବୀ ଓ ଏପରିକି ସ୍ୱାଧୀନତା ସଂଗ୍ରାମୀ ବି କହିବାକୁ ପଛାଉ ନାହାନ୍ତି। ତେଣୁ ଏମାନଙ୍କ କବଳରୁ ନବ ବାବୁଙ୍କ ହାତଗଢା ସଂସ୍ଥାଟିକୁ ରକ୍ଷା କରିବାପାଇଁ ଖୋଦ୍ ରାଜ୍ୟ ସରକାର ତୁରନ୍ତ ଏହାକୁ ଏକ ସ୍ମାରକୀସ୍ଥଳ ଘୋଷଣା ସହିତ ନିଜ ହାତକୁ ନେବାପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।



## ପୂଜା ପାଇଁ ଚିନ୍ତାରେ ବାବୁ



ରାଜଧାନୀରେ ଏବେ ଚାଲିଛି ପାର୍ବଣ ଋତୁ। ଗଣେଷ ପୂଜାରୁ ଆରମ୍ଭ ହୋଇ ଏବେ ଲକ୍ଷ୍ମୀପୂଜା ଚାଲିଛି। ତେବେ ପୂଜାରେ ରାଜଧାନୀର ସରକାରୀ ବାବୁ ବିଶେଷକରି ଯନ୍ତ୍ରୀମାନଙ୍କର ଚିନ୍ତା ବଢିଯାଇଛି। ହେଲେ ଏହି ଚିନ୍ତା ନିଜ ପାଇଁ ନୁହେଁ, ନିଜ ନିଜ ଅଞ୍ଚଳର ନେତାମାନଙ୍କ ପାଇଁ। କଥା ଛଳରେ ଜଣେ ଯନ୍ତ୍ରୀ କହୁଥାନ୍ତି, ଏବେ ପୂଜା ମଣ୍ଡପ ବୁଲିବା ନେତାମାନଙ୍କର ଫେସନ ହେଲାଣି। ନିଜେ ବୁଲୁଛନ୍ତି ଓ ନିଜ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡୁଛନ୍ତି। ହେଲେ ପୂଜା ମଣ୍ଡପରେ ତ ଖାଲି ବୁଲିବେ ନାହିଁ, ଯେଉଁଠାକୁ ଗଲେ ଦକ୍ଷିଣା ଦେବାକୁ ହେଉଛି। ନେତାମାନେ ତ ସହଜରେ ଶାଗୁଣା ପ୍ରକୃତିର। ତେଣୁ ରାତି ପାହିଲେ ଗୋଟିଏ ପୂଜାମଣ୍ଡପ ତାଲିକା ଯନ୍ତ୍ରମାନଙ୍କ ନିକଟକୁ ପଠାଇ ଦେଉଛନ୍ତି। ଯନ୍ତ୍ରୀମାନେ ବି ସବୁ ଜାନ୍ତା ଭଳି ପୂଜା ମଣ୍ଡପ ୱାରୀ ଖାମ୍ ପଠାଇ ଦେଉଛନ୍ତି। ଖାମ୍ ପାଇଗଲା ପରେ ନେତାମାନେ ଜାମାଯୋଡ ହୋଇ ଦଳବଳସହିତ ପାରିଧିରେ ବାହାରୁଛନ୍ତି। ଅବଶ୍ୟକ କିଛି ଯନ୍ତ୍ରୀ ବି ଏହି ମଉକାରେ ନିଜର କମିଶନି ଟାକୁ ଟିକେ ଅଧିକ କରିଦେଇଛନ୍ତି। ହେଲେ ଅଧିକାଂଶ ବାବୁ କିନ୍ତୁ ନିଜ ଭାଗରୁ ଖାମ୍ ଭର୍ତ୍ତି କରିବାକୁ ବାଧ ହେଉଛନ୍ତି। କିଛି ବାବୁ ତ ଦିନ ଗଣୁଛନ୍ତି କେବେ ଏହି ପୂଜାବଜାର ବନ୍ଦ ହେବ। ହେଲେ ଭୟରେ ନେତାଙ୍କୁ କିଛି କହିପାରୁ ନାହାନ୍ତି।




## ଶକ୍ତି ବଜାର ଶକ୍ତିହୀନ

ରାଜଧାନୀରେ ତିଆରି ହୋଇଥିଲା ଶକ୍ତି ବଜାର ବା ମିଶନ ଶକ୍ତି ବଜାର। ବିଦେଶୀ ଢାଞ୍ଚାରେ ତିଆରି ଏହି ବଜାରରେ ରାଜ୍ୟର ବଛା ବଛା କାରିଗରଙ୍କର ହାତ ତିଆରି ସାମଗ୍ରୀ ମିଳୁଛି। ଘରକରଣା ଠାରୁ ଶାଢୀ ଓ ମସଲା ଆଦି ଏଠାରେ ଉପଲବ୍ଧ। ତେବେ ଏଠାରେ ସବୁଠାରୁ ଆକର୍ଷଣୀୟ ଥିଲା କୋରାପୁଟ କଫି। ଲୋକେ କଫି ପିଇବାପାଇଁ ସେଠାକୁ ଯିବା ସହିତ ଜିନିଷ ବି କିଣାକିଣି କରୁଥିଲେ। ହେଲେ ମିଶନ ଶକ୍ତିର ନାମ ସୁଭଦ୍ରା ଶକ୍ତି ହେବାପରେ ଏହି ଶକ୍ତି ବଜାରର ଶକ୍ତି ହ୍ରାସ ପାଇବାରେ ଲାଗିଛି। କୋରାପୁଟ କଫି ଦୋକାନ ଏଠାରୁ ସ୍ଥାନାନ୍ତରିତ ହୋଇ ଆଦିବାସୀ ସଂଗ୍ରହାଳୟକୁ ପଳାଇଲାଣି। କାହିଁକି ଗଲା ତାହାର ଉତ୍ତର କାହା ପାଖରେ ନାହିଁ। କୋରାପୁଟ କଫିର ସ୍ୱାଦ ପାଇବାକୁ ଯାଉଥିବା ଲୋକେ ମନମରା ହୋଇ ଫେରୁଛନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀ କୋରାପୁଟ କଫିସର ପ୍ରଚାର ପ୍ରସାରପାଇଁ ନୂଆ ଦିଲ୍ଲୀରେ ଏହାର ସ୍ୱତନ୍ତ୍ର ବିକ୍ରୟକେନ୍ଦ୍ରର ଶୁଭାରମ୍ଭ କରୁଥିବାବେଳେ ସୁଭଦ୍ରା ଶକ୍ତି ବଜାରରେ ଏହାକୁ ବନ୍ଦ କରିବାକୁ ସାଧାରଣ ଲୋକେ ଗ୍ରହଣ କରିପାରୁ ନାହାନ୍ତି। ମିଶନ ଶକ୍ତି ବିଭାଗର ଏହା ଅପରିଣାଦର୍ଶୀ ପଦକ୍ଷେପ ବୋଲି କେତେକ କହିବାକୁ ପଛାଉ ନାହାନ୍ତି। ତେବେ ଶକ୍ତି ବଜାରର ଏଭଳି ଶକ୍ତି ହ୍ରାସ ପଛରେ କେଉଁ କାରଣ ରହିଛି ତାହାକୁ ଏବେ ଅନେକ ଖୋଜିବା ଆରମ୍ଭ କରିଛନ୍ତି।

## ଅଭିନନ୍ଦନଙ୍କୁ ଆଗୁଆ ଅଭିନନ୍ଦ




ନୂଆପଡା ରାଜନୀତିରେ ଘଡିକେ ଘୋଡା ଛୁଟୁଥିବାବେଳେ ବିଜେପି ଟିକଟ ଦୌଡରୁ ବାଦ୍ ପଡିଛନ୍ତି ବସନ୍ତ ତୟନ ଅଭିନନ୍ଦନ। ଗତ ନିର୍ବାଚନରେ ଯଦିଓ ଅଭିନନ୍ଦନ ତୃତୀୟ ସ୍ଥାନରେ ଥିଲେ ଏଥର କିନ୍ତୁ ଉପନିର୍ବାଚନ ଟିକଟ ପାଇବେ ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ବିଧାନସଭାକୁ ନିଶ୍ଚିତ ଆସିବେ ବୋଲି ଭାବିଥିଲେ। ଏଥିପାଇଁ କିଛିଦିନ ହେଲା ବାପ-ପୁଅ ଯୋଡି ନୂଆପଡାରେ ଜୋରଦାର ବୁଲାବୁଲି କରୁଥିଲେ। ହେଲେ ଶେଷ ମୂହୂର୍ତ୍ତରେ ଢୋଲକିଆ ବାବୁ ସେଥିରେ ପାଣି ପୁରାଇ ଦେଇଛନ୍ତି। ଏଭଳି ସୂଚନା ପାଇଲାପରେ ବସନ୍ତ ବାବୁ ରାଗି ଖପ୍ପା ହୋଇଥିଲେ। ହେଲେ ପରବର୍ତ୍ତୀ ସମୟରେ ବୁଝିଗଲେ। ବସନ୍ତ ବାବୁ ବୁଝିବାପରେ ଦଳୀୟ ଦପ୍ତର ନିକଟରେ କିଛି ବ୍ୟକ୍ତି ଅଭିନନ୍ଦନଙ୍କୁ ଆଗୁଆ ଅଭିନନ୍ଦନ ଜଣାଉଥିଲେ। ଏ ସଂକ୍ରାନ୍ତରେ ଜଣେ ଅଭିନନ୍ଦନକାରୀଙ୍କୁ ପଚାରିବାରୁ ସେ କହିଲେ ଯେ ଅଭିନନ୍ଦନ ସିନା ଟିକଟ ପାଇଲେ ନାହିଁ, ହେଲେ ତାଙ୍କୁ କୁଆଡେ ଯୋଗାଣ ନିଗମର ମୁଖିଆ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ରାଜ୍ୟରେ ତ ତାଙ୍କରି ଦଳର ସରକାର। ନୂଆପଡା ନିର୍ବାଚନ ଫଳାଫଳ ଯାହା ହେଲେ ବି ଅଭିନନ୍ଦନଙ୍କୁ କିନ୍ତୁ ନିଗମଟା ମିଳିବା ଥୟ। ତେଣୁ ସେହି ଖବର ପାଇଲା ପରେ ତାଙ୍କୁ ଟିକେ ଆଗୁଆ ଅଭିନନ୍ଦନ ଜଣାଇ ଦେଲୁ। ପାଖରେ ଠିଆ ହୋଇଥିବା ଆଉ ଜଣେ କର୍ମୀ ଏତିକିବେଳେ ଫେଁ କିନା ହସିଦେଲେ। କାରଣଟି ପଚାରିବାରୁ କହିଲେ, ନିଗମ ମୁଆଁକୁ ଶହେ ଭୁଆଁ ଅନେଇ ବସିଛନ୍ତି। ଦେଢ ବର୍ଷ ଗଲାଣି। ଏତକ ଶୁଣିବାପରେ ଆମେ ସବୁ ବୁଝିଗଲା ଭଳି ସେଠାରୁ ପଳାଇ ଆସିଲୁ।

# ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ବାଚସ୍ପତି



**ଭୁବନେଶ୍ୱର, ୧୨।୧୦(ସଂଚାର ବ୍ୟୁରୋ):** ବାଚସ୍ପତି ସୁରମା ପାଢ଼ୀ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବାର୍ବାଡୋସ୍ ଗସ୍ତରେ ଯାଇଥିବା ବେଳେ ବ୍ରିଜ୍‌ଟାଉନ୍‌ଠାରେ 'ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ' ଓ 'ଜାତୀୟ ସଂସଦ ବନାମ ପ୍ରାଦେଶିକ, ଆଞ୍ଚଳିକ ଓ ବିକଶିତ ବିଧାନସଭା କ୍ଷମତା ପୃଥକୀକରଣକୁ ସୁରକ୍ଷା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନାରେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ ଯେ ଜଳବାୟୁ ପରିବର୍ତ୍ତନ ଓ ଏହାର ଦୀର୍ଘସ୍ଥାୟୀ କୁପ୍ରଭାବ ଆଜି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ଓ ବଡ଼ ଚିନ୍ତାର କାରଣ। ଏଥିପ୍ରତି ସଚେତନ ହୋଇ ଯଦି ଏହାର ସମାଧାନର ପନ୍ଥା ନିର୍ଦ୍ଧାରଣ କରା ନଯାଏ ତେବେ ଆଗାମୀ ଦିନରେ ଆମକୁ ଏହାର ଭୟଙ୍କର ପରିଣତି ଭୋଗିବାକୁ ପଡ଼ିବ। ଅସମୟରେ ବାତ୍ୟା, ବନ୍ୟା ଓ ଗ୍ରୀଷ୍ମପ୍ରବାହ ଏବେ ସବୁଠାରେ ଦେଖିବାକୁ ମିଳୁଛି । ଏଥିରେ ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଜନଜୀବନହାନୀ ଘଟୁଛି। ଏଭଳି ପ୍ରାକୃତିକ ବିପର୍ଯ୍ୟୟରୁ ବର୍ତ୍ତିବା ପାଇଁ ଆମକୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ଓଡ଼ିଶାରେ ୧୯୯୯ ମହାବାତ୍ୟାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଜୀବନହାନୀ ହେବା ସହ ଏହାର ଦୀର୍ଘସ୍ଥାୟୀ କୁପ୍ରଭାବ ଦୀର୍ଘଦିନ ଧରି ଅନୁଭୂତ ହୋଇଥିଲା। ୨୦୧୩ ମସିହାରେ ଫାଇଲିନ୍, ୨୦୧୯ ମସିହା ଫନିର ପ୍ରଭାବକୁ ଆଗୁଆ ଆକଳନ କରି ସରକାର ସବୁପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବାରୁ କ୍ଷୟକ୍ଷତି ଓ ଜନଜୀବନହାନୀକୁ ରୋକାଯାଇ ପାରିଥିଲା। ଏ କ୍ଷେତ୍ରରେ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଏକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସଂପର୍କ ଓ ସୁସମନ୍ୱୟର ଆବଶ୍ୟକତା ରହିଛି। ଭାରତ ସବୁବେଳେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସ୍ୱାର୍ଥ ଓ ସୁରକ୍ଷା ପ୍ରତି ପ୍ରାଧାନ୍ୟ ଦେଉଅଛି। ଫଳରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହୋଇପାରିଛି ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ହେଉଛି ୫୬ ଦେଶର ସହଭାଗିତାରେ ଏକ ମିଳିତ ମଞ୍ଚ। ରାଜ୍ୟଗୋଷ୍ଠୀର ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବିଶ୍ୱ ଭ୍ରାତୃତ୍ୱର ଭାବକୁ ଆଗକୁ ବଢ଼ାଇ ନେବାରେ ଏହି ମଞ୍ଚ ସବୁବେଳେ ପ୍ରୟାସରତ।



ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଗି ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ପୁରୀ ସିଂହଦ୍ୱାର ଥାନା ଆଇଆଇସି ଓ ଟିମ୍ ଦହି ସରବତ ବଣ୍ଟନ କରୁଛନ୍ତି।

## କାର୍ଯ୍ୟରେ ଅବହେଳା ଯୋଗୁଁ ଏଏସ୍‌ଆଇ ନିଲମ୍ବିତ

**ଭଦ୍ରକ,୧୨।୧୦(ସଂଚାର ବ୍ୟୁରୋ) :** କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ପାଇଁ ପୋଲିସ ଏଏସଆଇ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ଏଏସଆଇ ହେଉଛନ୍ତି ଭଦ୍ରକ ଟାଉନ ଥାନାରେ କାର୍ଯ୍ୟରତ ସୁଶାନ୍ତ କୁମାର ନାୟକ। ସେ ଟାଉନ ଥାନାରେ ପ୍ରାୟ ୨ବର୍ଷ ହେଲା କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କ କାର୍ଯ୍ୟ ସନ୍ତୋଷଜନକ ନ ଥିଲା। ଏପରିକି ପୋଲିସ ସେବା ଓ କାର୍ଯ୍ୟକୁ ସେ ଠିକ ଭାବରେ ସମ୍ପାଦନ କରୁ ନ ଥିବାରୁ ଟାଉନ ଥାନା ଅଧିକାରୀ ତାଙ୍କୁ ବିଭିନ୍ନ ସମୟରେ ତାଗିଦ ମଧ୍ୟ କରିଥିଲେ। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେ ନିଜର କର୍ତ୍ତବ୍ୟକୁ ଠିକ ଭାବରେ କରୁ ନ ଥିବାରୁ ଥାନା ଅଧିକାରୀ ଭଦ୍ରକ ଏସପିଙ୍କ ଏ ସମ୍ପର୍କରେ ଜଣାଇଥିଲେ। ଶେଷରେ ଭଦ୍ରକ ଏସପି ମନୋଜ ରାଉତ ତାଙ୍କୁ ଆଜି କାର୍ଯ୍ୟରୁ ନିଲମ୍ବନ କରିଥିବା ଭଦ୍ରକ ଟାଉନ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ନଦୀରେ ଭାସିଗଲେ ଛାତ୍ର, ଚାଲିଛି ଖୋଜାଖୋଜି

**ବାଲିଗୁଡା,୧୨।୧୦(ସଂଚାର ବ୍ୟୁରୋ) :** ନଦୀରେ ଭାସିଗଲେ ସ୍କୁଲ ଛାତ୍ର। କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ବାଦୁବାଡ଼ି ନିକଟରେ କାଳିପେନୁ ନଦୀରେ ଜଣେ ଛାତ୍ର ଭାସିଯାଇଛନ୍ତି। ଭୋଜି କରିବାକୁ ଆସି ନଦୀରୁ ପାଣି ଆଣିବାକୁ ଯାଇଥିବା ସମୟରେ ଏହି ଅଘଟଣ ଘଟିଛି। ନିଖୋଜ ଜଣକ ହେଲେ ରାଇକିଆ ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର। ରାଇକିଆ ଓଡିଶା ଆଦର୍ଶ ବିଦ୍ୟାଳୟର ଦଶଜଣ ଛାତ୍ର ଆଜି ଭୋଜି କରିବାକୁ ବାଦୁବାଡି କାଳିପେନୁ ନଦୀ ନିକଟକୁ ଆସିଥିଲେ। ରାନ୍ଧିବା ପାଇଁ ପାଣି ଆଣିବାକୁ ଦୁଇ ଜଣ ଛାତ୍ର ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଜଣେ ଛାତ୍ର ଭାସି ଯାଇଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର ଅଭିଯାନ ଚଳାଇଛି। ବର୍ତ୍ତମାନ ସୁଦ୍ଧା ଛାତ୍ରଙ୍କର କୌଣସି ପତ୍ତା ମିଳିପାରିନାହିଁ ।

## ନବୀନଙ୍କୁ ଭେଟିଲେ ଅପରାଜିତା



**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସାଂସଦ ତଥା ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସଭବନ ନବୀନ ନିବାସରେ ଭେଟିଛନ୍ତି। ଏହି ଭେଟାକୁ ଅପରାଜିତା ସୁନ୍ଦର ଭେଟ ବୋଲି ବର୍ଣ୍ଣନା କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସେ ନବୀନଙ୍କୁ ପ୍ରଣାମ କରି ତାଙ୍କ ସ୍ୱାସ୍ଥ୍ୟ ପଚାରି ଆଶୀର୍ବାଦ ନେଇଛନ୍ତି। ଅତୀତର ଅନେକ ଘଟଣାକୁ ବହୁତ ସ୍ନେହରେ ସେ ମନେ ପକାଇଥିଲେ। ଆମେ କଥା ହେଲୁ ଓ ହସିଲୁ। ତାଙ୍କ ଆଶୀର୍ବାଦ ନେଲି। ସତରେ ସୁନ୍ଦର ଭେଟା ଥିଲା। ଏହି ଭେଟକୁ ରାଜନୈତିକ ମହଲରେ ଆଗ୍ରହର ସହ ଦେଖାଯାଉଛି, ଯାହା ଦଳୀୟ ସୀମା ଅତିକ୍ରମ କରି ବ୍ୟକ୍ତିଗତ ସମ୍ପର୍କକୁ ଦର୍ଶାଉଛି।

ସୂତ୍ର ଅନୁଯାୟୀ ଆଗାମୀ କିଛିଦିନ ପରେ ଅପରାଜିତାଙ୍କ ଝିଅ ବାହାଘର ଥିବାରୁ ସେ ନିମନ୍ତ୍ରଣ କରିବାକୁ ଯାଇଥିବା କୁହାଯାଉଛି। ଏହି ସମୟରେ ତାଙ୍କ ସହ ସ୍ୱାମୀ ସନ୍ତୋଷ ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ। ଏହା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନକୁ ଯାଇ ମଧ୍ୟ ସାକ୍ଷାତ କରିଥିଲେ ଏବଂ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ମଧ୍ୟ ସାକ୍ଷାତ କରିଥିଲେ।

## ଜୀବନ୍ତ ଅଭିନୟ କରି ଖାଇଲେ ବୋତଲ ମାଡ଼



**ଆଠମଲ୍ଲିକ,୧୨।୧୦(ସଂଚାର ବ୍ୟୁରୋ):** ଗଜଲକ୍ଷ୍ମୀ ପୂଜା ପାଇଁ ଗ୍ରାମାଞ୍ଚଳର ଏକ ରଙ୍ଗମଞ୍ଚରେ ପ୍ରଦର୍ଶିତ ନାଟକରେ ଜଣେ ଅଭିନେତାଙ୍କ ଅଭିନୟ ଏତେ ଜୀବନ୍ତ ଥିଲା ଯେ ଉପସ୍ଥିତ ଥିବା ଦର୍ଶକ ପ୍ରତିକ୍ରିୟାଶିଳ ହୋଇ ସେହି କଳାକାରଙ୍କ ଉପରକୁ ପ୍ଲାଷ୍ଟିକ ବୋତଲ ଫିଙ୍ଗିଥିଲେ। କଳାକାରଙ୍କ ଅଭିନୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିବା ସହିତ ବିଭୋର କରିଥିଲା। ଜଣେ ମହିଳା ତାର ପାଳିତ ପୁତ୍ରକୁ ଜୀବନର ସବୁକିଛି ଜଳାଞ୍ଜଳି ଦେଇ ମଣିଷ କରିଥିଲା। ଏପରିକି ମାଆଟି ତାର କିଡନୀ ବିକି ପୁଅକୁ ଡାକ୍ତରୀ ପଢ଼ାଇଥିଲା। କିନ୍ତୁ ସମୟକ୍ରମେ ବିବାହ ପରେ ଶ୍ୱଶୁରର ପ୍ରରୋଚନାରେ ପଡ଼ି ମାଆ ପ୍ରତି ରୁକ୍ଷ ହୋଇ ଅତ୍ୟାଚାର ଆରମ୍ଭ କରିଥିଲା ପୁଅଟି। ଶ୍ୱଶୁରର ପ୍ରରୋଚୋନାରେ ନାୟକ ତା ମାଆକୁ ନିର୍ଯାତନା ଦେବା ସହିତ ତାକୁ ଘୋଷାରି ବୃଦ୍ଧାଶ୍ରମକୁ ନେଇଥିଲା। ଏହି ସମୟର ଅଭିନୟ ଏତେ ମର୍ମସ୍ପର୍ଶୀ ଥିଲା ଯେ, ଦର୍ଶକମାନେ ନାୟକଙ୍କ ଉପରକୁ ପ୍ଲାଷ୍ଟିକ ବୋତଲ ଫୋପାଡି ଥିଲେ।

ନାଟକର ନାଁ ଥିଲା 'ଅଧା ରାତିର ସାଥୀ' ନାୟକ ଭୂମିକାରେ ଅଭିନୟ କରୁଥିଲେ କିଆକଟା ଗାଁର ରତିକାନ୍ତ ସାହୁ। କିଆକଟା ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ନାଟକରେ ସ୍ଥାନୀୟ ଗ୍ରାମବାସୀ ଅଭିନୟ କରିଥିଲେ। ନାଟକ ସମାପ୍ତ ପରେ ନାୟକ ଭୂମିକାରେ ଅଭିନୟ କରିଥିବା ରତିକାନ୍ତ ସାହୁଙ୍କୁ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା ମିଳିଛି।

## ହେଟାବାଘ ଆକ୍ରମଣରେ ୨ ଗୁରୁତର

**କେନ୍ଦୁଝର,୧୨।୧୦(ସଂଚାର ବ୍ୟୁରୋ) :** କେନ୍ଦୁଝର ସଦର ରେଂଜ ମୈଦାନକେଲ ପଞ୍ଚାୟତରେ ହେଟାବାଘ ଆତଙ୍କ। ହେଟା ବାଘ ଆକ୍ରମଣରେ ତଳପଦା ଗାଁର ରଜ ନାଏକ ଓ ଛେମୁଣ୍ଡିବିଲ୍ ରୁକ୍ମଣୀ ମହାପାତ୍ର ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଧରଣୀଧର ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଛି। ତାଳପଦା ଗାଁର ରଜ ନାଏକ ଘର ପଛପଟେ ବସିଥିବା ବେଳେ, ତାଙ୍କୁ ହଠାତ୍ ହେଟାବାଘ ଆକ୍ରମଣ କରିଥିଲା। ରଜଙ୍କ ମୁହଁ, ଜଙ୍ଘ, ଛାତି ଏବଂ ହାତରେ ଗଭୀର ଆଘାତ ଲାଗିଛି। ସେହିପରି ଛେମୁଣ୍ଡିବିଲ୍ ଗାଁର ରୁକ୍ମଣୀ ମହାପାତ୍ର ଛେଳି ଚରାଇବାକୁ ନେଇଥିବା ବେଳେ, ହେଟା ଆକ୍ରମଣର ଶିକାର ହୋଇଥିଲେ।



## କୋଇଲା ବୋଝେଇ ଟ୍ରେନରେ ନିଆଁ

**ଛତ୍ରପୁର,୧୨।୧୦(ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲା ଛତ୍ରପୁର ରେଳଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ଲାଗିଥିବା ଏକ କୋଇଲା ବୋଝେଇ ଟ୍ରେନର ବଗିରେ ନିଆଁ ଲାଗି ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ଖୋର୍ଦ୍ଧାରୁ ବିଶାଖାପାଟନାମ ଅଭିମୁଖେ କୋଇଲା ନେଇ ଟ୍ରେନଟି ଯାଉଥିବା ବେଳେ ଛତ୍ରପୁର ରେଳ ଷ୍ଟେସନରେ ହଠାତ ନିଆଁ ଲାଗିଯାଇଥିଲା। ଘଟଣାର ଖବର ପାଇ ଛତ୍ରପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରୁଛି । ଏନେଇ ଲୋକମାନେ ଆତଙ୍କିତ ହୋଇପଡ଼ିଥିବା ବେଳେ ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି।

## ଟେଲର ଦୋକାନୀଙ୍କୁ ଜଘନ୍ୟ ହତ୍ୟା



**ବରଗଡ଼,୧୨।୧୦(ସଂଚାର ବ୍ୟୁରୋ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବରାହଗୋଡା ପଞ୍ଚାୟତ ଗୌରାଙ୍ଗଟିକ୍ରା ଗାଁର ବିଭୀଷଣ ସାହୁଙ୍କ ତିନି ପୁଅଙ୍କ ମଧ୍ୟରୁ ମଝିଆ ପୁଅ ମହାଦେବ ସାହୁ। ପହଁରା ପାଟ ମନ୍ଦିର ନିକଟରେ ଏକ ଟେଲର ଦୋକାନ ଦେଇ ପରିବାର ପୋଷଣ କରୁଥିଲେ। ତାଙ୍କ ଧର୍ମପତ୍ନୀ କଳ୍ପନା ସାହୁ, ଦୁଇ ଝିଅ ବର୍ଷା ଏବଂ ପୂଜାଙ୍କ ସହ ହସଖୁସିରେ ଚାଲିଥିଲା ସଂସାର। କିନ୍ତୁ ହଠାତ କାଲି ଏକ ଦୁଃଖଦ ଖବର ଆସିଲା ଯେ, ମହାଦେବଙ୍କୁ ମାରି କିଏ ପକେଇଦେଇଛି। ମିଳିଥିବା ସୂଚନାନୁଯାୟୀ ମହାଦେବ ସିଲେଇ କରୁଥିବା ବେଳେ ତାଙ୍କୁ କିଏ ଜଣେ ଅଚିହ୍ନା ବ୍ୟକ୍ତି ବାଇକରେ ବସାଇ କୁଆଡେ ନେଇଯାଇଥିଲା। ଆଉ ଆଜି ହଠାତ ଖବର ମିଳିଲା ଗାଁ ରାସ୍ତା ପାର୍ଶ୍ୱରେ ତାଙ୍କର ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ମିଳିଛି। ତେବେ ମହାଦେବଙ୍କ ସ୍ତ୍ରୀ କଳ୍ପନାଙ୍କ କହିବାନୁଯାୟୀ ମହାଦେବଙ୍କୁ ଠକି ତାଙ୍କ ନାମରେ ଜଣେ ବ୍ୟକ୍ତି ଏକ ବ୍ୟାଙ୍କରୁ ମୋଟର ସାଇକେଲ ଋଣ କରିଥିଲେ। ବ୍ୟାଙ୍କରେ ଋଣ ପରିଶୋଧ ନ ହେବାରୁ ବ୍ୟାଙ୍କ କର୍ମଚାରୀମାନେ ମହାଦେବଙ୍କ ଘରକୁ ଆସି ଋଣ ପରିଶୋଧ ପାଇଁ କହିବା ପରେ ମହାଦେବ ଜାଣିଥିଲା ନିଜ ନାମରେ କିଏ ଋଣ କରିଛନ୍ତି। ଏତିକି ଥିଲା କଥା। କିନ୍ତୁ ମହାଦେବଙ୍କୁ କିଏ ମାରିଛି ସେକଥା ସ୍ପଷ୍ଟ ହୋଇନଥିବା ବେଳେ ପରିବାର ଲୋକେ ମହାଦେବଙ୍କ ନାଁରେ ଋଣ କରିଥିବା ବ୍ୟକ୍ତିଙ୍କୁ ସନ୍ଦେହ କରୁଛନ୍ତି। ତେବେ ମୃତଦେହ ଅତାବିରା ଥାନା ଅଞ୍ଚଳ ସର୍ତୀଜୋର ଜାତୀୟ ରାଜପଥ ନିକଟରୁ ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମହାଦେବଙ୍କୁ କିଏ ମାରିଛି ସ୍ପଷ୍ଟ ହୋଇନାହିଁ । ଏନେଇ ଅତାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ସନ୍ଧାନୀକୁକୁର ଆସି ତନାଘନା କରୁଛି ଏବଂ ସାଇଣ୍ଟିଫିକ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଦ୍ୱିତୀୟ ବିବାହ ପାଇଁ ଦୁଇ ଛୁଆଙ୍କୁ ଜଙ୍ଗଲରେ ଛାଡ଼ିଦେଲା ବାପା

**ମୋରଡ଼ା,୧୨।୧୦(ସଂଚାର ବ୍ୟୁରୋ) :** ମୟୂରଭଞ୍ଜ ମୋରଡ଼ା ବ୍ଲକରେ ଜଙ୍ଗଲରୁ ଦୁଇ ଶିଶୁ ଉଦ୍ଧାର ହୋଇଛନ୍ତି। ବର୍ତ୍ତମାନ ଦୁଇ ଶିଶୁଙ୍କୁ ଅଙ୍ଗନବାଡ଼ି କର୍ମୀଙ୍କ ପାଖରେ ରଖାଯାଇଥିବାବେଳେ, ସୋମବାର ସେମାନଙ୍କୁ ସିଡବ୍ଲୁସିକୁ ପଠାଯିବ। ସୂଚନା ଅନୁଯାୟୀ, ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଡୁମୁରଡ଼ିହା ଗ୍ରାମର ଗୋବିନ୍ଦଚନ୍ଦ୍ର ମହାନ୍ତ ରବିବାର ପୂର୍ବାହ୍ନ ୧୦ଟାରେ ନିଜ ଗ୍ରାମର ଶିବ ମହାନ୍ତ, ମଙ୍ଗଳୀ ମହାନ୍ତ ଏବଂ ଅନ୍ୟ ଗ୍ରାମବାସୀଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିଲେ । ଦିନ ପ୍ରାୟ ୧୨ଟା ବେଳେ ଘରକୁ ଫେରିବା ସମୟରେ ଜଙ୍ଗଲ ମଝି ଦେଇଯାଇଥିବା ସୁବର୍ଣ୍ଣରେଖା କେନାଲ ଉପରେ ଜଣେ ୩ ବର୍ଷର ପୁଅ ଏବଂ ଅଢ଼େଇ ବର୍ଷର ଝିଅ ବସିଥିବାର ଦେଖିଥିଲେ । କିଛି ସମୟ ପରେ ଉକ୍ତ ଦୁଇ ଛୁଆ ପାଣି ପିଇବାକୁ କେନାଲକୁ ଓହ୍ଲାଇଥିଲେ । ଏହା ଦେଖି ଗୋବିନ୍ଦ କେନାଲକୁ ଯାଇ ଦୁଇ ଛୁଆକୁ ଉଦ୍ଧାର କରି ନିଜ ଘରକୁ ଆଣିଥିଲେ । ତେବେ ଚିତ୍ରଡ଼ାକୁ ଆସିଥିବା କିଛି ଲୋଧା ଜନଜାତିର ଲୋକେ ଦୁଇ ଛୁଆକୁ ଦେଖି ଚିହ୍ନିପାରିଥିଲେ। ଦୁଇ ଶିଶୁ ମୋରଡ଼ା ବ୍ଲକ ବରକନ୍ଦ ପଞ୍ଚାୟତ ଟିଆଁସୀ ଗ୍ରାମର ବାପି ମଲ୍ଲିକଙ୍କ ପୁଅ-ଝିଅ ବୋଲି ଜଣାପଡ଼ିଥିଲା। ଦୁଇ ଭାଇଭଉଣୀଙ୍କୁ ନେବାକୁ ସେମାନଙ୍କ ଜେଜେ ବାପା ମୁନ୍ସୀ ମଲ୍ଲିକ ଆସିଥିଲେ। ହେଲେ ଦୁଇ ଶିଶୁ ତାଙ୍କ ସହ ଯାଇନଥିଲେ। ଖବର ପାଇ ଅଙ୍ଗନବାଡ଼ି କର୍ମୀ ଜୟନ୍ତୀ ନାଏକ ଏବଂ ଲୋଧା ଉନ୍ନୟନ ସଂସ୍ଥାର ପୋଷଣ ସହାୟିକା ଅରୁଣା ପ୍ରଜାପତି ଗୋବିନ୍ଦଙ୍କ ଘରେ ପହଞ୍ଚି ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ଭାଇଭଉଣୀଙ୍କୁ ଅଙ୍ଗନବାଡ଼ି କର୍ମୀ ଜୟନ୍ତୀ ତାଙ୍କ ଘରେ ରଖିଛନ୍ତି । ଜଣାପଡ଼ିଛି ବାପି ମଲ୍ଲିକ ଦ୍ୱିତୀୟ ବିବାହ କରିଛନ୍ତି। ଆଉ ଏ ଦୁଇ ଶିଶୁ ତାଙ୍କ ପ୍ରଥମ ପତ୍ନୀଙ୍କର। ବାପିଙ୍କ ପ୍ରଥମ ସ୍ତ୍ରୀ ଦୁଇ ମାସ ତଳେ ଆତ୍ମହତ୍ୟା କରିଛନ୍ତି । ଏମିତିରେ ଏହି କାରଣରୁ ବାପି ଏଭଳି କରିଥିବା ଅନୁମାନ କରାଯାଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଚୀନ୍‌ର ପଦକ୍ଷେପ ନେଇ ଟ୍ରମ୍ପ୍ ସ୍ତବ୍ଧ

# ସୋୟାବିନ କ୍ରୟ ଉପରେ ଲଗାଇଲା ପ୍ରତିବନ୍ଧକ

ବେଜିଂ/ୱାଶିଂଟନ, ୧୨।୧୦ଃ ଚୀନ୍ ଆମେରିକାକୁ ଚୁପ୍ କରିଦେଇଛି। ଚୀନ୍‌ର ବିରଳ ଧାତୁ ଉପରେ ନିର୍ଭର କରୁଥିବା ଆମେରିକାକୁ ଆଉ ଏକ ବଡ଼ ଝଟକା ଲାଗିଛି। ଚୀନ୍ ହଠାତ୍ ଆମେରିକାରୁ ସୋୟାବିନ କିଣିବା ବନ୍ଦ କରିଦେଇଛି। ଏହା ସମଗ୍ର ଆମେରିକାରେ ସଙ୍କଟ ସୃଷ୍ଟି କରିଛି। ସୋୟାବିନର ମୂଲ୍ୟ ବହୁତ ହ୍ରାସ ପାଇଛି ଏବଂ ଆମେରିକୀୟ ଚାଷୀଙ୍କ ମଧ୍ୟରେ ଆର୍ଥିକ କ୍ଷତି ନେଇ ଆତଙ୍କ ଦେଖାଦେଇଛି। ଚୀନ୍ ଆମେରିକୀୟ ସୋୟାବିନର ଏକ ବଡ଼ କ୍ରେତା, କିନ୍ତୁ ଏକ ନୂତନ ପଦକ୍ଷେପରେ, ଚୀନ୍ ହଠାତ୍ ସୋୟାବିନ କ୍ରୟ ଉପରେ ପ୍ରତିବନ୍ଧକ ଲଗାଇ ଦେଇଛି। ଆମେରିକା ଚୀନ୍‌ର ଚେସ୍ ଖେଳରେ ଫସି ଯାଇଥିବା ବିଶେଷଜ୍ଞ ମତପୋଷଣ କରିଛନ୍ତି।। ଏବେ ଆମେରିକା ସମଗ୍ର ବିଶ୍ୱରେ ନିଜର ପ୍ରାଧାନ୍ୟ ହରାଇବା ନେଇ ଭୟ କରୁଛି। ଚୀନ୍ ପୂର୍ବରୁ ଆମେରିକାକୁ ବିରଳ ଧାତୁ ଚୁମ୍ବକ ରପ୍ତାନି ଉପରେ ଆଂଶିକ ପ୍ରତିବନ୍ଧକ ଲଗାଇଥିଲା। ଏବେ ଏସିଆ-ପ୍ରଶାନ୍ତ



ମହାସାଗରୀୟ ଆର୍ଥିକ ସହଯୋଗ (ଏପିଇସି) ସମ୍ମିଳନୀ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଉପରେ ଚାପ ପକାଇବା ପାଇଁ ଚୀନ୍ ଏହି ନୂତନ ରଣନୀତି ଗ୍ରହଣ କରିଛି। ଚାଷୀମାନେ ବୃଦ୍ଧି ପାଉଥିବା ମୂଲ୍ୟ ଏବଂ ଅଦୃଶ୍ୟ ବଜାରର ଦ୍ୱିଗୁଣିତ କ୍ଷତିର ସମ୍ମୁଖୀନ ହେଉଛନ୍ତି, ଯାହା ଗ୍ରାମୀଣ ଆମେରିକାରେ ବହୁ ଆର୍ଥିକ କ୍ଷତି ଘଟାଇବ ବୋଲି ଆଶଙ୍କା କରାଯାଉଛି। ଆମେରିକାର ସୋୟାବିନର ସବୁଠାରୁ ବଡ଼ କ୍ରେତା ଚୀନ୍, ଚଳିତ ବର୍ଷ ଚୀନ୍ କୌଣସି ଆମେରିକୀୟ ସୋୟାବିନ୍ କିଣିନାହିଁ। ଟ୍ରମ୍ପ୍ କହିଛନ୍ତି ଯେ ସେ ଏହି ମାସ ଶେଷରେ ଦକ୍ଷିଣ କୋରିଆରେ ହେବାକୁ ଥିବା ଏପିଇସି ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ପ୍ରତିବନ୍ଧକ ବିଷୟରେ ଆଲୋଚନା କରିବେ। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିଛନ୍ତି, ଆମ ଦେଶର ସୋୟାବିନ୍ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି କାରଣ ଚୀନ୍ କେବଳ 'ଆଲୋଚନା' କରିବା ପାଇଁ ସୋୟାବିନ୍ କିଣୁନାହିଁ। ସୋୟାବିନ୍ ଆଲୋଚନାର ଏକ ପ୍ରମୁଖ ବିଷୟ ହେବ। ଏହି ସମୟରେ, ଆମେରିକୀୟ ଚାଷୀ, ଯେଉଁମାନେ ୨୦୨୪ରେ ଟ୍ରମ୍ପ୍‌ଙ୍କୁ ସମର୍ଥନ କରିଥିଲେ, ସେମାନେ ଚେତାବନୀ ଦେଉଛନ୍ତି ଯେ, ଯଦି ପରିସ୍ଥିତି ଶୀଘ୍ର ପରିବର୍ତ୍ତନ ନ ହୁଏ, ତେବେ ଗ୍ରାମୀଣ ଆମେରିକାରେ ରକ୍ତପାତ ହୋଇପାରେ।

ସୋୟାବିନ୍ ହେଉଛି ଆମେରିକାର ଏକ ନମ୍ବର ଖାଦ୍ୟ ସାମଗ୍ରୀ। ଏହା ୬୦ ବିଲିୟନ ଡଲାରର ଶିଳ୍ପ। ଯାହା ଗ୍ରାମୀଣ ଅର୍ଥନୀତିର ଏକ ବଡ଼ ଅଂଶକୁ ଶକ୍ତି ପ୍ରଦାନ କରେ। ଚଳିତ ବର୍ଷ, ଆମେରିକା ଏକ ରେକର୍ଡ ଫସଲ ଅମଳ କରିଛି ଏବଂ ଏହାକୁ ବିକ୍ରୟ କରିବା ପାଇଁ କୌଣସି ଗ୍ରାହକ ପାଉ ନାହିଁ। ଚୀନ୍ ବିଶ୍ୱର ପ୍ରାୟ ୬୧% ସୋୟାବିନ୍ କିଣିଥାଏ। ଏଥର ସୋୟାବିନ୍ କିଣିବା ବନ୍ଦ କରିବା ପାଇଁ ଚୀନ୍‌ର ନିଷ୍ପତ୍ତି ଏକ ବ୍ୟାପକ ବାଣିଜ୍ୟ ଚେସ୍ ଖେଳର ଅଂଶ। କାରଣ ବେଜିଂ ଟ୍ରମ୍ପ୍‌ଙ୍କ ନୂତନ ଶୁଳ୍କ ଜବାବରେ ଆର୍ଥିକ ଶକ୍ତି ପ୍ରଦର୍ଶନ କରୁଛି।

ଏକ ରିପୋର୍ଟ ଅନୁଯାୟୀ, ନୋମୁରା ହୋଲ୍ଡିଂସର ମୁଖ୍ୟ ଚୀନ୍ ଅର୍ଥନୀତିଜ୍ଞ ଲୁ ଟିଙ୍ଗ କହିଛନ୍ତି, ଆମେରିକୀୟ ସୋୟାବିନ୍ ଆଉ ଚୀନ୍ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆୟୋୱା ସୋୟାବିନ୍ ଉତ୍ପାଦକ ମୋରେ ହିଲ୍ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲକୁ କହିଛନ୍ତି, ଏବେ ବିକ୍ରୟ କରିବାର କୌଣସି ଅର୍ଥ ନାହିଁ। ହିଲ୍ କହିଛନ୍ତି ଯେ ଯଦି ଚୀନ୍ ସହିତ ଶୀଘ୍ର ଏକ ଚୁକ୍ତି ନହୁଏ, ତେବେ ସୋୟାବିନ୍ ବଜାର ଅସ୍ତବ୍ୟସ୍ତ ହୋଇପାରେ। ଏହି ବର୍ଷ ଆରମ୍ଭରେ, ଚୀନ୍ ବିରଳ ପୃଥିବୀ ଖଣିଜ ପଦାର୍ଥ ଉପରେ ଏକ ରଣନୈତିକ ପଦକ୍ଷେପ ନେଇଥିଲା।

## ଆଜିର ସୁନା ଦର



ଆଜି ସ୍ଥିର ରହିଛି ସୁନା ଏବଂ ରୁପା ଦର।ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର।ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୪,୨୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୩,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୪,୨୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୩,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୪,୨୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୩,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୪,୪୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୪,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୪,୨୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୪, ୨୬୦ ଓ ୧, ୧୩,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୭,୦୦୦ ଟଙ୍କା ହୋଇଛି।

# 'ଫିନ୍‌ଭିଜନ୍ ଓଡ଼ିଶା' ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୧୦ଃ ଭାରତର ଅର୍ଥନୀତି ଦ୍ରୁତଗତିରେ ଆଗକୁ ବଢ଼ୁଛି। ଓଡ଼ିଶା ମଧ୍ୟ ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଅନେକ କ୍ଷେତ୍ରରେ ଜାତୀୟ ସ୍ତରଠାରୁ ଆଗରେ ରହିଛି। ଏଭଳି ସ୍ଥିତିରେ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଆହୁରି ଆଗକୁ ନେବା ପାଇଁ ବ୍ୟାଙ୍କିଂ ଓ ଅନ୍ୟାନ୍ୟ ଆର୍ଥିକ କ୍ଷେତ୍ରକୁ ଗୋଟିଏ ମଞ୍ଚରେ ଏକାଠି କରିବାର ଉଦ୍ୟମ ପ୍ରଶଂସନୀୟ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପୋଷଣ କରିଛନ୍ତି। ଗଣମାଧ୍ୟମ ଅନୁଷ୍ଠାନ 'ମାରୁତି ମିଡିଆ' ପକ୍ଷରୁ ଆଜିଠାରୁ ଏଠାରେ ଆରମ୍ଭ ହୋଇଥିବା ଦୁଇଦିନିଆ ବ୍ୟାଙ୍କ ଓ ଆର୍ଥିକ ସେବା ସମ୍ପର୍କିତ ଜାତୀୟ ସମ୍ମିଳନୀ 'ଫିନଭିଜନ୍ ଓଡ଼ିଶା'ରେ ଏହି ମତ ପ୍ରକାଶ ପାଇଛି। ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ (ୟୁସିସିଆଇଏଲ୍)ର ସହଯୋଗରେ



ଆୟୋଜିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ବୀମା ନିୟନ୍ତ୍ରକ ଏବଂ ବିକାଶ କର୍ତ୍ତୃପକ୍ଷ ( ଆଇଆରଡିଏଆଇ)ର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦେବାଶିଷ ପଣ୍ଡା ମୁଖ୍ୟ ଅତିଥି ଏବଂ ଆୟକର ବିଭାଗର ପ୍ରଧାନ ଆୟୁକ୍ତ ସରୋଜ ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ୟୁସିସିଆଇଏଲ୍ ସଭାପତି ଡ. ପ୍ରବୋଧ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମାରୁତି ମିଡିଆର ନିର୍ଦ୍ଦେଶକ ମନୋଜ ପୃଷ୍ଟି ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ୟୁସିସିଆଇଏଲ୍ ଉପସଭାପତି ମୁରଲୀ ଜାମୁଲା ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ଦିନରେ ଓଡ଼ିଶା ପରିପ୍ରେକ୍ଷୀରେ ବ୍ୟାଙ୍କିଂ ବ୍ୟବସ୍ଥା, ଆର୍ଥିକ କ୍ଷେତ୍ରରେ ସୁଯୋଗ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଓ ଷ୍ଟକ୍ ବଜାର ସମ୍ପର୍କରେ ତିନୋଟି ଅଧିବେଶନରେ ବିଶିଷ୍ଟ ବ୍ୟକ୍ତିମାନେ ଆଲୋଚନା କରିଥିଲେ। ରବିବାର ଦୁଇଟି ଅଧିବେଶନରେ କର୍ପୋରେଟ ଫାଇନାନ୍ସ, ଏକ୍ସପୋର୍ଟ ବ୍ୟାଙ୍କିଂ, ସାଇବର ସିକ୍ୟୁରିଟି ଏବଂ ବୀମାସେବା ପ୍ରସଙ୍ଗରେ ଆଲୋଚନା କରାଯିବ।

# 'ସେରାମିକ୍ ୱାର୍ଲ୍ଡ'ର ନୂଆ ସୋ' ରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୧୦ଃ ପୂର୍ବ ଓଡ଼ିଶାର ସର୍ବ ବୃହତ ଟାଇଲ୍ ଏବଂ ସାନିଟାରୀ ସଲ୍ୟୁସନ୍ ବ୍ରାଣ୍ଡ "ସେରାମିକ୍ ୱାର୍ଲ୍ଡ"ର ନୂଆ ସୋ' ରୁମ୍ ଭୁବନେଶ୍ୱରର କଟକ-ପୁରୀ ବାଇପାସ୍ ରୋଡ଼ରେ ଉଦଘାଟିତ ହୋଇଛି । ୨୫ ହଜାର ବର୍ଗଫୁଟରେ ବିସ୍ତୃତ ଏହି ସୋ' ରୁମ୍‌ଟି ଗୃହ ମାଲିକ, ଆର୍କିଟେକ୍ଟ ଏବଂ ଇଣ୍ଟେରିୟର ଡିଜାଇନରମାନଙ୍କୁ ଏକ ଆକର୍ଷଣୀୟ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଏହି ସୋ' ରୁମ୍‌ରେ ସିମ୍ପୋଲୋ, ନେକ୍ସ ଓନ୍, କୋହଲର୍ ଏବଂ ନିଓଟ୍ରା ଭଳି ଖ୍ୟାତି ସମ୍ପନ୍ନ ବ୍ରାଣ୍ଡମାନଙ୍କର ପ୍ରିମିୟମ ଟାଇଲ୍, ସାନିଟାରୀ ଷ୍ଟେୟାର, ଫସେଟ୍ ଏବଂ ୱେଲନେସ୍ ଉତ୍ପାଦଗୁଡ଼ିକର ସ୍ୱତନ୍ତ୍ର ସଂଗ୍ରହ ରହିଛି। ଏହା ସହ ନୂତନ ଏକ୍ସପିରିଏନ୍ସ ଆଉଟ୍‌ଲେଟ୍ ମାଧ୍ୟମରେ ଗ୍ରାହକଙ୍କୁ ଆକର୍ଷଣୀୟ ଡିଜାଇନ୍ ଏବଂ




ଗୁଣବତ୍ତା ବିଶିଷ୍ଟ ଜିନିଷ ପ୍ରଦାନ ପାଇଁ ପ୍ରତିବଦ୍ଧତା ରଖିଥିବା କହିଛନ୍ତି ସେରାମିକ୍ ୱାଲ୍ଡର ନିର୍ଦ୍ଦେଶକ ମନୀଷ ସେଠ୍। ସେରାମିକ୍ ୱାଲ୍ଡ ସୋ' ରୁମ୍ ସୌନ୍ଦର୍ଯ୍ୟ, ଅଭିନବ ଡିଜାଇନ୍ ଏବଂ କାର୍ଯ୍ୟକ୍ଷମତାର ଏକ ମିଶ୍ରଣ, ଯେଉଁଥିରେ ଟାଇଲ୍, ସାନିଟାରୀ ୱେୟାର୍, ବାଥ୍ ଫିଟିଂସ୍ ଏବଂ ବିଳାସପୂର୍ଣ୍ଣ ୱେଲନେସ୍ ଉତ୍ପାଦଗୁଡ଼ିକ ପାଇଁ ଭିନ୍ନ ଭିନ୍ନ ବିଭାଗ ରହିଛି । ଗୋଟିଏ ଘର ପାଇଁ ଦରକାର ଥିବା ସବୁ ପ୍ରକାର ଆକର୍ଷଣୀୟ ଇଣ୍ଟେରିୟର୍, ଟାଇଲ୍ ଏବଂ ସାନିଟାରୀ ୱେୟାର ଗ୍ରାହକ ମାନେ ଗୋଟିଏ ଛାତ ତଳେ ପାଇପାରିବେ । ୨୦୦୦ ମସିହାରେ ପ୍ରତିଷ୍ଠିତ ସେରାମିକ୍ ୱାର୍ଲ୍ଡ ବିଶ୍ୱାସ, ଉନ୍ନତ ଡିଜାଇନ୍ ଏବଂ ଉତ୍ତମ ସେବା ପାଇଁ ଜଣାଶୁଣା। ବହୁ ବର୍ଷ ଧରି ସେରାମିକ୍ ୱାର୍ଲ୍ଡ ହଜାର ହଜାର ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଆସିଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ବଢ଼ିଲା ରେୟାର୍ ଆର୍ଥ ସଙ୍କଟଃ ବିଶ୍ୱ ବଜାରରେ ହଇଚଇ

ନୂଆଦିଲ୍ଲୀ,୧୨।୧୦ଃ ବିଶ୍ୱର ସର୍ବବୃହତ୍ ରେୟାର୍ ଆର୍ଥ ଯୋଗାଣକାରୀ ଚୀନ୍‌ର ବିଚିତ୍ର ନିୟମ ଯୋଗୁ ଦେଶଗୁଡ଼ିକ ପାଇଁ ବିରଳ ହୋଇଚାଲିଛି ଦୁର୍ଲଭ ଖଣିଜ ପଦାର୍ଥ ବା ରେୟାର୍ ଆର୍ଥ ଉପାଦାନ। ଏସବୁ ଉପାଦାନ ଉପରେ ରପ୍ତାନି କଟକଣା ଲଗାଇଚାଲିଛି ଡ୍ରାଗନ୍, ଯେଉଁଥିପାଇଁ ସମଗ୍ର ବିଶ୍ୱରେ ସୃଷ୍ଟି ହୋଇଛି ହଇଚଇ। ଭାରତ ଖୋଜୁଛି ବିକଳ୍ପ। କାରଣ ଏଗୁଡ଼ିକର ବ୍ୟବହାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଇଭି ଏବଂ ପ୍ରତିରକ୍ଷା ଆଦି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ହୋଇଥାଏ। ଚୀନ୍‌ର କଟକଣା ଯୋଗୁ ଦେଶଗୁଡ଼ିକ ଆଗକୁ ଏକ ଭୟଙ୍କର ସମସ୍ୟାକୁ ନେଇ ଆଶଙ୍କିତ। ଚୀନ୍ ପାଖରେ ବିଶ୍ୱର ୧୭ଟି ଦୁର୍ଲଭ ଖଣିଜ ପଦାର୍ଥ ରହିଛି, ଯାହାକୁ ଏହା ସମଗ୍ର ବିଶ୍ୱକୁ ରପ୍ତାନି କରିଥାଏ। ପୂର୍ବରୁ ଏହା ୭ଟି ଦୁର୍ଲଭ ଖଣିଜ ରପ୍ତାନିକୁ ନିୟନ୍ତ୍ରଣ କରିଥିଲା। ଅକ୍ଟୋବର ୯ରେ ଏଥିରେ ଆଉ ୫ଟି ଯୋଡ଼ି ହୋଇଯାଇଛି। ତାହା ହେଲା ହୋଲ୍ମିୟମ, ଏର୍ବିୟମ, ଥୁଲିୟମ, ୟୁରୋପିୟମ ଏବଂ ୟଟରାବିୟମ। ଅର୍ଥାତ ଚୀନ୍‌ର ୧୭ଟି ରେୟାର ଆର୍ଥ ଉପାଦାନ ମଧ୍ୟରୁ ୧୨ଟିର ରପ୍ତାନି ଉପରେ ନିୟନ୍ତ୍ରଣ ଲଗାଯାଇଛି। ଏଗୁଡ଼ିକୁ ବ୍ୟବହାର କରିବା ପୂର୍ବରୁ ଚୀନ୍‌ରୁ ରପ୍ତାନି ଲାଇସେନ୍ସ ନେବା



**ବିକଳ୍ପ ଖୋଜୁଛି ଭାରତ**

ଜରୁରୀ। ଜାତୀୟ ସୁରକ୍ଷା ଏବଂ ବିଭିନ୍ନ ଦେଶଗୁଡ଼ିକର ସେନା ଦ୍ୱାରା ଅତ୍ୟାଧୁନିକ ଉପକରଣର ବ୍ୟବହାର ଡରରେ ଚୀନ୍ ଏଭଳି ଏକ ନିୟମ ଆଣିଛି। ଫଳରେ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରୁ ଉଧେଇବାକୁ ଚେଷ୍ଟା କରୁଥିବା ଦେଶଗୁଡ଼ିକୁ ଡ୍ରାଗନ୍ ଦେଇଛି ଆଉ ଏକ ଝଟ୍‌କା।

ଚୀନ୍‌ର ନୂଆ ନିୟମ ଅନୁସାରେ, ରେୟାର୍ ଆର୍ଥ ମାଇନିଂ, ସ୍ମେଲ୍ଟିଂ, ସେପାରେଶନ୍, ମାଗ୍‌ନେଟ୍ ଉତ୍ପାଦନ, ପୁନଃ ପ୍ରକ୍ରିୟାକରଣ ଏବଂ ରେୟାର୍ ଆର୍ଥ ପ୍ରଡକ୍ସନ ଲାଇନ୍‌ର ବିକାଶ ପାଇଁ ପ୍ରଯୁକ୍ତି ଏବଂ ଉପକରଣ ରପ୍ତାନି କରିବା ପୂର୍ବରୁ ରପ୍ତାନିକାରୀ ଲାଇସେନ୍ସ ଆବଶ୍ୟକ କରିବେ। ଭାରତ ପାଇଁ ଚିନ୍ତାର ବିଷୟ ଭାରତ ପାଇଁ ଚୀନ୍‌ର ଏ ନିଷ୍ପତ୍ତି ଚିନ୍ତାର ବିଷୟ। କାରଣ ଇଭି ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗକୁ ବଢ଼ୁଛି ଦେଶ। ଏଥର ଚୀନ୍ ଭାରତକୁ ଏଣ୍ଡ-ୟୁଜର ସାର୍ଟିଫିକେଟ୍ ମାଧ୍ୟମରେ ଏହା ସୁନିଶ୍ଚିତ କରିବାକୁ କହିଛି ଯେ, ଚୀନ୍‌ରୁ ଆସୁଥିବା ହେଭି ରେୟାର୍ ଆର୍ଥ ମାଗ୍‌ନେଟ୍ ଆମେରିକାକୁ ଯିବନାହିଁ ଏବଂ ଅସ୍ତ୍ର ନିର୍ମାଣରେ ଏହାର ବ୍ୟବହାର ହେବ ନାହିଁ। ଭାରତୀୟ କମ୍ପାନିଗୁଡ଼ିକ ଏଭଳି ସାର୍ଟିଫିକେଟ୍ ଦାଖଲ କରିଛନ୍ତି କିନ୍ତୁ ନୂଆଦିଲ୍ଲୀ ଚୀନ୍‌ର ସମସ୍ତ ସର୍ତ୍ତକୁ ମାନିବାକୁ ରାଜି ନାହିଁ।

ଅଟକିଯିବ ଯୋଗାଣ ଶୃଙ୍ଖଳ ଭାରତ ଏବଂ ଚୀନ୍ ମଧ୍ୟରେ କୁଟନୈତିକ ପଦକ୍ଷେପ ଉଭୟ ଦେଶ ମଧ୍ୟରେ ସମ୍ପର୍କକୁ କିଛି ମାତ୍ରାରେ ସୁଧାରିଥିବା ମନେ ହେଉଥିଲେ ମଧ୍ୟ ଚୀନ୍ ଭାରତୀୟ କମ୍ପାନିଗୁଡ଼ିକର ମାଗ୍‌ନେଟ୍ ରପ୍ତାନି ଆବେଦନକୁ ଅଟକାଇ ରଖିଛି। ବିଶେଷକରି ହେଭି ରେୟାର୍ ଆର୍ଥ ମାଗ୍‌ନେଟ୍ ପାଇଁ ଏଭଳି କରିଛି ଚୀନ୍। ଯଦିଓ ରେୟାର୍ ଆର୍ଥ ଉପାଦାନ ଅତି ବିରଳ ନୁହେଁ ଏଗୁଡ଼ିକୁ ପ୍ରକ୍ରିୟାକରଣ କରିବା କଷ୍ଟକର। ଚୀନ୍ ବିଶ୍ୱର ୭୦% ରେୟାର୍ ଆର୍ଥ ଆବଶ୍ୟକତାକୁ ପୂରଣ କରିଥାଏ ଏବଂ ୯୦% ରେୟାର୍ ଆର୍ଥ ଉପାଦାନକୁ ପ୍ରକ୍ରିୟାକରଣ କରିଥାଏ। ପ୍ରମୁଖ ଟେକ୍ନୋଲୋଜି କ୍ଷେତ୍ରରେ ଏହାର ବ୍ୟବହାର ହୋଇଥାଏ। ଉଚ୍ଚ-ପ୍ରଦର୍ଶନକାରୀ ମୋଟର, ପବନ ଟର୍‌ବାଇନ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଡିଫେନ୍ସ ସିଷ୍ଟମ୍ ଏବଂ ଇଲେକ୍ଟ୍ରିକ୍ ଯାନ ବା ଇଭି କ୍ଷେତ୍ରରେ ଏହାର ବହୁଳ ବ୍ୟବହାର ହୋଇଥାଏ। ଚୀନ୍ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଦ୍ୱାରା ବିଶ୍ୱ ରେୟାର୍ ଆର୍ଥ ଯୋଗାଣ ଶୃଙ୍ଖଳ ବ୍ୟାହତ ହେବ।

## ଆମେରିକା ଜାହାଜ ଉପରେ ପାଲଟା ଶୁଳ୍କ ଲଗାଇଲା ଚୀନ



ବେଜିଂ/ଲସ୍ ଏଞ୍ଜେଲେସ୍, ୧୨।୧୦ଃ ଚୀନର ଜାହାଜଗୁଡ଼ିକ ଉପରେ ଆମେରିକା ଅଧିକ ବନ୍ଦର ଶୁଳ୍କ ଘୋଷଣା କରିବା ପରେ ଚୀନ ଯେସାକୁ ତେସା ନୀତିରେ ପାଲଟା ପଦକ୍ଷେପ ନେଇଛି। ଆମେରିକାର ମାଲିକାନାରେ ଥିବା କମ୍ପା ପରିଚାଳିତ ହେଉଥିବା ଜାହାଜ ଉପରେ ଅଧିକ ବନ୍ଦର ଶୁଳ୍କ ଲଗାଯିବ। ଦୁଇ ଦେଶ ପରସ୍ପର ବିରୋଧରେ ଆସନ୍ତା ୧୪ ତାରିଖରୁ ଏହି ନୂଆ ଶୁଳ୍କକୁ କାର୍ଯ୍ୟକାରୀ କରିବେ। ଦେଶ ଭିତରେ ଜାହାଜ ନିର୍ମାଣକୁ ପ୍ରୋତ୍ସାହନ ଦେବା ପାଇଁ ଆମେରିକା ଅଧିକ ଶୁଳ୍କ ଲଗାଇବା ନିଷ୍ପତ୍ତି ନେବା ପରେ ଚୀନ ପାଲଟା ପ୍ରତିକ୍ରିୟା ପ୍ରକାଶ କରିଛି। ଆମେରିକାର ଜାହାଜ ଗୁଡ଼ିକ ଉପରେ ଚୀନ ଟନ୍ ପିଛା ୪୦୦ ୟୁଆନ୍ (୫୬ ଡଲାର) ଆଦାୟ କରିବ। ଆମେରିକା ମଧ୍ୟ ସମାନ ପରିମାଣର ବନ୍ଦର ଶୁଳ୍କ ଆଦାୟ କରିବ ବୋଲି କହିଛି।

## ଲାଲ୍‌ଚାନ୍ଦ୍‌କୁ ବେଷ୍ଟ୍ ଜୁଏଲର୍ ଓ ବେଷ୍ଟ୍ ବିଜ୍‌ନେସ୍ ସମ୍ମାନ

LALCHND
Trusted Brand Since 1948

ଭୁବନେଶ୍ୱର, ୧୨।୧୦: ଲାଲ୍‌ଚାନ୍ଦ୍ ଗ୍ରୁପ୍‌କୁ ୨ଟି ସମ୍ମାନଜନକ ପୁରସ୍କାର ମିଳିଛି। 'ବିଜ୍‌ନେସ୍ ଓଡ଼ିଶା ଆୱାର୍ଡସ୍'ରେ ଲାଲ୍‌ଚାନ୍ଦ୍ ଗ୍ରୁପ୍‌କୁ ବ୍ୟବସାୟିକ କ୍ଷେତ୍ର ସଂପ୍ରସାରିତ କରିବାରେ ଉଲ୍ଲେଖନୀୟ ଦକ୍ଷତା ଓ ଦୂରଦୃଷ୍ଟି ପାଇଁ 'ବେଷ୍ଟ୍ ବିଜ୍‌ନେସ୍ ଆକ୍ୟୁମେନ୍' ଆୱାର୍ଡ ଏବଂ ଲାଲ୍‌ଚାନ୍ଦ୍ ଜୁଏଲର୍ସକୁ ଦେଶର ରାଜଧାନୀ ନୂଆଦିଲ୍ଲୀଠାରେ ଓଡ଼ିଶାର ଏକମାତ୍ର ଜୁଏଲର୍ ଭାବେ ଷ୍ଟୋର୍ ଖୋଲିଥିବାରୁ 'ବେଷ୍ଟ ଜୁଏଲର୍ସ ୱିଥ୍ ନାସ୍‌ନାଲ୍ ପ୍ରେଜେନ୍ସ' ପୁରସ୍କାର ଦିଆଯାଇଛି। ଏହି ସମାରୋହରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଲାଲ୍‌ଚାନ୍ଦ୍‌ର ପରିଚାଳନା ନିର୍ଦ୍ଦେଶକ ଅଜିତ ହଂସ ଓ ନିର୍ଦ୍ଦେଶକ ସାଇନାଥ ପଣ୍ଡା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଲାଲ୍‌ଚାନ୍ଦ୍‌ର ଚେୟାରମ୍ୟାନ ସଂଜୟ ହଂସ କହିଛନ୍ତି ପ୍ରତ୍ୟେକ ପୁରସ୍କାର ଆମ ପାଇଁ ଏକ ମାଇଲଖୁଣ୍ଟ। ପ୍ରତ୍ୟେକ ପୁରସ୍କାର ଆମକୁ ଉତ୍ସାହିତ କରେ ଏବଂ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଏ।

## ସିଜିୟୁରେ ଆଇଇଇଇର ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ




ଭୁବନେଶ୍ୱର, ୧୨।୧୦ଃ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ), ଓଡ଼ିଶା ଦ୍ୱାରା ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ – କଗ୍ନିଟିଭ୍, ଗ୍ରିନ୍ ଏବଂ ୟୁବିକ୍ୱିଟସ୍ କମ୍ପ୍ୟୁଟିଂ (ଆଇସି-ସିଜିୟୁ ୨୦୨୫) ଅନୁଷ୍ଠିତ ହୋଇଯାଇଛି। ଆଇଇଇଇ ଭୁବନେଶ୍ୱର ସହଯୋଗରେ ଏହି ସମ୍ମିଳନୀ ହୋଇଛି। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ସିଜିୟୁର ପରାମର୍ଶଦାତା ପ୍ରଫେସର ଡ. ଗଣପତି ପଣ୍ଡା ଏବଂ ପ୍ରଫେସର ଡ. ସୁନୀଲ କୁମାର ଷଡ଼ଙ୍ଗୀ ଯୋଗଦେଇ ଆଧୁନିକ ସମାଜ ଗଠନରେ ଏଆଇର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମାନ୍ତରାଳ ଭାବେ ପାଞ୍ଚଟି ଅଧିବେଶନରେ ବିଶିଷ୍ଟ ବକ୍ତାମାନେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଡ. ରୋଜାଲିନା ପ୍ରିୟଦର୍ଶିନୀ ଏବଂ ଡ. ସୁରେନ୍ଦ୍ର କୁମାର ନନ୍ଦ ସମସ୍ତ ଅତିଥି, ବକ୍ତା ଓ ଆୟୋଜକବୃନ୍ଦଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ କ୍ୱାଲକମ୍ ସିଇଓ

ନୂଆଦିଲ୍ଲୀ, ୧୨।୧୦ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେରିକାର୍ ଚିପ୍ କମ୍ପାନି କ୍ୱାଲକମ୍‌ର ସଭାପତି ତଥା ସିଇଓ କ୍ରିଷ୍ଟିଆନ୍ ଆର୍ ଅମନ୍ ସାକ୍ଷାତ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏ ନେଇ ଏକ ପୋଷ୍ଟ ସାମାଜିକ ଗଣମାଧ୍ୟମରେ କରିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଉଦ୍ଭାବନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଭାରତ କରିଥିବା ଅଗ୍ରଗତି ସଂପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଅମନଙ୍କ ସହିତ ସୁନ୍ଦର ବୈଠକ ହେଲା। ଭାରତର ସେମିକଣ୍ଡକ୍ଟର ଓ ଏଆଇ ମିସନ୍ ପ୍ରତି କ୍ୱାଲକମ୍‌ର ପ୍ରତିବଦ୍ଧତା ଦେଖି ଖୁସି ଲାଗିଲା। ଅନ୍ୟପକ୍ଷରେ ଅମନ ମଧ୍ୟ ସାକ୍ଷାତ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ହିଞ୍ଜିଳିରେ ଗଜଲକ୍ଷ୍ମୀ ଭସାଣି

**ହିଞ୍ଜିଳିକାଟୁ,୧୨।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ୭ଦିନ ଧରି ଚାଲିଥିବା ମା' ଗଜଲକ୍ଷ୍ମୀଙ୍କୁ ପାରମ୍ପରିକ ବାଦ୍ୟ ସାଙ୍ଗକୁ ଆଧୁନିକ ଡିଜେର ତାଳେତାଳେ ବିଦାୟ ଦିଆଯାଇଛି । ମା ଗଜଲକ୍ଷ୍ମୀଙ୍କୁ ଏକ ସ୍ୱତନ୍ତ୍ର ରଥରେ ବିଜେ କରାଯାଇଥିଲା । ଆଜି ଏନେଇ ହିଞ୍ଜିଳିକାଟୁ ସହରରେ ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀପୂଜା ଭସାଣି ଯାତ୍ରା ମା'ଙ୍କୁ ଦେଖିବା ସହ ପାରମ୍ପରିକ ବାଦ୍ୟ ମେଳକୁ ପ୍ରତ୍ୟକ୍ଷ କରିବା ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦେଖିବା ପାଇଁ ମଧ ସଂପୃକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କର ଭରପୂର ସମାଗମ ହୋଇଥିଲା । ଭସାଣି ଶୋଭାଯାତ୍ରାରେ ଲୋକନୃତ୍ୟ, ଘଣ୍ଟବାଦନ ସହ ଛାତି ଥରା ଡିଜେ ସାଉଣ୍ଡ ସାମିଲ ହୋଇଥିଲା । ପୂଜା ମଣ୍ଡପ ରୁ ବାହାରି ସହରର ସାରା ପରିକ୍ରମା କରି ମା ଗଜଲକ୍ଷ୍ମୀ ଙ୍କୁ ସହରର ଥିବା ଘୋଡ଼ାହାଡ଼ ନଦୀରେ ବିସଜନ କରାଯାଇଥିଲା।

## ମହାକାଳପଡ଼ା କଲେଜଛକ ଲକ୍ଷ୍ମୀ ମେଢ଼ ଭସାଣି

**ମହାକାଳପଡ଼ା,୧୨।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ାସ୍ଥ ଶ୍ରୀ ଶ୍ରୀ ବାୟାବାବା କଲେଜଛକର ଲକ୍ଷ୍ମୀ ମେଢ଼ ଭଷାଣି ଉତ୍ସବ ରବିବାର ହୋଇଯାଇଛି। ରବିବାର ପୂର୍ବାହ୍ନରେ ମଣ୍ଡପରେ ବିସର୍ଜନ ପୂଜା କରାଯିବା ସହିତ ଅପରାହ୍ନରେ ପୂଜାମଣ୍ଡପରୁ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ଚଡାଇଗୁଆଁପଟଣା ଗ୍ରାମପରିକ୍ରମା କରାଯାଇଥିଲା। ଗ୍ରାମର ପଚାଶ ଜଣ ଶ୍ରଦ୍ଧାଳୁଙ୍କ ଘର ନିକଟରେ ଭୋଗଲାଗି କରିବା ପରେ କଲେଜଛକ, ଜାଲକଣା ଗ୍ରାମ ନିକଟ ଗୋବରୀ ନଦୀର ଘାଟରେ ଲକ୍ଷ୍ମୀମେଢ଼ର ମୂର୍ତ୍ତୀକୁ ଜଳ ବିସର୍ଜନ କରାଯାଇଥିଲା। ଯୁବ ସାମାଜିକକର୍ମୀ ରଞ୍ଜନ କୁମାର ରାଉତରାୟ ଏବଂ ମିତାରାଣୀ ନାୟକ କର୍ତ୍ତା ଦମ୍ପତ୍ତି ଭାବେ କର୍ତ୍ତବ୍ୟ ସମ୍ପାଦନ କରିଥିବା ବେଳେ ବରିଷ୍ଠ ସଦସ୍ୟ ତପନ କୁମାର ବିଶ୍ୱାଳ, ଅନିଲ କୁମାର ରାଉତ, ଭରତ ଜେନା, ରବିନ୍ଦ୍ର କୁମାର ପ୍ରଧାନ, ଚିନ୍ମୟ ମହାନ୍ତି, ଗୁନ ସାହାଣୀ, ରବିନ୍ଦ୍ର ରାଉତ, ଅରୁଣ କୁମାର ରାଉତରାୟ, ଦୀପକ କୁମାର ସାମଲ ପ୍ରମୁଖ ପୂଜା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ମେଲାଣି ନେଲେ ମା' ଗଜଲକ୍ଷ୍ମୀ

- ମନମୋହିଲା ପାରମ୍ପରିକ ବାଦ୍ୟ ଓ ନୃତ୍ୟ



**କାକଟପୁର/ଅସ୍ତରଙ୍ଗ,୧୨।୧୦(ସଂଚାର ବ୍ୟୁରୋ):** ଭକ୍ତଙ୍କୁ ଦର୍ଶନ ଦେବାକୁ ଧରାବତରଣ କରିଥିଲେ ମା' ଗଜଲକ୍ଷ୍ମୀ। ଖୁସିରେ ପୂରି ଉଠିଥିଲା ଅସ୍ତରଙ୍ଗ। ପୂଜାର୍ଚ୍ଚନା ପରେ ଭଜନ ସମାରୋହ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ମା ଧନଦାତ୍ରୀ ମା' ଗଜଲକ୍ଷ୍ମୀ ମେଲାଣି ନେଇଛନ୍ତି। ଅସ୍ତରଙ୍ଗ ପୁଲିସର କଡା ସୁରକ୍ଷା ଭିତରେ ଭଷାଣି ଶୋଭାଯାତ୍ରାରେ ମା'ଙ୍କୁ ଭାବପୂର୍ଣ୍ଣ ବିଦାୟ ଦେଇଛନ୍ତି ଅସ୍ତରଙ୍ଗ ଅଂଚଳବାସୀ। ଚଳିତ ବର୍ଷ ଅସ୍ତରଙ୍ଗ ମା' ଲକ୍ଷ୍ମୀ କ୍ଲବ ୪୫ବର୍ଷରେ ପଦାର୍ପଣ ହୋଇଥିବା ବେଳେ ଗାନ୍ଧୀ ଯୁବକ ସଂଘ ତରଫରୁ ୨୬ତମ ସୁସଜ୍ଜିତ ପୂଜା ପାଇଥିଲେ ଜଗତଜନନୀ ମା ଗଜଲକ୍ଷ୍ମୀ। ରବିବାର ସନ୍ଧ୍ୟାରେ ଅସ୍ତରଙ୍ଗ ଲକ୍ଷ୍ମୀ କ୍ଲବ ପକ୍ଷରୁ ମା'ଙ୍କ ମେଲାଣି ପାଇଁ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ସମାରୋହରେ ଅସ୍ତରଙ୍ଗ ବଜାର ଦୁଲୁକି ଉଠିଥିଲା। ଦର୍ଶକଙ୍କ ମନମୋହିଲା ସମ୍ବଲପୁରୀ ବାଦ୍ୟ ଉପସ୍ଥିତ ଦର୍ଶକ ଙ୍କୁ ବିମୋହିତ କରିଥିଲା।ଶଙ୍ଖ, ଘଣ୍ଟ, ଘଣ୍ଟା, ସିଂଘବାଜା, ତୁରୀ, ମହୁରୀ ସାଙ୍ଗକୁ ଦୁଲୁଦୁଲି ଢୋଲ ମର୍ଦ୍ଦଳ ରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇ ଉଠିଥିଲା। ସେହିଭଳି ବିଭିନ୍ନ ବାଦ୍ୟ ସାଙ୍ଗକୁ ନାଚ ଆଦି ଦେଖଣାହାର ଙ୍କ ମନକୁ ଛୁଇଁଥିଲା।

## କଣାସରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



**କଣାସ,୧୨।୧୦(ସଂଚାର ବ୍ୟୁରୋ):** କଣାସ ହାଟ ବଜାର ଠାରେ ଅନୁଷ୍ଠିତ ହୋଇଥିବା ମା ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ସଜା ମଧରେ ବାଦ୍ୟ, ପେହଁକାଳୀ ଧ୍ୱନିରେ ମାଙ୍କୁ ଯୁବକମାନେ ହାଟବଜାର ଠାରୁ ଏକ ସୁସଜ୍ଜିତ ଗାଡିରେ ବସାଇ କଣାସ ଗୋଲା ବଜାର, କଣାସ ବସ୍‌ଷ୍ଟାଣ୍ଡ, କଣାସ କୁଞ୍ଜେଶ୍ୱରୀ ବଜାର, କଣାସ ବାଲିଘାଇ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଆଣି ପୁନଶ୍ଚ ଲେଉଟି ଯାଇ ଦୟାନଦୀରେ ବିର୍ଶଜନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଣାସ ପୋଲିସ୍ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

# ସରକାରୀ କ୍ୱାର୍ଟର ଭାଙ୍ଗିବା ଅଭିଯୋଗ ପରେବି କାର୍ଯ୍ୟାନୁଷ୍ଠାନ ଶୂନ

### ପ୍ରଶାସନର ଗେହ୍ଲାପୁଅ ହୋଇ ରହିଛନ୍ତି ଠିକାଦାର



**ବୋରିଗୁମ୍ମା,୧୨।୧୦ (ସଂଚାର ବ୍ୟୁରୋ):**ବୋରିଗୁମ୍ମା ବ୍ଲକ ବି ସିଂପୁର ସଦର ମହକୁମା ଠାରେ ଥିବା ବନ ବିଭାଗର ସରକାରୀ ବାସଭବନ ଓ ବ୍ଲକ ପ୍ରଶାସନ ତରଫରୁ ନିର୍ମାଣ କରାଯାଇଥିବା ଛତୁ ଘର କୁ ଡୋଜର ଲଗାଇ ଠିକାଦାର ଫିରୋଜ ମିଶ୍ର ଭାଙ୍ଗିଥିବା ଅଭିଯୋଗ ହୋଇଛି।ଏନେଇ ବି ସିଂପୁର ଗ୍ରାମବାସୀ ବନ ବିଭାଗ ରେଞ୍ଜରଙ୍କ ପାଖରେ ଅଭିଯୋଗ କରିବା ପରେ ବନ ବିଭାଗ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରେଞ୍ଜରଙ୍କ ନିର୍ଦ୍ଦେଶ କ୍ରମେ ବି ସିଂପୁର ଫରେଷ୍ଟର ବନ୍ଧୁ ଖିଲ ବି ସିଂପୁର ଥାନାରେ ଠିକାଦାରଙ୍କ ବିରୋଧ ରେ ଲିଖିତ ଅଭିଯୋଗ କରିଛନ୍ତି। ସେହିଭଳି ଛତୁ ଘର ଭାଙ୍ଗିବା ଅଭିଯୋଗରେ ବ୍ଲକ ପ୍ରଶାସନ ପକ୍ଷରୁ ଥାନା ରେ ଏତଲା କରାଯାଇଥିବା ବି ସିଂପୁର ଥାନା ଆଇଆଇସି ଲିମାରାଜ ପ୍ରଧାନ ସୂଚନା ଦେଇଛନ୍ତି। ବ୍ଲକ ପ୍ରଶାସନ ର ପତ୍ରାଙ୍କ ନମ୍ବର--୩୫୬୫/୨୦୨୫ ରେ ସମ୍ପୃକ୍ତ ଠିକାଦାର ଫିରୋଜ ମିଶ୍ର ଙ୍କ ନାମରେ ଏତଲା ପରେ ଥାନାରେ କେସ ନମ୍ବର ୧୨୬/୨୫ ଦଫା ବିଏନଏସ ୩ ଓ ୩୨୪(୫) ରୁଜୁ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ। ତେବେ ପଞ୍ଚାୟତର ବିନା ଅନୁମତି ରେ ଠିକାଦାର ଛତୁ ଘରକୁ କିପରି ଓ କେଉଁ ଉଦେଶ୍ୟରେ ଭାଙ୍ଗିଲେ ତାହାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଠିକାଦାରଙ୍କ ବିରୁଦ୍ଧରେ ଦୁଇଟି ମାମଲା ପରେ ଥାନା ଆଇଆଇସି ଲିମାରାଜ ପ୍ରଧାନ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ତେବେ ସଂପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ହେଉଛି ଆଗକୁ ଦେଖିବାକୁ ବାକି ରହିଲା।

## ମୁଣ୍ଡାରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ଦାବି



**ବୈଶିଙ୍ଗା,୧୨।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ପଦ୍ମପୁର ଠାରେ ପଦ୍ମପୁର,ବଣ ଦାମୋଦରପୁର, ଡୁଟୁଟଲା ଗ୍ରାମର ଶତାଧିକ ମହିଳା/ପୁରୁଷ ଏକତ୍ରିତ ହୋଇଥିଲେ। ସିର୍ଜନ ମୁଣ୍ଡାରୀ କାଲଚୁରାଲ ଟ୍ରଷ୍ଟ ପକ୍ଷରୁ ଆହୋଜିତ ଏହି ବୈଠକରେ ରଥ ସିଂ, ଶତୃଘ୍ନ ସିଂ, ଶ୍ୟାମ ସିଂ, ରୁଦ୍ୟା ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ । ଟ୍ରଷ୍ଟର ଉପଦେଷ୍ଟା ଗୁରା ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ସଚେତନ କରାଇଥିଲେ। ଆଗାମୀ ଶୀତ ଅଧିବେଶନ ସମୟରେ ଦିଲ୍ଲୀର ଯନ୍ତର ମନ୍ତର ଠାରେ ଏକତ୍ରୀତ ହୋଇ ମୁଣ୍ଡାରୀ ଭାଷାକୁ ସମ୍ବିଧାନରେ ସାମିଲ କରିବା, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ତଥା ପେସା ଆଇନ ପ୍ରତି ସରକାର ଯତ୍ନବାନ ହେବାକୁ ଦାବୀ କରାଯିବାର ସିଦ୍ଧାନ୍ତ ନିଆ ଯାଇଥିଲା ।

## ନିଜସ୍ୱ ଉଦ୍ୟମରେ ରାସ୍ତାରେ ମାଟି ପକାଇଲେ ଯୁବକ ସଂଘ ସଦସ୍ୟ



**କନ୍ଧମାଳ,୧୨।୧୦ (ସଂଚାର ବ୍ୟୁରୋ):** ସରକାର ଗମନାଗମନ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଆଜି ବି କିଛି ଅଞ୍ଚଳରେ ପହଞ୍ଚି ପାରୁନି ଯୋଜନା । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡା ପଞ୍ଚାୟତ ଡାଞ୍ଜୁ ଗ୍ରାମକୁ ଯାଇ ଥିବା ରାସ୍ତାଟି କିଛି କଙ୍କ୍ରିଟ ହୋଇଥିବା ବେଳେ ଆଉ କିଛି ରହି ଯାଇଛି ଯାହା ଫଳରେ ବର୍ଷା ଦିନରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଗ୍ରାମବାସୀ । ଏହି ବିଷୟରେ ପଞ୍ଚାୟତ କୁ ଜଣାଇବା ସହିତ ଖବରକାଗଜରେ ମାଧମରେ ମଧ ଦୃଷ୍ଟି ଆକର୍ଷଣ କରାଯାଇଥିଲା କିନ୍ତୁ କିଛି ଫଳପ୍ରଦ ହୋଇପାରି ନାହିଁ । ଶୁକ୍ରବାର ଦିନ ଗ୍ରାମର ମାଁ ମଣ୍ଡାଦେଇ ଯୁବକ ସଂଘ ପକ୍ଷରୁ ସମସ୍ତ ସଦସ୍ୟ ଟ୍ରାକ୍ଟରରେ ମାଟି ଆଣି ପକାଇ ଥିଲେ ଏହାକୁ ବିରଞ୍ଚି ପ୍ରଧାନ ସହଯୋଗ କରିଥିଲେ । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କଙ୍କ୍ରିଟ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ପିଏମ୍ ପୋଷଣ ପୋର୍ଟାଲରେ ମଧ୍ୟାହ୍ନଭୋଜନ ତଥ୍ୟ ପ୍ରଦାନରେ ବିଳମ୍ବ

**ନାଉଗାଁ,୧୨।୧୦ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ୭୭ଟି ବିଦ୍ୟାଳୟ ରହିଥିବା ବେଳେ ୪୫୮୦ଜଣ ଛାତ୍ରଛାତ୍ରୀ ନାମ ପଂଜୀକରଣ କରିଛନ୍ତି। ସେପ୍ଟେମ୍ବର ୧୯ ତାରିଖ ୧ଟା ୩୫ ସୁଦ୍ଧା କିଛି ବିଦ୍ୟାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲରେ ମଧ୍ୟାହ୍ନ ଭୋଜନର ତଥ୍ୟ ପ୍ରଦାନ କରାଯାଇ ନ ଥିବା ବେଳେ ସେପ୍ଟେମ୍ବର ୨୦ ତଥା ଶନିବାର ୧୦ଟା ସୁଦ୍ଧା ମଧ କିଛି ବିଦ୍ୟାଳୟ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇ ନଥିବା ପୋର୍ଟାଲ ଜଣାଯାଇଥିଲା। ଯାହାକୁ ନେଇ ଗଣମାଧମରେ ଖବର ପ୍ରକାଶ ପାଇବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ତଦନ୍ତ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା। ଏହି ତଦନ୍ତରେ ୧୨ଟି ବିଦ୍ୟାଳୟ ଧାର୍ଯ୍ୟ ସମୟ ମଧରେ ପିଏମ୍ ପୋଷଣ ପୋର୍ଟାଲରେ ମଧ୍ୟାହ୍ନଭୋଜନ ତଥ୍ୟ ପ୍ରଦାନ କରି ନଥିବା ବ୍ଲକ ଶିକ୍ଷାଧିକାରୀ ଜଣିବାକୁ ପାଇଥିଲେ। ଫଳରେ ଏହି ୧୨ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅକ୍ଟୋବର ମାସର ଦରମା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ମାରଡା ପ୍ରୋଜେକ୍ଟ ଯୁପି ସ୍କୁଲ, ରୋହିଆ ପ୍ରାଥମିକ ବିଦ୍ୟାଳୟ, ନୂଆଗାଁ ଯୁପି ସ୍କୁଲ, ଖଇରାଗଡ଼ ପ୍ରାଥମିକ ବିଦ୍ୟାଳୟ, ଗଜରାଜପୁର ପ୍ରାଥମିକ ବିଦ୍ୟାଳୟ, ଭଟଣା ପ୍ରୋଜେକ୍ଟ ଯୁପି ସ୍କୁଲ, ଅଲଣା-୨ ପ୍ରାଥମିକ ବିଦ୍ୟାଳୟ, ତେଲଘଡି ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ନାରିସିମା ପ୍ରାଥମିକ ବିଦ୍ୟାଳୟ, କୋରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଠସାହି ପ୍ରାଥମିକ ବିଦ୍ୟାଳୟ, ବିଏନ ଯୁପିଏସ ଦହିପାଳକୁ ନେଇ ୧୨ଟି ବିଦ୍ୟାଳୟର ଦରମା ବନ୍ଦ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରରୁ ଜଣାଯାଇଛି। ସେହିପରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୩ଟି ଉଚ୍ଚ ବିଦ୍ୟାଳୟ ସେପ୍ଟେମ୍ବର ୧୯ ଓ ସେପ୍ଟମ୍ବର ୨୦ ର ମଧ୍ୟାହ୍ନଭୋଜନ ରିପୋର୍ଟ ଦାଖଲ ନ କରିବା ହେତୁ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରାଯାଇଥିବା ଜଣାଯାଇଛି। କମଳଲୋଚନ ଉଚ୍ଚ ବିଦ୍ୟାଳୟ, ସୁଦ୍ଧକଣ୍ଠି, ରୋହିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ଆଦିକୁ ମିଶାଇ ୩ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରାଯାଇଛି।

> **୧୨ ସ୍କୁଲର ଦରମା ବନ୍ଦ,**
>
> **୩ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ**

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ସୁବର୍ଣ୍ଣପୁର,୧୨।୧୦(ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଜିଲ୍ଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟ, ସୋନପୁର ଠାରେ "ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ" ପାଳିତ ହୋଇ ଯାଇଛି। ଏହି ଶିବିର ରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ବିଶ୍ୱ ବିଶୃତ କର ମୁଖ୍ୟ ଅତିଥି ରୂପରେ ଯୋଗ ଦେଇ ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ତଥା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ବରିଷ୍ଠ ଦେବନି ଜଜ ଶ୍ରୀ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ଶ୍ରୀମତୀ ବବିତା ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ ପ୍ରଣତି ରଥ, ରମେଶ ଚନ୍ଦ୍ର ସ୍ୱାଇଁ, ଏଡିଏମ୍‌ଓ ସୁବର୍ଣ୍ଣପୁରା, ଶ୍ରୀମତୀ ଶାନ୍ତି ମଞ୍ଜରୀ ମିଶ୍ର, ଅଧକ୍ଷ ଜିଲ୍ଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟ, ସୋନପୁର ଶ୍ରୀମତୀ ମଞ୍ଜୁଲତା ମିଶ୍ର, ଶ୍ରୀ ଚନ୍ଦ୍ର ଶେଖର ଶବର, ଏସ୍‌ଡିପି ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜ଼ିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଶ୍ରୀ ଦେବାଶିଷ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସମସ୍ତ ବିଚାର ବିଭାଗୀୟ ଅତିଥି ମାନେ ଆଇନ ର ବିଭିନ ଦିଗ ବିଷୟରେ ସଭାରେ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ, ଅଭିବାବକ, ଆଶା କର୍ମୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କୁ ବୁଝାଇଥିଲେ । ସଭା କାର୍ଯ୍ୟ ଶେଷରେ ଶ୍ରୀମତୀ ଶାନ୍ତି ମଞ୍ଜରୀ ମିଶ୍ର, ଅଧକ୍ଷ ଜିଲ୍ଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟ, ସୋନପୁର ସମସ୍ତ ଅତିଥି ତଥା ସଭାରେ ଉପସ୍ଥିତ ଥିବା ଜଣ ସାଧାରଣ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଶୋକସଭା



**ବ୍ରହ୍ମପୁର,୧୨।୧୦(ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ଆଇନଜୀବି, ରାଜ୍ୟ ବାର୍ କାଉନସିଲ ସଦସ୍ୟ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ଶୋକ ସଭା ବିଜେପି ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ଦଳୀୟ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ପଣ୍ଡାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନଟ୍ ନିରବ ପ୍ରାର୍ଥନା କରିଥିଲେ ଦଳୀୟ ନେତା ଓ କର୍ମୀ। ଏହାସହ ସେ ଜଣେ ଅନ୍ୟାୟ,ଅତ୍ୟାଚାର ବିରୁଦ୍ଧରେ ଲଢୁଥିବା ନିର୍ଭୀକ ସାହସିକତାର ବ୍ୟକ୍ତିତ୍ୱ ଥିଲେ ଏବଂ ଗରିବଙ୍କ ସହାୟକ ଓ ଦରଦୀ ବନ୍ଧୁ ଭାବେ ପରିଚିତ ଥିଲେ ବୋଲି ଦଳୀୟ ନେତୃବୃନ୍ଦ କହିଥିଲେ। ଗତ ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ଦୁର୍ବୃତ୍ତ ମାନେ ଗୁଳି ମାଡ଼ କରି ତାଙ୍କ ଘର ନିକଟରେ ପୀତବାସଙ୍କୁ ହତ୍ୟା କରିଥିଲେ। ଯାହାକି ଭାରତୀୟ ଜନତା ପାର୍ଟି ତଥା ସମଗ୍ର ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲ୍ଲା ବାସୀଙ୍କୁ ସ୍ତବ୍ଧ କରିଥିଲା । ଯୋଜନାବଦ୍ଧ ଭାବେ ଏହିପରି କାପୁରୁଷ କାର୍ଯ୍ୟ କରିଥିବା ଘଟଣାକୁ ସମସ୍ତ ଦଳୀୟ ନେତୃବୃନ୍ଦ ଦୃଢ଼ ନିନ୍ଦା କରିବା ସହ ଗୁଳି କରିଥିବା ଦୁଇ ଜଣ ଅପରାଧୀଙ୍କ ସମେତ ପ୍ରଚ୍ଛଦପଟ୍ଟର ଖଳନାୟକକୁ ତୁରନ୍ତ ଧରାଯାଇ ସେମାନଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ରଖିଥିଲେ।

## ବାଣ ଫୁଟି ୮ବର୍ଷର ଶିଶୁ ଗୁରୁତର



**ନୟାଗଡ଼,୧୨।୧୦(ସଂଚାର ବ୍ୟୁରୋ):** ଅଳିଆଗଦା ପୋଡିବା ବେଳେ ଘଟିଲା ଅଘଟଣ । ବାଣ ଫୁଟି ୮ବର୍ଷର ଜଣେ ଶିଶୁ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଶିଶୁ ଚାନ୍ଦୁ ବାହୁକକୁ କଟକ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି ନୟାଗଡ ସଦରଥାନା ଗୁପ୍ତପଲ୍ଲି ଗାଁରେ। ସୂଚନାନୁସାରେ, ସଦର ଥାନା ଅନ୍ତର୍ଗତ ଗୁପ୍ତପଲ୍ଲି ଗାଁର ବିଶ୍ୱନାଥ ବାହୁକଙ୍କ ପୁଅ ଚାନ୍ଦୁ ସକାଳେ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ଅଳିଆଗଦାରେ ଡିଆସିଲି ଲଗାଇ ଦେଇଥିଲେ । ଏହି ସମୟରେ ହଠାତ୍ ଏକ ବିସ୍ଫୋରଣ ହୋଇଥିଲା । ଅଳିଆଗଦାରେ କେହି ବାଣ ପକାଇଥିଲା ଏବଂ ତାହା ଫୁଟିଗଲା ବୋଲି ସ୍ଥାନୀୟବାସିନ୍ଦା କହିଛନ୍ତି । ବିସ୍ଫୋରଣ ଫଳରେ ଶିଶୁଟିର ମୁହଁ ଏବଂ ଦୁଇ ହାତ ପୋଡିଯାଇଥିବା ଡାକ୍ତର କହିଛନ୍ତି । ଅବସ୍ଥା ଗୁରୁତର ଥିବାରୁ ଶିଶୁଟିକୁ ନୟାଗଡ ମେଡିକାଲରୁ କଟକ ଏସସିବିକୁ ସ୍ଥାନାନ୍ତର କରିଯାଇଛି। ଅଳିଆଗଦାରେ କୌଣସି ଏକ ବଡ ବାଣ ରହିଥିବା ଅନୁମାନ କରାଯାଉଛି । ତେବେ ସେଠାକୁ ବାଣ କିଭଳି ଆସିଲା ତାହା ସନ୍ଦେହ ସୃଷ୍ଟି କରିଛି । ସଦର ଥାନା ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି ।

## ଏକତ୍ରିତ ମନୋଭାବ ସଂଗଠନକୁ ସୁଦୃଢ କରିଥାଏ: ମୁଖ୍ୟଅତିଥି

**ଗୋପ,୧୨।୧୦(ସଂଚାର ବ୍ୟୁରୋ):** ଗୋପ ବଜାରରେ ମା ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ମାଙ୍କ ପୂଜା ଧୁମ ଧାମରେ ହୋଇଯାଇଛି। ଏହି ଅବସରରେ ଗୋପ ବଜାରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଭଜନ ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ କସ୍ତୁରୀବାଳା ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଭଜନ ସଂଧ୍ୟା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଦୀର୍ଘ ୪୭ବର୍ଷର ଏହି ପୂଜା କମିଟି ପ୍ରତି ବର୍ଷ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରିଆସୁଛି। କିନ୍ତୁ ଆଗ ଅପେକ୍ଷା ମା ଗଜଲକ୍ଷ୍ମୀ ପୂଜା ସେତେ ଆକର୍ଷଣୀୟ ହୋଇ ପାରୁନାହିଁ ତେଣୁ ପୂଜାଟିକୁ ଆଗକୁ ନେବାକୁ ହେଲେ ସମସ୍ତ ବବେସାୟୀ ଏକତ୍ରିତ ଦେବା ଆବଶ୍ୟକ ତାହେଲେ ଏହି ପୂଜା କମିଟିର ଉନ୍ନତି ହେବ ବୋଲି ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ନମାନୀତ ଅତିଥିଭାବେ ବରିଷ୍ଠ ରାଜନେତା ଅଶ୍ୱନୀ ପଟନାୟକ, ଯୁବନେତା ବୈଲୋଚନ ସାହୁ, ବରିଷ୍ଠ ନାଗରିକ ବିଭୁତି ପଟନାୟକ, ବିଶିଷ୍ଟ ବ୍ୟବସାୟୀ ରାମଚନ୍ଦ୍ର ରାଉତ, ବସନ୍ତ ପୃଷ୍ଠି ଯୋଗ ଦେଇଥିଲେ। ଭଜନ ସମାରୋହ ଟିକୁ ଗୋପ ଅଞ୍ଚଳର ଶତାଧିକ ଭଜନପ୍ରେମୀ ଭରପୁର ଉପଭୋଗ କରିଥିଲେ। ଏହି ସମାରୋହ ଟିକୁ ଶୁଭେନ୍ଦୁ ପୃଷ୍ଟି, ଚିନ୍ମୟ ସ୍ୱାଇଁ, କାମାକ୍ଷା ପ୍ରସାଦ ବେହେରା ସୁଚାର ରୂପେ ପରିଚାଳନା କରଥିବା ବେଳେ ଗୋପ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ମଧୁସୂଦନ ସାହୁ, ସମ୍ପାଦକ ବାବୁନା ପାତ୍ର ଏବଂ କୋଷାଧକ୍ଷ ସୁଶାନ୍ତ ସାହୁ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ବେହେରା ଗୋରୁ ବଜାର ନିକଟରୁ ବାଇକ ଚୋରି ଅଭିଯୋଗ

**କଳାହାଣ୍ଡି,୧୨।୧୦(ସଂଚାର ବ୍ୟୁରୋ):** ଧର୍ମଗଡ ବ୍ଲକ ବେହେରା ଗୋରୁ ବଜାର ନିକଟରୁ ରବିବାର ଦିନ ଏକ ମୋଟର ସାଇକଲ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ମତେ କୋକସରା ଥାନା ଅଧୀନ ତେଣ୍ଡାପଲି ପଞ୍ଚାୟତ ଘଣ୍ଟିଗୁଡ଼ା ଗ୍ରାମର ପରମେଶ୍ୱର ଗୋପାଳ(୨୮) ରବିବାର ବେହେରା ଗ୍ରାମ ଠାରେ ସାପ୍ତାହିକ ହାଟ ଥିବାରୁ ପନିପରିବା କିଣିବା ପାଇଁ ନିଜ ମୋଟର ସାଇକଲ ହିରୋ ଏଚ ଏଫ୍ ଡିଲକ୍ସ (ଓଡି ୦୮କେ ୬୩୪୩ ) ଯୋଗେ ଆସିଥିଲେ । ସେ ଗୋରୁ ବଜାର ରାସ୍ତା ନିକଟରେ ମୋଟର ସାଇକଲ କୁ ରଖି ନିଜ ଭିଣୋଇ ପାଖକୁ ଟଙ୍କା ପାଇଁ ଯାଇ କିଛି ସମୟ ପରେ ଫେରିଥିଲେ । ହେଲେ ତାଙ୍କ ମୋଟର ସାଇକଲକୁ ପାଇ ନ ଥିଲେ , ସେ ବ୍ୟସ୍ତ ହୋଇ ଆଖ ପାଖ ଲୋକ ଙ୍କୁ ପଚାରି ବୁଝିବା ସହ ବହୁତ୍ ଖୋଜା ଖୋଜି କରି ଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ । ଏ ନେଇ ସେ କୋକସରା ଥାନା ରେ ଅଭିଯୋଗ କରିଥିବା ଜଣାପଡିଛି। ସାଧାରଣରେ ଦାବି ହେଉଛି।

### ଦନ୍ତା ହାତୀର ମୃତ୍ୟୁ ଘଟଣା

# ଜିଆଇ ତାର ଜବତ, ଜମି ମାଲିକ ଅଟକ



**ନୀଳଗିରି,୧୨।୧୦(ସଂଚାର ବ୍ୟୁରୋ):** ନୀଳଗିରି କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ପଞ୍ଚଲିଙ୍ଗେଶ୍ୱର ସେକ୍ସନ୍ ତେଣ୍ଡା ଫରେଷ୍ଟ ବିଟ୍ ଅଧୀନ ଗରଡି ପଞ୍ଚାୟତ ଆମ୍ବଝର ନିକଟସ୍ଥ ଏକ ବିଲ କିଆରିରେ ଏକ ଦନ୍ତା ହାତୀର ମୃତଦେହ ଘଟଣା। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଘଟଣାସ୍ଥଳ ବିଲ କିଆରିରୁ ବନବିଭାଗ ପୋତା ଯାଇଥିବା ବାଉଁଶ କିଳା, ବନ୍ଧା ଯାଇଥିବା ଜିଆଇ ତାର ସିଜ୍ କରିବା ସହ ଜମି ମାଲିକ ଅଟକ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ହାତୀ ମୃତ୍ୟୁର କାରଣ ଖୋଜିବା ଉଦ୍ଦେଶ୍ୟରେ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ ଜଏଣ୍ଟ ଟାସ୍କ ଫୋର୍ସର ଅଧିକାରିଣୀ ରେଣୁବାଳା ସାହୁ, ଆର.ସି.ସି.ଏଫ ପ୍ରକାଶଚାନ୍ଦ୍ ଗୁଗନାନୀ, ତାଙ୍କ ସହ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ମଲ୍ଲିକ, ଏ.ସି.ଏଫ୍ ତଟିନି ସେଠି, କୁଲଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ସ୍ଥାନୀୟ ଫରେଷ୍ଟର ହୃଷିକେଶ ପ୍ରଧାନ, ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ କରାଇଥିଲେ। ତେବେ ଦନ୍ତା ହାତୀକୁ କିଏ ହତ୍ୟା କଲା? ସ୍ୱାଭାବିକ, ନା ଦାନ୍ତ ତସ୍କରୀ ପାଇଁ ଗୁଳି କରି ହତ୍ୟା କରାଯାଇଛି ? ନା ବିଦ୍ୟୁତ୍ ସଂସ୍ପର୍ଷରେ ଆସି ମୃତ୍ୟୁ ହେଇଛି କି? ଏସବୁକୁ ନେଇ ବନବିଭାଗ ତଦନ୍ତ ଆରମ୍ଭ କରିଛି। କୁଳଡିହାରେ ଶିକାରୀଙ୍କ ଉପଦ୍ରବକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିନ୍ତୁ ଗତ ତିନି, ଚାରି ବର୍ଷ ଭିତରେ କୁଲଡ଼ିହା ଅଭୟାରଣ୍ୟରେ କ୍ରମାଗତ ଭାବେ ଏକାଧିକ ହାତୀଙ୍କ ମୃତ୍ୟୁ ହେଲାଣି। ହାତୀ ବଂଶ ଲୋପ ପାଉଥିବାରୁ ବନାଞ୍ଚଳବାସୀଙ୍କୁ ବ୍ୟଥିତ କରିଛି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ




**ସାଲେପୁର,୧୨।୧୦(ସଂଚାର ବ୍ୟୁରୋ):** ଶିକ୍ଷାମଣ୍ଡଳ ଅଧୀନ ପିକୋଳ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି 'କାର୍ଯ୍ୟକ୍ରମ ସ୍ଥାନୀୟ ସୁନେଇରୁପେଇ ଗ୍ରାମଦେବତୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜିକା ନମିତା ପରିଡା ଅଧକ୍ଷତାରେ ଆୟୋଜିତ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସାଲେପୁର ଶିକ୍ଷା ମଣ୍ଡଳ ଅଧିକାରିଣୀ ଲକ୍ଷେ ହୀରା ଲାବଣ୍ୟବତୀ ବେହେରା ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧମରେ ଛାତ୍ରଛାତ୍ରୀଙ୍କର ଲୁକ୍କାହିତ ପ୍ରତିଭା ବିକଶୀତ ହୋଇପାରିବ ବୋଲି ମତ ପ୍ରକାଶ କରିବା ସହିତ କୁନି ପିଲାଟିକୁ ଧରି ନାଚିବାସହିତ ଆଗାମୀଦିନରେ ପିଲାଟିକିପରି ତା ପ୍ରତିଭାବିକଶିତ କରିବ ପ୍ରୟାସ କରିଥିଲେ । ବିଶିଷ୍ଟ ଅତିଥି ରୂପେ ପିକୋଳ ସରପଞ୍ଚ ଶ୍ରୀମତୀ ମାଣିକ ବେହେରା, ସମ୍ମାନିତ ଅତିଥି ରଞ୍ଜନ କୁମାର ସାମଲ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରାଙ୍କନ, ହସ୍ତାକ୍ଷର, ବକ୍ତୃତା, କୁଇଜ,ପ୍ରବନ୍ଧ, ବିତର୍କ, ସୃଜନଶିଳ ଲିଖନ, ଏକକ, ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଦଶଗୋଟି ସ୍କୁଲର ୧୪୫ ଜଣ ଛାତ୍ର ଛାତ୍ରୀ ଭାଗନେଇଥିଲେ । କୋଡିଏ ଜଣ କୃତି ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ କାର୍ଯ୍ୟକର୍ମ ପାଇଁ ମନୋନୀତ କରାଯାଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବତନ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ

**ବୋରିଗୁମ୍ମା,୧୨।୧୦(ସଂଚାର ବ୍ୟୁରୋ):** ବୋରିଗୁମ୍ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି, ଓଡିଶା ଆନୁକୂଲ୍ୟରେ ପ୍ରଧାନ ଆଚାଯ୍ୟା ଶ୍ରୀମତି ମମତା ମହାପାତ୍ର ଙ୍କ ସଭାପତିତ୍ୱ ରେ ପୂର୍ବ ଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା ଅଧାପକ ଡ଼. ପ୍ରଦୀପ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଆଲୋଚନାର ବିଷୟ ବସ୍ତୁ ଥିଲା -"ପଞ୍ଚ ପରିବର୍ତ୍ତନରେ ପୂର୍ବ ଛାତ୍ରଙ୍କ ଭୂମିକା"।ଏଥିରେ ଶତାଧିକ ପୂର୍ବ ଛାତ୍ର ଅଂଶ ଗ୍ରହଣ କରିଥିଲେ।



# ସିନେମା



## ସଙ୍ଗୀତ ନିର୍ଦ୍ଦେଶକ ହେଲେ ହ୍ୟୁମାନ୍ ସାଗର

କଣ୍ଠଶିଳ୍ପୀରୁ ସଙ୍ଗୀତ ନିର୍ଦ୍ଦେଶକ ହେବାର ପରମ୍ପରା ଓଲିଉଡ୍‌ରେ ବେଶ୍ ପୁରୁଣା। ଅତୀତରେ ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ସୁଭାଷ ଦାଶ, ଶ୍ରୀକାନ୍ତ ଦାସ, ଟି ସୌରୀ ଓ ବିଷ୍ଣୁମୋହନ କବି ପ୍ରମୁଖଙ୍କ ନାମ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ। ଏବେ ଏହି ତାଲିକାରେ ସାମିଲ ହୋଇଛନ୍ତି ଲୋକପ୍ରିୟ ଗାୟକ ହ୍ୟୁମାନ ସାଗର। ସେ ଏବେ ନୂଆ ଓଡ଼ିଆ ସିନେମା 'ଛକି ଶୂନ'ର ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି। ଏହା ଚଳଚ୍ଚିତ୍ରରେ ତାଙ୍କର ପ୍ରଥମ ସଙ୍ଗୀତ ନିର୍ଦ୍ଦେଶନା ହେବ। ଅନୁଭବଙ୍କ ଅଭିନୀତ 'ଗପ ହେଲେ ବି ସତ' ସିନେମାରେ କଣ୍ଠଦାନ କରି ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ ହ୍ୟୁମାନ୍। ଗତ ବର୍ଷ ଦଶହରାରେ ମୁକ୍ତିଲାଭ କରିଥିବା ଅନୁଭବଙ୍କ ଅଭିନୀତ 'କର୍ମ'ରେ 'ଚିରିଂ ଚିରିଂ..' ଏବଂ ଚଳିତ ବର୍ଷ ଦଶହରାରେ 'ଚାରିଧାମ'ରେ 'ଚାଲ୍ ରାତିରେ ଆମେ ମାଲ୍ ପିଇ କେରକେରା ହେବା...' ଗୀତ ହ୍ୟୁମାନଙ୍କୁ ନୂଆ ସୋପାନରେ ପହଞ୍ଚାଇଛି। ଶହେରୁ ଅଧିକ ଓଡ଼ିଆ ସିନେମା ଗୀତ ଗାଇଥିବା ହ୍ୟୁମାନ କହିଛନ୍ତି, ''ପ୍ରଯୋଜନା ସଂସ୍ଥା, ନିର୍ଦ୍ଦେଶକ ମାନସ ପଢ଼ିଆରୀ ଏବଂ ବିଶେଷ କରି ଅନୁଭବ ସାର୍‌ଙ୍କ ଆଗ୍ରହକ୍ରମେ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଛି। ଆଶା ରଖିଛି, ଭଲ ସ୍ୱର କରି ଓଡ଼ିଶାବାସୀଙ୍କ ହୃଦୟ ଜିତିବି।''

ଅନୁସନ୍ଧାନମୂଳକ ଥ୍ରିଲର 'ଛକି ଶୂନ' ଫ୍ଲୋରକୁ ଯାଇଛି। ଭୁବନେଶ୍ୱରରେ ଏହାର ସୁଟିଂ ଆରମ୍ଭ ହୋଇଛି। ମହୁରତ୍ ଅବସରରେ ସୁଟିଂର ପ୍ରଥମ କ୍ଲାପ୍ ଦେଇଥିଲେ ଜାଗୃତି ଏ. ମହାନ୍ତି। ଆମର ମ୍ୟୁଜିକ୍ ଓ ଟୁ ନାଇନ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା 'ଛକି ଶୂନ'ର ମହୁରତରେ ସୁପରଷ୍ଟାର୍ ଅନୁଭବ ମହାନ୍ତି, ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା, ଉଦିତ ଗୁରୁ, ଜିତୁ ମଙ୍ଗରାଜ ପ୍ରମୁଖ କଳାକାର ଉପସ୍ଥିତ ଥିଲେ। ଏହା ବ୍ୟତୀତ ସହପ୍ରଯୋଜନାରେ ଥିବା ଶୁଭମ ମହାନ୍ତି, ଦେବାଶିଷ ପଣ୍ଡା, ଲେଖକ-ନିର୍ଦ୍ଦେଶକ ମାନସ ପଢ଼ିଆରୀ, ସିନେମାଟୋଗ୍ରାଫର୍ ଦୀପକ କୁମାର, ସହନିର୍ଦ୍ଦେଶକ ସ୍ମୃତି ଆର୍ ଓ ବିଶ୍ୱଜିତ, କଳା ନିର୍ଦ୍ଦେଶକ ସୁଧାଂଶୁ ମହାନ୍ତି, ସଂଗୀତ ନିର୍ଦ୍ଦେଶକ ହ୍ୟୁମାନ ସାଗର ପ୍ରମୁଖ ଉପସ୍ଥିତ ଥିଲେ।



## ଜୀ-ସାର୍ଥକରେ ଉଦ୍ଧାର କରିବୁ ସାତ ପୁରୁଷ

ଜୀ-ସାର୍ଥକରେ ରବିବାର ସନ୍ଧ୍ୟାରେ ପ୍ରସାରିତ ହେବ 'ଉଦ୍ଧାର କରିବୁ ସାତ ପୁରୁଷ'। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ଓ ଅଜୟ ରାଉତଙ୍କ ପ୍ରଯୋଜିତ ଏହି ସିନେମାରେ ଜ୍ୟୋତି ପଣ୍ଡା, ହେଲିନା, ପ୍ରଦ୍ୟୁମ୍ନ ଲେଙ୍କା, କେଦାର ମିଶ୍ର, ରାଜଶ୍ରୀ, ଶୁଭ୍ରାଂଶୁ ଓ ବିରେନ ମିଶ୍ର ପ୍ରମୁଖଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ସଞ୍ଜୟ ନାୟକ ଏହାର କାହାଣୀ ଲେଖିଥିବା ବେଳେ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। ଜଣେ ଅନାଥ ଯୁବକ ମୁନାର ଜୀବନରେ ଘଟିଥିବା ରୋଚକ ଘଟଣାକୁ ନେଇ ଫିଲ୍ମର କାହାଣୀ ଗତିଶୀଳ ହୋଇଛି। ଜଣେ ମୃତ ଓ ଜୀବିତ କିପରି ମିଳିତ ହେଉଛନ୍ତି ତାହା ଏଥିରେ ଦେଖିବାକୁ ମିଳିବ। ଏହା କିପରି ସମ୍ଭବ ଓ କାହିଁକି ଏପରି ଘଟିଲା ? ଏସବୁ ପ୍ରଶ୍ନର ଉତ୍ତର ମିଳିଛି ଫିଲ୍ମର ଶେଷରେ।



## ତିନିଟି ଛବିରେ ଏକାଠି କାମ କରିଥିଲେ ନିର୍ଦ୍ଦେଶକ ହର ପଟ୍ଟନାୟକ ଓ ସଙ୍ଗୀତକାର ଅକ୍ଷୟ ମହାନ୍ତି

ଆଜି ହେଉଛି ଓଡ଼ିଆ ସଙ୍ଗୀତ ଜଗତର ବେତାଜ ବାଦଶାହ ଅକ୍ଷୟ ମହାନ୍ତିଙ୍କର ଜନ୍ମଦିନ। ସେ ଆଜିର ତାରିଖରେ ଜନ୍ମ ଗ୍ରହଣ କରିଥଲେ। ଠିକ୍ ସେହିପରି ଓଡ଼ିଆ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ଅଭିନେତା ଓ ନିର୍ଦ୍ଦେଶକ ହର ପଟ୍ଟନାୟକଙ୍କର ବି ଅକ୍ଟୋବର ୧୨ ହେଉଛି ଜନ୍ମ ତାରିଖ। ଉଭୟେ ବେଶ୍ ଚର୍ଚ୍ଚିତ। ଆଉ ସବୁଠାରୁ ବଡ଼ କଥା ହେଲା ଯେ ଏ ଦୁହେଁ ତିନିଟି ଓଡ଼ିଆ ଛବିରେ ଏକାଠି କାମ ମଧ୍ୟ କରିଥିଲେ। ଶିଶିର ମିଶ୍ର ଓ ରାଜୁ ମିଶ୍ରଙ୍କ ଭଳି ଦୁଇ ଦିଗ୍‌ଗଜଙ୍କ ସହକାରୀ ଓ ସହଯୋଗୀ ଭାବେ ଅଭିଜ୍ଞତା ହାସଲ କରିବା ପରେ ହର ପଟ୍ଟନାୟକ ସ୍ୱାଧୀନ ଭାବେ ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଥିଲେ। ଆଉ ତାଙ୍କର ନିର୍ଦ୍ଦେଶିତ ପ୍ରଥମ ସିନେମା ଥିଲା 'ଦଇବ ଦଉଡ଼ି'। ଏଥିରେ ସେ ଅକ୍ଷୟ ମହାନ୍ତିଙ୍କୁ ହିଁ ସ୍ୱର ସଂଯୋଜନା କରିବା ଲାଗି ଅନୁରୋଧ କରିଥିଲେ, ଯାହାକୁ ବି ରକ୍ଷା କରିଥିଲେ ଖୋକା ଭାଇ ଓରଫ ଅକ୍ଷୟ ମହାନ୍ତି। ଏହି ଫିଲ୍ମର ଗୀତଗୁଡ଼ିକ ବି ସୁପରହିଟ୍ ହୋଇଥିଲା। ଏଥିମଧ୍ୟରେ ଥିଲା 'ସମୟ ଚକ ଯାଏ..., ଢେଉ ପରେ ଢେଉ.. ଓ ଆ ମୋ ପାଖକୁ ଆ..ଆଦି ଗୀତ ଆଜି ବି ଲୋକପ୍ରିୟ। ଆଉ ଉଲ୍ଲେଖନୀୟ କଥା ହେଲା ଯେ ଏହି ଛବିର ଏକ ଗୀତ ପାଇଁ କଣ୍ଠଶିଳ୍ପୀ ସୁବାସ ଦାଶ ପାଇଥିଲେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର।

ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା ଥିଲା 'ଦଇବ ଦଉଡ଼ି'। ଏଥିରେ ସେ ଅକ୍ଷୟ ମହାନ୍ତିଙ୍କୁ ହିଁ ସ୍ୱର ସଂଯୋଜନା କରିବା ଲାଗି ଅନୁରୋଧ କରିଥିଲେ, ଯାହାକୁ ବି ରକ୍ଷା କରିଥିଲେ ଖୋକା ଭାଇ ଓରଫ ଅକ୍ଷୟ ମହାନ୍ତି। ଏହି ଫିଲ୍ମର ଗୀତଗୁଡ଼ିକ ବି ସୁପରହିଟ୍ ହୋଇଥିଲା। ଏଥିମଧ୍ୟରେ ଥିଲା 'ସମୟ ଚକ ଯାଏ..., ଢେଉ ପରେ ଢେଉ.. ଓ ଆ ମୋ ପାଖକୁ ଆ..ଆଦି ଗୀତ ଆଜି ବି ଲୋକପ୍ରିୟ। ଆଉ ଉଲ୍ଲେଖନୀୟ କଥା ହେଲା ଯେ ଏହି ଛବିର ଏକ ଗୀତ ପାଇଁ କଣ୍ଠଶିଳ୍ପୀ ସୁବାସ ଦାଶ ପାଇଥିଲେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଏହାପରେ ହର ଓ ଅକ୍ଷୟ ଏକାଠି ଅମୀୟ ପଟ୍ଟନାୟକଙ୍କ ପ୍ରଯୋଜିତ 'ଚକାଡୋଳା କରୁଚି ଲୀଳା' ଓ ଜ୍ଞାନ ପଟ୍ଟନାୟକଙ୍କ ପ୍ରଯୋଜିତ 'କପାଳ ଲିଖନ'ରେ ଏକାଠି କାମ କରିଥିଲେ। 'ଚକାଡୋଳା କରୁଚି ଲୀଳା'ର ଚୋଖା ଚୋଖା ଚେହେରା ଉପରଦେଖା.. ଓ ଚକାଡୋଳା ତୋର ଲୀଳା ଏବଂ 'କପାଳ ଲିଖନ'ର କାଳିଆ ସୁନାରେ କାଳିଆ ସୁନା.. ଏବଂ ସାଥୀ ମୋ ଜୀବନସାଥୀ, ତୁମେ ଥିଲେ ସବୁ ରାତି ଚାନ୍ଦିନୀରାତି...ଭଳି ଶ୍ରୁତିମଧୁର ଗୀତ ଉପହାର ଦେଇଥିଲେ ଅକ୍ଷୟ ମହାନ୍ତି।

ଏହାପରେ ହର ଓ ଅକ୍ଷୟ ଏକାଠି ଅମୀୟ ପଟ୍ଟନାୟକଙ୍କ ପ୍ରଯୋଜିତ 'ଚକାଡୋଳା କରୁଚି ଲୀଳା' ଓ ଜ୍ଞାନ ପଟ୍ଟନାୟକଙ୍କ ପ୍ରଯୋଜିତ 'କପାଳ ଲିଖନ'ରେ ଏକାଠି କାମ କରିଥିଲେ। 'ଚକାଡୋଳା କରୁଚି ଲୀଳା'ର ଚୋଖା ଚୋଖା ଚେହେରା ଉପରଦେଖା.. ଓ ଚକାଡୋଳା ତୋର ଲୀଳା ଏବଂ 'କପାଳ ଲିଖନ'ର କାଳିଆ ସୁନାରେ କାଳିଆ ସୁନା.. ଏବଂ ସାଥୀ ମୋ ଜୀବନସାଥୀ, ତୁମେ ଥିଲେ ସବୁ ରାତି ଚାନ୍ଦିନୀରାତି...ଭଳି ଶ୍ରୁତିମଧୁର ଗୀତ ଉପହାର ଦେଇଥିଲେ ଅକ୍ଷୟ ମହାନ୍ତି। କ୍ରମାଗତ ଭାବେ ଉପରୋକ୍ତ ତିନିଟି ଛବି ପରେ ଆଉ ନିର୍ଦ୍ଦେଶକ ହର ପଟ୍ଟନାୟକ ସଙ୍ଗୀତକାର ଅକ୍ଷୟ ମହାନ୍ତିଙ୍କ ସହ କାମ କରିନଥିଲେ।

## ସୁପରଷ୍ଟାର ମୋହନଲାଲଙ୍କ ଅଭିନୀତ ଫିଲ୍ମ 'ବୃଷଭ' ପୋଷ୍ଟର ଆଉଟ୍



ଫ୍ୟାନ୍ସଙ୍କ ଅପେକ୍ଷାର ହେଲା ଅନ୍ତ। ଆଗାମୀ ଚଳଚ୍ଚିତ୍ର "ବୃଷଭ" ସହିତ ଫେରୁଛନ୍ତି ସୁପରଷ୍ଟାର ମୋହନଲାଲ। ନିର୍ମାତା ମୋହନଲାଲଙ୍କ ଫିଲ୍ମ "ବୃଷଭ"ର ରିଲିଜ ତାରିଖ ଘୋଷଣା କରିଛନ୍ତି। ଏହି ଫିଲ୍ମଟି ଆସନ୍ତା ନଭେମ୍ବର ୬ରେ ସିନେମା ହଲରେ ରିଲିଜ୍ ହେବ। ମୋହନଲାଲ ମଧ୍ୟ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଫିଲ୍ମର ପୋଷ୍ଟର ସେୟାର କରି ପ୍ରଶଂସକମାନଙ୍କ ସହିତ ଏହି ଖୁସି ଖବର ସେୟାର କରିଛନ୍ତି। ପୋଷ୍ଟରେ ସେ ଲେଖିଛନ୍ତି, "ପୃଥିବୀ ଥରୁଛି। ଆକାଶ ଜଳୁଛି। ଭାଗ୍ୟ ତାର ଯୋଦ୍ଧା ବାଛିଛି। ବୃଷଭ ନଭେମ୍ବର ୬ ତାରିଖରେ ଆସୁଛି।" ତେବେ ମୋହନଲାଲଙ୍କ ଏହି ଫିଲ୍ମଟି ପ୍ରଥମେ ଅକ୍ଟୋବର ୧୬ ତାରିଖରେ ସିନେମା ହଲରେ ମୁକ୍ତିଲାଭ କରିବାର ଥିଲା। କିନ୍ତୁ କୌଣସି କାରଣ ବଶତଃ ଏହାକୁ ସ୍ଥଗିତ ରଖାଯାଇଥିଲା। ଚଳିତ ବର୍ଷ ମୋହନଲାଲଙ୍କ ଜନ୍ମଦିନରେ ଚଳଚ୍ଚିତ୍ରର ପ୍ରଥମ ପୋଷ୍ଟର ମୁକ୍ତିଲାଭ କରିଥିଲା। ପ୍ରଥମ ପୋଷ୍ଟର ଦେଖିବା ପରେ ମୋହନଲାଲଙ୍କ ପ୍ରଶଂସକମାନେ ଚଳଚ୍ଚିତ୍ର ପାଇଁ ବେଶ୍ ଉତ୍ସାହିତ ଥିଲେ। ପୋଷ୍ଟରରେ ସେ ସୁନେଲି ରଙ୍ଗର ଏକ କବଚ ପିନ୍ଧି ଜଣେ ଯୋଦ୍ଧା ଭାବରେ ଦେଖାଯାଇଥିଲେ। ଲମ୍ବା କେଶ, ଦାଢ଼ି ଏବଂ ଧଳା ତିଲକ ସହିତ ମୋହନଲାଲଙ୍କ ଫଟୋ ଦେଖି ପ୍ରଶଂସକ ଖୁସିରେ ପାଗଳ ହୋଇଯାଇଥିଲେ। ସେ ନାକ ମୁଦି ମଧ୍ୟ ପିନ୍ଧିଥିବା ଦେଖିବାକୁ ମିଳିଥିଲା। ମୋହନଲାଲଙ୍କ ଏହି ଫିଲ୍ମଟି ୫ଟି ଭାଷାରେ ସିନେମା ହଲରେ ମୁକ୍ତିଲାଭ କରିବ। ତେଲୁଗୁ, ମାଲାୟଲମ, ହିନ୍ଦୀ, ତାମିଲ ଏବଂ କନ୍ନଡ ଭାଷାରେ ଫିଲ୍ମ ମୁକ୍ତିଲାଭ କରିବ।

## ୩୦୦ କୋଟି କ୍ଲବ୍‌ରେ 'କାନ୍ତାରା: ଚାପ୍ଟର ୧'

ଅଭିନେତା ରିଷବ ଶେଟ୍ଟୀଙ୍କ 'କାନ୍ତାରା: ଚାପ୍ଟର ୧' ଫିଲ୍ମ ଗତ ୨ ତାରିଖରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବାର ୪ ଦିନ ମଧ୍ୟରେ ଏହି ଫିଲ୍ମ ବିଶ୍ୱବ୍ୟାପୀ ୩୩୫ କୋଟି ଟଙ୍କା ରୋଜଗାର କରିଛି। କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୨୨୩.୭୫ କୋଟି ଟଙ୍କାର ବ୍ୟବସାୟ କରିଛି। ଗୁରୁବାର ରିଲିଜ୍ ହେବା ଦିନ ଏହି ଫିଲ୍ମ ଘରୋଇ ବକ୍ସ ଅଫିସରୁ ୬୧.୮୫ କୋଟି ଟଙ୍କା ରୋଜଗାର କରିଥିଲା। ସେହିପରି ଶୁକ୍ରବାର, ଶନିବାର ଏବଂ ରବିବାର ଏହି ଫିଲ୍ମ ଭାରତୀୟ ସିନେମାହଲ୍‌ଗୁଡ଼ିକରୁ ଯଥାକ୍ରମେ ୪୫.୪, ୫୫ ଏବଂ ୬୧.୫ କୋଟି ଟଙ୍କା ବ୍ୟବସାୟ କରିଛି। ଏହାସହ 'କାନ୍ତାରା: ଚାପ୍ଟର ୧' ଫିଲ୍ମ ଚଳିତ ବର୍ଷ ବିଶ୍ୱବ୍ୟାପୀ ସର୍ବାଧିକ ରୋଜଗାର କରିଥିବା ୫ ଭାରତୀୟ ଫିଲ୍ମ ମଧ୍ୟରେ ସ୍ଥାନ ପାଇଛି।



## ଅଡୁଆରେ 'ସୈୟାରା' ଫେମ୍ ଅନୀତ ପଡ୍ଡା

'ସୈୟାରା' ଫେମ୍ ଅନୀତ ପଡ୍ଡା ନିଜର ଏକ ପୁରୁଣା ଭିଡିଓ ପାଇଁ ଅଡୁଆରେ ଛନ୍ଦି ହୋଇଛନ୍ତି। ପ୍ରସିଦ୍ଧ ଉର୍ଦ୍ଦୁ କବିତା 'ଲବ୍ ପେ ଆତୀ ହୈ ଦୁଆ' ତାଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଭାଇରାଲ ହେଉଥିବା ପୁରୁଣା ଭିଡିଓରେ ଅନୀତ ପ୍ରସିଦ୍ଧ କବି ମହମ୍ମଦ ଇକବାଲଙ୍କର ଏହି କବିତାକୁ ରାପ୍ ଷ୍ଟାଇଲ୍‌ରେ ଗାଇଛନ୍ତି। ଏହାକୁ ନେଇ ସୋସିଆଲ ମିଡିଆ ୟୁଜର୍ ତାଙ୍କ ବିରୋଧରେ ମୁସଲମାନଙ୍କ ଭାବନାକୁ ଆଘାତ ପହଞ୍ଚାଇବାର ଅଭିଯୋଗ କରିଛନ୍ତି। ନିଜର ସାଦାସିଧା ଲୁକ୍ ପାଇଁ ଚର୍ଚ୍ଚାର ଶିଖରରେ ଥିବା ଅନୀତ ପ୍ରଥମ ଥର ଟ୍ରୋଲର୍‌ଙ୍କ ଟାର୍ଗେଟ୍‌କୁ ଆସିଛନ୍ତି। ଅନୀତ ନିରାଶ କଲେ ବୋଲି ଜଣେ ୟୁଜର୍ ଲେଖିଛନ୍ତି। ଅନ୍ୟ ଜଣେ ଲେଖିଛନ୍ତି, ଏ ପ୍ରକାର ବ୍ୟବହାର ଆପଣଙ୍କୁ ଶୋଭା ପାଉନାହିଁ। ଫିଲ୍ମ 'ସୈୟାରା'ରୁ ରାତାରାତି ଷ୍ଟାର୍ ବନିଥିବା ଅନୀତ ଖୁବ୍‌ଶୀଘ୍ର ଏକ ଲଭ୍‌ଷ୍ଟୋରୀରେ ଆସିବେ। 'ବ୍ୟାଣ୍ଡ୍ ବାଜା ବାରାତ୍' ଫେମ୍ ନିର୍ଦ୍ଦେଶକ ମନୀଷ ଶର୍ମା ତାଙ୍କୁ ନେଇ ଏକ ରୋମାଣ୍ଟିକ୍ ଫିଲ୍ମ ନିର୍ମାଣ କରିବେ। ୟଶରାଜ ଫିଲ୍ମସ ଏହାର ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିବ। ଫିଲ୍ମର ପ୍ରାକ୍-ପ୍ରଯୋଜନା କାମ ଆରମ୍ଭ ହୋଇଛି। ଏହା ପଞ୍ଜାବ ପୃଷ୍ଠଭୂମି ଉପରେ ଆଧାରିତ ହେବ। ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ସୁଟିଂ ଆରମ୍ଭ ହେବ। ଅନୀତଙ୍କ ଅପୋଜିଟ୍‌ରେ ନାୟକ କିଏ ହେବେ, ସେ ନେଇ ନିର୍ମାତା ଘୋଷଣା କରିନାହାନ୍ତି।



# ନଦୀରେ ବୁଲୁଛି ବିରାଟ କୁମ୍ଭୀର

## ଲୁଣାନଦୀ ତେରଗାଁ ଅଞ୍ଚଳବାସୀ ଭୟଭୀତ



**ମହାକାଳପଡ଼ା,୧୨।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତେରଗାଁ ପଟଣାର ଲୁଣାନଦୀ ଘାଟରେ ଏକ ବିରାଟ କୁମ୍ଭୀର ଦେଖିବାକୁ ମିଳିଛି । ରବିବାର ଅପରାହ୍ନ ପ୍ରାୟ ତିନିଟା ସମୟରେ ପ୍ରାୟ ଦଶ ଫୁଟ ଲମ୍ବର ଏକ ବଉଳା କୁମ୍ଭୀର ଲୁଣାନଦୀର ପଟଣା ଗ୍ରାମ ଘାଟରେ ଶୋଇଥିବାର ଦେଖି ଲୋକମାନେ ଆତଙ୍କିତ ହୋଇପଡିଛନ୍ତି । ଲୁଣାନଦୀ କୁଳିଆ ଗ୍ରାମ ଗୁଡ଼ିକର ଲୋକମାନେ ନଦୀରେ ସ୍ନାନ ଶୌଚ ହେବା ସହିତ ବିଭିନ୍ନ କାମ ପାଇଁ ନଦୀ ଉପରେ ନିର୍ଭର କରନ୍ତି । ନଦୀରେ ଏତେ ବଡ଼ କୁମ୍ଭୀର ଦେଖିବା ପରେ ନଦୀକୁ ପଶିବା ପାଇଁ ଲୋକମାନେ ଭୟ କରୁଥିବା କହିଛନ୍ତି । ନଦୀଘାଟରେ ଲୋକମାନଙ୍କ ନିରାପଦ ସ୍ନାନ ଶୌଚ ପାଇଁ ତାରବାଡ଼ ଘେରା କରିବାକୁ ଦାବୀ ହେଉଛି ।

# ଗିରଙ୍ଗ କ୍ଲଷ୍ଟରସ୍ତରୀୟ 'ସୁରଭି'




**ମାର୍ଶାଘାଇ,୧୨।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଗିରଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନ କୁସୁନପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ 'ସୁରଭି'କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । କୁସୁନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାମାଧବ ରାଉତରାୟ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏବିଇଓ ତଥା ବିଆରସିସି ସୁଶାନ୍ତ କୁମାର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଏବିଇଓ ହିରଣ୍ୟ କୁମାର ବାରିକ, ସାମ୍ବାଦିକ ହିମାଂଶୁ ଶେଖର ନାୟକ,ଶିକ୍ଷକ ସୁଶାନ୍ତ କୁମାର ନାୟକ, ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ,ପ୍ରାକ୍ତନ ସିଆରସିସି ଦୀପକ କୁମାର ବେହେରା, ସିଆରସିସି ହରେକୃଷ୍ଣ ଜେନା ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରାକ୍ତନ ସିଆରସିସି ନିରଞ୍ଜନ ରାଉତ, ପ୍ରାକ୍ତନ ସିଆରସିସି କୈଳାସ ଚନ୍ଦ୍ର ଜେନା, ସହକାରୀ ଶିକ୍ଷକ ନାରାୟଣ ଚନ୍ଦ୍ର ରାଉତ, ଗିରଙ୍ଗ କ୍ଲଷ୍ଟର ଶିକ୍ଷକ ଚିତ୍ତରଞ୍ଜନ ରାଉଳ, ବଂଶୀଧର ରାଉତରାୟ, ସୁଶୀଲ କୁମାର ଚୌଧୁରୀ, ସୁଧାଂଶୁ ବେହେରା,ସୌଭାଗ୍ୟ ବେହେରା, ଦୀପକ ବେହେରା, ଶିକ୍ଷୟିତ୍ରୀ ପ୍ରିୟମ୍ବଦା ନାୟକ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଲେଙ୍କା, ସୁଶ୍ରୀରେଖା ଦାସ, ରୋଜାଲିନି ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ନାୟକ, ସଦସ୍ୟ ରଜନୀକାନ୍ତ ନାୟକ, ସୁଜିତ କୁମାର ନାୟକ, ବିଶ୍ୱନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପିଏମ ପୋଷଣ ଚିତ୍ରାକଳା, ପିଏମ ପୋଷଣ ଶିଳ୍ପକଳା, ଗଣିତଖେଳ, ଗଣିତଦୌଡ଼, ସାଧାରଣଜ୍ଞାନ, ସୃଜନଶୀଳ ଲେଖନ ବକ୍ତୃତା,ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ଅପରାହ୍ନରେ ପୁରସ୍କାର ବିତରଣ ସଭାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ 'ଗୁପଡ୍ୟାନ୍ସ'ପରିବେଷଣ କରାଯାଇଥିଲା ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ



**ନିଶ୍ଚିନ୍ତକୋଇଲି,୧୨।୧୦ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଅଧିକାରୀ କାର୍ଯ୍ୟଳୟ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟର ସ୍ତରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବା ବେଳେ ଖଣ୍ଡାୟତ ପଟକିରା କ୍ଲଷ୍ଟରରେ ସିଆରସିସି ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଖଣ୍ଡାୟତପଟକିରା ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୯ଟି ବିଦ୍ୟାଳୟର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗି ମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ୪୨ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ମାନପତ୍ର ପ୍ରଦାନ କରାଯାଇଥିଲା।

● ଦୁର୍ଗାପୂଜା ମୂର୍ତ୍ତି ବିସର୍ଜନ ବେଳେ ସଂଘର୍ଷ ଘଟଣା

# ଆଉ ୪ ଗିରଫ, ସଂଖ୍ୟା ୧୩କୁ ବୃଦ୍ଧି



**କଟକ,୧୨।୧୦(ସଂଚାର ବ୍ୟୁରୋ):** କଟକରେ ଦୁର୍ଗାପୂଜା ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ସମୟରେ ସଂଘର୍ଷରେ ସମ୍ପୃକ୍ତ ଥିବା ଅଭିଯୋଗରେ କମିଶନରେଟ୍ ପୋଲିସ ଆଜି ଆଉ ଚାରି ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଫଳରେ ମୋଟ ଗିରଫ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ମାମଲାର ତଦନ୍ତ ଜାରି ରଖିଥିବା କମିଶନରେଟ୍ ପୋଲିସ ସିଲଭର ସିଟିର ଦରଘା ବଜାର ଅଞ୍ଚଳର ଚାରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅକ୍ଟୋବର ୩ ରାତିରେ ଘଟଣା ଘଟିଥିବା ସ୍ଥାନ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍ ଆଧାରରେ ପୋଲିସ ସେମାନଙ୍କୁ ଗିରଫ କରିଛି।

ଅକ୍ଟୋବର ୩ ତାରିଖରେ ଦୁର୍ଗାପୂଜା ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ସମୟରେ ହାତୀପୋଖରୀ-ଦରଘା ବଜାର ରାସ୍ତାରେ ଦୁଇଟି ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପର ଉପରେ ପଥର ଏବଂ ଇଟା ଫିଙ୍ଗାବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ କମିଶନରେଟ୍ ପୋଲିସକୁ ଲାଠିଚାର୍ଜ କରିବାକୁ ପଡିଲା। ଏହି ପ୍ରକ୍ରିୟାରେ, ସଂଘର୍ଷ ପରେ କଟକ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓଙ୍କ ସମେତ ଆଠ ଜଣ ଆହତ ହୋଇଥିଲେ। କଟକ ଜିଲ୍ଲା ପ୍ରଶାସନ କଟକ ସହରର କିଛି ପ୍ରମୁଖ ସ୍ଥାନରେ ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଥିଲା। ଅଶାନ୍ତି ସମ୍ପର୍କରେ ଭୁଲ ସୂଚନା ପ୍ରସାରଣକୁ ରୋକିବା ପାଇଁ ପୋଲିସ ହ୍ୱାଟ୍ସଆପ୍, ଫେସବୁକ୍, ଏକ୍ସ ଏବଂ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାରକୁ ଅସ୍ଥାୟୀ ଭାବରେ ନିଷେଧ କରିଥିଲା। ଜିଲ୍ଲା ପ୍ରଶାସନ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସହରର ପ୍ରମୁଖ ଅଞ୍ଚଳରେ ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଜାରି କରିଥିଲା।

# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମକାରୀଙ୍କୁ ଗିରଫ ଦାବି

**ଭଦ୍ରକ, ୧୨।୧୦ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ଦୁର୍ଗାପୁର ଅଞ୍ଚଳର ଶଭାପୁର ନିକଟରେ ଅବସ୍ଥାପିତ ଏକ ଘରୋଇ ଭେଷଜ ମହାବିଦ୍ୟାଳୟରେ ପାଠ ପଢୁଥିବା ଏମବିବିଏସ ଦ୍ୱିତୀୟ ବର୍ଷର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳର ଓଡିଆ ଛାତ୍ରୀଙ୍କ ଦୁଷ୍କର୍ମକାରୀଙ୍କୁ ଅବିଳମ୍ବେ ଗିରଫ ସମେତ ଏହି ଘଟଣାର ନ୍ୟାୟିକ ତଦନ୍ତ କରିବା ଦାବି ନେଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କମିଟି ବୈଠକ ଭଦ୍ରକ ନେତାଜୀ ନଗର ସ୍ଥିତ ଜାନକୀ ନିଳୟ ଠାରେ ସଂଗଠନର ଜିଲ୍ଲା ଉପସଭାନେତ୍ରୀ ସୁମତି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ଯୋଗଦେଇ ପଶ୍ଚିମବଙ୍ଗ ରାଜ୍ୟର ଓଡ଼ିଆ ଡାକ୍ତର ଛାତ୍ରୀଙ୍କୁ ନ୍ୟାୟ ନମିଳିଲେ ଓଡ଼ିଶା ତମାମ ବୃହତର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେବା ସଂଗେ ସଂଗେ ପଶ୍ଚିମବଙ୍ଗ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୁଧରେ ସ୍ୱର ଉତ୍ତୋଳନ କରିଥିଲେ। ଓଡଶାରେ ଗତ ବର୍ଷକ ଭିତରେ ୯୩ ଜଣ ମହିଳା ଦୁଷ୍କର୍ମର ଶିକାର ହେବା ଏବଂ ୩୫୦୦ ରୁ ଉର୍ଦ୍ଧ୍ୱ ନାରୀ ନିର୍ଯାତନା ମକଦ୍ଦମା ବିଭିନ୍ନ ଥାନାରେ ରୁଜୁ ହେବା ଘଟଣା ଓଡ଼ିଶାରେ ନାରୀ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ପ୍ରକାଶ କରିବା ସହ ନାରୀ ନିର୍ଯାତନା ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ।

● ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ

# ଫେରାର ଥିବା ରସିକିଆ ଟୋକା ଗିରଫ

**ଭଦ୍ରକ, ୧୨।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ଗୋଟିଏ ଗ୍ରାମର ଯୁବତୀ ଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ୨ ଯୁବକ ଆନ୍ଦ୍ରପ୍ରଦେଶ ବିଶାଖାପାଟଣାରୁ ଗିରଫ ହୋଇଛନ୍ତି। ପ୍ରକାଶ ଯେନା ବିଂଝାରପୁର ବ୍ଲକ ଅଲକୁଣ୍ଡ ଥାନା ଅନ୍ତର୍ଗତ ପ୍ରୀତିପୁର ସାହିନପଡ଼ା ଗ୍ରାମର ହୋଇଥିବା ବେଳେ ତାଙ୍କ ସହଯୋଗୀ ଗୌରାଙ୍ଗ ଯେନା ମଙ୍ଗଳପୁର ଥାନା ଅନ୍ତର୍ଗତ ନନ୍ଦିପୁର ଗ୍ରାମ ଷଡ଼ଙ୍ଗୀ ସାହିର ବୋଲି ଜଣାଯାଇଛି। ସେମାନଙ୍କୁ ପୋଲିସ ଗିରଫ କରିଛି। ସେମାନେ ଆନ୍ଦ୍ରପ୍ରଦେସ ବିଶାଖାପାଟଣାର ଏକ ଅଟା କମ୍ପାନୀରେ କାମ କରୁଥିଲେ। ଗୌରାଙ୍ଗ ଯେନା ଭିଡ଼ିଓ ତିଆରି କରୁଥିଲା। ପ୍ରକାଶ ଯେନା ତାହାକୁ ଭାଇରାଲ କରୁଥିଲା। ସୂଚନା ଥାଉକି ପ୍ରକାଶ ଯେନା ଧାମନଗର ଖଡ଼ିପଦା ପଞ୍ଚାୟତର ଅଭିଯୋକାରୀଙ୍କ ଝିଅର ଭାଇଙ୍କ ସହିତ ଅନଲାଇନ ଗେମ ଖେଳୁଥିଲେ। ସେଇ ଗେମ ମାଧ୍ୟମରେ ପ୍ରକାଶ ଓ ଗୌରାଙ୍ଗଙ୍କ ସହିତ ପରିଚୟ ହୋଇଥିଲା ଓ ଏହା ମାଧ୍ୟମରେ ଘରକୁ ଯିବା ଆସିବା ହୋଇ ଯୁବତୀ ସହିତ ଦେଖା ହୋଇଥିଲା। ପରେ ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ। କିନ୍ତୁ ଯୁବତୀ ତାହାକୁ ମନା କରିଦେବାରୁ ସେ ରାଗିଯାଇ ଯୁବତୀଙ୍କର ଫଟୋ ଓ ଭିଡିଓ ତିଆରି କରି ଫେସବୁକ୍, ଇଂନଷ୍ଟାଗ୍ରାମ ଓ ୱାଟସପରେ ଭାଇରାଲ କରୁଥିଲା। ଏହି ଘଟଣାକୁ ନେଇ ଯୁବତୀଙ୍କ ବାପା ଗତ ମାସ ୨୫ ତାରିଖରେ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଭୟଙ୍କୁ ଗିରଫ କରି ରବିବାର ଧାମନଗର ଥାନାକୁ ଆଣି ଘଟଣାର ପୁଲିସ ତଦନ୍ତ କରୁଛନ୍ତି।

# ଗୋଦାମ ଗୃହ ନିର୍ମାଣ ବିବାଦରୁ ବସନ୍ତିଆ ସୋସାଇଟିରେ ତାଲା

**ଭଦ୍ରକ, ୧୨।୧୦ (ସଂଚାର ବ୍ୟୁରୋ):** ବନ୍ତ ବ୍ଲକ ବସନ୍ତିଆ ସେବା ସମବାୟ ସମିତି ଆଜକୁ ୬୦ ବର୍ଷ ଧରି ମୁଖ୍ୟ ବଜାର ନିକଟରେ କାର୍ଯ୍ୟ କରୁଛି। ଏଠାରେ ନୂତନ ଭାବେ ଗୋଦାମ ଗୃହ କରିବା ପାଇଁ ଆଜକୁ ୮ ମାସ ହେବ ପରିତ୍ୟକ୍ତ ଗୃହକୁ ଭଙ୍ଗାଯାଇଛି। ଏହି ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୨୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଉକ୍ତ ସେବା ସମବାୟ ସମିତି ବସନ୍ତିଆ, ରାମଚନ୍ଦ୍ରପୁର ଏବଂ ଆଡିଆ ଗ୍ରାମପଞ୍ଚାୟତର ଆଶିଂକ ସମିତି ଅଧୀନରେ ରହିଛି। ତେଣୁ ସମିତିର କେନ୍ଦ୍ର ସ୍ଥଳରେ ଅର୍ଥାତ୍ ବସନ୍ତିଆ ସମିତି କାର୍ଯ୍ୟାଳୟ ଠାରେ ଗୋଦମ ଗୃହ ନିର୍ମାଣ ପାଇଁ ବୋର୍ଡ ସଭ୍ୟ ସମେତ ପଞ୍ଚାୟତର ଅଧିକାଂଶ ୱାର୍ଡର ଅଗ୍ରଣୀ ଚାଷୀମାନେ ଚାହୁଁଛନ୍ତି। ତେବେ ସମିତିର ସଭାପତି ଓ ସମ୍ପାଦକ ଚଞ୍ଚକତା ପୂର୍ବକ ଏଠାରୁ ୫ କି.ମି. ଦୂର ବରକୋଣା ଠାରେ ଏହି ଗୋଦାମ ଗୃହ କରିବାର ମସୁଧା ଚଳାଇଥିବା ଜଣା ପଡ଼ିବା ପରେ ବୋର୍ଡ ସଭ୍ୟ ସମିତି ଗୃହରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ତାଲା ପଡ଼ିବା ଫଳରେ ଏଠାକୁ ଆସୁଥିବା ଚାଷୀମାନେ ଜାବତୀୟ କାର୍ଯ୍ୟ କରି ନପାରି ହଇରାଣ ହରକତ ହେବା ସହ ସାର, ବିଷ ଆଦି ନପାଇ ନିରାଶରେ ଫେରୁଛନ୍ତି।

# ୧୧୮୧୨ ଜଣ ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା



କଣାସ ୧୨.୧୦ କଣାସ ବ୍ଲକର ୮୦ ଟି ପୋଲିଓ ବୁଥରେ ୧୧୮୧୨ ଜଣ ଜନ୍ମରୁ ପାଞ୍ଚ ବର୍ଷୀୟ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆ ଯାଇଛି। ଭାରତ ପୋଲିଓ ମୁକ୍ତ ଥିଲେ ମଧ ପଡୋଶୀ ଦେଶରେ ଏବେବି ପୋଲିଓ ରୋଗ ଦେଖା ଯାଉଥିବାରୁ ଆଜି କେତେକ ରାଜ୍ୟରେ ପୋଲିଓ ବୁନ୍ଦା ଦିଆଯାଇଥିଲା। କଣାସ ବ୍ଲକର ୨୧୬ ଜଣ ପୋଲିଓ କର୍ମୀ ୭୮ଟି ବୁଥ ଓ ଦୁଇଟି ଟ୍ରାନଜିଟ ବୁଥରେ ପିଲାମାନଙ୍କୁ ପୋଲିଓ ବୁନ୍ଦା ଖାଇବାକୁ ଦେଇଥିଲେ। ପୂର୍ବରୁ ସମସ୍ତଙ୍କୁ ପୋଲିଓ ଦେବା ପାଇଁ ପୋଷ୍ଟର, ବ୍ୟାନର, ପ୍ରଚାର, ଆଶାଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାନ୍ଥରେ ବ୍ୟାପକ ଜନ ସଚେତନତା ସୃଷ୍ଟି ହୋଇଥିଲା। ଫଳରେ ଆଜି ପ୍ରାୟ ପଞ୍ଚାନବେ ପ୍ରତିଶତ ପିଲା ବୁଥରେ ପୋଲିଓ ବୁନ୍ଦା ଖାଇଛନ୍ତି। ଆସନ୍ତା ଦୁଇଦିନ ପୋଲିଓ କର୍ମୀମାନେ ଘରଘର ବୁଲି ଯାଞ୍ଚ କରିବେ ଏବଂ ଯଦି କୌଣସି ଶିଶୁ ପୋଲିଓ ବୁନ୍ଦା ଖାଇ ନଥିବେ ସେମାନଙ୍କୁ ଖାଇବାକୁ ଦେବେ। ପୋଲିଓ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ରାମ ଚନ୍ଦ୍ର ବେହେରା ଯେଉଁ ବିଦ୍ୟାଳୟ ଗୁଡିକରେ ପୋଲିଓ ବୁଥ ହେଉଛି ସେ ଗୁଡିକୁ ଖୋଲିବା ପାଇଁ ସମ୍ପୃକ୍ତ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିଲୁଆ କାମୁଡ଼ାରେ ୯ଜଣ ଆହତ



**ବାଲିପାଟଣା,୧୨।୧୦(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଆମଣାକୁଦ ପଞ୍ଚାୟତ ପଇଡ଼ପାଟଣା ଓ କୁଦପାଟଣା ଅଞ୍ଚଳରେ ଆଜି ଅପରାହ୍ନରୁ ପାଗଳ ବିଲୁଆ ୯ରୁ ଉର୍ଦ୍ଧ୍ୱ ଲୋକଙ୍କୁ କାମୁଡି ଲହୁଲୁହାଣ କରିଛି। ପାଗଳ ବିଲୁଆ ଆତଙ୍କରେ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ସୂଚନା ଅନୁସାରେ ବାଲିପାଟଣା ବ୍ଲକ ଆମଣାକୁଦ ପଞ୍ଚାୟତ କୁଦ ପାଟଣା ଓ ପଇଡ଼ପାଟଣା ଅଞ୍ଚଳରେ ଅପରାହ୍ନରେ ଗୋଟିଏ ରୋଗୀଣା ବିଲୁଆ ପାଗଳ ହୋଇ ଲୋକଙ୍କୁ ଗୋଡେଇ ଗୋଡେଇ କାମୁଡ଼ି ଥିଲା। କୁଦ ପାଟଣା ଗାଁ ମୁଣ୍ଡରେ ହେମନ୍ତ ଭୋଇଙ୍କୁ ଅପରାହ୍ନ ଏବଂ ସନ୍ଧ୍ୟାରେ ବିଲୁଆ ୨ ଥର କାମୁଡ଼ି ଥିଲା। ସେହିପରି ଉକ୍ତ ଗ୍ରାମର ସାବ ନାୟକ, ଇଲିଆ ସାହୁ, ଲକ୍ଷ୍ମୀ ପ୍ରିୟା ବେହେରାଙ୍କ ସମେତ ୫ରୁ ଉର୍ଦ୍ଧ୍ୱ ଲୋକେ ବିଲୁଆ କାମୁଡ଼ାର ଶିକାର ହୋଇଛନ୍ତି। ଲକ୍ଷ୍ମୀପ୍ରିୟା ଘରେ ଚେୟାରରେ ବସିଥିବା ବେଳେ ବିଲୁଆ ତାଙ୍କୁ ବିଲୁଆ କାମୁଡ଼ି ଥିଲା।

ସେହିପରି ପଇଡ଼ପାଟଣା ଗ୍ରାମର ୪ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିଲୁଆ କାମୁଡି ଲହୁଲୁହାଣ କରିଥିବା ଜଣାପଡ଼ିଛି। ସମସ୍ତ ଆହତ ବ୍ୟକ୍ତି ଚିକିତ୍ସିତ ହୋଇ ଥିବା ଜଣାପଡିଛି। ଅନ୍ୟପକ୍ଷରେ ବିଲୁଆ କାମୁଡା ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ଛୋଟ ପିଲା ବୁଢା, ବୁଢ଼ୀ, ମହିଳା ଅଧିକ ଭୟ ଭିତ ଅବସ୍ଥାରେ ଅଛନ୍ତି। ବନ ବିଭାଗ ପକ୍ଷରୁ ତୁରନ୍ତ ବିଲୁଆକୁ କାବୁ କରିବାକୁ ସାଧାରଣ ରେ ଦାବି ହୋଇଛି।

# ଭଞ୍ଜସେନାର ବିରାଟ ମିଶ୍ରଣ କାର୍ଯ୍ୟକ୍ରମ

**ବାରିପଦା, ୧୨।୧୦(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଅଣରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଏକ ବିରାଟ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାମାଖୁଣ୍ଟା ବ୍ଲକ ଉପସଭାପତି ଜିତୁ ସିଂ ନେତୃତ୍ୱରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ସଂଗଠକମାନେ ସଂଗଠନରେ ସାମିଲ ହୋଇଛନ୍ତି। ଜିଲ୍ଲାର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସ୍ଥଳୀ ଗୁଡିକର ଉନ୍ନତିକରଣ ଭଞ୍ଜସେନା ତରଫରୁ 'ମୁଁ ସ୍ୱାବଲମ୍ବୀ ହେବି' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଯୁବ ଛାତ୍ରମାନେ ସାମିଲ ହୋଇଛନ୍ତି। ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସଞ୍ଜୀବ ରାଉତ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବ ଶାଖା ସଭାପତି ଏସକେ ରାଜାଖାନ, ଶାମାଖୁଣ୍ଟା ବ୍ଲକ ସଭାପତି ଶୁଭମ ସିଂ, ବ୍ଲକ କାର୍ଯ୍ୟକାରୀ ସଭାପତି ଦୀପକ ବେହେରା, ଯୁବ ନେତା ଜୁଜୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ୧୭ ଏବଂ ୧୮ତାରିଖି ପର୍ଯ୍ୟନ୍ତ ହେବାକୁ ଥିବା କର୍ମଶାଳା ଲଘୁଚାପ ଜନିତ ବର୍ଷା ଆଶଙ୍କା ଯୋଗୁଁ ବର୍ତ୍ତମାନ ସ୍ଥଗିତ ରଖାଯାଇଛି।

# ଶ୍ରୀଜଗନ୍ନାଥ ଦର୍ଶନାର୍ଥୀଙ୍କୁ ପୁଲିସ ପକ୍ଷରୁ ଦହିପଣା ବଣ୍ଟନ

**ପୁରୀ, ୧୨।୧୦(ସଂଚାର ବ୍ୟୁରୋ):** ପବିତ୍ର କାତର୍ତ୍ତି ମାସ ଅବସରରେ ଶ୍ରୀଜଗନ୍ନାଥ ଧାମ ପୁରୀକୁ ହଜାର ହଜାର ଭକ୍ତ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସେବା ସୁବ୍ୟବସ୍ଥା ନିମନ୍ତେ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ସୁଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷିରେ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶଙ୍କ ନେତୃତ୍ୱରେ ରବିବାରେ ଶ୍ରୀଜଗନ୍ନାଥ ଦର୍ଶନ ସମୟରେ ଭକ୍ତମାନଙ୍କୁ ଦହି ପାଣି ବଣ୍ଟନ କରାଯାଇଛି। ଏହା ମାଧ୍ୟମରେ ଦର୍ଶନ ପାଇଁ ଦଣ୍ଡାୟମାନ ଭକ୍ତମାନେ ସ୍ୱସ୍ତି ଓ ସତେଜତା ଅନୁଭବ କରିପାରିଲେ। ପୁରୀ ପୋଲିସ ପକ୍ଷରୁ ଏହି ପ୍ରୟାସ ଭକ୍ତ ସେବା ଓ ମାନବିକ ମୂଲ୍ୟବୋଧକୁ ପ୍ରାଧାନ୍ୟ ଦେଇ ସାଧାରଣ ଲୋକଙ୍କ ସହିତ ନିକଟ ସମ୍ପର୍କ ସ୍ଥାପନ କରିବାର ଏକ ଉଦ୍ୟମ। ପୁରୀ ପୋଲିସ ନିରନ୍ତର ଭାବରେ 'ସେବା, ଶାନ୍ତି ଓ ଶୃଙ୍ଖଳା' ପାଇଁ ପ୍ରତିବଦ୍ଧ।

# ବାଇକ୍ ଧକ୍କାରେ ଜଣେ ଗୁରୁତର

**ଘଟଗାଁ, ୧୨।୧୦(ସଂଚାର ବ୍ୟୁରୋ):** ବାରିପଦା ଛକରେ ବାଇକ୍ ଧକ୍କାରେ ଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଦନପୁର ପଞ୍ଚାୟତ ପଥରପଦା ଛକରେ ସକାଳ ସମୟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ଖପରାଖାଇ ଗ୍ରାମର ପ୍ରଫୁଲ୍ଲ ପେରେଇ ବାଇକ୍‌ରେ ଚାଉଳ ନେଇ ଆସୁଥିବାବେଳେ ପଥର ପଦା ଛକରେ ବିପରିତ ଦିଗରୁ ଆସୁଥିବା ଏକ ବାଇକ୍ ପ୍ରଫୁଲ୍ଲଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଘଟଣା ସମ୍ପର୍କରେ ଖବର ମିଳିବା ମାତ୍ରେ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଅପେକ୍ଷା ନକରି ପୋଲିସ ଗାଡିରେ ଗୁରୁତର ଆହତ ଙ୍କୁ ସାଇଁକୁଳ ମେଡିକାଲ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତରଥିବାରୁ କଟକ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି ପ୍ରଫୁଲ୍ଲଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି।

# ଗଜଲକ୍ଷ୍ମୀଙ୍କ ନିକଟରେ କୁଙ୍କୁମାର୍ଚ୍ଚନା ପୂଜା

**ଜୟପୁର, ୧୨।୧୦(ସଂଚାର ବ୍ୟୁରୋ):** ଜୟପୁର ରାଜାନହର ଛକରେ ଧୁମଧାମରେ ପାଳିତ ହେଉଛି ଗଜଲକ୍ଷ୍ମୀ ପୂଜା। ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜୟପୁର ରାଜାନହର ଛକ ଠାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ମହୋତ୍ସବରେ ଆଜି କୁଙ୍କୁମାର୍ଚ୍ଚନା ପୂଜା ଆୟୋଜନ ହୋଇଥିଲା। ମହିଳାମାନେ ଚନ୍ଦନ, ସିନ୍ଦୁର, ଫୁଲ, ହଳଦିଆ ଫୁଲ, ଧୂପକାଠି, କୁଙ୍କୁମ, ପାନ ପତ୍ର, ନଡିଆ, କଦଳୀ ଆଦି ଧରି ପୂଜାରେ ସାମିଲ ହୋଇଥିଲେ। ପୂଜକ କୃଷ୍ଣ ଚନ୍ଦ୍ର ଦାସ ଓ ଓମ କାର ନାଥ ପାଢ଼ୀ ଲକ୍ଷ୍ମୀଙ୍କୁ କୁଙ୍କୁମା ଅଭିଷେକ, ହରିଦ୍ରା ଅଭିଷେକ, ଜଳା ଅଭିଷେକ, ହୋମ, ଯଜ୍ଞ କରାଯାଇଥିଲା। ଶତାଧିକ ମହିଳା ଏହି ପୂଜାରେ ସାମିଲ ହୋଇଥିବା ବେଳେ ପୂଜା କମିଟି ତରଫରୁ ସବୁ ବ୍ୟବସ୍ଥା କରାଯାଇଥିଲା।

# ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସଭା

**ବାରିପଦା, ୧୨।୧୦(ସଂଚାର ବ୍ୟୁରୋ):** ରବିବାର ଏଆଇଡିଏସଓ ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ବାରିପଦା ସ୍ଥିତ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡ୍ରଇଂ ଓ କୁଇଜ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ସ୍ଥଳରେ ଏକ ସଭା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମୁଖ୍ୟବକ୍ତା ଭାବରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ସିଦ୍ଧାର୍ଥ ରଥ, ମୁଖ୍ୟ ଅତିଥି ଓଡ଼ିଶା ମୟୁରଭଞ୍ଜ କ୍ରୀଡା ଓ କଳା ଶିକ୍ଷକ ସଂଘର ରାଜ୍ୟ ସମ୍ପାଦକ ବିଜୟ କୁମାର ଗିରି ଯୋଗ ଦେଇଥିଲେ। ଉତ୍କଳମଣି ଗୋପବନ୍ଧୁଙ୍କର ଜୀବନ ସଂଗ୍ରାମ ଆଜିବି ଦେଶର ଜନସାଧାରଣ ବିଶେଷ କରି ଛାତ୍ର ସମାଜ ପାଇଁ ପ୍ରେରଣାର ଉତ୍ସ ଅଟେ ବୋଲି ଅତିଥି ମାନେ କହିଥିଲେ। ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହର, ଜିଲ୍ଲା ଅଫିସ୍ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ ସିଂରାୟ ଦେଓଗାମ, ମାନସିଂ ହୋ, ବିନୋଦ ନାଏକ, ବାପୁନ୍ ବାନରା, ରଜତ ଉଗ୍ରସାଣ୍ଡି, ବିର୍ସା ଦାସ, ସଦସ୍ୟା ରଶ୍ମିତା ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ବିରାଜା ହାଟ ରାସ୍ତା ଜାମ : ରୋଗୀ ଓ ସାଧାରଣ ଲୋକଙ୍କ ଜୀବନ ସଙ୍କଟରେ



**ଯାଜପୁର,୧୨।୧୦ (ସଂଚାର ବ୍ୟୁରୋ):** ବିରାଜା ହାଟ ଦେଇ ସିଂହପୁର କୁ ଯାଇଥିବା ମୁଖ୍ୟ ରାସ୍ତା ଜାମ। ଏଠାରେ କିଛି ଦୋକାନ ମାଲିକ ନିଜ ଦୋକାନ ପ୍ରସ୍ତୁତି ଓ ସାମଗ୍ରୀ ସାଜାଇବା ପାଇଁ ରାସ୍ତାରେ ସ୍ଥାନ ଦଖଲ କରୁଛନ୍ତି, ଯାହା ଫଳରେ ରାସ୍ତା ଜାମ ଘଟୁଛି। ସାଧାରଣ ଯାତ୍ରୀ ଓ ଆମ୍ବୁଲାନ୍ସ ଚାଳକମାନେ କ୍ଷୁବ୍ଧ ହେଉଛନ୍ତି, କାରଣ ଆପତ୍କାଳୀନ ସମୟରେ ମଧ୍ୟ ରାସ୍ତା ଜାମରେ ଅବରୋଧ ସୃଷ୍ଟି ହେଉଛି, ଯାହା ରୋଗୀଙ୍କ ଜୀବନରେ ସଙ୍କଟ ସୃଷ୍ଟି କରୁଛି। ଦୋକାନମାଲିକଙ୍କୁ ଯେତେବେଳେ ସାଧାରଣ ଲୋକମାନେ ଦୋକାନ ସଂପର୍କରେ ଅଭିଯୋଗ କରିଥାନ୍ତି, ସେମାନେ ଅସଭ୍ୟ ଭାଷାରେ ଗାଳି ଦେଉଛନ୍ତି। ଏହି ମୁଖ୍ୟ ରାସ୍ତା ଯାଜପୁରରୁ ସିଂହପୁର ପର୍ଯ୍ୟନ୍ତ ଯାଉଥିବା ମୁଖ୍ୟ ରାସ୍ତା ହେବା ସତ୍ତ୍ୱେ, ଏପରି ଅବସ୍ଥା ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ଅସୁବିଧାଜନକ। ସହର ପ୍ରଶାସନ ଏବଂ ସଂପୂର୍ଣ୍ଣ ସମ୍ବିଧାନିକ ବ୍ୟବସ୍ଥାରେ ପ୍ରଶାସନଙ୍କୁ ଦ୍ରୁତ ହସ୍ତକ୍ଷେପ କରି ରାସ୍ତାରେ ଦୋକାନ ମାଲିକମାନଙ୍କ ଦେଖାଯାଉଥିବା ଅସାବଧାନୀ ଓ ଜାମ ନିରାକରଣ ପାଇଁ କାର୍ଯ୍ୟରତ ହେବା ଆବଶ୍ୟକ।ସାଧାରଣ ଲୋକ ଓ ରୋଗୀଙ୍କ ଜୀବନର ସୁରକ୍ଷାକୁ ମୁଖ୍ୟ ଧ୍ୟାନ ଦେଇ ଏହାକୁ ନିରାକରଣ କରିବା ଅତ୍ୟାବଶ୍ୟକ। ସପ୍ତାହରେ ରବିବାର ଓ ଗୁରୁବାର ରାସ୍ତା ଅତି ଭାରି ହୁଏ, ଯାହା ଦୁର୍ଘଟଣା ସୃଷ୍ଟି କରିଥାଏ । ସାଧାରଣ ଲୋକ ଅଭିଯୋଗ କଲେ, ଦୋକାନ ମାଲିକ ଅସଭ୍ୟ ଭାଷାରେ ପ୍ରତିକ୍ରିୟା କରୁଛନ୍ତି।ସହର ପ୍ରଶାସନ ଏବଂ ଅଧିକାରୀମାନେ ତତ୍କାଳ ହସ୍ତକ୍ଷେପ କରି ରାସ୍ତା ଜାମ ନିରାକରଣ କାର୍ଯ୍ୟରେ ଲାଗିବା ଆବଶ୍ୟକ।

# କଳାହାଣ୍ଡି କୁମ୍ଭାର ସମାଜର ନୂଆଁଖାଇ ଭେଟଘାଟ

▶ ମାଟିକଳା ବୋର୍ଡ଼ ଗଠନ କରିବାକୁ ଦାବି




**ନର୍ଲା, ୧୨।୧୦(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅନ୍ତର୍ଗତ ସାନଗୁଣ୍ଡୁରି ଠାରେ ରବିବାର ଦିନ କଳାହାଣ୍ଡି କୁମ୍ଭାର ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ସମାଜର ଉନ୍ନତି ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବା ସହ ଯୁବପିଢ଼ୀ ପ୍ରତକ୍ଷ୍ୟ ରାଜନୀତିକୁ ଓହ୍ଲାଇବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା । ମାଟିକଳା ବୋର୍ଡ ଗଠନ କରିବାକୁ ବାରମ୍ବାର ଦାବୀ କରାଯାଉଥିଲେ ମଧ ସରକାର ଏ ପର୍ଯ୍ୟନ୍ତ ପଦକ୍ଷେପ ନେବାରେ ହେଳା କରୁଥିବରୁ ଏ ନେଇ ଚିନ୍ତା ପ୍ରକଟ କରାଯାଇଥିଲା । ଏହି ଅବସରରେ ସମାଜର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସାନଗୁଣ୍ଡୁରି ଗ୍ରାମ୍ୟ ସଭାପତି ସତ୍ୟପ୍ରିୟ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୁନି କୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ଏହାକୁ ଓମ୍ ପ୍ରକାଶ ରଣା ପରିଚାଳନା କରିଥିଲେ ।

# ପୁଣି ସହରରୁ ମୋବାଇଲ ଛିନତାଇ

**ବାରିପଦା, ୧୨।୧୦(ସଂଚାର ବ୍ୟୁରୋ):** ବାରିପଦା ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ପୁଣି ଦୁର୍ବୃତ୍ତମାନେ ମୋବାଇଲ ଛିନତାଇ କରିଛନ୍ତି। ଏନେଇ ତୁଳସୀଚୌରା ଅଞ୍ଚଳର ବିଶାଳ ପାରମାର ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସକାଳୁ ସେ ପରିବା କିଣିବା ପାଇଁ କଚେରୀ ମାର୍କେଟକୁ ଆସିଥିଲେ। ସେଠାରେ ପରିବା କିଣିବା ବେଳେ ମୋବାଇଲ ଦୁର୍ବୃତ୍ତମାନେ ଛିନତାଇ କରିଥିଲେ। ତେବେ ଦୁର୍ବୃତ ମୋବାଇଲ ଫୋନ ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ସୁଦ୍ଧା ସେ ଧରି ପାରିନଥିଲେ। ଏନେଇ ଥାନାରେ ଅଭିଯୋଗକ୍ରମେ ତଦନ୍ତ ଜାରି ରହିଛି। ସହରରେ ଚୋରି ଓ ଛିନତାଇ ମାତ୍ରାଧିକ ଭାବେ ବୃଦ୍ଧି ପାଇଛି।